# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୫/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 25/2023 Page 16 ₹ 7.00

୪୯ଶ ଭାଗ ୧୧୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 119 ମୂଲ୍ୟ₹୭/-




**‘ଓକେ’କୁ ନେଇ ବିଗ୍ ବି’ଙ୍କ ମତାମତ**

ମାର୍ଚ୍ଚ ୨୩ରେ ‘ଓକେ’ ଶବ୍ଦକୁ ୧୮୪ ବର୍ଷ ପୂରୁଥିବା ନେଇ ବଲିଉଡ୍ର ବିଗ୍ ବି’ ଅମିତାଭ ବଚ୍ଚନ ଏକ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି।

୧୨

୧୪

**ରୋନାଲ୍ଡୋଙ୍କ ରେକର୍ଡ**

ପର୍ତ୍ତୁଗାଲ୍ର କ୍ରିଷ୍ଟିଆନୋ ରୋନାଲ୍ଡୋ ସବୁଠାରୁ ଅଧିକ ଅନ୍ତର୍ଜାତୀୟ ଫୁଟ୍ବଲ ମ୍ୟାଚ ଖେଳି ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି।



# ରାହୁଲଙ୍କ ଏମ୍ପି ପଦ ରଦ୍ଦ




ରାହୁଲ ଗାନ୍ଧୀଙ୍କ ସଦସ୍ୟତା ପଦ ରଦ୍ଦ ପରେ ପାର୍ଲାମେଣ୍ଟ ପରିସରରେ ଶୁକ୍ରବାର କଂଗ୍ରେସ ଓ ଅନ୍ୟ ବିରୋଧୀ ସାଂସଦମାନଙ୍କ ବିକ୍ଷୋଭ।

## ୨ ବର୍ଷ ଜେଲ ଦଣ୍ଡାଦେଶ ପରେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ପାର୍ଲାମେଣ୍ଟରୁ ବହିଷ୍କୃତ

ନୂଆଦିଲ୍ଲୀ,୨୪।୩

ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ୨୦୧୯ର ‘ସବୁ ମୋଦି ଚୋର’ ମନ୍ତବ୍ୟ ମାମଲାରେ ଗୁଜରାଟର ସୁରଟ କୋର୍ଟ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବାର ଦିନକ ପରେ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଛି। ଏହି ଆପରାଧିକ ମାନହାନି ମାମଲାରେ କେରଳର ୱାୟନାଡ୍ ଏମ୍ପି ରାହୁଲଙ୍କୁ ଶୁକ୍ରବାର ପାର୍ଲାମେଣ୍ଟରୁ ନିଲମ୍ବନ କରାଯାଇଥିବା ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ରାହୁଲ ପ୍ରତିନିଧିତ୍ୱ କରୁଥିବା ୱାୟନାଡ୍ ଆସନରେ ନିର୍ବାଚନ କମିଶନ ସାନି ନିର୍ବାଚନ କରାଇପାରିବେ। ଏଥିସହ ରାହୁଲ ମାସକ ମଧ୍ୟରେ ନିଜ ସରକାରୀ ବାସଭବନ ଛାଡ଼ିବେ। କେବଳ ଏତିକି ନୁହେଁ, ଲୋକ ପ୍ରତିନିଧି ଆଇନ, ଅନୁସାରେ ରାହୁଲ ୮ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ମଧ୍ୟ ଲଢ଼ିପାରିବେ ନାହିଁ। କଂଗ୍ରେସ ଏହାକୁ ରାହୁଲଙ୍କ ମୁହଁ ବନ୍ଦ ପାଇଁ କେନ୍ଦ୍ରର ଉଦ୍ୟମ ଭାବେ ଅଭିହିତ କରିବା ସହ ଆଇନଗତ ଓ ରାଜନୈତିକ ସ୍ତରରେ ଯୁଦ୍ଧ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଭାଜପା ଏହି ଅଭିଯୋଗକୁ ଖଣ୍ଡନ କରି ରାହୁଲଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ବୈଧ କାର୍ଯ୍ୟାନୁଷ୍ଠାନ ବୋଲି ଦର୍ଶାଇଛି।

୨୦୧୯ ଏପ୍ରିଲ ୧୩ରେ କର୍ନାଟକର କୋଲାରଠାରେ ନିର୍ବାଚନ ପ୍ରଚାର ☞ପୃଷ୍ଠା–୪

# ରାୟ ପଛର କାହାଣୀ

**ଆର୍.କେ. ମିଶ୍ର**

**ଅହମଦାବାଦ, ମାର୍ଚ୍ଚ ୨୪**

ଭାରତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ସୁରଟ୍ ମାନହାନି ମାମଲା ୨୦୧୯ ଲୋକ ସଭା ନିର୍ବାଚନ ବେଳର। ସେହି ବର୍ଷ ଏପ୍ରିଲ ୧୩ରେ କର୍ନାଟକର କୋଲାରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ନୀରବ ମୋଦି, ଲଳିତ ମୋଦି, ନରେନ୍ଦ୍ର ମୋଦି.... ସେମାନଙ୍କ ସମସ୍ତଙ୍କ ଉପନାମ ମୋଦି କେମିତି ହେଲା ? ସବୁ ଚୋରଙ୍କ ସମାନ ସାଙ୍ଗିଆ କିପରି ହେଲା ? ଏହାର ୩ ଦିନ ପରେ ଅର୍ଥାତ୍ ଏପ୍ରିଲ ୧୬ରେ ସୁରଟ୍ ୱେଷ୍ଟ ବିଧାୟକ ପୂର୍ଣ୍ଣେଶ ମୋଦି ରାହୁଲଙ୍କ ମନ୍ତବ୍ୟକୁ ନେଇ ତାଙ୍କ ବିରୋଧରେ ଏକ ଆପରାଧିକ ମାନହାନୀ ମାମଲା ଦାଏର ପାଇଁ ଆବେଦନ କରିଥିଲେ। ରାହୁଲଙ୍କ ବିରୋଧରେ ଆଇପିସି ଦଫା ୪୯୯,୫୦୦ ଓ ୫୦୪ ବଳରେ ମାମଲା ରୁଜୁ ହୋଇଥିଲା। ଦଫା ୪୯୯ର ମାନେ ହେଉଛି ଅନ୍ୟ ଜଣଙ୍କ ମାନହାନି ହେବା ଭଳି ମନ୍ତବ୍ୟ ଦେବା ଲିଖିତ କିମ୍ବା ସାଙ୍କେତିକ ଭାବେ କିଛି ପ୍ରକାଶ କରିବା। ଦଫା ୫୦୦ ଅନୁସାରେ ଅନ୍ୟଙ୍କୁ ଅପମାନିତ କଲେ ୨ ବର୍ଷ ପର୍ଯ୍ୟନ୍ତ ଜେଲ କିମ୍ବା ଜରିମାନା ଅଥବା ଉଭୟ ଦଣ୍ଡର ବିଧାନ ରହିଛି। ପୂର୍ଣ୍ଣେଶ ମୋଦି ହେଉଛନ୍ତି ଭାଜପାର ଜଣେ ପୂର୍ବତନ ମନ୍ତ୍ରୀ।

କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି ଯେ, ଏହି ମାମଲାର କେବଳ ଇଲେକ୍ଟ୍ରୋନିକ୍ ପ୍ରମାଣ ରହିଛି ତାହା ନୁହେଁ, ବରଂ ସାକ୍ଷୀମାନେ ଦେଇଥିବା ବୟାନ ଏବଂ ଦସ୍ତାବିଜଗୁଡ଼ିକ ପ୍ରମାଣିତ ହୋଇସାରିଛି। ଭାଜପା ବିଧାୟକ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ, ଏହି ମନ୍ତବ୍ୟ ଯୋଗୁ କେବଳ ମୋଦି ସମ୍ପ୍ରଦାୟ ଅପମାନିତ ହୋଇନାହିଁ, ସେ ବ୍ୟକ୍ତିଗତ ଭାବେ ମଧ୍ୟ ମର୍ମାହତ। ଅଭିଯୁକ୍ତ ରାହୁଲ ଗାନ୍ଧୀ ନରେନ୍ଦ୍ର ମୋଦିଙ୍କୁ ଚୋର ସମ୍ବୋଧନ ଏବଂ ଅର୍ଥନୈତିକ ଅପରାଧୀଙ୍କ ସହ ତୁଳନା କରିବା ବନ୍ଦ କରିଥାଇପାରନ୍ତି। କିନ୍ତୁ ସେ ପ୍ରଶ୍ନ କରିଥିଲେ, ସମସ୍ତ ଚୋର ମୋଦି ସାଙ୍ଗିଆଧାରୀ କାହିଁକି ବୋଲି ପ୍ରଶ୍ନ କରିଛନ୍ତି।

ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଏଚ୍.ଏଚ୍. ବର୍ମା ନିଜ ରାୟରେ କହିଛନ୍ତି, ଏହି ମାନହାନି ମାମଲାରେ ଅଭିଯୁକ୍ତଙ୍କୁ କମ୍ ☞ପୃଷ୍ଠା–୪

# କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବଢ଼ିଲା

ନୂଆଦିଲ୍ଲୀ, ୨୪।୩ : କେନ୍ଦ୍ର ସରକାର କେନ୍ଦ୍ରୀୟ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ୪ ପ୍ରତିଶତ ବୃଦ୍ଧି କରିଛନ୍ତି। ଶୁକ୍ରବାର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ୪୭.୫୮ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୯.୭୬ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ୪% ବୃଦ୍ଧି ଫଳରେ ମହଙ୍ଗା ଭତ୍ତା ମୂଳ ବେତନର ୪୨ ପ୍ରତିଶତ ହୋଇଛି। ଏବାବଦରେ ସରକାରଙ୍କୁ ଅଧିକ ୧୨,୮୧୫ କୋଟି ଟଙ୍କା ବ୍ୟୟଭାର ବହନ କରିବାକୁ ପଡ଼ିବ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ବର୍ଦ୍ଧିତ ବଜାର ଦରକୁ ଚାହିଁ ସରକାର କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ) ଏବଂ ପେନସନଭୋଗୀଙ୍କ ମହଙ୍ଗା ସହାୟତା ବଢ଼ାଇଥାନ୍ତି। ଏହା ଚଳିତ ବର୍ଷ ଜାନୁୟାରୀ ୧ରୁ ପିଛିଲା ଭାବେ ଲାଗୁ ହେବ ।






# ୧୪ ବିରୋଧୀ ଦଳ ଆବେଦନର ଶୁଣାଣି ୫ରେ

## କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ

ନୂଆଦିଲ୍ଲୀ, ୨୪।୩(ପି.ଟି.)

କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗକୁ ନେଇ ୧୪ଟି ବିରୋଧୀ ଦଳ ପକ୍ଷରୁ ଦାଏର ପିଟିଶନର ଶୁଣାଣି ଏପ୍ରିଲ ୫ରେ କରିବା ଲାଗି ଶୁକ୍ରବାର ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ବିରୋଧୀ ଦଳର ନେତାମାନଙ୍କୁ ଗିରଫ କରାଇବା ଲାଗି କେନ୍ଦ୍ର ସରକାର ଉଦ୍ଦେଶ୍ୟମୂଳକ ଭାବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ବ୍ୟବହାର କରୁଥିବା ପିଟିଶନରେ ଅଭିଯୋଗ କରାଯାଇଥିଲା। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନର ଶୁଣାଣିର ଶୁଣାଣି ଏପ୍ରିଲ ୫କୁ ଧାର୍ଯ୍ୟ କରିଛନ୍ତି। ଗିରଫ ଏବଂ ରିମାଣ୍ଡ ଘଟଣାରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ଅଦାଲତଗୁଡ଼ିକ ପାଇଁ ସୁପ୍ରିମକୋର୍ଟ ଗାଇଡ୍ଲାଇନ ଆଣନ୍ତୁ ବୋଲି ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଅଧିକାରୀଙ୍କୁ ଆପାର୍ଟମେଣ୍ଟ**

# ସାମ୍ବିଧାନିକ ବୈଧତା ନେଇ ପ୍ରଶ୍ନ ଉଠିଲା

ନୂଆଦିଲ୍ଲୀ, ୨୪।୩ (କୁଲ୍‌ଦୀପ ସିଂ)

ଭୋଟର ପରିଚୟପତ୍ର (ଭୋଟର କାର୍ଡ)କୁ ଆଧାର ସହ ସ୍ୱେଚ୍ଛାକୃତ ଭାବେ ସଂଯୋଗ କରିବାର ସମୟସୀମାକୁ କେନ୍ଦ୍ର ସରକାର ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି। ପୂର୍ବରୁ ଆଧାର-ଭୋଟର କାର୍ଡ ଲିଙ୍କ୍ ପାଇଁ ୨୦୨୩ ଏପ୍ରିଲ ୧କୁ ଡେଡ୍ଲାଇନ ଧାର୍ଯ୍ୟ କରାଯାଇଥିଲା। ଏବେ ସମୟସୀମା ବୃଦ୍ଧି ଲାଗି ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ୨୦୨୨ ଜୁନ୍ ୧୭ରେ ଜାରି କରିଥିବା ବିଜ୍ଞପ୍ତିରେ କେତେକ ସଂଶୋଧନ କରିଛନ୍ତି। ୨୦୨୨ ଜୁଲାଇ ୪ରେ ଭାରତର ନିର୍ବାଚନ ଆୟୋଗ (ଇସିଆଇ) କହିଥିଲେ, ପୂର୍ବବର୍ଷ ଅଗଷ୍ଟ ୧ରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବର୍ତ୍ତମାନର ଭୋଟର ଏବଂ ଭବିଷ୍ୟତ ଭୋଟରମାନଙ୍କଠାରୁ ସ୍ୱେଚ୍ଛାକୃତ ଭାବେ ଆଧାର ନମ୍ବର ସଂଗ୍ରହ ଲାଗି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗ କରିବା ସ୍ୱେଚ୍ଛାକୃତ ହୋଇଥିବାରୁ ଏଥିପାଇଁ ଫର୍ମ-୬ବିରେ ଭୋଟରଙ୍କ ସମ୍ମତି ନିଆଯାଉଛି। ତେବେ ସମ୍ମତି ପ୍ରତ୍ୟାହାର କରିନେବାର ବ୍ୟବସ୍ଥା ନ ଥିବା

## ଭୋଟର କାର୍ଡ-ଆଧାର ସଂଯୋଗ ପ୍ରସଙ୍ଗ

**ବହୁ ଯୋଗ୍ୟ ମତଦାତା ଭୋଟର ତାଲିକାରୁ ବାଦ୍ ପଡ଼ିବେ: ବିରୋଧୀ**

ଗତବର୍ଷ ଡିସେମ୍ବରରେ କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ଲୋକ ସଭାରେ କହିଥିଲେ। ୨୦୨୧ ଡିସେମ୍ବରରେ ପାର୍ଲାମେଣ୍ଟରେ ନିର୍ବାଚନ ଆଇନ (ସଂଶୋଧନ) ବିଲ୍ ଗୃହୀତ ହେବା ପରେ ଆଧାର-ଭୋଟର କାର୍ଡ ସଂଯୋଗ ଅଧିକୃତ ହୋଇଥିଲା। ଭୋଟର ତାଲିକାକୁ ଅସଲି ଭାବେ ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ରିଜିଜୁ କହିଥିଲେ। ଆଧାରକୁ ଏପର୍ଯ୍ୟନ୍ତ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରାଯାଇ ନାହିଁ। ତେଣୁ ଭୋଟର କାର୍ଡ ସହ ଆଧାର ସଂଯୋଗର ସାମ୍ବିଧାନିକତାକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇବା ସହ ଏଭଳି ନିଷ୍ପତ୍ତିର ସମାଲୋଚନା କରିଛନ୍ତି। ଭୋଟର କାର୍ଡ-ଆଧାର ସଂଯୋଗ ଯୋଗୁ ଅନେକ ଯୋଗ୍ୟ ମତଦାତା ଭୋଟର ତାଲିକାରୁ ବାଦ୍ ପଡ଼ିବେ ବୋଲି ବିରୋଧୀ ଆଶଙ୍କା ବ୍ୟକ୍ତ କରିଛନ୍ତି।






# ଟୁଇଟରରେ ୨,୫୦୦ ସମସ୍ୟା ସମାଧାନ

## ବିଭିନ୍ନ ମହଲରେ ଶୁଭ୍ରାଂଶୁ ପ୍ରଶଂସିତ

ଭଦ୍ରକ ଅଫିସ,୨୪।୩

ଛାତ୍ର ଜୀବନରୁ ଅସହାୟ ଲୋକଙ୍କ ସମସ୍ୟା ସମ୍ପର୍କରେ ଟୁଇଟ୍ କରି ସରକାରଙ୍କ ପାଖରେ ପହଞ୍ଚାଇବା ଓ ସେମାନଙ୍କୁ ସାହାଯ୍ୟ କରିବା ତାଙ୍କର ଏକପ୍ରକାର ସେବା ପାଲଟି ଯାଇଛି। ଯେକୌଣସି ଲୋକଙ୍କ ସମସ୍ୟା ବିଭିନ୍ନ ଗଣମାଧ୍ୟମରୁ ଜାଣିବା ପରେ ତୁରନ୍ତ ତାହାକୁ ଟୁଇଟ୍ କରି ସମାଧାନର ରାସ୍ତା ବାହାର କରିଥାନ୍ତି। ତାଙ୍କ ଟୁଇଟ୍ ଦ୍ୱାରା ସମାଧାନ ହୋଇପାରୁଥିବାରୁ ସେ ଚର୍ଚ୍ଚାରେ ରହିଥିବା ବେଳେ ‘ଟୁଇଟର ବଏ’ ଭାବେ ପରିଚିତ ହୋଇଛନ୍ତି। ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବନ୍ଧଗାଁ ପଞ୍ଚାୟତ ପଗଡ଼ ଗ୍ରାମର ଶୁଭ୍ରାଂଶୁ ସେନାପତି(୨୩)। ସେ ଏପର୍ଯ୍ୟନ୍ତ ଟୁଇଟ୍ କରି ସମାଧାନ କଲେଣି ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ସମସ୍ୟା। ବର୍ତ୍ତମାନ ସମୟରେ ମୋବାଇଲ ଓ ସୋସିଆଲ ମିଡିଆକୁ ଯୁବଗୋଷ୍ଠୀ ମନୋରଞ୍ଜନର ମାଧ୍ୟମ ଭାବେ ବାଛି ନେଇଥିବା ବେଳେ ସେ ଏହାକୁ ଆୟୁଧ କରି ଲୋକଙ୍କ



ଶୁଭ୍ରାଂଶୁ ସେନାପତି

ସମସ୍ୟାର ସମାଧାନ କରିପାରୁଛନ୍ତି। କେବଳ ଭଦ୍ରକ ନୁହେଁ ରାଜ୍ୟର ବିଭିନ୍ନ ଅଞ୍ଚଳର ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଟୁଇଟ୍ କରି ସମାଧାନ କରିବାରେ ସକ୍ଷମ ହୋଇଛନ୍ତି।

ପଗଡ଼ ଗ୍ରାମର ଗୃହିଣୀ ମାଳତୀ ସେନାପତି ଓ ଚାଷୀ ମାୟାଧର ସେନାପତିଙ୍କ ପୁଅ ଶୁଭ୍ରାଂଶୁ। ସେ ଆଗରପଡ଼ା କଲେଜରୁ ଯୁକ୍ତ ୩ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇ ଆଇନ ପଢ଼ିବାକୁ ସ୍ଥିର କରିଛନ୍ତି। ପ୍ରଶାସନିକ ଅବହେଳାର ଶିକାର ହୋଇଥିବା ଲୋକ, ସରକାରୀ ସୁବିଧାରୁ ବଞ୍ଚିତ ଅସହାୟ, ନିରାଶ୍ରୟ, ଜିଲା ପ୍ରଶାସନର ଅବହେଳା ନେଇ ସେ ବିଭାଗୀୟ ଅଧିକାରୀ, ସଚିବ ଓ ମନ୍ତ୍ରୀମାନଙ୍କୁ ଟୁଇଟ୍ କରିଥାନ୍ତି। ତାଙ୍କର ଏହି ଟୁଇଟ୍କୁ ନେଇ ଅଧିକାଂଶ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଲୋକ ନ୍ୟାୟ ପାଇପାରିଛନ୍ତି। ୨୦୧୯ଠାରୁ ଏପର୍ଯ୍ୟନ୍ତ ୩,୭୦୦ରୁ ଅଧିକ ସମସ୍ୟା ସମ୍ପର୍କରେ ସେ ଟୁଇଟ୍ କରିସାରିଲେଣି। ତିହିଡ଼ି ବ୍ଲକର ବାହାବଳପୁରରେ ☞ପୃଷ୍ଠା–୪

**ସଂକ୍ଷେପରେ**

## ସର୍ବୋଚ୍ଚ ବଳିଦାନ ପାଇଁ ପ୍ରସ୍ତୁତ ହେବାକୁ ଶିଖ୍‌ଙ୍କୁ ପ୍ରବର୍ତ୍ତାଉଥିଲେ ଅମ୍ରିତ୍‌ପାଲ



**ଚଣ୍ଡିଗଡ଼, ୨୪।୩:** ଖଲିସ୍ତାନୀ ନେତା ଅମ୍ରିତପାଲ୍ ସିଂ ପଞ୍ଜାବ ପୋଲିସ ହାବୁଡ଼ରୁ ଖସି ପଳାଇଯିବା ପୂର୍ବରୁ ୧୦ ଦିନରେ ୫ଟି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଥିରେ ଉଦ୍‌ବୋଧନ ଦେଇ ସେ ଶିଖ୍‌ମାନଙ୍କୁ କଠୋରପନ୍ଥୀ ହେବା ଲାଗି ପରାମର୍ଶ ଦେଉଥିଲେ। ୮୦୦ରୁ ୧,୦୦୦ ଶିଖ୍‌ଙ୍କୁ ସର୍ବୋଚ୍ଚ ବଳିଦାନ ଲାଗି ପ୍ରସ୍ତୁତ ରହିବାକୁ ସେ ପ୍ରବର୍ତ୍ତାଇଥିଲେ ବୋଲି ଜଣାପଡ଼ିଛି। ସମାଜରେ ଅସ୍ଥିରତା ସୃଷ୍ଟି ଲାଗି 'ୱାରିସ୍ ପଞ୍ଜାବ ଦେ'ର ନେତା ଉଦ୍ୟମ ଚଳାଇଥିଲେ। ଶିଖମାନଙ୍କୁ ନିରସ୍ତ୍ର କରିବା ଲାଗି ସରକାର ସେମାନଙ୍କ ଅସ୍ତ୍ର ଲାଇସେନ୍ସକୁ ରଦ୍ଦ କରିଦେଇଛନ୍ତି।

## ଲରେନ୍ସ ବିଷ୍ଣୋଇ, ଗୋଲ୍ଡି ବ୍ରାର୍‌ଙ୍କ ନାଁରେ ଏନ୍‌ଆଇଏ ଚାର୍ଜଶିଟ୍



**ନୂଆଦିଲ୍ଲୀ, ୨୪।୩:** ଗ୍ୟାଙ୍ଗ୍‌ଷ୍ଟର ଲରେନ୍ସ ବିଷ୍ଣୋଇ ଓ ତାଙ୍କ ସହଯୋଗୀ କାନାଡା ଗ୍ୟାଙ୍ଗ୍‌ଷ୍ଟର ଗୋଲ୍ଡି ବ୍ରାର୍‌ଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶୁକ୍ରବାର ଚାର୍ଜଶିଟ୍ ଦାଖଲ କରିଛି। ଏମାନେ ବେଆଇନ ଖଲିସ୍ତାନୀ ସଂଗଠନ ବାବର ଖାଲସା ଇଣ୍ଟରନ୍ୟାଶନାଲ (ବିକେଆଇ) ଏବଂ ଅନ୍ୟ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ଥିବା ଏନ୍‌ଆଇଏ ଜାଣିବାକୁ ପାଇଥିଲା। ଆତଙ୍କବାଦ-ଅପରାଧୀ ସମ୍ପର୍କ ନେଇ ୩ ମାମଲାରୁ ଗୋଟିଏରେ ଏନ୍‌ଆଇଏ ସେମାନଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଛି।

## 'ପରିଣୀତା' ନିର୍ଦ୍ଦେଶକ ପ୍ରଦୀପ ସର୍କାରଙ୍କ ପରଲୋକ



**ମୁମ୍ବାଇ, ୨୪।୩ (ପି.ଟି.):** ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ପ୍ରଦୀପ ସର୍କାରଙ୍କର ଶୁକ୍ରବାର ଭୋର ସମୟରେ ମୁମ୍ବାଇର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ ବର୍ଷ ହୋଇଥିଲା। ୨୦୦୫ରେ ବିଦ୍ୟା ବାଲାନ-ସୈଫ ଅଲି ଖାନ୍‌ଙ୍କ ଅଭିନୀତ 'ପରିଣୀତା' ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇ ସେ ବେଶ୍ ପରିଚିତି ହାସଲ କରିଥିଲେ। ଏହା ବ୍ୟତୀତ ସେ ଶୁଭା ମୁଦ୍‌ଗଲଙ୍କ 'ଅବ୍ କେ ସାୱନ' ଏବଂ ସୁଲତାନ ଖାନ୍‌ଙ୍କ 'ପିୟା ବାସନ୍ତୀ' ଭଳି ଅନେକ ମ୍ୟୁଜିକ୍ ଭିଡିଓରେ ନିର୍ଦ୍ଦେଶନା ଦେଇଥିଲେ। ଭାଇରାଲ ଫିଭର ନ ଛାଡ଼ିବାରୁ ତାଙ୍କୁ ବାନ୍ଦ୍ରାସ୍ଥିତ ଲୀଲାବତୀ ହସ୍ପିଟାଲର ଇଣ୍ଟେନ୍‌ସିଭ କେୟାର ୟୁନିଟ୍‌ରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ନିରୀକ୍ଷାରୁ ତାଙ୍କୁ ନିମୋନିଆ ତାଙ୍କ ଫୁସ୍‌ଫୁସ୍‌କୁ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏଥିସହିତ ପ୍ରଦୀପଙ୍କର ଏକାଧିକ ରୋଗ ତାଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେଇଥିଲା ବୋଲି ଡାକ୍ତର କହିଛନ୍ତି। ସାନ୍ତାକ୍ରୁଜ୍ ହିନ୍ଦୁ କ୍ରେମେଟୋରିୟମରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦିଲ୍ଲୀରେ ବିଜ୍ଞାପନରୁ ପ୍ରଦୀପ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ୟୁଫୋରିଆଙ୍କ 'ଧୁମ୍ ପିଚାକ ଧୁମ୍' ଏବଂ 'ମାଏରି' ତଥା ଭୁପେନ ହାଜାରିକାଙ୍କ 'ଗଙ୍ଗା' ମ୍ୟୁଜିକ୍ ଭିଡିଓ ପାଇଁ ପ୍ରଦୀପ ମନେ ରହିବେ।



ୟୁକ୍ରେନ୍‌ର ଜାପୋରିଝିଆ ଅଞ୍ଚଳକୁ ରୁଷିଆ ଟାର୍ଗେଟ କରୁଥିବାବେଳେ ସୀମାରେ ଜଣେ ୟୁକ୍ରେନୀୟ ସୈନ୍ୟ ମାନବରହିତ ବାୟୁଯାନ ଧରିଛନ୍ତି।

## ହିଣ୍ଡେନ୍‌ବର୍ଗ ରିପୋର୍ଟ ପରେ ଜାକ୍ ଡୋର୍ସିଙ୍କର ୫୨୬ ନିୟୁତ ଡଲାର କ୍ଷତି

**ନୂଆଦିଲ୍ଲୀ, ୨୪।୩**

ଆମେରିକାର ତଦନ୍ତକାରୀ ଗ୍ରୁପ୍ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଗୁରୁବାର ଜାକ୍ ଡୋର୍ସିଙ୍କ ମୋବାଇଲ୍ ପେମେଣ୍ଟ୍‌ସ ସଂସ୍ଥା ବ୍ଲକ୍ ବିରୋଧରେ ଅନିୟମିତତା ଅଭିଯୋଗ ଆଣିଥିଲା। ଏହାର କିଛି ଘଣ୍ଟା ପରେ ଜାକ୍ ଶେୟାର ବଜାରରେ ୫୨୬ ନିୟୁତ ଡଲାର କ୍ଷତି ସହିଛନ୍ତି। ବ୍ଲକ୍‌ର ଚିଫ୍ ଫାଇନାନ୍ସିଆଲ ଅଫିସର ଭାରତୀୟ ବଂଶୋଦ୍ଭବ ଅମ୍ରିତା ଆହୁଜାଙ୍କ ନାମ ମଧ୍ୟ ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁଯାୟୀ ଗୋଟିଏ ଦିନରେ ଜାକ୍‌ଙ୍କ ଷ୍ଟକ୍ ୫୨୬ ନିୟୁତ ଡଲାର ବା ୧୧ ପ୍ରତିଶତ ହ୍ରାସ ପାଇ ୪.୪ ବିଲିୟନ ଡଲାରରେ ପହଞ୍ଚିଛି। ବ୍ଲକ୍ ଏହାର ୟୁଜର ମେଟ୍ରିକ୍ସକୁ ବହୁତ ଅଧିକ ଦର୍ଶାଇଥିବା ହିଣ୍ଡେନ୍‌ବର୍ଗ ଏହାର ରିପୋର୍ଟରେ ଅଭିଯୋଗ କରିବା ପରେ ଏହାର ଷ୍ଟକ୍ ହ୍ରାସ ପାଇଛି। ଅଭିଯୋଗକୁ କମ୍ପାନୀ ଖଣ୍ଡନ କରିବା ସହ ଶର୍ଟ ସେଲର ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି। ପୂର୍ବରୁ ହିଣ୍ଡେନ୍‌ବର୍ଗ ଭାରତର ଧନୀ ବ୍ୟବସାୟୀ ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ଅନିୟମିତତା ଅଭିଯୋଗ ଆଣିବା ପରେ ତାଙ୍କର ହଜାର ହଜାର କୋଟି ଟଙ୍କା କ୍ଷତି ହୋଇଥିଲା। ଆଦାନୀ ବିଶ୍ୱର ଦ୍ୱିତୀୟ ଶ୍ରେଷ୍ଠ ଧନୀରୁ ଖସି ଏବେ ୨୧ତମ ସ୍ଥାନରେ ରହିଛନ୍ତି।



ଜାକ୍ ଡୋର୍ସି

# ୮ ବର୍ଷ ନିର୍ବାଚନ ଲଢ଼ିପାରିବେନି ରାହୁଲ

**ନୂଆଦିଲ୍ଲୀ,୨୪।୩**

କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ସବୁ ମୋଦି ଚୋର' ମନ୍ତବ୍ୟ ସମ୍ପର୍କିତ ଆପରାଧିକ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଛନ୍ତି। ଏହାର ଦିନକ ପରେ ଶୁକ୍ରବାର ଲୋକ ସଭା ସେକ୍ରେଟାରିଏଟ୍ ତାଙ୍କ ସଦସ୍ୟ ପଦ ରଦ୍ଦ କରିଛି। ଏହି ଦଣ୍ଡାଦେଶ ଉପରେ ଏକ ଉଚ୍ଚତର ଅଦାଲତ ସ୍ଥଗିତାଦେଶ ଜାରି ନ କଲେ ରାହୁଲ ଆଗାମୀ ୮ ବର୍ଷ ପର୍ଯ୍ୟନ୍ତ ଲୋକ ସଭା କିମ୍ବା ବିଧାନସଭା ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଲୋକ ପ୍ରତିନିଧି ଆଇନ ଧାରା ୮ର ଅବତାରଣା କରି ଜଣେ ବିଶେଷଜ୍ଞ କହିଛନ୍ତି, ରାହୁଲଙ୍କ ଅଯୋଗ୍ୟତା ୮ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। କୋର୍ଟ ୨ ବର୍ଷ ଜେଲ ଦଣ୍ଡ ଦେଇଥିବାବେଳେ ଏହି ଅବଧି ଶେଷ ହେବା ପରେ ୬ ବର୍ଷ ପର୍ଯ୍ୟନ୍ତ ଏହା ଲାଗୁ ହେବ। ୨ କିମ୍ବା ତଦୂର୍ଦ୍ଧ୍ୱ ବର୍ଷ ଜେଲ ଦଣ୍ଡାଦେଶ ହେଲେ ସଦସ୍ୟତା ରଦ୍ଦ କରାଯିବା ନେଇ ଉକ୍ତ ଆଇନରେ ବ୍ୟବସ୍ଥା ରହିଛି। ଏକ ଉଚ୍ଚ ଅଦାଲତ ତାଙ୍କ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି ନ କରିବା ପର୍ଯ୍ୟନ୍ତ ରାହୁଲ ପାର୍ଲାମେଣ୍ଟକୁ ଯାଇପାରିବେ ନାହିଁ ବୋଲି ନିର୍ବାଚନ କମିଶନ ଅଫିସ୍‌ର ଜଣେ ପୂର୍ବତନ ଅଧିକାରୀ କହିଛନ୍ତି। କେବଳ ଏତିକି ନୁହେଁ, ନିର୍ବାଚନ କମିଶନ କେରଳର ୱାୟନାଡ୍ ଲୋକ ସଭା ଆସନରେ ସାନି ନିର୍ବାଚନ କରାଇପାରିବେ। ଏହି ଆସନର ଅବଧି ଆସନ୍ତା ବର୍ଷ ଜୁନ୍‌ରେ ଶେଷ ହେବ। ଗୃହର ଅବଶିଷ୍ଟ ଅବଧି ବର୍ଷେରୁ କମ୍ ସମୟ ଥିଲେ ନିର୍ବାଚନ କରାଯାଇପାରିବ ନାହିଁ। ନିଜ ନାମ ଗୋପନ ସର୍ତ୍ତରେ ବିଶେଷଜ୍ଞ ଜଣକ ଆହୁରି କହିଛନ୍ତି, ରାହୁଲଙ୍କୁ ଅପିଲ ପାଇଁ କୋର୍ଟ ଦେଇଥିବା ଗ୍ରେସ୍ ପିରିୟଡ୍ (କୋହଳ ଅବଧି) ଶେଷ ହେବା ଯାଏ ୩୦ ଦିନ ନିର୍ବାଚନ କମିଶନ ଅପେକ୍ଷା କରିପାରନ୍ତି।



ପାର୍ଲାମେଣ୍ଟର ବଜେଟ ଅଧିବେଶନରେ ଯୋଗଦେବା ପାଇଁ ଯାଉଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

### ମାସକ ମଧ୍ୟରେ ସରକାରୀ ବଙ୍ଗଳା ଛାଡ଼ିବେ

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପାର୍ଲାମେଣ୍ଟ ସଦସ୍ୟତା ହରାଇବା ପରେ ଏବେ ଲୁଟିଏନ୍ସ ଦିଲ୍ଲୀରେ ଥିବା ନିଜ ସରକାରୀ ବାସଭବନକୁ ୩୦ ଦିନ ମଧ୍ୟରେ ଖାଲି କରିବେ। ରାହୁଲ ୨୦୧୪ ନିର୍ବାଚନରେ ଅମେଠି ଆସନରୁ ବିଜୟୀ ହେବା ପରଠାରୁ ୧୨ ତୁଗ୍‌ଲକ୍ ଲେନ୍‌ରେ ଅବସ୍ଥିତ ଏହି ବଙ୍ଗଳାରେ ରହିଆସୁଛନ୍ତି।

### ଏକଚ୍ଛତ୍ରବାଦର ଦୃଷ୍ଟାନ୍ତ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ କରାଯାଇଛି। ସେ ଆପଣମାନଙ୍କ ଓ ଦେଶ ପାଇଁ ସଡ଼କରୁ ସଂସଦ ଯାଏ ନିରନ୍ତର ଲଢ଼େଇ କରୁଛନ୍ତି। ଗଣତନ୍ତ୍ରର ସୁରକ୍ଷା ଲାଗି ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ସମସ୍ତ ଷଡ଼ଯନ୍ତ୍ର ସତ୍ତ୍ୱେ ସେ ଲଢ଼େଇ ଜାରି ରଖିବେ।

**-କଂଗ୍ରେସ**

ରାହୁଲ ଆଦାନୀ-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ ପ୍ରଶ୍ନ କରିବାରୁ ତାଙ୍କୁ ଦଣ୍ଡିତ କରାଯାଇଛି। ସତ କହିବା କ'ଣ ଓବିସି ତଥା ବଞ୍ଚିତ ବର୍ଗଙ୍କୁ ଅପମାନ?

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

ଲୋକ ସଭା ସେକ୍ରେଟାରିଏଟ୍ ଜଣେ ଏମ୍‌ପିଙ୍କ ସଦସ୍ୟତା ରଦ୍ଦ କରିପାରିବ ନାହିଁ। ନିର୍ବାଚନ କମିଶନଙ୍କ ସହ ପରାମର୍ଶ କରି ରାଷ୍ଟ୍ରପତି ହିଁ ଅଯୋଗ୍ୟ ଘୋଷଣା କରିପାରିବେ। ଏହା ହେଉଛି ଏକଚ୍ଛତ୍ରବାଦ ଶାସନର ଦୃଷ୍ଟାନ୍ତ।

**-ମନୀଷ ତିୱାରୀ, ବରିଷ୍ଠ କଂଗ୍ରେସ ନେତା**

ରାହୁଲଙ୍କ ବିରୋଧରେ ସ୍ୱାଧୀନ ନ୍ୟାୟପାଳିକା ରାୟ ଦେଇଛି। ସେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସମ୍ପ୍ରଦାୟକୁ ଅପମାନିତ କରିଛନ୍ତି।

**-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

ରାହୁଲ କଠିନ ପ୍ରଶ୍ନ କରିବା ଛାଡ଼ିବେ ନାହିଁ। ସରକାର ଓ ପୁଞ୍ଜିପତିଙ୍କ ମଧ୍ୟରେ ରହିଥିବା ଅସାଧୁ ମେଣ୍ଟର ମୁଖା ଖୋଲିଦେବେ।

**-ପବନ ଖେରା, କଂଗ୍ରେସ ମୁଖପାତ୍ର**

ଆଇନ ସମସ୍ତଙ୍କ ପାଇଁ ସମାନ। ରାହୁଲ ମୋଦି ଉପନାମ ସହ ଚୋରଙ୍କୁ ଯୋଡ଼ି ପଛୁଆବର୍ଗର ଜାତିଗୁଡ଼ିକୁ ଅପମାନିତ କରିଛନ୍ତି। ଲୋକ ସଭା ବାଚସ୍ପତିଙ୍କ ଅନୁମୋଦନ ପରେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି।

**-ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**

ଦେଶ ଏକ କଠିନ ସମୟ ଦେଇ ଗତି କରୁଥିବାବେଳେ ରାହୁଲଙ୍କୁ ଲୋକ ସଭାରୁ ଅଯୋଗ୍ୟ ଘୋଷଣା କରିବା ଚକିତ କରିଛି। ବର୍ତ୍ତମାନ ସବୁ ବିରୋଧୀ ଦଳ ଏକାଠି ହେବା ଆବଶ୍ୟକ।

**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

## ଇନ୍ଦିରା, ସୋନିଆ ବି ହରାଇଥିଲେ ସଦସ୍ୟତା

କେବଳ ରାହୁଲ ଗାନ୍ଧୀ ନୁହନ୍ତି, ଅତୀତରେ ଅନେକ ଆଇନପ୍ରଣେତା ଗୃହରେ ଅଯୋଗ୍ୟ ଘୋଷିତ ହୋଇଥିଲେ। ୧୯୭୭ର ଜରୁରିକାଳୀନ ପରିସ୍ଥିତି ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ରାହୁଲଙ୍କ ଜେଜେ ମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ୧୯୭୮ରେ କର୍ଣ୍ଣାଟକର ଚିକ୍‌ମାଗଲୁର ଉପନିର୍ବାଚନରେ ଇନ୍ଦିରା ବିଜୟୀ ହୋଇ ଲୋକ ସଭାକୁ ଯାଇଥିଲେ। ନଭେମ୍ବର ୧୮ରେ ସେ ଲୋକ ସଭାରେ ପହଞ୍ଚିବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଇନ୍ଦିରାଙ୍କ ବିରୋଧରେ କ୍ଷମତାର ଦୁରୁପଯୋଗ ଓ ସରକାରୀ ଅଧିକାରୀମାନଙ୍କୁ ଅପମାନିତ କରିବା ଅଭିଯୋଗ ଆଣିଥିଲେ। ଉକ୍ତ ପ୍ରସ୍ତାବ ପାରିତ ହୋଇଥିଲା। ୭ ଦିନ ଧରି ବିତର୍କ ଚାଲିବା ପରେ ଇନ୍ଦିରାଙ୍କ ବିରୋଧରେ ସ୍ୱାଧିକାର କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଇନ୍ଦିରାଙ୍କ ବିରୋଧରେ ତଦନ୍ତ କରି ମାସକ ଭିତରେ ରିପୋର୍ଟ ପ୍ରଦାନ କରିଥିଲା। ଫଳରେ ଇନ୍ଦିରାଙ୍କୁ ପାର୍ଲାମେଣ୍ଟରୁ ବହିଷ୍କାର ସହ ଗିରଫ କରି ତିହାର ଜେଲକୁ ପଠାଇ ଦିଆଯାଇଥିଲା। ୧୯୮୦ରେ ଅନୁଷ୍ଠିତ ନିର୍ବାଚନରେ ଇନ୍ଦିରା ବିଜୟୀ ହୋଇ ପ୍ରଧାନମନ୍ତ୍ରୀ ହୋଇଥିଲେ।



ଇନ୍ଦିରା ଗାନ୍ଧୀ



ସୋନିଆ ଗାନ୍ଧୀ

୨୦୦୬ରେ ରାହୁଲଙ୍କ ମା' ସୋନିଆ ଗାନ୍ଧୀଙ୍କ ବିରୋଧରେ ପାର୍ଲାମେଣ୍ଟରେ ଲାଭଜନକ ପଦବୀ (ଅଫିସ୍ ଅଫ୍ ପ୍ରଫିଟ୍) ପ୍ରସଙ୍ଗ ଉଠିଥିଲା। ସେତେବେଳେ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଚାଲିଥିଲା। ସୋନିଆ କଂଗ୍ରେସ ଅଧ୍ୟକ୍ଷା ଏବଂ ରାଏବରେଲି ଏମ୍‌ପି ଥିଲେ। ଏଥିସହ ଉପା ସରକାର ଗଢ଼ିଥିବା ନ୍ୟାଶନାଲ ଆଡ୍‌ଭାଇଜରି କାଉନ୍‌ସିଲର ମଧ୍ୟ ସେ ଅଧ୍ୟକ୍ଷା ଥିଲେ। ଏହାକୁ ଅଫିସ୍ ଅଫ୍ ପ୍ରଫିଟ୍ ଆଖ୍ୟାଦେଇ ସୋନିଆଙ୍କୁ ଟାର୍ଗେଟ କରାଯାଇଥିଲା। ଶେଷରେ ସେ ବାଧ୍ୟହୋଇ ଲୋକ ସଭାରୁ ଇସ୍ତଫା ଦେଇଥିଲେ। ପରେ ସୋନିଆ ରାଏବରେଲିରୁ ପୁନଃ ନିର୍ବାଚିତ ହୋଇ ଲୋକ ସଭାରେ ପ୍ରତିନିଧିତ୍ୱ କରିଥିଲେ।

## ଅର୍ଥ ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ, ୨୪।୩**

ଆଦାନୀ ଗ୍ରୁପ୍‌ର ଷ୍ଟକ୍ ଜାଲିଆତି ଅଭିଯୋଗର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଯିବା ଦାବିରେ ବିରୋଧୀ ଦଳଗୁଡ଼ିକ ଲୋକ ସଭାରେ ହଙ୍ଗାମା ଜାରି ରଖିଥିବାବେଳେ ୨୦୨୩-୨୪ ବର୍ଷ ଲାଗି ଅର୍ଥ ବିଲ୍ ୪୫ରୁ ଊର୍ଦ୍ଧ୍ୱ ସଂଶୋଧନ ସହ ଶୁକ୍ରବାର ଗୃହୀତ ହୋଇଛି। ଋଣ ମ୍ୟୁଚୁଆଲ ଫଣ୍ଡରୁ ଆୟ ଉପରେ ଟିକସ ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଛି। ଅର୍ଥ ସଚିବ ଟି.ଭି. ସୋମନାଥନ୍‌ଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯିବ। ଉକ୍ତ କମିଟି କର୍ମଚାରୀଙ୍କ ପେନ୍‌ସନ ସମ୍ପର୍କିତ ପ୍ରସଙ୍ଗକୁ ଅନୁଧ୍ୟାନ କରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ ଲୋକ ସଭାରେ ଅର୍ଥ ବିଲ୍ ଉପରେ ଉଦ୍‌ବୋଧନ ଦେଇ କହିଥିଲେ। କ୍ରେଡିଟ୍ କାର୍ଡ ଜରିଆରେ ବିଦେଶ ଭ୍ରମଣ ପାଇଁ ଅର୍ଥ ପୈଠକୁ ଉଦାରୀକୃତ ପ୍ରେଷଣ ଯୋଜନାରୁ ବାଦ୍ ଦିଆଯାଇଛି। ସେମାନଙ୍କ ଆୟ ଉତ୍ସରୁ ଆଉ ଟିକସ ସଂଗୃହୀତ ହେବ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଥିଲେ। ଏହା ବ୍ୟତୀତ ୨୦୨୪-୨୫ ଆକଳନ ବର୍ଷ ଲାଗି ଆଞ୍ଜେଲ୍ ଟ୍ୟାକ୍ସ ୨୦୨୪ ଏପ୍ରିଲ ୧ରୁ ଲାଗୁ ହେବ। ଏହାର କାର୍ଯ୍ୟକାରିତାକୁ ନେଇ ହିତାଧିକାରୀ ଚିନ୍ତାବ୍ୟକ୍ତ କରିଥିବାବେଳେ ସରକାର ଏହାର ସମାଧାନ କରିବେ। ଗୁରୁବାର ଲୋକ ସଭାରେ ୨୦୨୩-୨୪ ବର୍ଷ ଲାଗି ୪୫ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚଦାବି ଗୃହୀତ ହୋଇଥିଲା।

## ମହାମାରୀବେଳେ ମୁକ୍ତ ହୋଇଥିବା ଅପରାଧୀଙ୍କୁ ଆତ୍ମସମର୍ପଣ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୪।୩ (ପି.ଟି.)**

କୋଭିଡ୍-୧୯ ମହାମାରୀ ବେଳେ ଜେଲରୁ ଗହଳି କମାଇବା ପାଇଁ ବହୁସଂଖ୍ୟାରେ ଅପରାଧୀ ଓ ବିଚାରାଧୀନ କଏଦୀଙ୍କୁ ମୁକ୍ତ କରିଦିଆଯାଇଥିଲା। ସେମାନଙ୍କୁ ୧୫ ଦିନ ମଧ୍ୟରେ ଆତ୍ମସମର୍ପଣ କରିବା ଲାଗି ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ କଏଦୀମାନେ ଜରୁରୀ ଜାମିନରେ ମୁକ୍ତ ହୋଇଥିଲେ, ସେମାନେ ଆତ୍ମସମର୍ପଣ ପରେ ନିୟମିତ ଜାମିନ ପାଇଁ ଉପଯୁକ୍ତ ଅଦାଲତଙ୍କ ନିକଟରେ ଆବେଦନ କରିପାରିବେ ବୋଲି ଜଷ୍ଟିସ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି। ସେହିପରି ମୁକ୍ତ ହୋଇଥିବା ଅପରାଧୀ ଆତ୍ମସମର୍ପଣ ପରେ ଦଣ୍ଡରୁ ମୁକ୍ତି ପାଇଁ ଆବେଦନ କରିପାରିବେ। ମହାମାରୀ ବେଳେ ଜଘନ୍ୟ ଅପରାଧରେ ଦୋଷୀସାବ୍ୟସ୍ତ ହୋଇ ନ ଥିବା କିମ୍ବା ବିଚାରାଧୀନ ନ ଥିବା ବନ୍ଦୀଙ୍କୁ ମୁକ୍ତ କରିଦିଆଯାଇଥିଲା।

**ବିଲ୍‌କିସ ବାନୋ ମାମଲା**

## ୨୭ରେ ନୂଆ ଖଣ୍ଡପୀଠରେ ଶୁଣାଣି

**ନୂଆଦିଲ୍ଲୀ, ୨୪।୩ (ପି.ଟି.)**

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାରେ ୧୧ ଦୋଷୀଙ୍କ ଦଣ୍ଡକୁ କ୍ଷମା କରିଦିଆଯିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନର ଶୁଣାଣି ୨୭ ତାରିଖରେ ସୁପ୍ରିମକୋର୍ଟରେ ହେବ। ଏଥିପାଇଁ ଜଷ୍ଟିସ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ନୂଆ ଖଣ୍ଡପୀଠ ଗଠନ କରାଯାଇଛି। ୧୧ ଜଣଙ୍କୁ କ୍ଷମା ନିଷ୍ପତ୍ତି ବିରୋଧରେ ବିଭିନ୍ନ ଦଳ ଓ ନାଗରିକ ଅଧିକାର କର୍ମୀ ପିଟିଶନ ଦାଏର କରିଥିବାବେଳେ ବିଲ୍‌କିସ୍‌ଙ୍କ ପକ୍ଷରୁ ରିଟ୍ ପିଟିଶନ ଦାଏର ହୋଇଥିଲା। ଏହାର ଜରୁରୀ ଶୁଣାଣି ପାଇଁ ନୂଆ ଖଣ୍ଡପୀଠ ଗଠନ କରିବାକୁ ଗତ ୨୨ ତାରିଖରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ରାଜି ହୋଇଥିଲେ। ପିଟିଶନଗୁଡ଼ିକର ଶୁଣାଣି ପାଇଁ ଜାନୁୟାରୀ ୪ରେ ଜଷ୍ଟିସ ଅଜୟ ରସ୍ତୋଗୀ ଏବଂ ବେଲା ଏମ୍. ତ୍ରିବେଦୀଙ୍କୁ ନେଇ ଖଣ୍ଡପୀଠ ଗଠିତ ହୋଇଥିଲା। ତେବେ ଜଷ୍ଟିସ୍ ତ୍ରିବେଦୀ କୌଣସି କାରଣ ନ ଦର୍ଶାଇ ଶୁଣାଣିରୁ ଓହରିଯିବା ପରେ ନୂଆ ଖଣ୍ଡପୀଠ ଗଠନ ଆବଶ୍ୟକ ହୋଇପଡ଼ିଥିଲା। ଏହି ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ୧୧ ଅପରାଧୀଙ୍କୁ ଗତବର୍ଷ ଅଗଷ୍ଟ ୧୫ରେ ଗୁଜରାଟ ସରକାର କ୍ଷମା ପ୍ରଦାନ କରି ସେମାନଙ୍କୁ ଜେଲରୁ ମୁକ୍ତ କରିଦେଇଥିଲେ। ନଭେମ୍ବର ୩୦ରେ ବାନୋ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ବ୍ୟତୀତ ୨୦୨୨ ମେ' ୧୩ରେ ସୁପ୍ରିମକୋର୍ଟ ଦେଇଥିବା ଏକ ରାୟର ସମୀକ୍ଷା ଲାଗି ବିଲ୍‌କିସ୍ ଅନ୍ୟ ଏକ ପିଟିଶନରେ ନିବେଦନ କରିଥିଲେ।



## ପାର୍ଲାମେଣ୍ଟ ପରିସରରେ ବିରୋଧୀଙ୍କ ବିକ୍ଷୋଭ ଶୋଭାଯାତ୍ରା

**ନୂଆଦିଲ୍ଲୀ, ୨୪।୩(ପି.ଟି.)**

ଗଣତନ୍ତ୍ର ବିପଦରେ ଥିବା ଅଭିଯୋଗ କରି ଏବଂ ଆଦାନୀ ଗ୍ରୁପ୍ ପ୍ରସଙ୍ଗର ଜେପିସି ତଦନ୍ତ ଦାବିରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଶୁକ୍ରବାର ପାର୍ଲାମେଣ୍ଟ ଭବନ ପରିସରରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ଧାରା ୧୪୪ର ଉଲ୍ଲଂଘନ ଅଭିଯୋଗରେ କେ.ସି. ବେଣୁଗୋପାଳ, ଅଧୀର ଚୌଧୁରୀ, କେ. ସୁରେଶ, ମନିକାମ ଟାଗୋର, ଇମ୍ରାନ୍ ପ୍ରତାପଗଡ଼ି ଏବଂ ମହମ୍ମଦ ଜାଭେଦଙ୍କ ସମେତ ୩୦ ପ୍ରମୁଖ ନେତାଙ୍କୁ ପୋଲିସ ବିଜୟ ଚୌକରେ ଅଟକାଇବା ସହ ଅଟକ ରଖିଛି। ବିଜୟ ଚୌକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ଅନ୍ୟ ନେତାମାନେ ୨୦୧୯ର ଏକ ମାନହାନି ମାମଲାରେ ସୁରଟ କୋର୍ଟ ରାହୁଲ ଗାନ୍ଧୀଙ୍କୁ ଦୋଷୀସାବ୍ୟସ୍ତ କରିବା ପ୍ରସଙ୍ଗ ଉଠାଇଥିଲେ। ସରକାର ବିରୋଧୀ ନେତାମାନଙ୍କ ସ୍ୱରକୁ ଚାପିଦେବା ଲାଗି ମିଥ୍ୟା ମାମଲାରେ ଟାର୍ଗେଟ କରୁଥିବା ସେମାନେ ଅଭିଯୋଗ କରିଥିଲେ। ସଂସଦ ଭବନ ପରିସରରେ ବିକ୍ଷୋଭ ପରେ ଅନେକ ବିରୋଧୀ ଦଳ ନେତା 'ଗଣତନ୍ତ୍ର ବିପଦରେ' ଲେଖାଥିବା ବ୍ୟାନର ଧରି ବିଜୟଚୌକକୁ ଶୋଭାଯାତ୍ରାରେ ବାହାରିଥିଲେ। ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ନ ହେବା ପର୍ଯ୍ୟନ୍ତ ଆମେ ମିଳିତ ଭାବେ ଲଢ଼େଇ ଜାରି ରଖିବୁ ବୋଲି ଖାର୍ଗେ କହିଥିଲେ।

**'ଗଣତନ୍ତ୍ର ବିପଦରେ' ଅଭିଯୋଗ**






# ପ୍ରଧାନ ଶିକ୍ଷକଙ୍କ ମାଡ଼ରେ ଛାତ୍ରୀଙ୍କ ହାତ ଭାଙ୍ଗିଲା

**ବେଲପଡ଼ା,୨୪।୩(ଡି.ଏନ୍.ଏ.)**

ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିବା ସତ୍ତ୍ୱେ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମରାଯିବା ଭଳି ଅଭାବନୀୟ ଘଟଣା ଘଟିଛି ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ କଦଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମାଡ଼ରେ ସମ୍ପୃକ୍ତ ଛାତ୍ରୀଙ୍କ ବାମହାତ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ୨୩ ତାରିଖ ଗୁରୁବାର ସକାଳ ପ୍ରାୟ ୯ଟାରେ ସେହି ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ରୀ ଅନୁ ନାଗ (୯)ଙ୍କୁ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ବାଳକୃଷ୍ଣ ଶବର କୌଣସି କାରଣରୁ ଏକ ବାଡ଼ିରେ ମାଡ଼ ମାରିଥିଲେ। ପରେ ଛାତ୍ରୀ ଜଣକ କାନ୍ଦି କାନ୍ଦି ଘରକୁ ଯାଇ ପରିବାରବର୍ଗଙ୍କୁ ଏକଥା କହିଥିଲେ। ଏହାପରେ ପରିବାର ଲୋକେ ଓ ଗ୍ରାମବାସୀ ସ୍କୁଲକୁ ଆପତ୍ତି କରିବା ପାଇଁ ଆସିଥିଲେ। ସେତେବେଳକୁ ସ୍କୁଲ ଛୁଟି ହୋଇ ନ ଥିବା ବେଳେ ପ୍ରଧାନ ଶିକ୍ଷକ ଶବର କେଉଁଆଡ଼େ ପଳାଇଯାଇଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ପରିବାର ଲୋକେ ଛାତ୍ରୀଙ୍କୁ ବେଲପଡ଼ାର ଏକ ଘରୋଇ କ୍ଲିନିକ୍‌କୁ ନେଇ ଏକ୍ସ-ରେ କରାଇଥିଲେ। ରିପୋର୍ଟ ଆସିବା ପରେ ଛାତ୍ରୀଙ୍କ ବାମ ହାତ ଭାଙ୍ଗିଯାଇଥିବା ଜଣାପଡ଼ିଥିଲା। ଉଚ୍ଚତର ଚିକିତ୍ସା ପାଇଁ ତାଙ୍କୁ ବଲାଙ୍ଗୀର ନେବାକୁ ଡାକ୍ତର କହିଥିବା ଜଣାଯାଇଛି। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଛାତ୍ରୀଙ୍କ ବାପା ଗୋପାଳ ନାଗ ସାହାଯ୍ୟ ଲୋଡ଼ିଛନ୍ତି। ଏନେଇ ଛାତ୍ରୀ ଅନୁଙ୍କୁ ପଚାରିବାରୁ କ୍ଲାସ୍‌ରୁମ୍‌ରେ ଆମେ ଥିଲୁ। ଏହି ସମୟରେ ହଠାତ୍ ପ୍ରଧାନ ଶିକ୍ଷକ ପାଖକୁ ଆସି ଏକ ବାଉଁଶ ବାଡିରେ ବାମହାତକୁ ଜୋରରେ ପିଟିଥିଲେ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ସିଆର୍‌ସିସି ପ୍ରଦୀପ ସିଂ ବାବୁଙ୍କୁ ପଚାରିବାରେ ପ୍ରଧାନ ଶିକ୍ଷକ ଶବର ଛାତ୍ରୀଙ୍କୁ ମାଡ ମାରିବା ଘଟଣା ସତ। କିନ୍ତୁ କେଉଁ କାରଣରୁ ମାଡ ମାରିଲେ ତାହା ଜାଣିନାହିଁ ଓ ତଦନ୍ତ ପରେ ଜଣାପଡିବ ବୋଲି ପ୍ରକାଶ କରିଥିଲେ। ଶୁକ୍ରବାର ପ୍ରଧାନ ଶିକ୍ଷକ କୌଣସି କାରଣବଶତଃ ସ୍କୁଲରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଫୋନରେ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ହେଁ ଫୋନ ସୁଇଚ ଅଫ୍ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ। ପ୍ରକାଶ ଥାଉକି ପ୍ରଧାନ ଶିକ୍ଷକ ଏହାପୂର୍ବରୁ ଅନ୍ୟ ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ଘଟଣା ନେଇ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବୈଠକ କରାଯାଇଛି। ଏଥିପ୍ରତି ବଲାଙ୍ଗୀର ଜିଲାପାଳ ଓ ଜିଲା ଶିକ୍ଷାଧିକାରୀ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।



ଆହତ ଛାତ୍ରୀ

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ ଅଫିସ, ୨୪।୩:** ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ବଡ଼ ମହାସ୍ନାନ ହୋଇଛି। ସୂଚନା ଅନୁଯାୟୀ, ଦିନ ୧୨ଟାରେ ମହାପ୍ରଭୁଙ୍କ ସକାଳ ଧୂପ ସରିବା ପରେ ଭକ୍ତମାନେ ଭିତରକାଠ ନିକଟରେ ଦାରୁଦିଅଁଙ୍କ ଦର୍ଶନ କରୁଥିଲେ। ଏହି ସମୟରେ ଭିତରକାଠ ନିକଟରେ କେହି ଜଣେ ଭକ୍ତ ବାନ୍ତି କରିଦେଇଥିବା ଦେଖିବାକୁ ମିଳିଥିଲା। ଫଳରେ ସମସ୍ତ ନୀତି ଓ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବା ସହ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ବଡ଼ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା।।

## ଶିଖରଚଣ୍ଡୀ ପାହାଡ଼ରେ ୪ ହାତୀ

### ଗୃହ ଭାଙ୍ଗିଲେ, ଔଷଧୀୟ ଗଛ ଉପାଡ଼ିଲେ



**ଭୁବନେଶ୍ୱର (ବ୍ୟୁରୋ)/ ବାରଙ୍ଗ,୨୪।୩(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ଶିଖରଚଣ୍ଡୀ ପାହାଡ଼ରେ ଶୁକ୍ରବାର ସକାଳେ ୪ଟିକିଆ ହାତୀପଲ ଥିବା ଜଣାପଡ଼ିବା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଦିନତମାମ ଏହି ହାତୀପଲ ପାହାଡ଼ ଉପରେ ବେଶ୍ ଉତ୍ପାତ କରିଥିଲେ। ସେଠାରେ ଥିବା କିଛି ଘର ଭଙ୍ଗାରୁଜା କରିବା ସହ ବହୁ ଔଷଧୀୟ ବୃକ୍ଷକୁ ଉପାଡ଼ି ନଷ୍ଟ କରିଦେଇଥିଲେ। ପାହାଡ଼ ପାଦଦେଶରେ ଦାରୁଠେଙ୍ଗ, ପଥରଗାଡିଆ, କିଟ୍, ପଟିଆ ଭଳି ଜନବସତିମାନ ଥିବାରୁ ସମସ୍ତଙ୍କ ମନରେ ହାତୀକୁ ନେଇ ଭୟ ସୃଷ୍ଟି ହୋଇଥିଲା। କାଳେ ହାତୀ ପାହାଡ଼ ଉପରୁ ବାହାରି ଜନବସତିମୁହାଁ ହେବେ ସେଥିପାଇଁ ବିପଦର ଆଶଙ୍କା ଦେଖାଦେଇଥିଲା। ଅନ୍ୟପଟେ ଖବରପାଇ ମନ୍ଦିର କମିଟି ସହ ସ୍ଥାନୀୟ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ପ୍ରାଥମିକ ଭାବେ ସାଧାରଣ ଲୋକଙ୍କୁ ପାହାଡ଼ ଉପରକୁ ଛାଡି ନ ଥିଲେ। ଏପରିକି ବନ ବିଭାଗ କର୍ମଚାରୀମାନେ ୪ ହାତୀର ଗତିପଥକୁ ଅନୁଧ୍ୟାନ କରିବା ସହ ଜଗି ରହିଥିଲେ। ତେବେ ଗୁରୁବାର ରାତିରେ ଭରତପୁର ଜଙ୍ଗଲରୁ ଏହି ୪ ହାତୀ ଆସିଥିବା ବନ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ସେମାନଙ୍କ ମଧ୍ୟରେ ଗୋଟିଏ ଦନ୍ତା ହାତୀ ସହ ୨ଟି ମାଈ ହାତୀ ଓ ଗୋଟିଏ ଛୁଆ ହାତୀ ରହିଛି। ସେମାନଙ୍କୁ ଜଙ୍ଗଲକୁ ଫେରାଇନେବାକୁ ବନ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏ ନେଇ ଭୁବନେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳର ରେଞ୍ଜର ବାଉରିବନ୍ଧୁ ମହାପାତ୍ର କହିଛନ୍ତି, ଶିଖରଚଣ୍ଡୀ ପାହାଡ଼ରେ ହାତୀ ଥିବା ଜଣାପଡ଼ିବା ପରେ ସକାଳୁ ଆମ କର୍ମଚାରୀ ହାତୀକୁ ଜଗିଛନ୍ତି। ସେମାନେ ରାତି ହେଲେ ଚାଲିବା ଆରମ୍ଭ କରନ୍ତି। ତେବେ ରାତି ୯ଟା ସୁଦ୍ଧା ହାତୀମାନେ ଯାଇନାହାନ୍ତି। ଅଳ୍ପ ବାଟ ତଳକୁ ଖସିଛନ୍ତି। କିନ୍ତୁ ଜନସାଧାରଣଙ୍କ ଗହଳି ଯୋଗୁ ବିଳମ୍ବ ହେଉଛି। ହାତୀ ଯିବା ପରେ ଜାଣିପାରିବୁ ଯେ ସେ କେଉଁଠୁ ଆସିଥିଲେ।

## ଦଣ୍ଡେଶ୍ୱର ହୋତା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି



ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା

**ଭୁବନେଶ୍ୱର, ୨୪।୩(ବ୍ୟୁରୋ):** ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା ହେଲେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ଶୁକ୍ରବାର ରାଜଭବନ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏକବର୍ଷ ପାଇଁ ଡା. ହୋତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। କାର୍ଯ୍ୟରେ ଯୋଗଦେବା ଦିନଠାରୁ କାର୍ଯ୍ୟକାଳ ଲାଗୁ ହେବ ଓ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ବହୁସଂଖ୍ୟକ ଚିକିତ୍ସା ଶିକ୍ଷାନୁଷ୍ଠାନ ଗଢ଼ିଉଠୁଥିବାରୁ ଚିକିତ୍ସା ଶିକ୍ଷା ବିଜ୍ଞାନ ପ୍ରଣାଳୀକୁ ଅଧିକ ସରଳ, ଦକ୍ଷ ଓ ସୁସଙ୍ଗଠିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଓଡ଼ିଶା ବିଧାନସଭାରେ ୨୦୨୧ ଅକ୍ଟୋବରରେ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଆଇନ ପାରିତ ହୋଇଥିଲା। ଏହାପରେ ୨୦୨୨ ଅଗଷ୍ଟ ୧୪ରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଅଧିସୂଚିତ ହୋଇଥିଲା। ୨୦୨୩-୨୪ ଶିକ୍ଷାବର୍ଷରୁ ରାଜ୍ୟର ସମସ୍ତ ଚିକିତ୍ସା ଓ ଆନୁଷଙ୍ଗିକ ବିଜ୍ଞାନ ମହାବିଦ୍ୟାଳୟ/ଅନୁଷ୍ଠାନଗୁଡ଼ିକ ଏଣିକି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧନ ହୋଇ ରହିବେ। ୨୦୨୩-୨୪ ଶିକ୍ଷାବର୍ଷରୁ ରାଜ୍ୟର ଏଲୋପାଥିକ, ହୋମିଓପାଥିକ ଓ ଆୟୁର୍ବେଦିକ ପାଠ୍ୟକ୍ରମର ସ୍ନାତକ ଏବଂ ସ୍ନାତକୋତ୍ତର ଶିକ୍ଷା, ନର୍ସିଂ, ଫାର୍ମାସି, ଫିଜିଓଥେରାପି, ଲାବରେଟୋରି ବିଜ୍ଞାନ ସହିତ ଅନ୍ୟାନ୍ୟ ସମସ୍ତ ବିଜ୍ଞାନ ପାଠ୍ୟକ୍ରମ ଏହି ବିଶ୍ୱବିଦ୍ୟାଳୟ ପରିସରଭୁକ୍ତ ହେବ। ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରଫେସର ଡା. ହୋତା ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହେବା ଦିନରୁ ଓଏସ୍‌ଡି ଦାୟିତ୍ୱରେ ଥିଲେ।

## ଦନ୍ତାହାତୀ ମୃତ୍ୟୁ ଘଟଣା
# ଦାନ୍ତ ଉଦ୍ଧାର, ଶିକାରୀ ଫେରାର

**ନୀଳଗିରି,୨୪।୩(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ଗୁରୁବାର ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଥିଲା। ଶିକାରୀମାନେ ହାତୀଟିକୁ ମାରି ତାହାର ଦାନ୍ତକୁ କାଟି ନେଇଥିଲେ। ଶୁକ୍ରବାର ବନ ବିଭାଗ ଚଢ଼ାଉ କରି ଦୁଇଟି ଦାନ୍ତ ଜବତ କରିଥିବା ବେଳେ ଶିକାରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଆର୍‌ସିସିଏଫ୍ ଓ ସ୍ପେଶାଲ୍ ଟାସ୍କ ଫୋର୍ସ ଦ୍ୱାରା ଏହି ଘଟଣାର ତଦନ୍ତ ଚାଲିଛି।

ସୂଚନା ଅନୁଯାୟୀ, କୁଲଡ଼ିହା ଅଭୟାରଣ୍ୟ ବାବନ୍ଦ ବିଟ୍ ଅଧୀନ କଳମାଚତୁରୀଠାରେ ଦନ୍ତାହାତୀ ମରିପଡ଼ିଥିବା ଦେଖିବାକୁ ମିଳିଥିଲା। ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ, କୁଲଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା ଓ ସ୍ଥାନୀୟ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍ପେଶାଲ ଟାସ୍କ ଫୋର୍ସ, ବାରିପଦା ଆର୍‌ସିସିଏଫ୍ ପ୍ରକାଶ ଗୋଗନାନି, ବାଲେଶ୍ୱର ଡିଏଫ୍‌ଓ ଖୁସବନ୍ତ ସିଂହ, ବାଲେଶ୍ୱର ଏସିଏଫ୍, କୁଲଡ଼ିହା ରେଞ୍ଜରଙ୍କ ସମେତ ବନ କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ହାତୀର ବୟସ ୨୦ରୁ ୨୫ ବର୍ଷ ହେବ ଓ ବ୍ୟବଚ୍ଛେଦ କରି ମୃତଦେହ ପୋଡ଼ି ଦିଆଯାଇଥିବା ସମ୍ପର୍କରେ ବନ ବିଭାଗ ସୂଚନା ଦେଇଥିଲା। ଉଦ୍ଧାର ହୋଇଥିବା ଦାନ୍ତ ମଧ୍ୟରୁ ଡାହାଣ ପାଖ ଦାନ୍ତର ଓଜନ ୭.୧କେଜି ଓ ବାମ ପାଖଟି ୬.୯କେଜି ବୋଲି ଡିଏଫ୍‌ଓ ସିଂହ ସୂଚନା ଦେଇଥିଲେ। ୧୦ ଦିନ ତଳେ ଉକ୍ତ ହାତୀର ମୃତ୍ୟୁ ହୋଇଥିବା ଡିଏଫ୍‌ଓ କହିଥିଲା ବେଳେ ଆର୍‌ସିସିଏଫ୍ ୧୫ ଦିନ ତଳେ ମୃତ୍ୟୁ ହୋଇଥିବା କହିଛନ୍ତି। ଉଭୟ ଅଧିକାରୀଙ୍କ କଥାରେ ତାଳମେଳ ରହୁ ନ ଥିବା ବେଳେ ଦୁଇଟି ଦାନ୍ତକୁ କେଉଁଠାରୁ ଉଦ୍ଧାର କରାଗଲା ଓ ଶିକାର ପଛରେ କେତେଜଣଙ୍କ ସମ୍ପୃକ୍ତି ଅଛି ତାହା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଅଭିଯୁକ୍ତମାନଙ୍କୁ ବନ କର୍ମଚାରୀ ଘଣ୍ଟ ଘୋଡ଼ାଉ ଥିବା ଆଲୋଚନା ଜୋର ଧରିଛି।



ଖବରଦାତା ସମ୍ମିଳନୀରେ ବନ ବିଭାଗ ଅଧିକାରୀ।

## ଆକାଶରେ ବିରଳ ଦୃଶ୍ୟ

**ଭୁବନେଶ୍ୱର, ୨୪।୩ (ବ୍ୟୁରୋ)**

ଶୁକ୍ରବାର ସନ୍ଧ୍ୟା ଆକାଶରେ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଚନ୍ଦ୍ରର ଖୁବ୍ ପାଖରେ ଶୁକ୍ର ଗ୍ରହ ଥିବା ଦୃଶ୍ୟମାନ ହୋଇଥିଲା। ଭାରତୀୟ ସମୟ ୪ଟା ୨୭ରୁ ସନ୍ଧ୍ୟା ୬ଟା ୨୭ ଯାଏ ଶୁକ୍ର ଗ୍ରହ ଚନ୍ଦ୍ର ପଛରେ ଲୁଚିଥିଲା। ଏହା ଇଣ୍ଡୋନେସିଆ ପୂର୍ବ ଏସିଆର କିଛି ସ୍ଥାନରେ ମଧ୍ୟ ଦେଖାଯାଇଥିଲା। ଭୁବନେଶ୍ୱର ତଥା ଓଡ଼ିଶାରେ ସନ୍ଧ୍ୟା ୬ଟା ୨୦ରୁ ୮ଟା ୩୦ ଯାଏ ଚନ୍ଦ୍ରର ଖୁବ୍ ପାଖରେ ଶୁକ୍ର ଗ୍ରହ ଦେଖାଯାଇଥିଲା ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ଲାନେଟୋରିୟମର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ସୂର୍ଯ୍ୟ ଚାରିପଟେ ପୃଥିବୀ ୩୬୫ ଦିନରେ ଥରେ ଓ ଚନ୍ଦ୍ର ପୃଥିବୀ ଚାରିପଟେ ୨୮ ଦିନରେ ଥରେ ଘୁରି ଆସୁଛି। ସେହିପରି ଖାଲି ଆଖିରେ ଦେଖାଯାଉଥିବା ୫ଟି ଗ୍ରହ ଯଥା ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି ଓ ଶନି ମଧ୍ୟ ସୂର୍ଯ୍ୟ ଚାରିପଟେ ବୁଲୁଛନ୍ତି। ଏଗୁଡିକ ଆମକୁ ଆକାଶରେ ଏକ ତାରା ଭଳି ଦେଖାଯାଆନ୍ତି। ଆକାଶରେ ଦେଖାଯାଉଥିବା ତାରାଗୁଡିକ ପୃଥିବୀ ପରିପ୍ରେକ୍ଷୀରେ ସେମାନଙ୍କର ସ୍ଥାନ ବଦଳାନ୍ତି ନାହିଁ। ପୃଥିବୀ, ଚନ୍ଦ୍ର ଓ ଗ୍ରହମାନଙ୍କ ଗତି ଫଳରେ ବେଳେବେଳେ ପୃଥିବୀ ସହ ଚନ୍ଦ୍ର ଓ ଅନ୍ୟ ଗ୍ରହଗୁଡ଼ିକ ସରଳରେଖାକୁ ଚାଲି ଆସନ୍ତି। ସେତେବେଳେ ଚନ୍ଦ୍ର ପଛରେ ଅନ୍ୟ ଗ୍ରହ କିଛି ସମୟ ପାଇଁ ଲୁଚିଯାଏ। ଏହାକୁ 'ସମାବରଣ' ବା 'ଅକ୍ୟୁଲେଶନ' କୁହାଯାଏ।

### ଚନ୍ଦ୍ରର ଖୁବ୍ ପାଖରେ ଦେଖାଗଲା ଶୁକ୍ର



# ରାନିଖିଣ୍ଡାରେ ନକଲି ମଦ କାରଖାନା

- ଘର ମାଲିକ ଗିରଫ, କିଙ୍ଗ୍‌ପିନ୍ ଫେରାର
- ଜାଲିଆତି ଚାଲାଣରେ କୋଲକାତାରୁ ଆସୁଥିଲା ସାମଗ୍ରୀ

**ସମ୍ବଲପୁର,୨୪।୩(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ରାନିଖିଣ୍ଡା ଗ୍ରାମରେ ଅବକାରୀ ବିଭାଗ ଚଢାଉ କରି ଏକ ନକଲି ମଦ ତିଆରି କାରଖାନା ଠାବ କରିଛି। ଏହି ଘଟଣାରେ ଘର ମାଲିକ ତଥା ଟ୍ୟୁଶନ ଶିକ୍ଷକ ସରୋଜ କୁମାର ସାହୁଙ୍କୁ ଗିରଫ କରାଯାଇଛି। ଏହି ର୍‍ୟାକେଟର କିଙ୍ଗ୍‌ପିନ୍ କ୍ଷେତରାଜପୁର ଥାନା ତିୱାରୀଗଳିର ଜସବୀର ସିଂ କୋହଲି ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ମଦ ତିଆରି ପାଇଁ ୧୦ ହଜାର ୪୫୨ ନକଲି ଲେବୁଲ, ୪୫୦ ଲିଟର ସ୍ପିରିଟ, ୩୦ ଲିଟର ବ୍ଲେଣ୍ଡର ସ୍ପିରିଟ, ୧୬ ହଜାର ୨୦୦ ଲିଟର ନକଲି ବିଦେଶୀ ମଦ, ୧୩୫ ନକଲି ଅବକାରୀ ଲେବୁଲ, ୫ ଲିଟର କାରାମେଲ, ଏକ ପଞ୍ଚିଙ୍ଗ ମେଶିନ, ଲୋଗୋ, ଠିପି ଆଦି ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତ ସରୋଜଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଅବକାରୀ ବିଭାଗ ଡେପୁଟି କମିଶନର ରାଜେନ୍ଦ୍ର ବୋଥ୍ରା କହିଛନ୍ତି, ଗୁରୁବାର ସନ୍ଧ୍ୟାରେ ରାନିଖିଣ୍ଡାରେ ମଦ ତିଆରି କରାଯାଉଥିବା ନେଇ ଗୋଇନ୍ଦା ବିଭାଗକୁ ସୂଚନା ଆସିଥିଲା। ପରେ ଅବକାରୀ ବିଭାଗ ସହିତ ଆଲୋଚନା କରି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ରାତିରେ ଚଢାଉ କରାଯାଇଥିଲା। ଅଭିଯୁକ୍ତ ସରୋଜଙ୍କ ଘରୁ ବ୍ୟାପକ ମାତ୍ରାରେ ନକଲି ବିଦେଶୀ ମଦ ଓ ସାମଗ୍ରୀ ଜବତ ହୋଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଜସବୀର ସିଂ ଫେରାର ହୋଇଯାଇଛନ୍ତି। ଜସବୀର ଜାଲିଆତି ଚାଲାଣ କରି ମଦ ତିଆରି ସାମଗ୍ରୀ କୋଲକାତାରୁ ଆଣୁଥିଲେ ଓ ସରୋଜ ସହିତ ମିଶି ବଟଲିଂ କରୁଥିଲେ। ପରେ ଏହାକୁ ସହର ଓ ଗ୍ରାମାଞ୍ଚଳରେ ବିକ୍ରି କରୁଥିଲେ। ସହରର ବିଭିନ୍ନ ଦୋକାନରେ ଏହି ମଦ ବିକ୍ରି କରାଯାଉଥିବା ସନ୍ଦେହ କରାଯାଉଛି। ତେଣୁ ଦୋକାନଗୁଡିକରେ ଯାଞ୍ଚ କରାଯିବ। ପ୍ରାୟ ୮ମାସ ହେବ ସେମାନେ ଏଭଳି ମଦ ତିଆରି କରି ବିକ୍ରି କରୁଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଥିଲେ। ମିଳିଥିବା ସୂଚନା ମୁତାବକ ଅଭିଯୁକ୍ତ ସରୋଜ ଜଣେ ଉଚ୍ଚ ଶିକ୍ଷିତ। ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ଟ୍ୟୁଶନ କରୁଥିଲେ। ଅଧିକ ଟଙ୍କା କମାଇବା ନିଶାରେ ସେ ଜସବୀରଙ୍କ ସହିତ ମିଶିଥିଲେ। ଜସବୀର ମଧ୍ୟ ପୂର୍ବରୁ ପେଟ୍ରୋଲ, ଡିଜେଲ ଚୋରିକରି ବିକ୍ରି କରିବା କାମରେ ସମ୍ପୃକ୍ତ ରହିଥିଲେ।



ଜବତ ହୋଇଥିବା ନକଲି ମଦ ତିଆରି ସାମଗ୍ରୀ।

## ପ୍ରଫେସର ଅମିୟ କୁମାର ରଥ ବିପିୟୁଟି ନୂଆ କୁଳପତି



**ଭୁବନେଶ୍ୱର, ୨୪।୩(ବ୍ୟୁରୋ):** ପ୍ରଫେସର ଅମିୟ କୁମାର ରଥ ବିଜୁ ପଟ୍ଟନାୟକ ଟେକ୍ନୋଲୋଜି ୟୁନିଭର୍ସିଟି(ବିପିୟୁଟି)ର ନୂଆ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି। ଏହି ନିଯୁକ୍ତିକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଞ୍ଜୁରୀ ଦେଇଛନ୍ତି। ପ୍ରଫେସର ରଥ ଏହି ପଦରେ ୫ ବର୍ଷ ପାଇଁ କାର୍ଯ୍ୟ କରିବେ। ବର୍ତ୍ତମାନ ସେ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେଶନ କାଉନ୍‌ସିଲ(ନାକ୍)ର ପରାମର୍ଶଦାତା ଅଛନ୍ତି। ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ୩୩ ବର୍ଷର ଅଭିଜ୍ଞତା ରହିଛି। ଏଥିସହ ସେ ୯ଟି ପୁସ୍ତକ ଲେଖିଥିବାବେଳେ ୧୨ ଜଣ ପିଏଚ୍‌ଡି ସ୍କଲାର ଓ ୧୭ ଜଣ ପିଜି ସ୍କଲାରଙ୍କୁ ଗାଇଡ୍ କରିଛନ୍ତି।

## ଅଧା ରହିଗଲା ମାମୁ ଘର ବୁଲା
# ଟ୍ରକ୍ ଧକ୍କାରେ ଛାତ୍ରୀଙ୍କ ମୃତ୍ୟୁ

**ଭୁବନ, ୨୪।୩(ଡି.ଏନ୍.ଏ.)**

ସରିଥିଲା ମାଟ୍ରିକ୍ ପରୀକ୍ଷା। ସ୍କୁଲ ଛୁଟି ହୋଇଯାଇଥିବାରୁ ଛୁଟି କଟାଇବାକୁ ବାପାଙ୍କ ସହ ଆସୁଥିଲେ ମାମୁଘରକୁ। ହେଲେ ଏହି ଖୁସି ଉଭେଇଗଲା ଅଧାବାଟରେ। ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ପଛପଟୁ ବାଇକ୍‌କୁ ଧକ୍କା ଦେବାରୁ ଅକାଳରେ ଲିଭିଗଲା ଝିଅଙ୍କ ଜୀବନ। ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡି ନିକଟ ଯମୁନାକୋଟ ଛକରେ ଶୁକ୍ରବାର ସକାଳେ ଘଟିଛି ଏଭଳି ଏକ ଛାତିଥରା ଦୁର୍ଘଟଣା। ମୃତା ନାବାଳିକା ହେଲେ ପରଜଙ୍ଗ ଥାନା ପାଣିଭଣ୍ଡାର ଗ୍ରାମର ଶ୍ୱାତୀ ସୁଚରିତା ଜେନା (୧୬)। ଏଥିରେ ତାଙ୍କ ବାପା ଅଭିରାମ ଜେନା ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି।

ପରିବାର ଲୋକଙ୍କ କହିବା କଥା, ଶ୍ୱାତୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସ୍କୁଲ ଛୁଟି ହୋଇଯାଇଥିବାରୁ ସେ ବାପାଙ୍କ ସହ ଭୁବନ ଥାନା ଧଳପଡ଼ା ଗ୍ରାମରେ ରହୁଥିବା ତାଙ୍କ ମାମୁଘରକୁ ବାଇକ୍ (ନଂ. ଓଡ଼ି ୧୯ ଇ ୯୬୧୯)ରେ ଆସୁଥିଲେ। ଏହିସମୟରେ ଯମୁନାକୋଟ ଛକ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ୧୦ ଚକିଆ ଟ୍ରକ୍ (ନଂ. ଓଡ଼ି ୦୯ ଆର ୨୫୩୧) ପଛପଟୁ ଧକ୍କା ଦେଇଥଲା। ଫଳରେ ବାପଝିଅ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ଅଶୋକ କୁମାର ତ୍ରିପାଠୀ ପହଞ୍ଚି ଉଭୟଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ୱାତୀଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ମାମୁଘର ଲୋକେ ଏବଂ ଅନ୍ୟ ନିକଟ ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚିଥିଲେ। କାନ୍ଦବୋବାଳିରେ ଡାକ୍ତରଖାନା ପରିସର ଫାଟି ପଡ଼ିଥିଲା। ଶ୍ୱାତୀଙ୍କ ଏଭଳି ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

ଅନ୍ୟପଟେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଟ୍ରକ୍ ଚାଳକ ତଥା କେନ୍ଦୁଝର ଜିଲା ଆନନ୍ଦପୁର ଗ୍ରାମର ଲକ୍ଷ୍ମଣ ଦେହୁରୀଙ୍କୁ ଗିରଫ କରିଛି। ସେ ଜିନ୍ଦଲରୁ ସାମଗ୍ରୀ ଖଲାସ କରି ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏ ନେଇ ନଂ. ୯୪/୨୩ରେ ଏକ ମାମଲା ରୁଜୁ ହୋଇଛି।




ଶ୍ୱାତୀଙ୍କ ମୃତ୍ୟୁ ପରେ ଶୋକାକୁଳ ସମ୍ପର୍କୀୟ।



ଶ୍ୱାତୀ




**ଆଜିର ମନ୍ତବ୍ୟ**

ମୁଁ ଭାରତର ସ୍ୱର ଉତ୍ତୋଳନ ଲାଗି ଲଢ଼େଇ କରୁଛି।
କୌଣସି ପ୍ରକାର ମୂଲ୍ୟ ଦେବାକୁ ମୁଁ ପ୍ରସ୍ତୁତ।
-ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଏମ୍‌ପି



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଠରେ ମଲୁ, ପଥି କରିବୁ**
**ଶିଳପୁଆ ଭଳି ଗୁଣ୍ଡା ବଳିବୁ।**

ଅକର୍ମା ତଥା ଅଳସୁଆ ବ୍ୟକ୍ତି କାମ କରିବାକୁ ପଛଘୁଞ୍ଚା ଦେଇଥାନ୍ତି। ଏପରିକି କିଛି କାମ କରିବାକୁ କହିଲେ ସେଥିରୁ ବର୍ତ୍ତିବା ପାଇଁ ନାନା ବାହାନା ଦେଖାଇଥାନ୍ତି। କିନ୍ତୁ ଖାଇବା କଥା ହେଲେ ସେହି ବ୍ୟକ୍ତି ବଡ଼ ଆଗ୍ରହରେ ଖାଇବା ଲାଗି ପ୍ରସ୍ତୁତ ହୋଇଯାଇଥାନ୍ତି। ରୋଗ ବାହାନା କରୁଥିବା ନିକମା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଉଦାରୀ ପାଖରେ ଚତୁରୀ ଥାଏ**
**ପୁନିଅଁ କେଉଁଦିନ ପଚାରୁ ଥାଏ?**

ଚତୁର ବା ସିଆଣିଆ ଲୋକ ନିଜ ହିସାବରେ ଠିକ୍ ଥାନ୍ତି। ପୂର୍ଣ୍ଣିମୀ ଦିନ ଭଲ ଖାଇବା ପ୍ରସ୍ତୁତ ହୁଏ। ଫଳସ୍ୱରୂପ ଖାଦ୍ୟଲୋଭୀ ବ୍ୟକ୍ତିର ଆଖି ସେଇଠି ସବୁବେଳେ ଲାଖିରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୧୦ ଚକ୍ଷୁ ଡାକ୍ତରଙ୍କୁ ମେଡିକାଲ କଲେଜରେ ନିଯୁକ୍ତି

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

ରାଜ୍ୟ ସରକାର ୧୦ଜଣ ଚକ୍ଷୁ ଡାକ୍ତରଙ୍କୁ ବିଭିନ୍ନ ମେଡିକାଲ କଲେଜରେ ନିଯୁକ୍ତି ଦେଇଛନ୍ତି। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ର ସୁପାରିଶକ୍ରମେ ଏମାନଙ୍କୁ ଆସୋସିଏଟ୍ ପ୍ରଫେସର ଭାବେ ନିଯୁକ୍ତି ଦିଆଯାଇଛି। ଡା. ସୁଶାନ୍ତ କୁମାର ପୂଜାରୀ, ଡା. ଅପରାଜିତା ବାନାର୍ଜୀ, ଡା. ଦୀପକ ଚୌଧୁରୀ, ଡା. ସତ୍ୟ ନାରାୟଣ ମଲ୍ଲିକ ଏବଂ ଡା. ସୁରୋମ ଜସ୍ମୀନ ମାରାଣ୍ଡିଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜରେ ନିଯୁକ୍ତି ମିଳିଥିବାବେଳେ ଡା. ଜ୍ୟୋତି ରଞ୍ଜନ ମଲ୍ଲିକଙ୍କୁ ଫକୀର ମୋହନ, ଡା. ସ୍ୱର୍ଣ୍ଣମୟୀ ବାସ୍କେଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ, ଡା. ଜୟନ୍ତ କୁମାର ପଟେଲଙ୍କୁ ଭୀମଭୋଇ ମେଡିକାଲ କଲେଜ, ଡା. ଲକ୍ଷ୍ମୀଧର ଜେନାଙ୍କୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ଅସୀମ ମଲ୍ଲିକଙ୍କୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜରେ ନିଯୁକ୍ତି ପ୍ରଦାନ କରାଯାଇଛି। ଆସନ୍ତା ୩୦ଦିନ ଭିତରେ ସେମାନେ କାର୍ଯ୍ୟରେ ଯୋଗଦେବା ପାଇଁ କୁହାଯାଇଛି। ଏହି ଆସୋସିଏଟ ପ୍ରଫେସରଙ୍କ ଉପଯୁକ୍ତ ତଥ୍ୟ ଯାଞ୍ଚ କରି କାର୍ଯ୍ୟରେ ଯୋଗଦେବାକୁ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଶାଳୀନ ପଣ୍ଡିତ ସମ୍ପୃକ୍ତ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦୋଷୀଙ୍କୁ ଆଜୀବନ ଜେଲ

**ସ୍ତ୍ରୀ ହତ୍ୟା ମାମଲା**

ବାଲେଶ୍ୱର ଅଫିସ,୨୪।୩

ବାଲେଶ୍ୱର ଜିଲା ଓପିଆଇଡି କୋର୍ଟରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସ୍ପେଶାଲ ଜଜ୍ ବିଶ୍ୱଜିତ ଦାସ ଏହାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୬ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ଏକ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ କୋଇଲିସାହି ଗ୍ରାମର ବିଜୟ ଦାସ ସେହି ଥାନା ଅନ୍ତର୍ଗତ ବିରିପଦା ଗ୍ରାମର ମିନତିଙ୍କୁ ବିବାହ କରିଥିଲେ। ବିବାହର ବର୍ଷେ ନ ପୂରୁଣୁ ବିଭିନ୍ନ ଆଳ ଦେଖାଇ ବିଜୟ ମାରପିଟ୍ କରିବା ସହ ମିନତୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏନେଇ ମିନତିଙ୍କ ବାପଘର ପକ୍ଷରୁ ବହୁବାର ଗ୍ରାମର ଭଦ୍ର ଲୋକ ଓ ଥାନା ମାଧ୍ୟମରେ ମୀମାଂସା କରାଯାଇଥିଲା। ଏହାସତ୍ତ୍ୱେ ମଧ୍ୟ ଉକ୍ତ ପାରିବାରିକ କଳି ଥମି ନ ଥିଲା। ଗତ ୨୦୨୦ ଡିସେମ୍ବର ୨୭ ତାରିଖ ପୂର୍ବାହ୍ନରେ ମିନତିଙ୍କ ମୃତଦେହ ସ୍ଥାନୀୟ ଲୋକେ ଦେଖିଥିଲେ। ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ମିନତିଙ୍କୁ ହତ୍ୟା କରାଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ବସ୍ତା ପୋଲିସ ଏକ ହତ୍ୟା ମାମଲା (ନଂ.୨୯୬/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# କନିଆ ଦେଖିବାକୁ ଯାଇ ନଦୀରେ ବୁଡ଼ିଗଲେ ଯୁବକ

ବାରିପଦା ଅଫିସ,୨୪।୩

କନିଆ ଦେଖିବାକୁ ଯାଇ ନଦୀରେ ବୁଡ଼ିଗଲେ ଯୁବକ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ଯଶିପୁର ଜୁଲପୋଶି ଗ୍ରାମରେ। ମୃତକ ଜଣକ ହେଲେ ବାଦାମପାହାଡ଼ ଥାନା ମଝିଗାଁ ଗ୍ରାମର ମାନସ ମହାନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଶୁକ୍ରବାର ମାନସ ଝିଅ ଦେଖିବା ପାଇଁ ଯଶିପୁରସ୍ଥିତ ଜୁଲପୋଶି ଗ୍ରାମକୁ ଯାଇଥିଲେ। ସେଠାରୁ ଫେରି ଅପରାହ୍ନରେ ରାମତୀର୍ଥରେ ଥିବା କୁମ୍ଭୀର ପ୍ରଜନନ ପ୍ରକଳ୍ପ ବୁଲିବାକୁ ଯାଇ ଖଇରୀ ଭଣ୍ଡନ ନଦୀକୁ ଯାଇଥିଲେ। ଅସାବଧାନତା କାରଣରୁ ଗୋଡ଼ ଖସିଯିବାରୁ ନଦୀରେ ଭାସି ଯାଇ ପ୍ରଖର ଜଳସ୍ରୋତରେ ବୁଡ଼ିଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଦମକଳ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ, ପୋଲିସ ପହଞ୍ଚି ଦୀର୍ଘ ସମୟ ପରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପରିବାର ଲୋକେ ପୁଅକୁ ହରାଇ ଭାଙ୍ଗି ପଡ଼ିଛନ୍ତି।

# ସତ୍ୟବ୍ରତ ସାହୁ ଏସ୍‌ଆର୍‌ସି

## ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

- ନିକୁଞ୍ଜ ଧଳ ମୁଖ୍ୟ ନିର୍ବାଚନ ଅଧିକାରୀ
- ସଞ୍ଜୟ ସିଂଙ୍କୁ ଶକ୍ତି ବିଭାଗ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ। ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଶକ୍ତି ଓ ଅବକାରୀ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ଥିବା ନିକୁଞ୍ଜ ବିହାରୀ ଧଳଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଥିବା ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ସୁଶୀଲ କୁମାର ଲୋହାନୀଙ୍କୁ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି । ଏଥିସହିତ ତାଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେହିପରି ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ ଜାରି ରଖିବେ । ଏଥିସହିତ ତାଙ୍କୁ ଶକ୍ତି ବିଭାଗର ପ୍ରମୁଖ ସଚିବ ଏବଂ ବାଣିଜ୍ୟକର ଓ ଜିଏସ୍‌ଟି କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେହିପରି ଓଡ଼ିଶା ବିପର୍ଯ୍ୟୟ ପରିଚାଳନା(ଓଏସ୍‌ଡିଏମ୍‌ଏ) ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ୨୦୦୭ ବ୍ୟାଚ୍ ଆଇଏଏସ୍ ଅଫିସର ଜ୍ଞାନରଞ୍ଜନ ଦାସ ଅତିରିକ୍ତ ଭାବେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ।


ସତ୍ୟବ୍ରତ ସାହୁ


ନିକୁଞ୍ଜ ବିହାରୀ ଧଳ

# ଉଜ୍ଜ୍ୱଳା ଯୋଜନା ସିଲିଣ୍ଡରରେ ମିଳିବ ୨୦୦ ଟଙ୍କା ସବ୍‌ସିଡି

## କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୪।୩(ପି.ଟି.)

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ) ହିତାଧିକାରୀମାନଙ୍କୁ ଏଲ୍‌ପିଜି ସିଲିଣ୍ଡର ଉପରେ ୨୦୦ ଟଙ୍କା ସବ୍‌ସିଡି ବର୍ଷେ ପାଇଁ ମିଳିବ। ଶୁକ୍ରବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ୯.୬ କୋଟି ପରିବାର ଉପକୃତ ହେବେ। ବର୍ଷକକୁ ସର୍ବାଧିକ ୧୨ଟି ୧୪.୨ କିଲୋଗ୍ରାମ ଏଲ୍‌ପିଜି ସିଲିଣ୍ଡର ମିଳୁଥିବାବେଳେ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଏହା ଉପରେ ୨୦୦ ଟଙ୍କା ଲେଖାଏ ରିହାତି ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ୨୦୨୩ ମାର୍ଚ୍ଚ ୧ ସୁଦ୍ଧା ଦେଶରେ ୯.୫୯ କୋଟି ପିଏମ୍‌ୟୁୱାଇ ହିତାଧିକାରୀ ପରିବାର ରହିଛନ୍ତି। ସବ୍‌ସିଡି ଅର୍ଥ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆସିବ। ବିଭିନ୍ନ ଭୂରାଜନୈତିକ କାରଣରୁ ଅନ୍ତର୍ଜାତୀୟ ବଜାରରେ ଏଲ୍‌ପିଜି ଦର ବୃଦ୍ଧି ପାଇଛି। ଫଳରେ ଉଜ୍ଜ୍ୱଳା ହିତାଧିକାରୀଙ୍କ ପକ୍ଷେ ବର୍ଦ୍ଧିତ ଦରରେ ଗ୍ୟାସ କିଣିବା କଷ୍ଟକର ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରତି ସିଲିଣ୍ଡର ଉପରେ ୨୦୦ ଟଙ୍କା ସବ୍‌ସିଡି ଦେବାକୁ ନିଷ୍ପତ୍ତି ନେଇଥିବା ଅନୁରାଗ କହିଛନ୍ତି।

# ବାନ୍ଧବୀଙ୍କ ସମେତ ୩ ଯୁବତୀ ଖୋଲିଥିଲେ ହ୍ୱାଟ୍ସଆପ୍ ଗ୍ରୁପ୍

## ଡିଜେ ଆଜେକ୍ସ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ଲୋକପ୍ରିୟ ଡିଜେ ଆଜେକ୍ସ ଓରଫ ଅକ୍ଷୟ କୁମାର ମହାରଣାଙ୍କ ଆତ୍ମହତ୍ୟା ଘଟଣାକୁ ଶୁକ୍ରବାର ସପ୍ତାହେ ପୂରିଛି। ଏହି ମାମଲାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ପ୍ରତ୍ୟେକ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ତେବେ ବାନ୍ଧବୀ ଜିଜ୍ଞାସାଙ୍କ ସମେତ ୩ ଯୁବତୀ ଆଜେକ୍ସ ପାଇଁ ଏକ ହ୍ୱାଟ୍‌ସଆପ୍ ଖୋଲିଥିଲେ ବୋଲି ଶୁକ୍ରବାର ଚର୍ଚ୍ଚା ହେଉଛି। ଅନ୍ୟ ୨ ଯୁବତୀ ମଧ୍ୟ ଆଜେକ୍ସଙ୍କ ବାନ୍ଧବୀ ଥିଲେ। ଆଜେକ୍ସ ସମସ୍ତଙ୍କ ସହ ସମ୍ପର୍କ ରଖିଥିବା ଜାଣିବା ପରେ ସେମାନେ ପରସ୍ପର କଥାହୋଇ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ଖୋଲିଥିଲେ। ଉକ୍ତ ଗ୍ରୁପ୍‌ରେ ଆଜେକ୍ସଙ୍କ ସମ୍ପର୍କରେ ସେମାନେ ଆଲୋଚନା କରୁଥିଲେ ବୋଲି ସାଇବର ଟିମ୍ ଜାଣିବାକୁ ପାଇଛି। ହେଲେ ଏହାକୁ ଆଜେକ୍ସଙ୍କ ମା' ଲକ୍ଷ୍ମୀପ୍ରିୟା ମିଥ୍ୟା ବୋଲି କହିଛନ୍ତି। ଆଜେକ୍ସ କେବଳ ଜିଜ୍ଞାସାଙ୍କୁ ଭଲ ପାଉଥିଲେ ଏବଂ ତାଙ୍କ ପାଇଁ ସେ ଆତ୍ମହତ୍ୟା କରିଥିଲେ। ପୋଲିସ ଠିକ୍ ଭାବେ ତଦନ୍ତ କରି ସତ୍ୟତା ପଦାକୁ ଆଣୁ ବୋଲି ଲକ୍ଷ୍ମୀପ୍ରିୟା କହିଛନ୍ତି। ଏନେଇ ଥାନାଧିକାରୀ ରଜନୀକାନ୍ତ ପ୍ରଧାନ କହିଛନ୍ତି, ହ୍ୱାଟ୍‌ସଆପ୍ ଗ୍ରୁପ୍ ନେଇ ଆମ ପାଖରେ କୌଣସି ତଥ୍ୟ ନାହିଁ। ଏହି ମାମଲାରେ ଡିଜିଟାଲ ପ୍ରମାଣକୁ ନେଇ ସାଇବର ଟିମ୍ ଅଧିକ ତଦନ୍ତ କରୁଛି। ଉକ୍ତ ଟେକ୍ନିକାଲ ଟିମ୍ ରିପୋର୍ଟ ଦେବା ପରେ ଅଧିକ କିଛି ସୂଚନା ମିଳିପାରିବ। ଉକ୍ତ ରିପୋର୍ଟକୁ ଆଧାର କରି ଆଗାମୀ ଦିନରେ ଆଉ କେତେଜଣଙ୍କୁ ପଚରାଉଚରା କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାର୍ଚ୍ଚ ୧୮ ରାତିରେ ଖାରବେଳନଗର ଥାନା ଅନ୍ତର୍ଗତ ଇଣ୍ଡଷ୍ଟ୍ରିଆଲ୍ କଲୋନୀସ୍ଥିତ ବାସଭବନରେ ଆଜେକ୍ସ ଫ୍ୟାନ୍‌ରେ ବେଡ୍‌ଶିଟ୍ ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ତେବେ ଏହାପଛରେ ବାନ୍ଧବୀ ଜିଜ୍ଞାସା ଏବଂ ତାଙ୍କ ନୂଆ ପୁରୁଷବନ୍ଧୁଙ୍କୁ ପରିବାର ଲୋକ ଦାୟୀ କରିଥିଲେ। ପୋଲିସ ଏନେଇ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଆଇପିସି ଦଫା ୩୦୬ରେ ଏକ ମାମଲା (ନଂ.୧୨୧/୨୦୨୩) ରୁଜୁ କରି ତଦନ୍ତ ଜାରି ରହିଛି।



ଆଜେକ୍ସ ଓରଫ ଅକ୍ଷୟ କୁମାର ମହାରଣା

# ସୋସିଆଲ ଟକ୍ସ ଉପସ୍ଥାପକ ଗିରଫ

## ଭିଡିଓ ଜରିଆରେ ଯୁବତୀଙ୍କୁ ଅଶାଳୀନ ମନ୍ତବ୍ୟ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ଫେସ୍‌ବୁକ୍‌ରେ ଜଣେ ଯୁବତୀଙ୍କ ନାଁରେ ଅଶାଳୀନ ମନ୍ତବ୍ୟ ଦେବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ 'ସୋସିଆଲ ଟକ୍ସ'ର ଉପସ୍ଥାପକ ପ୍ରକାଶ ଓରଫ ପ୍ରୀତି ପ୍ରକାଶ ନାୟକ(୨୬)ଙ୍କୁ ଶୁକ୍ରବାର ଗିରଫ କରିଛି। ତାଙ୍କ ଘର କେନ୍ଦୁଝର ଜିଲା ନନ୍ଦିପୁର ଥାନା ଅନ୍ତର୍ଗତ ସୁଲଣ ଗ୍ରାମରେ ହୋଇଥିବାବେଳେ ସେ ଏହି ଥାନା ଅନ୍ତର୍ଗତ ନିଳାଦ୍ରୀବିହାର ସେକ୍ଟର-୨ରେ ରହୁଛନ୍ତି। ପ୍ରକାଶଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ଇପ୍‌ସିତା ସାହୁ ମାର୍ଚ୍ଚ ୧୨ରେ ସୋସିଆଲ୍ ମିଡିଆରେ ଏକ ବ୍ୟକ୍ତିଗତ ଭିଡିଓ ଶେୟାର କରିଥିଲେ। ଅଭିଯୁକ୍ତ ପ୍ରକାଶ ଉକ୍ତ ମୂଳ ବକ୍ତବ୍ୟର ଏକ ଜାଲ୍ ଇଲେକ୍ଟ୍ରୋନିକ୍ ରେକର୍ଡ ବନାଇ ସୋସିଆଲ୍ ଟକ୍ସ ପେଜ୍‌ରେ ଭିଡିଓ ପୋଷ୍ଟ କରିଥିବା ଇପ୍‌ସିତା ଗୁରୁବାର ଜାଣିବାକୁ ପାଇଥିଲେ। ତେବେ ଷଡଯନ୍ତ୍ର କରି ଉଦ୍ଦେଶ୍ୟମୂଳକ ଭାବରେ ତାଙ୍କ ବିରୋଧରେ ଅପମାନିତ କଲାଭଳି ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ଇପ୍‌ସିତା ଏହାକୁ ବିରୋଧ କରିଥିଲେ। ହେଲେ ଅଭିଯୁକ୍ତ ପ୍ରକାଶ ତାଙ୍କୁ ଧମକ ଦେଇଥିଲେ ବୋଲି ସେ ତାଙ୍କ ଏତଲାରେ ଉଲ୍ଲେଖ କରିଥିଲେ। ଇପ୍‌ସିତାଙ୍କ ଅଭିଯୋଗକ୍ରମେ ପୋଲିସ ଆଇପିସି ଦଫା ୫୦୬, ୩୫୪, ୫୦୯ ସମେତ ଆଇଟି ଆକ୍ଟ ଦଫା ୬୬(ସି), ୬୭ରେ ଏକ ମାମଲା (ନଂ.୧୪୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


ପ୍ରୀତି ପ୍ରକାଶ ନାୟକ

## ପ୍ରଥମ ପୃଷ୍ଠାରୁ...

### ରାହୁଲଙ୍କ ଏମ୍‌ପି ପଦ...

ବେଳେ ରାହୁଲ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ନୀରବ ମୋଦି (ହୀରା ବ୍ୟବସାୟୀ), ଲଳିତ ମୋଦି (ଆଇପିଏଲ୍‌ର ପୂର୍ବତନ କମିଶନର) ଓ ନରେନ୍ଦ୍ର ମୋଦି (ପ୍ରଧାନମନ୍ତ୍ରୀ)ଙ୍କ ଭଳି ସବୁ ମୋଦି ସାଙ୍ଗ୍ୟାଧାରୀ କାହିଁକି ଚୋର ବାହାରୁଛନ୍ତି। ମୋଦି ଉପନାମଧାରୀ ଆଉ କେଉଁମାନେ ଚୋର ତାହା ଖୋଜିଲେ ଜଣାପଡ଼ିବ। ପ୍ରଧାନମନ୍ତ୍ରୀଙ୍କ ଉପରେ ଏହି ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗୁଜରାଟର ପୂର୍ବତନ ମନ୍ତ୍ରୀ ଥିବା ତଥା ଭାଜପାର ସୁରଟ ୱେଷ୍ଟ ବିଧାୟକ ପୂର୍ଣ୍ଣେଶ ମୋଦି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୋଦି ସମ୍ପ୍ରଦାୟକୁ ରାହୁଲ ଅପମାନିତ କରିଥିବା ଦର୍ଶାଇ ତାଙ୍କ ବିରୋଧରେ ପୂର୍ଣ୍ଣେଶ ଏତଲା ଦେଇଥିଲେ। ଏହି ୪ ବର୍ଷ ପୁରୁଣା ଆପରାଧିକ ମାନହାନି ମାମଲାରେ ସୁରଟର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଏଚ୍.ଏଚ୍. ବର୍ମା ଗୁରୁବାର ରାହୁଲଙ୍କ ଉପସ୍ଥିତିରେ ତାଙ୍କୁ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୪୯୯ ଓ ୫୦୦ ବଳରେ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏଥିସହ ୩୦ ଦିନ ଭିତରେ ଉଚ୍ଚତର କୋର୍ଟରେ ଅପିଲ କରିବା ପାଇଁ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଆଇନାନୁସାରେ କୌଣସି ଏମ୍‌ପି ଏକ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ଅନ୍ୟୂନ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଲେ ତାଙ୍କୁ ପାର୍ଲାମେଣ୍ଟରୁ ଅଯୋଗ୍ୟ ଘୋଷଣା କରାଯାଇଥାଏ। ତେବେ ମାର୍ଚ୍ଚ ୨୩ରେ ରାୟ ପ୍ରକାଶ ପାଇବା ଦିନଠୁ ରାହୁଲଙ୍କ ଅଯୋଗ୍ୟତା ଲାଗୁ ହୋଇଥିବା ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ସୂଚନା ଦିଆଯାଇଛି। ରାହୁଲ ଲୋକ ସଭା ସଦସ୍ୟତା ହରାଇବା ପରେ ଟୁଇଟ୍ କରିଛନ୍ତି, 'ମୁଁ ଭାରତର ସ୍ୱର ଉତ୍ତୋଳନ ଲାଗି ଲଢ଼େଇ କରୁଛି। କୌଣସି ପ୍ରକାର ମୂଲ୍ୟ ଦେବାକୁ ମୁଁ ପ୍ରସ୍ତୁତ।' ପ୍ରକାଶ ଯେ, ୨୦୦୪ ନିର୍ବାଚନରେ ପ୍ରଥମ ଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ରାହୁଲ ଏପରି ଏକ ପ୍ରତିଷ୍ଠିତ ରାଜନୈତିକ ପରିବାରରୁ ଆସିଛନ୍ତି, ଯାହାକି ଦେଶକୁ ୩ ଜଣ ପ୍ରଧାନମନ୍ତ୍ରୀ ଦେଇଛି।

### ରାୟ ପଛର ...

ଦଣ୍ଡାଦେଶ ଦିଆଯାଇଥିଲେ ଲୋକଙ୍କ ପାଖକୁ ଏକ ଖରାପ ସନ୍ଦେଶ ଯାଇଥାଆନ୍ତା। କଂଗ୍ରେସ ନେତାଙ୍କୁ ଦିଆଯାଇଥିବା ୨ ବର୍ଷ ଜେଲ ଦଣ୍ଡଦେଶ ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ପର୍ଯ୍ୟାପ୍ତ। କଂଗ୍ରେସ ଏହାକୁ ତ୍ରୁଟିଯୁକ୍ତ ଏବଂ ଉପର କୋର୍ଟରେ ବଳବତ୍ତର ରହିବା ଭଳି ନୁହେଁ ବୋଲି କହିଛି। ଏହି ରାୟକୁ ଏକ ଉଚ୍ଚତର ଅଦାଲତରେ ଚ୍ୟାଲେଞ୍ଜ କରାଯିବ। ପୂର୍ଣ୍ଣେଶ ମୋଦି ୨୦୧୯ ଏପ୍ରିଲ ୧୩ରେ ଆପରାଧିକ ମାମଲା ରୁଜୁ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ବିଚାରପତି ସେହିବର୍ଷ ମେ' ୨ରେ ରାହୁଲଙ୍କ ବିରୋଧରେ ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେଇଥିଲେ। ରାହୁଲ ୨୦୧୯ ଅକ୍ଟୋବର ୧୦ରେ କୋର୍ଟରେ ହାଜର ହୋଇ ନିଜ ବିରୋଧରେ ଆଗତ ଅଭିଯୋଗକୁ ଖଣ୍ଡନ କରିଥିଲେ। ଏହା ପୂର୍ବରୁ ତାଙ୍କୁ ବ୍ୟକ୍ତିଗତ ହାଜିରାରୁ ଛାଡ଼ ଦିଆଯାଇଥିଲା। ୨୦୨୧ ମେ' ୭ରେ ରାହୁଲ କୋର୍ଟରେ ହାଜର ହୋଇ ନିଜ ବୟାନ ରେକର୍ଡ କରାଇଥିଲେ। କିନ୍ତୁ ପୂର୍ଣ୍ଣେଶ ମୋଦି ବୈଦ୍ୟୁତିକ ପ୍ରମାଣକୁ ନେଇ ସ୍ପଷ୍ଟୀକରଣ ମାଗିବା ଉପରେ ଦାଖଲ କରିଥିବା ପିଟିଶନକୁ ସୁରଟ କୋର୍ଟ ଖାରଜ କରିଦେବା ପରେ ୨୦୨୨ ମାର୍ଚ୍ଚ ୭ରେ ଗୁଜରାଟ ହାଇକୋର୍ଟ ଶୁଣାଣି ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଗତ ଫେବୃୟାରୀ ୧୬ରେ ମୋଦି ହାଇକୋର୍ଟରୁ ନିଜ ପିଟିଶନ ପ୍ରତ୍ୟାହାର କରିନେଇଥିଲେ। ୨୦୧୯ ଏପ୍ରିଲରେ କେବଳ ସୁରଟ ବିଧାୟକ ପୂର୍ଣ୍ଣେଶ ମୋଦି ମାନହାନି ମାମଲା ରୁଜୁକରି ନ ଥିଲେ। ସେହିମାସ ଅହମଦାବାଦ ଜିଲା ସମବାୟ ବ୍ୟାଙ୍କ ଓ ଏହାର ଚେୟାରମ୍ୟାନ୍ ଅଜୟ ପଟେଲ ମଧ୍ୟ ରାହୁଲ ଓ ତାଙ୍କ ଦଳର ମୁଖପାତ୍ରଙ୍କ ନାମରେ ଆପରାଧିକ ମାନହାନି ମାମଲା ରୁଜୁ ଲାଗି ଏତଲା ଦେଇଥିଲେ। ରାହୁଲ ଉକ୍ତ ବ୍ୟାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିବାରୁ ଏହି ମାମଲା ହୋଇଥିଲା। ମାସକ ପରେ ଅର୍ଥାତ୍ ୨୦୧୯ ମେ'ରେ ଅହମଦାବାଦ ମହାନଗର ନିଗମର ଜଣେ ଭାଜପା କାଉନ୍‌ସିଲର ରାହୁଲଙ୍କ ବିରୋଧରେ ଅନୁରୂପ ମାମଲା ରୁଜୁ କରାଇଥିଲେ। କାରଣ ୨୦୧୯ ଏପ୍ରିଲ ୨୩ରେ ମଧ୍ୟପ୍ରଦେଶର ଜବଲପୁର ନିର୍ବାଚନୀ ସଭାରେ ତତ୍କାଳୀନ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କୁ ରାହୁଲ 'ଜଣେ ହତ୍ୟା ଅଭିଯୁକ୍ତ' ବୋଲି ସମାଲୋଚନା କରିଥିଲେ। ଉକ୍ତ ମାମଲାରେ ରାହୁଲ ଦୋଷମୁକ୍ତ ହୋଇସାରିଛନ୍ତି।

### ଟୁଇଟରରେ ୨,୫୦୦ ...

ସ୍ୱାମୀ ମରିଯିବା ପରେ ବିଧବା ସ୍ତ୍ରୀ ତାଙ୍କ ପିଲାଛୁଆଙ୍କୁ ଧରି ବହୁ କଷ୍ଟରେ ପରିବାର ଚଳାଉଥିବା ବେଳେ ତାଙ୍କୁ କୌଣସି ସରକାରୀ ସହାୟତା ମିଳିପାରୁ ନ ଥିବା ନେଇ ଏକ ଖବରକାଗଜରୁ ପଢ଼ିଥିଲେ।

ଏହି ଘଟଣା ସମ୍ପର୍କରେ ସେ ଜିଲାପାଳଙ୍କୁ ଟୁଇଟ୍ କରିଥିଲେ। ଏହାଦ୍ୱାରା ସେହିଦିନ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ସହ ପରେ ଉକ୍ତ ମହିଳାଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା। ଏହା ପରଠାରୁ ସେ ଏଭଳି ଟୁଇଟ୍ କରିବା ଜାରି ରଖିଛନ୍ତି ବୋଲି ଶୁଭ୍ରାଂଶୁ କହିଛନ୍ତି। ପ୍ରକାଶଥାଉ କି, ଢେଙ୍କାନାଳରୁ ଦକ୍ଷିଣ ଆଫ୍ରିକା ଯାଇଥିବା ଜଣେ ଯୁବକ କୋଭିଡ୍ ସମୟରେ ଘରକୁ ଫେରିପାରୁ ନ ଥିଲେ। ଶୁଭ୍ରାଂଶୁଙ୍କ ଟୁଇଟ୍ ଯୋଗୁ ସେ ଘରକୁ ଫେରିଥିଲେ। କମ୍ ବୟସରୁ ଏଭଳି ଭାବେ ଲୋକଙ୍କୁ ସେବା ଯୋଗାଉଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି।

### ୧୪ ବିରୋଧୀ ଦଳ ...

ପିଟିଶନରେ ନିବେଦନ କରାଯାଇଛି। କଂଗ୍ରେସ ନେତୃତ୍ୱରେ ପିଟିଶନ ଦାଏର କରିଥିବା ଅନ୍ୟ ଦଳଗୁଡ଼ିକ ହେଲେ ଡିଏମ୍‌କେ, ଆର୍‌ଜେଡି, ଭାରତ ରାଷ୍ଟ୍ର ସମିତି, ତୃଣମୂଳ କଂଗ୍ରେସ, ଏନ୍‌ସିପି, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା, ଜେଡିୟୁ, ସିପିଆଇ(ଏମ୍), ସିପିଆଇ, ସମାଜବାଦୀ ପାର୍ଟି, ନ୍ୟାଶନାଲ କନ୍‌ଫରେନ୍ସ। ସିବିଆଇ ଏବଂ ଇଡି ମାମଲାର ୯୫ ପ୍ରତିଶତ ବିରୋଧୀ ନେତାମାନଙ୍କ ବିରୋଧରେ ବୋଲି ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଛନ୍ତି। ଭାଜପା ନେତୃତ୍ୱରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ସିବିଆଇ ଏବଂ ଇଡି ମାମଲା ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବା ସେ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ରାହୁଯୁକ୍ତ ଚନ୍ଦ୍ର ମାନସିକ ସ୍ଥିତିକୁ କଳୁଷିତ କରିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ଘଟିପାରେ। ମଙ୍ଗଳଙ୍କ ପ୍ରଭାବରୁ ଯେକୌଣସି ସମସ୍ୟାକୁ ପ୍ରତିହତ କରିବାର ସାମର୍ଥ୍ୟ ହରାଇବେ ନାହିଁ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**ବୃଷ**



ବ୍ୟୟଭାବରେ ଶୁକ୍ରଙ୍କ ଅବସ୍ଥିତି କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ସହିତ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ସନ୍ତାନଙ୍କ ବିବାହାଦି ମାଙ୍ଗଳିକ କାମ ପ୍ରସ୍ତୁତିରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କଲେ ପସ୍ତେଇବାକୁ ପଡ଼ିପାରେ।

**ମିଥୁନ**



ପଦସ୍ଥବ୍ୟକ୍ତିଙ୍କ ସହାୟତାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇ ପାରନ୍ତି। ବାରମ୍ବାର ଅସଫଳତା ହେତୁ ବନ୍ଧୁମାନଙ୍କର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ସରକାରୀ ସ୍ତରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ**



କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ଅତ୍ୟଧିକ ଅନୁରକ୍ତି କାରଣରୁ ନିଜ ଲୋକଙ୍କ ଭୁଲ୍‌କୁ ଅଣଦେଖା କରିବେ। ନିଜ ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ପରିବହନ ଓ କଳା ସାହିତ୍ୟରେ ଥିବା ସମସ୍ୟାକୁ ସମାଧାନ କରିବେ।

**ସିଂହ**



ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହୋଇପାରନ୍ତି।

**କନ୍ୟା**



ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ପୁରାତନ ରୋଗ ପୀଡ଼ା ଅନୁଭବ ହୋଇପାରେ। ବନ୍ଧୁଙ୍କ ଜରିଆରେ ଅଶୌଚ ଖବର ପାଇ ବିସ୍ମିତ ହେବେ। ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା ପରିସରରେ ଭାବପ୍ରବଣତାବଶତଃ ଓଲଟା କଥାବାର୍ତ୍ତା କରି ଅପଦସ୍ତ ହୋଇପାରନ୍ତି ।

**ତୁଳା**



ଭୁଲ୍ ବୁଝାମଣାଜନିତ ପାରିବାରିକ କ୍ଷେତ୍ର ସରଗରମ ରହିବ। ଏପରିକି ନିକଟସ୍ଥ ବ୍ୟକ୍ତି ବିଶେଷଙ୍କର ମଧ ଆପଣଙ୍କ ପ୍ରତି ଥିବା ମନୋଭାବ ବଦଳିଯିବ। କଚେରି ମାମଲା କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସମ୍ଭାବନା ରହିଛି। ଚିତ୍ରା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ।

**ବିଛା**



ପାରସ୍ପରିକ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ପ୍ରିୟଜନଙ୍କ ସହାୟତାରେ କାରବାରରେ ଲାଭବାନ ହେବେ। କର୍ମକ୍ଷେତ୍ରରେ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଫେରନ୍ତା ରାସ୍ତାରେ ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**ଧନୁ**



ପରିବାରର ସହମତି ଓ ବନ୍ଧୁଙ୍କ ଅକୁଣ୍ଠ ସାହାଯ୍ୟ, ସହାନୁଭୂତିରୁ କର୍ମାରମ୍ଭ ପ୍ରତିପଦ ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରୁ ଆଶ୍ୱସ୍ତି ଲଭିବେ। ସାଧାରଣ ବଚସାରୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। ମହିଳାମାନେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମକର**



କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ହଠାତ୍ କୌଣସି ଖବର ପାଇ ଖୁସି ହେବେ। ରଚନାତ୍ମକ କାର୍ଯ୍ୟ କିମ୍ବା ଅଧ୍ୟୟନରେ ଏକାଗ୍ରତା ଆଣିପାରିବେ। ବାଣିଜ୍ୟ,ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**



ଆକସ୍ମିକ ଭାବରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସ୍ୱାର୍ଥ ସାଧନ ମାନସରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଚିନ୍ତା କରୁଥିବା କଥାଟି ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଜମିଜମା ବାଦବିବାଦ କ୍ରମେ ଜଟିଳ ହୋଇପାରେ।

**ମୀନ**



ଆଜି ଦିନଟିରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଖଳ ଲୋକଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଭଲ ସମ୍ପର୍କ ରହିଥିବା ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଚୈତ୍ର ଶୁକ୍ଳ ଚତୁର୍ଥୀ, ଶନିବାର, ଶ୍ରୀମନ୍ଦିରରେ ବାଡି ନୃସିଂହ ବିଜେ, ମାର୍ଚ୍ଚ ୨୫ ତାରିଖ, ଆର୍ଥ ଆୱାର ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୭ ଗତେ ଘ.୦୮।୫୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୨୨ ଗତେ ଘ.୧୧।୫୩ ମଧ୍ୟେ ରାହୁକାଳ।



ଭୁବନେଶ୍ୱର ୟୁନିଟ୍ -୪ ସ୍ଥିତ ମସ୍‌ଜିଦ୍‌ରେ ରମ୍‌ଜାନ୍ ମାସର ପ୍ରଥମ ଶୁକ୍ରବାର ଶ୍ରଦ୍ଧାଳୁମାନେ ସମୂହ ନମାଜ ପାଠ କରୁଛନ୍ତି।

# ଭେରିଫିକେଶନ ପାଇଁ ଚିଠି ଲେଖାଯିବ

## ଡାକଘର ବିଭିନ୍ନ ପଦବୀ ପାଇଁ ନକଲି ସାର୍ଟିଫିକେଟ୍ ମାମଲା

ବଲାଙ୍ଗୀର ଅଫିସ,୨୪।୩

ବଲାଙ୍ଗୀର ଡାକମଣ୍ଡଳର ବିଭିନ୍ନ ପଦବୀ ପାଇଁ ଆବେଦନ କରିଥିବା ଅଧିକାଂଶ ପ୍ରାର୍ଥୀଙ୍କ ମାଟ୍ରିକ୍ ମାର୍କଶିଟ୍ ଏବଂ ସାର୍ଟିଫିକେଟ୍ ନକଲି ସନ୍ଦେହକରି ଥାନାରେ ଅଭିଯୋଗ କରାଯିବା ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ଏନେଇ ଡାକ ଅଧୀକ୍ଷକ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ସନ୍ଦେହଜନକ ସାର୍ଟିଫିକେଟ୍‌ଗୁଡିକର ପ୍ରକୃତ ଭେରିଫିକେଶନ ପାଇଁ ଉତ୍ତରପ୍ରଦେଶ ବୋର୍ଡକୁ ଚିଠି ଲେଖାଯିବ ବୋଲି ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଶୁକ୍ରବାର ସୂଚନା ଦେଇଛନ୍ତି। ବଲାଙ୍ଗୀର ଡାକମଣ୍ଡଳର ୮୩ ବ୍ରାଞ୍ଚ ପୋଷ୍ଟ ମାଷ୍ଟର, ଏବିପିଏମ୍ ଓ ଡାକସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀ ପାଇଁ ବହୁ ପ୍ରାର୍ଥୀ ଆବେଦନ କରିଛନ୍ତି। ଗୁରୁବାର ବଲାଙ୍ଗୀର ପ୍ରଧାନ ଡାକଘରେ ଏହି ପଦବୀଗୁଡିକ ପାଇଁ ସାର୍ଟିଫିକେଟ୍ ଭେରିଫିକେଶନ ବେଳେ ଡାକ ଅଧୀକ୍ଷକ ପଟ୍ଟନାୟକ କେତେଜଣ ପ୍ରାର୍ଥୀଙ୍କ ପ୍ରଦତ୍ତ ସାର୍ଟିଫିକେଟ୍ ଜାଲ୍ ଥିବା ସନ୍ଦେହ କରିଥିଲେ। ଦୁଇଜଣ ପ୍ରାର୍ଥୀଙ୍କ ସାର୍ଟିଫିକେଟରେ ଇଂରାଜୀରେ ୯୯ ପ୍ରତିଶତ ମାର୍କ ରଖିଥିବା ଦେଖାଯିବା ପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ପ୍ରାର୍ଥୀଙ୍କ କଥାବାର୍ତ୍ତା ଓ ବ୍ୟବହାର ସନ୍ଦେହଜନକ ମନେହେବାରୁ ଜଣେ ମହିଳା ପ୍ରାର୍ଥୀଙ୍କୁ ଡାକ ଅଧୀକ୍ଷକ ପଟ୍ଟନାୟକ କିଛି ଇଂରାଜୀ ଶବ୍ଦ ଲେଖିବା ପାଇଁ କହିଥିଲେ। ପ୍ରାର୍ଥୀ ଜଣକ ହଡ଼ବଡ଼େଇ ଯାଇଥିଲେ ଏବଂ ସବୁ ଶବ୍ଦ ଭୁଲ୍ ଲେଖିଥିଲେ। ଏହାପରେ ଅନ୍ୟ ସାର୍ଟିଫିକେଟ୍ ଭେରିଫିକେଶନ୍ କରିବାରୁ ୪୦ରୁ ୩୭ଟି ସାର୍ଟିଫିକେଟ୍ ସନ୍ଦେହଜନକ ମନେହୋଇଥିଲା। ସେଥିମଧ୍ୟରୁ ଅଧିକାଂଶ ସାର୍ଟିଫିକେଟ୍ ଉତ୍ତରପ୍ରଦେଶ ବୋର୍ଡ ଏବଂ ଡ. ବି. ଆର୍. ଆମ୍ବେଡକର ଇଣ୍ଟର କଲେଜ, ପ୍ରେମନଗର, ଝାନ୍‌ସୀର ହୋଇଥିବା ଦେଖାଯାଇଥିଲା। ଏଭଳି ସନ୍ଦେହ ପରେ ଡାକ ଅଧୀକ୍ଷକ ପଟ୍ଟନାୟକ ବଲାଙ୍ଗୀର ଆଦର୍ଶ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସମସ୍ତ ସାର୍ଟିଫିକେଟରେ ବିଭିନ୍ନ ବିଷୟରେ ୯୦ରୁ ୯୯ ପ୍ରତିଶତ ମାର୍କ ରହିଥିବା ଦେଖାଯାଇଥିଲା। ଉକ୍ତ ସାର୍ଟିଫିକେଟ୍‌ଗୁଡିକ ପ୍ରକୃତରେ ନକଲି କି ନାହିଁ ପ୍ରଥମେ ଯାଞ୍ଚ ହେବା କଥା। ଯାଞ୍ଚ ପାଇଁ ବିଧିବଦ୍ଧ ଭାବେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ପଠାଯିବ ବୋଲି ଅଧୀକ୍ଷକ କହିଛନ୍ତି। ପ୍ରକୃତରେ ଉକ୍ତ ସାର୍ଟିଫିକେଟ୍ ଅସଲି କି ନକଲି ତାହା ସମ୍ପୃକ୍ତ ବୋର୍ଡ ହିଁ କହିପାରିବେ । ଏଣୁ ଏହାର ଭେରିଫିକେଶନ କଲାପରେ ଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

# ଟ୍ରେନ୍ ଧକ୍କାରେ ଯାଇଛି ୧୮୬ ଜଣଙ୍କ ଜୀବନ

- **୫ ବର୍ଷରେ ୨୦୦ରୁ ଅଧିକ ଅପମୃତ୍ୟୁ ମାମଲା ରୁଜୁ**
- **ଅସାବଧାନତା ଯୋଗୁ ଅକାଳରେ ଚାଲିଯାଉଛି ଜୀବନ**

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଟ୍ରେନ ଧକ୍କା, ଟ୍ରେନ୍‌ରୁ ଖସି ଓ ଆତ୍ମହତ୍ୟାଜନିତ ମୃତ୍ୟୁ ମାମଲା ବଢ଼ିବାରେ ଲାଗିଛି। ଟ୍ରେନ୍ ଲାଇନ୍‌ରେ ଲୋକଙ୍କ ଜୀବନ ଯିବା ଘଟଣା ଉପରେ ରୋକ ଲାଗିପାରୁନି। ସାମାନ୍ୟ ଭୁଲ୍ ଓ ଅସାବଧାନତା ପାଇଁ ଅକାଳରେ ଜୀବନ ଚାଲିଯାଉଥିବାରୁ ଚିନ୍ତାର ବିଷୟ ପାଲଟିଛି। ଗତ ୫ ବର୍ଷରେ ଭୁବନେଶ୍ୱର ସରକାରୀ ରେଳପଥ ପୋଲିସ (ଜିଆର୍‌ପି) ଥାନାରେ ୨୦୦ରୁ ଅଧିକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହି ଥାନା ଅଞ୍ଚଳରେ ୨୦୧୯ରେ ସର୍ବାଧିକ ମାମଲା ପଞ୍ଜୀକୃତ ହୋଇଥିବାବେଳେ ସର୍ବାଧିକ ୯୬ଜଣଙ୍କର ମୃତ୍ୟୁ ଘଟିଛି। ତେବେ ୨୦୨୦ରେ କରୋନା କଟକଣା ପାଇଁ ଅଧିକାଂଶ ଟ୍ରେନ ଚଳାଚଳ ବନ୍ଦ ରହିଥିବାରୁ ସବୁଠୁ କମ୍ ୫୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିଭଳି ୨୦୧୮ରେ ୯୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ୩୮ଟି ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିବାବେଳେ ୮ଜଣ ଆତ୍ମହତ୍ୟା କରିଛନ୍ତି ଓ ୧୯ଜଣ ଟ୍ରେନରୁ ପଡ଼ି ମୃତ୍ୟୁବରଣ କରିଛନ୍ତି। ୨୦୧୯ ମସିହାରେ ୯୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪୪ଜଣ ଟ୍ରେନ ଧକ୍କାରେ, ୧୪ଜଣ ଟ୍ରେନ୍‌ରୁ ଖସି ମୃତ୍ୟୁବରଣ କରିଥିବାବେଳେ ଜଣେ ଆତ୍ମହତ୍ୟା କରିଛନ୍ତି। ୨୦୨୦ରେ ୫୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଆତ୍ମହତ୍ୟା ଓ ୨୫ ଜଣଙ୍କର ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଛି। ଏହାସହ ୬ଜଣ ଟ୍ରେନରୁ ପଡିଯିବାରୁ ମୃତ୍ୟୁ ଘଟିଛି। କରୋନା ମହାମାରୀର ପ୍ରଭାବ କମିବା ପରେ ପୁନଃ ମୃତ୍ୟୁ ବଢୁଥିବା ଦେଖିବାକୁ ମିଳିଛି। ୨୦୨୧ରେ ୭୨ଜଣଙ୍କ ମୃତ୍ୟୁ ମାମଲା ଜିଆର୍‌ପି ଥାନାରେ ପଞ୍ଜୀକୃତ ହୋଇଥିବାବେଳେ ଏଥିରୁ ୬ଜଣ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେହିବର୍ଷ ୪୧ଜଣ ବ୍ୟକ୍ତିଙ୍କ ଟ୍ରେନ ଧକ୍କାରେ ଓ ୩ ଜଣଙ୍କର ଟ୍ରେନରୁ ପଡ଼ି ମୃତ୍ୟୁ ହୋଇଛି। ୨୦୨୨ ମସିହାରେ ୯୫ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୮ ଜଣଙ୍କ ଟ୍ରେନ ଧକ୍କାରେ ଓ ୬ଜଣ ଟ୍ରେନରୁ ପଡିଯିବାରୁ ମୃତ୍ୟୁ ହୋଇଥିବା ତଥ୍ୟ ରହିଛି।

ତେବେ ଏହି ତଥ୍ୟକୁ ଦେଖିଲେ ଆତ୍ମହତ୍ୟା ପାଇଁ ରେଳପଥକୁ ସବୁଠାରୁ ସହଜ ସ୍ଥାନ ଭାବେ ବାଛି ନେଉଛନ୍ତି। ଏହାକୁ ବାଦ ଦେଲେ କେତେଜଣ ଲୋକ ନିଜର ଦୁଃସାହସିକତା ପାଇଁ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆଖି ବୁଜୁଛନ୍ତି। ଅନ୍ୟପଟେ ଟ୍ରେନରେ ଯାତ୍ରାବେଳେ ମଧ ତରତର ହୋଇ ଚଢିବା, ଦ୍ୱାର ପାଖରେ ଛିଡା ହୋଇଥିବା ସମୟରେ ଅନ୍ୟମନସ୍କ ହୋଇ ଟ୍ରେନ୍‌ରୁ ଖସିପଡୁଛନ୍ତି। ତେବେ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁନାମା ଗେଟ୍ ଓ ପୋଖରୀପୁଟ ବ୍ରିଜ୍ ନିକଟ ରେଳଧାରଣା ପାର ହେଉଥିବାବେଳେ ଅଧିକାଂଶ ଦୁର୍ଘଟଣା ଘଟିଥିବାବେଳେ ବାଣୀବିହାର ଷ୍ଟେଶନ ସମେତ ବିଭିନ୍ନ ସ୍ଥାନରେ ଲୋକେ ରେଳଧାରଣା ଉପରକୁ ଆସି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ନଜିର ରହିଛି । ଏନେଇ ଜିଆର୍‌ପି ଥାନା ଅଧିକାରୀ ଜୟଦେବ ବିଶ୍ୱଜିତ କହିଛନ୍ତି, ଟ୍ରେନ ଯିବା ସମୟରେ ରେଳଧାରଣା ପାର ହେବାକୁ ବାରଣ କରାଯିବା ସହ ସାଇନ୍‌ବୋର୍ଡ ଲଗାଯାଇଛି। ଏହାସତ୍ତ୍ୱେ ବି ଲୋକେ ଅମାନିଆ ହୋଇ ରେଳଧାରଣା ପାର ହେଉଥିବାରୁ ଟ୍ରେନ ଧକ୍କାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାକୁ ଏଡାଇବା ଲାଗି ପ୍ରମୁଖ ସମ୍ବେଦନଶୀଳ ସ୍ଥାନରେ ପୋଲିସ ମୁତୟନ କରାଯିବ ବୋଲି ସେ କହିଛନ୍ତି ।

# ପ୍ରେମୀଯୁଗଳଙ୍କ ମୃତଦେହ ଜବତ

## ମଙ୍ଗଳବାରଠାରୁ ଘରୁ ଉଭୟେ ନିଖୋଜ ଥିଲେ

ମାଲକାନଗିରି, ୨୪।୩(ଡି.ଏନ୍.ଏ.)

ମାଲକାନଗିରି ସଦର ଥାନା ଅନ୍ତର୍ଗତ ଏମ୍‌ଭି-୭ ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱ ନୀଳଗିରି ଜଙ୍ଗଲରୁ ଶୁକ୍ରବାର ପ୍ରେମୀଯୁଗଳଙ୍କ ମୃତଦେହ ଜବତ ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳିଯାଇଛି। ଖବରରୁ ଜଣାପଡ଼ିଛି, ଆରୋ କଲୋନିରେ ରହୁଥିବା ଆଦିବାସୀ ଯୁବତୀ ନନ୍ଦେ ମାଡକାମୀ ଓ ଯୁବକ ନବୀନ ମାଡକାମୀଙ୍କ ମଧ୍ୟରେ ଗତ କିଛିବର୍ଷ ଧରି ପ୍ରେମ ସମ୍ପର୍କ ରହି ଆସିଥିଲା। ମାତ୍ର ଝିଅ ଘର ନନ୍ଦେଙ୍କ ପରିବାର ଲୋକେ ଏଥିରେ ରାଜି ହୋଇ ନ ଥିଲେ। ସେମାନେ ଝିଅର ବାହାଘର ଅନ୍ୟତ୍ର ଠିକ୍ କରିଥିଲେ। ନନ୍ଦେଙ୍କ ବିବାହ ଗତ ବୁଧବାର କରିବାକୁ ସ୍ଥିର ହୋଇଥିଲା। ତେବେ ବିବାହର ଦିନକ ପୂର୍ବରୁ ନନ୍ଦେ ଓ ନବୀନ ଘରୁ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଅନେକ ଖୋଜାଖୋଜି କରିଥିଲେ ମଧ ସେମାନଙ୍କ କୌଣସି ଖବର ପାଇ ନ ଥିଲେ। ଶୁକ୍ରବାର ସେମାନଙ୍କ ମୃତଦେହ ଏମ୍‌ଭି-୭ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ନୀଳଗିରି ଜଙ୍ଗଲରୁ ମିଳିଛି। ଖବର ପାଇ ମାଲକାନଗିରି ଏସ୍‌ଡିପିଓ ସଚିନ ପଟେଲ ଓ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାର ଅଧିକ ତଦନ୍ତ ଜାରି ରହିଛି। କୋରାପୁଟରୁ ଏକ ସାଇଣ୍ଟିଫିକ୍ ଟିମ୍ ମଧ ଆସି ଘଟଣାସ୍ଥଳରେ ତଦନ୍ତ କରୁଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ,
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧

ପରିବେଶୀୟ ମଞ୍ଜୁରୀ

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (ଏସ୍‌ଇଆଇଏଏ), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ଫାଇଲ୍ ସଂ. ୪୧୮୪୦/୫୦୭-ଇନ୍‌ଫ୍ରା୨/୦୨-୨୦୨୩ ତାରିଖ: ମାର୍ଚ୍ଚ ୨୦, ୨୦୨୩ ଜରିଆରେ "ଇଡ୍‌କୋ ପ୍ଲଟ୍ ନଂ. ଏସ୍‌୫-ଏଚ୍-୦୫, ଇଏମସି ପାର୍କ, ଇନ୍‌ଫୋଭ୍ୟାଲି ।।, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶାଠାରେ ୧୮.୫୫ ଏକର କ୍ଷେତ୍ରରେ ଆର୍‌ବିଆଇ ଗ୍ରୀନ୍‌ଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ଅନୁଷ୍ଠାନ"କୁ ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଏସ୍‌ଇଆଇଏଏ, ଓଡ଼ିଶାର ୱେବ୍‌ସାଇଟ୍ (http://www.orissaseiaa.gov.in)ରେ ମଧ ଦେଖାଯାଇପାରିବ ।

ସ୍ଥାନ: ମୁମ୍ବାଇ — ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ




DSPL-515

ଟେଲି ମାନସ
ରାଷ୍ଟ୍ରୀୟ ଟେଲି-ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଓଡିଶା

ଟେଲି-ମାନସ ଅନ୍ତର୍ଗତ ପରାମର୍ଶ ସେବାଗୁଡିକ

ଚିକିତ୍ସା ଭିତରେ ଥିବା ମାନସିକ ରୋଗୀ ମାନଙ୍କର ବିଭିନ୍ନ ସମସ୍ୟା ଅଥବା ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା
ନିଶାସେବନ ଓ ଏଥିଜନିତ ସମସ୍ୟା ସଂକ୍ରାନ୍ତ ପରାମର୍ଶ
ପରିସ୍ଥିତି ଅନୁସାରେ ଚଳିନପାରିବା , ବୈବାହିକ ଓ ପାରିବାରିକ କାରଣରୁ ମାନସିକ ସମସ୍ୟା ସମ୍ପର୍କରେ ପରାମର୍ଶ
ଆତ୍ମହତ୍ୟା ଭଳି ବିଚାର ମନରୁ ଦୂର କରିବା ପାଇଁ ପରାମର୍ଶ
ବିଦ୍ୟାର୍ଥୀଙ୍କର ଶାରୀରିକ, ସାମାଜିକ ଓ ଶିକ୍ଷା ଜନିତ ମାନସିକ ସମସ୍ୟା ପାଇଁ ପରାମର୍ଶ
କୌଣସି ପ୍ରକାର ମାନସିକ ଆଘାତ, ବିଷାଦ ଓ ମନଦଶା ଦୂରୀକରଣ ପାଇଁ ପରାମର୍ଶ
ନିଦ୍ରାହୀନତା ଓ ତତ ସମ୍ବନ୍ଧିତ ସମସ୍ୟା ପାଇଁ ପରାମର୍ଶ

ମାନସିକ ଓ ଭାବନାତ୍ମକ ସମସ୍ୟା ଅନୁଭବ ହେବାମାତ୍ରେ ଟେଲି ମାନସ ହେଲ୍ପ ଲାଇନ ନମ୍ବର ରେ କଲ କରି ନିଃଶୁଳ୍କ ପରାମର୍ଶ ସେବା ଲାଭ କରନ୍ତୁ (୧୪୪୧୬ ଅଥବା ୧୮୦୦-୮୯୧-୪୪୧୬)

ମାନସିକ ସମସ୍ୟାକୁ ଲୁଚାନ୍ତୁ ନାହିଁ
ଶୁଣନ୍ତୁ ଓ ଶୁଣାନ୍ତୁ, ସାହାଯ୍ୟ ପାଇଁ ହାତ ବଢ଼ାନ୍ତୁ
କାରଣ ମାନସିକ ରୋଗର ଚିକିତ୍ସା ସମ୍ଭବ
ଆପଣଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ "ମାନସିକ ସ୍ୱାସ୍ଥ୍ୟ କକ୍ଷ" ଅଛି ସବୁବେଳେ ଆପଣଙ୍କ ପାଖରେ ଆପଣଙ୍କ ସାଥିରେ

ମାନସିକ ସ୍ୱାସ୍ଥ୍ୟଯତ୍ନ ଅଧିନିୟମ-୨୦୧୭
ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡିଶା ପକ୍ଷରୁ ଜନହିତରେ ଜାରୀ

OIPR-10036/13/0006/2223



ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ ଜଗିକରି ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ଅଧିକାରୀଙ୍କୁ ଆପାର୍ଟମେଣ୍ଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବରିଷ୍ଠ ବାବୁ ଓ ପୋଲିସ ଅଧିକାରୀମାନଙ୍କ ପାଇଁ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ନିର୍ମାଣ ଲାଗି ମହାରାଷ୍ଟ୍ର ସରକାର ମେରାଇନ ଡ୍ରାଇଭ ଥାନାକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଥାନା ଜାଗାରେ ଆପାର୍ଟମେଣ୍ଟ ନିର୍ମାଣ କରିବାର ଏଭଳି ପଦକ୍ଷେପ ସମସ୍ତଙ୍କୁ ଚକିତ କରିଛି। ସୂତ୍ରରୁ ପ୍ରକାଶ, ରାଜ୍ୟରେ ଦୁଇ ଡଜନରୁ ଅଧିକ ଅବସରପ୍ରାପ୍ତ ବାବୁଙ୍କୁ ବିଭିନ୍ନ ସରକାରୀ କମିଶନ ଓ ସଂସ୍ଥାଗୁଡ଼ିକରେ ନିଯୁକ୍ତି ଦିଆଯାଉଥିବାବେଳେ ଏବେ ରାଜ୍ୟ ସରକାରଙ୍କ ପାଖରେ ସେମାନଙ୍କ ପାଇଁ କ୍ୱାର୍ଟରର ଅଭାବ ରହିଛି। ଏହି ଅଭାବକୁ ଦେଖି ସରକାର ଚର୍ଚ୍ଚଗେଟ ଅଞ୍ଚଳରେ ୨୪ଟି ଆପାର୍ଟମେଣ୍ଟ ଥିବା ୭ ମହଲା ବିଶିଷ୍ଟ ଯଶୋଧାନ-୨ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରାଯାଇଛି। ଉକ୍ତ ନୂଆ ଆପାର୍ଟମେଣ୍ଟ ପ୍ରମୁଖ ସଚିବ ଏବଂ ପୋଲିସ ମହାନିରୀକ୍ଷକ ର୍ୟାଙ୍କ ଉପରିସ୍ଥ ଅଧିକାରୀମାନଙ୍କୁ ଆବଣ୍ଟନ କରାଯିବ। ବରିଷ୍ଠ ଅଧିକାରୀମାନଙ୍କ ଗୃହ ଆବଶ୍ୟକତା ପୂରଣ କରିବା ପାଇଁ ଏସବୁ ଆପାର୍ଟମେଣ୍ଟ ଦରକାର ବୋଲି ସିନ୍ଦେ ସରକାର ଦାବି କରୁଥିବାବେଳେ ଅନେକେ ଅନୁଭବ କରୁଛନ୍ତି ଯେ, ଏହା ସରକାରୀ ପାଣ୍ଠିର ସମ୍ପୂର୍ଣ୍ଣ ଦୁରୁପଯୋଗ। ଆହୁରି ଅଧିକ ଆପାର୍ଟମେଣ୍ଟ ଆବଶ୍ୟକ ଥିବା ଅଧିକାଂଶ ସ୍ୱୀକାର କରୁଛନ୍ତି। ଏସବୁ କେବଳ ସରଳରେ ବରିଷ୍ଠ ଅଧିକାରୀମାନଙ୍କୁ ଦିଆ ନ ଯାଇ ମେରିଟ୍ ଆଧାରରେ ଆବଣ୍ଟନ କରାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି କହୁଛନ୍ତି। ହେଲେ ଲକ୍ଜ୍ୟୁରି ଆପାର୍ଟମେଣ୍ଟ ନିର୍ମାଣ ସକାଶେ ମେରାଇନ ଡ୍ରାଇଭ ଥାନାକୁ ସ୍ଥାନାନ୍ତର କରିବା ନିଶ୍ଚିତ ଭାବେ ଚିନ୍ତାଜନକ। ତେବେ ଏହି ଘଟଣା ତୀବ୍ର ହେବା ଓ ଏଥିରେ ରାଜ୍ୟ ନେତୃତ୍ୱ ଜଡ଼ିତ ହେବା ପୂର୍ବରୁ ଏହାର ତ୍ୱରିତ ସାମାଧାନ ନିଶ୍ଚିତ କରିବାକୁ ରାଜ୍ୟ ଗୃହ ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଫିସ( ସିଏମ୍‌ଓ)ରେ ଥିବା ବରିଷ୍ଠ ଅଧିକାରୀମାନେ ଚେଷ୍ଟା କରୁଛନ୍ତି ।

## ଏଲ୍‌ଆଇସି ପୁନର୍ଗଠନ ବିଚାର

ମୋଦି ସରକାର ସିଦ୍ଧାର୍ଥ ମହାନ୍ତିଙ୍କୁ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ନେଇ ଅନେକ ପ୍ରଶ୍ନ ଉଙ୍କିମାରିଛି। ଯେହେତୁ ଏଲ୍‌ଆଇସିର ପଦସ୍ଥ ଅଧ୍ୟକ୍ଷ ମଙ୍ଗଳମ୍ ରାମସୁବ୍ରମଣ୍ୟମ୍ କୁମାରଙ୍କ କାର୍ଯ୍ୟକାଳ ପୁଣି ଥରେ ବୃଦ୍ଧି କରାଯିବ ବୋଲି ସମସ୍ତେ ଆଶା କରୁଥିଲେ, ସେ ଦୃଷ୍ଟିରୁ ବିଚାର କଲେ ସରକାରଙ୍କ ନିଷ୍ପତ୍ତି ଏକ ଆଶ୍ଚର୍ଯ୍ୟଜନକ ପଦକ୍ଷେପ ମନେହୁଏ। କୁମାରଙ୍କ କାର୍ଯ୍ୟକାଳ ଦୁଇଥର ବୃଦ୍ଧି କରାଯାଇସାରିଛି। କାର୍ଯ୍ୟକାଳ ବୃଦ୍ଧିର ଦ୍ୱିତୀୟ ଅବଧି ଏବେ ଶେଷ ହୋଇଛି। ସରକାର ତାଙ୍କ କାର୍ଯ୍ୟକାଳ ଶେଷ କରିବା ପଛରେ ଅନେକ ସମ୍ଭାବ୍ୟ କାରଣ ଥିବା ଜଣାପଡ଼ିଛି। ଗୋଟିଏ କାରଣ ହେଉଛି,ଏଲ୍‌ଆଇସି ଆଇପିଓର ଉତ୍କୃଷ୍ଟ ପ୍ରଦର୍ଶନ ହୋଇନାହିଁ, ଯାହା ଫଳରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଆଉ ଏକ କାରଣ ହେଉଛି, ଅତ୍ୟନ୍ତ ଜଟିଳ ସ୍ଥିତିରେ ଥିବା ଆଦାନୀ ଗ୍ରୁପ୍‌ରେ ଏଲ୍‌ଆଇସି ନିବେଶର ରହସ୍ୟ ପ୍ରକାଶ ପାଇବା। ତେବେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ମହାନ୍ତିଙ୍କ ନିଯୁକ୍ତି ଏଲ୍‌ଆଇସିର ପ୍ରସ୍ତାବିତ ପୁନର୍ଗଠନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ପୁନର୍ଗଠନ କାର୍ଯ୍ୟ ପାଇଁ ନୂଆ ବିଚାର ଓ ଦୃଷ୍ଟିକୋଣ ଆଣିବା ଲାଗି ସରକାର ପ୍ରାଇଭେଟ ସେକ୍ଟର ବ୍ୟକ୍ତିମାନଙ୍କୁ ଜଡ଼ିତ କରିବେ ବୋଲି ଆଶା କରାଯାଏ। କିନ୍ତୁ ହଠାତ୍ ଜଣେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କୁ ନିଯୁକ୍ତି କରିବା ଦ୍ୱାରା କେମିତି ଏଲ୍‌ଆଇସି ପୁନର୍ଗଠନରେ ଅଗ୍ରଗତି ହେବ ତାହା ବୁଝାପଡୁନାହିଁ। ତେବେ ମୋଟ ଉପରେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ମହାନ୍ତିଙ୍କ ନିଯୁକ୍ତି ପଦକ୍ଷେପ ସୂଚିତ କରେ ଯେ, ସରକାର ଏଲଆଇସିରେ ଅମୂଳଚୂଳ ପରିବର୍ତ୍ତନ କରିବା ଲାଗି ଆଗ୍ରହୀ ଅଛନ୍ତି।

## ବିବାଦ ଉପରେ ପଦକ୍ଷେପ

ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ସ୍ୱାଭାବିକ ଭାବେ ତା'ର ଘୋଷଣାକୁ ନେଇ ସବୁବେଳେ ସତର୍କ ରହିଆସିଛି। ତେବେ ଆମେରିକା ନିକଟରେ ଏକ ଦ୍ୱିଦଳୀୟ ସିନେଟ ପ୍ରସ୍ତାବରେ ମ୍ୟାକ୍‌ମୋହନ ଲାଇନକୁ ଅରୁଣାଚଳ ପ୍ରଦେଶ ଓ ଚାଇନା ମଧ୍ୟରେ ଅନ୍ତର୍ଜାତୀୟ ସୀମା ଭାବେ ଚିହ୍ନଟ କରିବାକୁ ନେଇ ଏମ୍‌ଇଏ ଚିନ୍ତିତ। ଆଉ ପାଦେ ଆଗକୁ ଯାଇ ଉକ୍ତ ପ୍ରସ୍ତାବ ଚାଇନାର ଆକ୍ରମଣାତ୍ମକ ଓ ଉତ୍ତେଜନା ସୃଷ୍ଟିକାରୀ ମନୋଭାବ ଏବଂ ଲାଇନ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ (ଏଲ୍‌ଏସି)ରେ ସ୍ଥିତାବସ୍ଥା ବଦଳାଇବା ଲାଗି ବଳ ପ୍ରୟୋଗ କରିବା ପ୍ରଚେଷ୍ଟାକୁ ନିନ୍ଦା କରିଛି। ଆମେରିକାର ପରରାଷ୍ଟ୍ର ବିଭାଗର ବରିଷ୍ଠ ଅଧିକାରୀମାନେ ସମାନ କଥା କହିବା ପରେ ଚାଇନା ସହ ଭାରତର ସ୍ଥାୟୀ ବିବାଦକୁ ଆମେରିକା ଗୁରୁତ୍ୱର ସହ ଗ୍ରହଣ କରିଛି। ଏଥିରୁ ଜଣାପଡୁଛି, ଏମ୍‌ଇଏ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ସୀମାରେ ଚାଇନାର ଶତ୍ରୁତାପୂର୍ଣ୍ଣ ପଦକ୍ଷେପର ବିପଦ ଉପରେ ପ୍ରଶ୍ନ ଉଠାଇବାକୁ ପ୍ରେରିତ କରିବାକୁ ଚଷ୍ଟା କରୁଛି। ଏମ୍‌ଇଏ ମୁଖପାତ୍ର ଅରିନ୍ଦମ ବାଗ୍‌ଚି ଆମେରିକାର ପଦକ୍ଷେପ ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ବରଂ କହିଲେ, ମନ୍ତ୍ରଣାଳୟ ପ୍ରସ୍ତାବ ସମ୍ପର୍କରେ କିଛି ଶୁଣି ନାହାନ୍ତି। ତେବେ ଚାଇନାକୁ ରୋକିବା ଲାଗି ଆମେରିକାର ବ୍ୟାପକ ନୀତିର ଏକ ଅଂଶ ଭାବେ ଏହି ଘଟଣାକୁ ନେଇ ଏଥିରେ ଅଧିକ ଆଗ୍ରହ ପ୍ରକାଶ କରିଛି। ଶେଷରେ ସିନେଟ୍‌ପ୍ରସ୍ତାବର କିଛିଦିନ ପରେ ଆମେରିକା ଭାରତରେ ତା'ର ନୂଆ ରାଷ୍ଟ୍ରଦୂତ ଭାବେ ଲସ୍ ଏଞ୍ଜେଲସ୍‌ର ପୂର୍ବତନ ମେୟର ଏରିକ ଗର୍ସେଟ ନାମ ଘୋଷଣା କଲା। ଜୋ ବାଇଡେନ୍‌ଙ୍କ ସମର୍ଥକ ଭାବେ ଜଣାଶୁଣା ଏରିକ୍ ଚାଇନା ବ୍ୟାପାର ଏବଂ ଅନ୍ୟ ସବୁ ପ୍ରସଙ୍ଗରେ ଜୟଶଙ୍କରଙ୍କ ସହ ମିଶି କାମ କରିବେ ବୋଲି ଆଶା କରାଯାଏ। କିନ୍ତୁ ବୈଦେଶିକ ସଚିବ ବିନୟ କୁମାର କ୍ୱାତ୍ରାଚାକେଙ୍କ ନେତୃତ୍ୱରେ ଏମଇଏ କୂଟନୀତିଜ୍ଞମାନେ ଭାରତର ଆଞ୍ଚଳିକ ଅଖଣ୍ଡତା ଓ ରଣନୀତିକ ହିତ ଉପରେ ଅଧିକ ସକ୍ରିୟ ପଦକ୍ଷେପ ନେଇ ସମ୍ଭାବିତ ଗମ୍ଭୀର ପରିଣାମ ସମ୍ପର୍କରେ ଚିନ୍ତା ପ୍ରକଟ କରିବେ ତ ?

Email: dilipcherian@gmail.com

### su | do | ku
Puzzles by Srikant Ghosh

### ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | 7 | 2 | | | 8 | | 3 | |
| 9 | | 1 | | | 2 | | | |
| | | | 7 | | | 9 | 1 | |
| | | 9 | | 6 | | | | |
| | 3 | | | | | | | |
| 8 | | | | | | | 6 | 4 |
| 2 | 5 | | | | | | | 1 |
| | | | 5 | | | | 4 | 7 |
| 1 | | | | | | 5 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 7 | 1 | 2 | 6 | 9 | 4 | 8 |
| 1 | 6 | 8 | 9 | 4 | 5 | 3 | 7 | 2 |
| 4 | 2 | 9 | 8 | 7 | 3 | 5 | 1 | 6 |
| 6 | 4 | 2 | 3 | 8 | 7 | 1 | 9 | 5 |
| 8 | 3 | 1 | 5 | 9 | 4 | 6 | 2 | 7 |
| 7 | 9 | 5 | 2 | 6 | 1 | 4 | 8 | 3 |
| 2 | 7 | 3 | 6 | 1 | 9 | 8 | 5 | 4 |
| 9 | 8 | 6 | 4 | 5 | 2 | 7 | 3 | 1 |
| 5 | 1 | 4 | 7 | 3 | 8 | 2 | 6 | 9 |

ଗତକାଲିର ଉତ୍ତର

# କ୍ଷୁଦ୍ରଶସ୍ୟରେ ହାଇବ୍ରିଡ କାହିଁକି



ବିଚିତ୍ର ବିଶ୍ୱାଳ

ଚଳିତ ବର୍ଷ ୨୦୨୩କୁ ଜାତିସଂଘ ତରଫରୁ ଅନ୍ତର୍ଜାତୀୟ ମିଲେଟ୍ ବା କ୍ଷୁଦ୍ରଶସ୍ୟର ବର୍ଷ ଭାବେ ପାଳନ କରାଯାଉଥିବା ବେଳେ ଆମ ଦେଶରେ କ୍ଷୁଦ୍ରଶସ୍ୟର ଚାହିଦା ବଢୁଥିବାର ଦେଖାଯାଉଛି। ସମୟ ଥିଲା ଲୋକମାନେ ଗହମ ଓ ଚାଉଳ ତୁଳନାରେ କ୍ଷୁଦ୍ରଶସ୍ୟକୁ ନ୍ୟୂନ ଖାଦ୍ୟ ଭାବେ ପରିଗଣିତ କରୁଥିଲେ। ଏହା କେବଳ ଆଦିବାସୀ ଓ ବନବାସୀଙ୍କର ଖାଦ୍ୟ ଭାବେ ସୀମିତ ଥିଲା। କିନ୍ତୁ ସମ୍ପ୍ରତି ବଦଳୁଥିବା ଜୀବନଶୈଳୀ ଓ ତଜ୍ଜନିତ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆଧୁନିକ ତଥା ସହରୀ ମଣିଷ ବି କ୍ଷୁଦ୍ର ଶସ୍ୟ ପ୍ରତି ମନ ବଳେଇଲେଣି। ଏବେ ଲୋକମାନେ ଗହମ ଅଟା ଅପେକ୍ଷା କ୍ଷୁଦ୍ରଶସ୍ୟର ଅଟାକୁ ଅଧିକ ପସନ୍ଦ କରୁଛନ୍ତି। ଏହା ଏକ ଭଲ ଲକ୍ଷଣ। ସୂଚନାଯୋଗ୍ୟ ଯେ, ଧାନ ଓ ଗହମ ତୁଳନାରେ ପାରମ୍ପରିକ ଭାବେ ଅମଳ ହେଉଥିବା କ୍ଷୁଦ୍ର ଶସ୍ୟ ଯଥା ମାଣ୍ଡିଆ, ବାଜରା, କାଙ୍ଗୁ, ସୁଆଁ, କୋଶଳା, ଯଅ ଆଦିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ, ଭିଟାମିନ୍ ଓ ମିନେରାଲ୍‌ସ ଥାଏ। କ୍ଷୁଦ୍ରଶସ୍ୟକୁ ଅମଳ କରିବା ପାଇଁ ଆଦୌ ରାସାୟନିକ ସାର ଓ ବିଷ ଆବଶ୍ୟକ ହୋଇ ନ ଥାଏ। ଅତି କମ୍ ପାଣିରେ ଏସବୁ ଅମଳ ହୋଇଥାଏ ଓ ଏସବୁ ଶସ୍ୟର ମରୁଡ଼ି ଓ ଅତିବୃଷ୍ଟି ସହଣି ଶକ୍ତି ଅଧିକ। ପାରମ୍ପରିକ ଭାବେ ଏଗୁଡ଼ିକର ବିହନ ସଂରକ୍ଷଣ ହୋଇଥାଏ। ସମଗ୍ର ବିଶ୍ୱରେ କ୍ଷୁଦ୍ର ଶସ୍ୟର ଚାହିଦା ବଢୁଛି। କ୍ଷୁଦ୍ର ଶସ୍ୟ ଚାଷୀମାନଙ୍କ ପାଇଁ ଏହା ଏକ ଶୁଭ ସଙ୍କେତ। ଧଳା ଓ ପଲିସ୍ ଖାଦ୍ୟ ଅପେକ୍ଷା ନିରସ ରଙ୍ଗ ବହନ କରୁଥିବା କ୍ଷୁଦ୍ରଶସ୍ୟ ଯେ ଗୁଣବତ୍ତାରେ ନିରସ ନୁହେଁ, ବିଳମ୍ବରେ ହେଲେ ବି ବୃହତ ଭାଗ ଜନସାଧାରଣ ହୃଦୟଙ୍ଗମ କରିଛନ୍ତି। କେବଳ ଖାଉଟିମାନେ ନୁହନ୍ତି ଆମ ଦେଶର ସରକାର କ୍ଷୁଦ୍ରଶସ୍ୟ ଦିଗରେ ମନ ବଳାଇ ଏହାର ପ୍ରୋତ୍ସାହନ ପାଇଁ ବିଭିନ୍ନ ପ୍ରକାର ଯୋଜନା ଆଣୁଛନ୍ତି।

କ୍ଷୁଦ୍ରଶସ୍ୟର ବର୍ଦ୍ଧିତ ଚାହିଦା ଓ ଖାଉଟିମାନଙ୍କ ଉତ୍ସାହକୁ ଦେଖି ସରକାର ତଥା କୃଷି ବିଜ୍ଞାନୀମାନେ ଅଦୂରଦର୍ଶିତା ନୀତିକୁ ଆପଣେଇ କ୍ଷୁଦ୍ରଶସ୍ୟ ଉପରକୁ ବିପଦ ଡାକି ଆଣୁଛନ୍ତି। ଆମ ଦେଶର ଏକାଧିକ କୃଷି ଗବେଷଣା କେନ୍ଦ୍ର ବର୍ତ୍ତମାନ କ୍ଷୁଦ୍ରଶସ୍ୟର ହାଇବ୍ରିଡ କିସମ ପ୍ରସ୍ତୁତ କରିବା ପାଇଁ ଜୋର୍‌ସୋର୍‌ରେ କାମ କରୁଛନ୍ତି। କ୍ଷୁଦ୍ରଶସ୍ୟର ଅମଳ ବଢ଼େଇବା ପାଇଁ ସରକାର କ୍ଷୁଦ୍ରଶସ୍ୟର ହାଇବ୍ରିଡ ପ୍ରକ୍ରିୟାକୁ ପ୍ରୋତ୍ସାହନ ବି ଦେଉଛନ୍ତି। ଏହା ପ୍ରକାରାନ୍ତରେ କ୍ଷୁଦ୍ରଶସ୍ୟର ମୌଳିକ ଗୁଣବତ୍ତାକୁ ନଷ୍ଟ କରିବା ସହିତ ପାରମ୍ପରିକ କ୍ଷୁଦ୍ରଶସ୍ୟର ବିଲୋପର କାରଣ ହେବ। ମଣିଷ ସ୍ୱଭାବର ଏକ ନିୟମ ହେଉଛି, ଆମ ପାଖରେ ଯେଉଁ ଉପକରଣ ଥାଏ, ପ୍ରତ୍ୟେକ ଜିନିଷ ଆମକୁ ସେହି ଉପକରଣର ବ୍ୟବହାର ଯୋଗ୍ୟ ଜିନିଷ ଭଳି ଦେଖାଯାଇଥାଏ। ଉଦାହରଣ ସ୍ୱରୂପ ଯଦି ଆମ ହାତରେ କେବଳ ଗୋଟେ ହାତୁଡ଼ି ଥାଏ, ତେବେ ପ୍ରତ୍ୟେକ ଜିନିଷ ଆମକୁ କଣ୍ଟା ଭଳି ପ୍ରତୀୟମାନ ହୋଇଥାଏ ଓ ଆମେ ସେସବୁକୁ ହାତୁଡ଼ିରେ ବାଡ଼େଇବାକୁ ଚାହିଁଥାଉ। ଠିକ୍ ସେହିପରି ସରକାର ଓ କୃଷି ବିଜ୍ଞାନୀଙ୍କ ପାଖରେ ହାଇବ୍ରିଡ ଜ୍ଞାନକୌଶଳ ଉପଲବ୍ଧ ଥିବାରୁ ପ୍ରତ୍ୟେକ ଶସ୍ୟର ବିକାଶ



ପାଇଁ ସେମାନେ ହାଇବ୍ରିଡ ତିଆରି କରିବାକୁ କୁଦି ପଡୁଛନ୍ତି। କିନ୍ତୁ ଏହାଦ୍ୱାରା ଅସଲରେ କ୍ଷୁଦ୍ରଶସ୍ୟର ବିକାଶ ହେବ କି ବିନାଶ ତାହା ବିଚାରଯୋଗ୍ୟ ବୋଲି ସେମାନେ ଭାବୁନାହାନ୍ତି।

ଏହା ଅବଶ୍ୟ ସତ୍ୟ ଯେ, ଫସଲର ଉତ୍ପାଦନ ବୃଦ୍ଧି କରିବା ପାଇଁ ହାଇବ୍ରିଡ ଏକ ଉତ୍ତମ ଜ୍ଞାନ କୌଶଳ। ବିଶ୍ୱର କ୍ଷୁଧା ନିବାରଣ କରିବା ପାଇଁ ଏହା ଅନେକାଂଶରେ ସକ୍ଷମ ହୋଇଛି। ସବୁଜ ବିପ୍ଲବର ଜନକ ନୋର୍‌ମାନ୍ ବୋର୍‌ଲାଗ୍ ଗହମର ହାଇବ୍ରିଡ ଭେରାଇଟି ଉଦ୍ଭାବନ କରି ବିଶ୍ୱର କ୍ଷୁଧାକୁ ଦୂର କରିବାର ପ୍ରୟାସ ଯୋଗୁ ୧୯୭୦ରେ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇଥିଲେ। ଏହା ପରେ ହିଁ ଧାନ ଓ ଅନ୍ୟାନ୍ୟ ଫସଲର ହାଇବ୍ରିଡ କିସମ ପ୍ରସ୍ତୁତ ହେଲା। କିନ୍ତୁ ସମ୍ପ୍ରତି ଖାଦ୍ୟ ସଙ୍କଟର ସେ ସମୟ ଆଉ ନାହିଁ। ଏବେ ସମଗ୍ର ବିଶ୍ୱରେ ଆବଶ୍ୟକତାଠାରୁ ଦୁଇଗୁଣ ଅଧିକ ଖାଦ୍ୟ ଗଚ୍ଛିତ ଅଛି। ଏପରି ପରିସ୍ଥିତିରେ କ୍ଷୁଦ୍ରଶସ୍ୟ ପରି ଉଚ୍ଚ ପୋଷକ ତତ୍ତ୍ୱ ଯୁକ୍ତ ଓ ପରିବେଶ ଉପଯୋଗୀ ଶସ୍ୟର ହାଇବ୍ରିଡ ପ୍ରସ୍ତୁତ କରିବାର କୌଣସି ଯୁକ୍ତିଯୁକ୍ତତା ନାହିଁ। ଆମେ ଜାଣୁ ଯେ, ଯେକୌଣସି ଶସ୍ୟର ହାଇବ୍ରିଡ କିସମରେ ମୂଳ କିସମ ଅପେକ୍ଷା ମୌଳିକ ଗୁଣବତ୍ତା ତଥା ପୋଷକ ତତ୍ତ୍ୱ ୧୫%ରୁ ୪୦% କମିଯାଇଥାଏ। ପାରମ୍ପରିକ ଗହମ କିସମ ଅପେକ୍ଷା ହାଇବ୍ରିଡ ଗହମରେ କୋବାଲ୍‌ଟ ପରି ଖଣିଜସାର ୮୦% କମ୍ ରହୁଥିବା ଦେଖାଯାଉଛି। ଗହମରେ କୋବାଲ୍‌ଟର ପରିମାଣ କମିଯାଉଥିବାରୁ ଏହା ଶରୀରରେ କୋଲେଷ୍ଟରଲ୍ ବୃଦ୍ଧିକୁ ସହାୟକ ହେଉଛି ଓ ପରିଣାମ ସ୍ୱରୂପ ହୃଦ୍‌ରୋଗ ବୃଦ୍ଧିର କାରଣ ସାଜୁଛି। ଅତୀତରେ କାନ୍‌ସାସ୍ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଖାଦ୍ୟ ଶସ୍ୟଗୁଡ଼ିକରେ ୬ଟି ପୋଷକତତ୍ତ୍ୱ ଯଥା ଲୌହ, କ୍ୟାଲ୍‌ସିୟମ, ପ୍ରୋଟିନ୍, ଫସଫରସ୍, ରାଇବୋଫ୍ଲୋବିନ୍ ଓ ଆସ୍କରବିକ୍ ଏସିଡ ବହୁଳ ଭାବେ କମ୍ ହେବାରେ ଲାଗିଛି। ପ୍ରୋଟିନ୍ ୬% କମ୍ ହୋଇଥିବା ବେଳେ ରାଇବୋଫ୍ଲୋବିନ୍ ୩୮% କମ୍ ହୋଇଛି। ଏହାର ଅର୍ଥ କେବଳ ଅଧିକ ଉତ୍ପାଦନକ୍ଷମ ହାଇବ୍ରିଡ ଯୋଗୁ ଧୀରେ ଧୀରେ ଆମ ଖାଦ୍ୟ ଗୁଣବତ୍ତା ଶୂନ୍ୟ ହେବାରେ ଲାଗୁଛି। ଅଧିକ ଅମଳ ଯୋଗୁ ଆମ ପେଟ ତ ଭରୁଛି କିନ୍ତୁ ଶରୀରକୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳୁନାହିଁ। ତେଣୁ କ୍ଷୁଦ୍ରଶସ୍ୟର ହାଇବ୍ରିଡ କିସମ ପ୍ରସ୍ତୁତ କରିବାରେ କୌଣସି ଯୁକ୍ତିଯୁକ୍ତତା ନାହିଁ। ହାଇବ୍ରିଡ ଗହମ ଅପେକ୍ଷା ପାରମ୍ପରିକ କ୍ଷୁଦ୍ରଶସ୍ୟଗୁଡ଼ିକରେ ୩୦% ରୁ ୩୦୦% ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଅଧିକ ପରିମାଣରେ ଥାଏ। ହାଇବ୍ରିଡ କିସମ କ୍ଷୁଦ୍ରଶସ୍ୟ ଏହିସବୁ ମୌଳିକ ଗୁଣବତ୍ତା ହରେଇ ବସିବ। ଏବେ ବି ବାଜରାରେ ୨୫ ପ୍ରକାର ହାଇବ୍ରିଡ କିସମ ପ୍ରସ୍ତୁତ କରାଯାଇଛି। କିନ୍ତୁ ସେଗୁଡ଼ିକରେ ପାରମ୍ପରିକ ବାଜରା ପରି ପୋଷକ ତତ୍ତ୍ୱ ଉପଲବ୍ଧ ନାହିଁ ବୋଲି ଜଣାପଡୁଛି। ଇକ୍ରିସାଟ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାଯାଏ ଯେ, ହାଇବ୍ରିଡ କିସମ ବାଜରାରେ ଲୌହ ଓ ଜିଙ୍କ୍ ବହୁତ କମ୍ ରହୁଛି। ଏଠାରେ ପ୍ରଶ୍ନ ଉଠୁଛି, ଯଦି ହାଇବ୍ରିଡ କିସମ କ୍ଷୁଦ୍ରଶସ୍ୟରେ ପୋଷକ ତତ୍ତ୍ୱ କମ୍ ରହୁଛି, ତେବେ କ୍ଷୁଦ୍ରଶସ୍ୟର ହାଇବ୍ରିଡ ପ୍ରସ୍ତୁତ କରି ତାହାକୁ ପୋଷକ ତତ୍ତ୍ୱ ଯୁକ୍ତ ଖାଦ୍ୟ ଭାବେ ପ୍ରୋତ୍ସାହିତ କରିବାରେ କ'ଣ ମୂଲ୍ୟ ଅଛି।

ଏତଦ୍‌ବ୍ୟତୀତ କ୍ଷୁଦ୍ରଶସ୍ୟଗୁଡ଼ିକରେ ପାରମ୍ପରିକ ଭାବେ ରାସାୟନିକ ବ୍ୟବହାର ହୋଇ ନ ଥାଏ ଓ ଏହାର ମରୁଡ଼ି ଓ ବର୍ଷା ସହଣି ଶକ୍ତି ଅଧିକ ଥାଏ। ଧାନ ଓ ଗହମ ତୁଳନାରେ ଅତି କମ୍ ଜଳରେ ଏହା ଚାଷ ହୋଇଥାଏ। କିନ୍ତୁ କ୍ଷୁଦ୍ରଶସ୍ୟର ହାଇବ୍ରିଡ କିସମରେ ରାସାୟନିକ ସାର ଓ ବିଷ ଆବଶ୍ୟକ ପଡ଼ିବ । ଏହାର ପରିବେଶ ଉପଯୋଗିତା ମଧ୍ୟ ହ୍ରାସ ପାଇବ। ଆଜିର ଜଳବାୟୁ ପରିବର୍ତ୍ତନ ଯୁଗରେ କେବଳ ପାରମ୍ପରିକ କ୍ଷୁଦ୍ରଶସ୍ୟର ହିଁ ତିଷ୍ଠି ରହିପାରିବାର ଶକ୍ତି ଅଛି। କିନ୍ତୁ କ୍ଷୁଦ୍ରଶସ୍ୟ ହାଇବ୍ରିଡ କିସମ କରାଗଲେ, ଏହା ଧାନ ଓ ଗହମ ପରି ନିଜର ସହଣି ଶକ୍ତି ହରେଇ ବସିବ ଓ ପ୍ରକାରାନ୍ତରେ ଏହା ବି ଜଳବାୟୁ ପରିବର୍ତ୍ତନକୁ ସାମ୍ନା କରିପାରିବ ନାହିଁ। ହାଇବ୍ରିଡ୍ କିସମକୁ ପ୍ରୋତ୍ସାହନ ଦେବା ଦ୍ୱାରା ପାରମ୍ପରିକ କ୍ଷୁଦ୍ରଶସ୍ୟ ବିହନ ମଧ୍ୟ ଲୋପ ପାଇଯିବ। ତେଣୁ କ୍ଷୁଦ୍ରଶସ୍ୟର ହାଇବ୍ରିଡ କିସମ ପ୍ରସ୍ତୁତ କରିବା ଓ ଚାଷୀମାନଙ୍କୁ ଏହି ହାଇବ୍ରିଡ କିସମ ଚାଷ କରିବା ପାଇଁ ପ୍ରବର୍ତ୍ତେଇବା କେବଳ ଗୋଡ଼ରେ କୁରାଢ଼ି ମାରିବା ପରି ସାବ୍ୟସ୍ତ ହେବ। ଯଦି ବାସ୍ତବ ଅର୍ଥରେ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦୃଷ୍ଟିରୁ କ୍ଷୁଦ୍ରଶସ୍ୟକୁ ପ୍ରୋତ୍ସାହନ ଦେବାକୁ ଚାହୁଥାଆନ୍ତି, ତେବେ କ୍ଷୁଦ୍ରଶସ୍ୟର ହାଇବ୍ରିଡ କରିବା ଉପରେ ମନୋନିବେଶ ନ କରି ସମସ୍ତ ପ୍ରକାର କ୍ଷୁଦ୍ରଶସ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିବା ସହିତ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବା ଆବଶ୍ୟକ। ଫଳରେ କ୍ଷୁଦ୍ରଶସ୍ୟ ଚାଷୀମାନେ ଲାଭବାନ୍ ହୋଇପାରିବେ ଓ ଅଧିକରୁ ଅଧିକ କ୍ଷୁଦ୍ରଶସ୍ୟର ଚାଷ ବଢ଼ିବ। ଏହାଦ୍ୱାରା ହିଁ ଚାଷୀ ଓ ଖାଉଟି ଉଭୟଙ୍କର ମଙ୍ଗଳ ହେବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ-୯୪୩୮୪୬୮୪୭୪**

# ମହିଳା ସଶକ୍ତୀକରଣର ବଳିଷ୍ଠ ବାହକ



ସୌରଜିତ ପ୍ରଧାନୀ

ସମାଜରେ ଏମିତି କିଛି ଉପାଦାନ ଥାଏ, ଯାହା ସବୁବେଳେ ଅବହେଳିତ ହେବା ଦେଖାଦେଇଛି । ପ୍ରତ୍ୟେକ ସମାଜ, ରାଜ୍ୟ ଓ ରାଷ୍ଟ୍ରରେ ମୌଳିକ ଅଧିକାର ରହିଛି, କିନ୍ତୁ ଏହି ଉପାଦାନଗୁଡ଼ିକର ଅଧିକାର ସମ୍ପର୍କରେ ସଚେତନତାର ଅଭାବ ରହିଛି। ଯଦି ଆମେ ସମାଜରୁ ଏଭଳି ଜିନିଷକୁ ତାଲିକାଭୁକ୍ତ କରିବୁ, ତା'ହେଲେ ମହିଳାମାନେ ଏହି ତାଲିକାରେ ଶୀର୍ଷରେ ରହିବେ। ବାସ୍ତବରେ ପ୍ରତ୍ୟେକ ସମାଜରେ ମହିଳା ହିଁ ସବୁଠାରୁ ଅଧିକ ଗୁରୁତ୍ୱ ବହନ କରିଥାନ୍ତି। ଏହି କଥାକୁ ସମସ୍ତେ ଜାଣିଥିଲେ ମଧ୍ୟ କେହି ମାନିବାକୁ ପ୍ରସ୍ତୁତ ନୁହନ୍ତି। ଫଳରେ ମହିଳାଙ୍କୁ ଯେଉଁ ଗୁରୁତ୍ୱ ଦିଆଯାଉଥିଲା ଆଜିର ସମାଜରେ ତାହା ହ୍ରାସ ପାଇବାରେ ଲାଗିଛି।

ସଶକ୍ତୀକରଣର ପ୍ରକୃତ ପରିଭାଷା ହେଉଛି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା। ମହିଳା ସଶକ୍ତୀକରଣକୁ ନେଇ ଯୁଗ ଯୁଗ ଧରି ଚର୍ଚ୍ଚା ଲାଗି ରହିଛି। ଏହା ସ୍ପଷ୍ଟ ଯେ, ନାରୀବାଦ ଓ ସଶକ୍ତୀକରଣ ମଧ୍ୟରେ ପାର୍ଥକ୍ୟ ରହିଛି। ତେବେ ସାମାଜିକ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା ସବୁଠାରୁ ବଳିଷ୍ଠ ବାହକ। କୌଣସି ବ୍ୟକ୍ତିର ଆତ୍ମନିର୍ଭରଶୀଳତା ସୃଷ୍ଟି କରିବା ପାଇଁ ଘର ଭିତରେ ଏବଂ ବାହାରେ ନିଯୁକ୍ତିର ବହୁତ ଭୂମିକା ରହିଛି।

ନିକଟରେ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ତଥ୍ୟ ଆର୍ଥିକ ସଶକ୍ତୀକରଣ ଏବଂ ସାମାଜିକ ସଶକ୍ତୀକରଣ ମଧ୍ୟରେ ଥିବା ସମ୍ପର୍କ ଦର୍ଶାଯାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ସମସ୍ତ ବିବାହିତ ମହିଳାଙ୍କ ମଧ୍ୟରୁ ଯେଉଁ ମହିଳାଙ୍କର ବ୍ୟକ୍ତିଗତ ଆୟ ରହିଛି, ସେମାନଙ୍କ ପରିବାରରେ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସମାନ ମତ ରହିଛି। ଏହା ସୂଚିତ କରେ ଯେ, କର୍ମଜୀବୀ ମହିଳାମାନେ ଏକ ପାରମ୍ପରିକ ଭାରତୀୟ ସମାଜର ସାମାଜିକ ନିୟମକୁ ଚ୍ୟାଲେଞ୍ଜ କରନ୍ତି। ରୋଜଗାର ନ ଥିବା ମହିଳାମାନେ ପରିବାରର ନିଷ୍ପତ୍ତି ନେବା ପାଇଁ ନିଜ ସ୍ୱାମୀ କିମ୍ବା ଅନ୍ୟ କାହା ଉପରେ ନିର୍ଭର କରିଥାନ୍ତି।

ଏହା ଦର୍ଶାଉଛି ଯେ, ଆମ ସମାଜରେ ନାରୀ ସଶକ୍ତୀକରଣ କିମ୍ବା ନାରୀ ମୁକ୍ତି ଆଣିବା ପାଇଁ ଏକ ପାରିବାରିକ ଢାଞ୍ଚା ମଧ୍ୟରେ ଜଣେ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଏକାନ୍ତ ଆବଶ୍ୟକ। ତେବେ ପରିବାରରେ ମହିଳାଙ୍କ ଦ୍ୱାରା ନିଷ୍ପତ୍ତି ନେବା ବାସ୍ତବରେ ଏକ ଅତ୍ୟଧିକ ଆକଳନ ହୋଇପାରେ। ସେମାନେ ନିଷ୍ପତ୍ତି ନେବାରେ ଭାଗ ନେଇପାରନ୍ତି, କିନ୍ତୁ ଅନ୍ତିମ ନିଷ୍ପତ୍ତି କେବଳ ପୁରୁଷ ସଦସ୍ୟମାନେ ନିଅନ୍ତି। ରିପୋର୍ଟରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ନିଷ୍ପତ୍ତି ନେବା ପ୍ରକ୍ରିୟା ମହିଳାଙ୍କ ଶିକ୍ଷାଗତ ଯୋଗ୍ୟତା ଉପରେ ନିର୍ଭର କରେ। ସେମାନେ ଗର୍ଭନିରୋଧ, ନିଜ ପାଇଁ ସ୍ୱାସ୍ଥ୍ୟସେବା ସୁବିଧା ଏବଂ ବନ୍ଧୁ ଓ ପରିବାର ଲୋକଙ୍କୁ



ଭେଟିବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ଅଂଶଗ୍ରହଣ କରନ୍ତି। ତଥ୍ୟ କହୁଛି ୧୭% ମହିଳା ଆୟ କରୁଥିଲେ ମଧ୍ୟ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ନାହିଁ, ସ୍ୱାମୀ କେବଳ ସେମାନଙ୍କ ତରଫରୁ ନିଷ୍ପତ୍ତି ନିଅନ୍ତି। ଏହା ସ୍ପଷ୍ଟ ଯେ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଆୟ ଅପେକ୍ଷା ମହିଳାଙ୍କ ଶିକ୍ଷାଗତ ସ୍ତର ଆଗରେ ରହିଛି।

ରିପୋର୍ଟର ଅନ୍ୟ ଏକ ଦିଗ ଦର୍ଶାଉଛି ଯେ, ଉଚ୍ଚଶିକ୍ଷିତ ପୁରୁଷଙ୍କ ସହ ବିବାହ କରିଥିବା ମହିଳାମାନଙ୍କର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଧିକ ଅଂଶଗ୍ରହଣ ରହିଛି। ଶିକ୍ଷିତ ପୁରୁଷମାନେ ଅଧିକ ସଚେତନ ଓ ଖୋଲା ମନର ହୋଇଥାନ୍ତି। ଶିକ୍ଷା ସମାଜ, ସାମାଜିକ ମାନଦଣ୍ଡ ଏବଂ ସାମାଜିକ ଗଠନକୁ ବୁଝାଇବାରେ ସହାୟକ ହୋଇଥାଏ। ଏମାନେ ନିଜ ସ୍ତ୍ରୀଙ୍କୁ ନିଜର ଦୃଷ୍ଟିକୋଣ ଓ ମାନସିକତାକୁ ପ୍ରକାଶ କରିବାକୁ ଦେଇଥାନ୍ତି। ଚତୁର୍ଥ ଦୃଶ୍ୟଟି ହେଉଛି ସ୍ୱାମୀଙ୍କ ଅପେକ୍ଷା ସ୍ତ୍ରୀ ଅଧିକ ଶିକ୍ଷିତ। ଉଚ୍ଚ ଶିକ୍ଷା ସ୍ତ୍ରୀଙ୍କ ପାଇଁ ପରିବାରର ନିଷ୍ପତ୍ତି ନେବାରେ ଅଧିକ ଭାଗୀଦାରିତା ସୃଷ୍ଟି କରେ ନାହିଁ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ଫଳାଫଳ ଦର୍ଶାଏ ଯେ ଆନ୍ତଃଗୃହ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମହିଳାମାନେ ରୋଜଗାର କରିବା ଆରମ୍ଭ କଲେ ଏହି ଭାଗୀଦାରି ସାମାନ୍ୟ ବୃଦ୍ଧି ପାଇଥାଏ। କିନ୍ତୁ ଏହା ସେତେବେଳେ ସତ ହୋଇ ନ ଥାଏ ଯେତେବେଳେ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କଠାରୁ ଅଧିକ ଶିକ୍ଷିତ ହୋଇଥାଆନ୍ତି। ଏହି ଘଟଣାଟିର ଅନ୍ତର୍ନିହିତ ଯୁକ୍ତିଯୁକ୍ତତା ହେଉଛି ଯେ ଶିକ୍ଷା ବିନା ମହିଳାମାନେ ଅଧିକ ଆୟ କରୁଥିଲେ ମଧ୍ୟ ସେମାନଙ୍କ ମତକୁ ପ୍ରୟୋଗ କରିପାରନ୍ତି ନାହିଁ।

ମହିଳାମାନଙ୍କର ନିଜସ୍ୱ ଶିକ୍ଷା ସ୍ତର, ରୋଜଗାର, ସେମାନଙ୍କ ସ୍ୱାମୀମାନଙ୍କର ଶିକ୍ଷା ସ୍ତର ମହିଳା ସଶକ୍ତୀକରଣ ଏବଂ ଲିଙ୍ଗଗତ ସମାନତା ପାଇଁ ସହାୟକ ବୋଲି ପ୍ରମାଣିତ ହୁଏ। ଆମ ସମାଜରେ ଯେକୌଣସି ମହିଳାଙ୍କ ପାଇଁ ଶିକ୍ଷା ଏକ ନିର୍ଦ୍ଦିଷ୍ଟ ପରିଚୟ ପ୍ରଦାନ କରିଥାଏ। ଆର୍ଥିକ ସ୍ୱାଧୀନତା ତଥା ଆର୍ଥିକ ସଶକ୍ତୀକରଣ ସେମାନଙ୍କୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସକ୍ଷମ କରିଥାଏ।

ତେଣୁ ଲିଙ୍ଗଗତ ନିରପେକ୍ଷ ସମତାଭିତ୍ତିକ ସମାଜ ଗଠନ ପାଇଁ ମହିଳାମାନଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହାସହ ଅଧିକ ସୁଯୋଗ ସୃଷ୍ଟି ପାଇଁ ନୀତି ପ୍ରସ୍ତୁତ କରିବା ଦରକାର। ଉଭୟ ପୁରୁଷ ଓ ମହିଳାମାନଙ୍କ ପାଇଁ ଉଚ୍ଚ ଶିକ୍ଷା ସୁଯୋଗର ଆବଶ୍ୟକତା ରହିଛି। ଏଣୁ ମହିଳାମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଆର୍ଥିକ ସ୍ୱାଧୀନତାକୁ ଗୁରୁତ୍ୱ ଦେଲେ ତାହା ସମାଜକୁ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ଦିଗରେ ନେଇଯିବ।

**ପ୍ଲଟ ନଂ. ୧୩୭, ଜିଲା କେନ୍ଦ୍ର,**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ମୋ-୯୯୬୭୧୦୨୨୬୪**

## ଏଇ ଭାରତରେ

ଲୋକେ ଅନ୍‌ଲାଇନ କିମ୍ବା ନଗଦ ଟଙ୍କା ଦେଇ ମନପସନ୍ଦର ଦୁଇଚକିଆ ହେଉ କିମ୍ବା ୪ ଚକିଆ ଯାନ କିଣିଥାନ୍ତି। କିନ୍ତୁ ଆସାମରେ ମହମ୍ମଦ ସଇଦୁଲ ହକ୍ କେବଳ ୯୦,୦୦୦ ଟଙ୍କାର କଏନ ବା ଧାତବ ମୁଦ୍ରା ବିନିମୟରେ ସ୍କୁଟର କିଣିଛନ୍ତି। ହକ୍ ଡାରଙ୍ଗ ଜିଲା ସିପଜହର ଅଞ୍ଚଳରେ ରହୁଛନ୍ତି। ଗୁଆହାଟୀରେ ତାଙ୍କର ଏକ ଦୋକାନ ଅଛି। ସେ ସ୍କୁଟର କରିବା ଲକ୍ଷ୍ୟରେ ୨୦୧୭ରୁ କଏନ୍ ସଞ୍ଚୟ କରିବା ଆରମ୍ଭ କରିଥିଲେ। ମୁଖ୍ୟତଃ ଦୋକାନରୁ ମିଳୁଥିବା କଏନଗୁଡ଼ିକୁ ସେ ପ୍ରତିଦିନ ସଞ୍ଚୟ କରୁଥିଲେ। ତେବେ କଏନସବୁ ଦେଖି ଗାଡ଼ି ଶୋ'ରୁମ୍‌ର ମାଲିକ ଆଶ୍ଚର୍ଯ୍ୟ ହେବା ସହ ଖୁସି ପ୍ରକଟ କରିଛନ୍ତି। ଶୋ ରୁମ୍‌ର ୪ ଜଣ କର୍ମଚାରୀ ସବୁ କଏନକୁ ୨ ଘଣ୍ଟା ଧରି ଗଣିଥିଲେ। ଦୀର୍ଘ ୬ ବର୍ଷ ହେଲା ଏହିସବୁ କଏନ ସଞ୍ଚୟ କରି ତାଙ୍କ ସ୍କୁଟର କିଣିବା ସ୍ୱପ୍ନ ପୂରଣ କରିଥିବାରୁ ଖୁସି ଅଛନ୍ତି ବୋଲି କହିଛନ୍ତି ହକ୍। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଉତ୍ତରାଖଣ୍ଡର ରୁଦ୍ରପୁରରେ ଜଣେ ବ୍ୟକ୍ତି ୫୦,୦୦୦ ଟଙ୍କାର କଏନ ଦେଇ ଟିଭିଏସ୍ ଜୁପିଟର ସ୍କୁଟି କିଣିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ମାର୍ଚ୍ଚ ୧୯୯୮

- ବାଂଲାଦେଶର ଦକ୍ଷିଣ ଉପକୂଳ ଏବଂ ପଶ୍ଚିମ ଜିଲାରେ ବ୍ୟାପକ ଘୂର୍ଣ୍ଣିବାତ୍ୟା ହେବା ଫଳରେ ୩୨ ଜଣଙ୍କ ମୃତ୍ୟୁ।
- ବାଗଦାଦର ଜୀବାଣୁ ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମର ଜନକ ଭାବେ ପରିଚିତ ନାସୀର ହିଣ୍ଡାୱି ଦେଶ ଛାଡ଼ି ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ଇରାକ ପୋଲିସ ଦ୍ୱାରା ଗିରଫ।
- ତେଲୁଗୁ ଦେଶମ୍ ପାର୍ଟି ସଦସ୍ୟ ତଥା ଶାସକ ଭାଜପା ମେଣ୍ଟର ସର୍ବସମ୍ମତ ପ୍ରାର୍ଥୀ ଗାନ୍ତିମୋହନ ଚାନ୍ଦା ବାଲାଯୋଗୀ ଦ୍ୱାଦଶ ଲୋକସଭାର ବାଚସ୍ପତି ଭାବେ ନିର୍ବାଚିତ।
- ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ସଙ୍ଗଠକ ତଥା ଲେଖକ ପଣ୍ଡିତ ରଘୁନାଥ ମିଶ୍ରଙ୍କ ୯୮ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଗହମ ଓ କିରୋସିନ ସର୍ବସାଧାରଣରେ ଉପଲବ୍ଧ ହେଉ

ମହାଶୟ,

ଦେଶରେ ପ୍ରତ୍ୟେକେ କାର୍ଡଧାରୀ ହୁଅନ୍ତୁ ବା ଅନ୍ୟମାନେ ବଞ୍ଚିବାର ସମସ୍ତଙ୍କର ଅଧିକାର ଅଛି। କେନ୍ଦ୍ରରେ ଭାଜପା ସରକାର ଆସିବା ଦିନଠାରୁ ଏହା ଉପରେ କଟକଣା କରାଯାଇ ସର୍ବସାଧାରଣ ଲୋକଙ୍କୁ ଉପହାସ କରାଯାଇଛି। କାର୍ଡଧାରୀଙ୍କୁ କିଲୋଗ୍ରାମ ପ୍ରତି ଏକ ଟଙ୍କାରେ ଗହମ ଓ କିରୋସିନ ଯୋଗାଯାଇଛି, ଯାହାକି ଅନ୍ୟମାନଙ୍କ ପାଇଁ ଅନ୍ୟାୟ କରାଯାଇଛି। ସେମାନେ ଏକ ଟଙ୍କାରେ ଗହମ ନେଇ ଅନ୍ୟମାନଙ୍କୁ ୨୦ ଟଙ୍କାରେ ବିକୁଛନ୍ତି। ସାଧାରଣ ଲୋକ କ'ଣ ଗହମ ବା କିରୋସିନ ପାଇବା ପାଇଁ ହକ୍‌ଦାର ନୁହନ୍ତି ? ଅଧିକ ଦର ହେଉ ପଛେ ସରକାର ଜନମତ ନିଅନ୍ତୁ, ବିନା କାର୍ଡଧାରୀ ବା ସାଧାରଣ ଜନତାଙ୍କ ପାଇଁ ଗହମ ଓ କିରୋସିନ ଦେବାର ବ୍ୟବସ୍ଥା କରନ୍ତୁ। ଗଣତନ୍ତ୍ର ଦେଶରେ ସମସ୍ତଙ୍କର ସମାନ ଅଧିକାର ଥିଲେ ମଧ୍ୟ କେନ୍ଦ୍ର ସରକାର ସର୍ବସାଧାରଙ୍କ ପ୍ରତି ଏଭଳି ବୈମାତୃକ ମନୋଭାବ ପରିହାର କରନ୍ତୁ । ଗୋଟିଏ ନିର୍ଦ୍ଦିଷ୍ଟ ଦରରେ କିଭଳି ଜନସାଧାରଣ ଏହା ପାଇପାରିବେ ସେଥିପାଇଁ ଉଦ୍ୟମ କରି ଲୋକଙ୍କର ଅଶାନ୍ତି ଦୂର କରନ୍ତୁ।

**- ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

## ଚିରନ୍ତନୀ

କଣ୍ଠୀ ନୂପୁର ଶାଢ଼ି ଶେମିଜକୁ
କାଢ଼ି ନେଲେ ଆଉ କି ରହେ ବେଶ
ସେହି ସେ ପୀରତି-ମାଟି ନିଆଁ ପାଣି
ଛାଡ଼ି ଏ ଧରାର ରହେ ଯା' ଶେଷ !
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଦଳିତଙ୍କ ବିକାଶ ପାଇଁ ଶାସକ ଦଳର ଆନ୍ତରିକତା ନାହିଁ: ସଞ୍ଜୟ**

ଭୁବନେଶ୍ୱର, (ବ୍ୟୁରୋ): ଓଡ଼ିଶାରେ ଶାସକ ବିଜେଡି ଦଳିତଙ୍କ ଭୋଟରେ ଶାସନ କ୍ଷମତା ଅକ୍ତିଆର କରିଥିବାବେଳେ ସେମାନଙ୍କ ବିକାଶ ପାଇଁ କୌଣସି ଆନ୍ତରିକତା ରଖୁନାହିଁ । ବରଂ ଦଳିତଙ୍କୁ ଶୋଷଣକରି, ସେମାନଙ୍କୁ ଧୋକାଦେଇ ବିଜେଡି ସାଙ୍ଘାତିକ ଅପରାଧ କରୁଛି ବୋଲି ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସଞ୍ଜୟ ନିର୍ମଳ କ୍ଷୋଭ ପ୍ରକାଶ କରି କହିଛନ୍ତି । ଶୁକ୍ରବାର ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ସଞ୍ଜୟ କହିଛନ୍ତି ଓଡ଼ିଶା ସରକାର ଦଳିତଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛି ।



ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦକୁ ନେଇ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଶୁକ୍ରବାର କଂଗ୍ରେସ ନେତା ଓ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହକରିବା ସହ ସ୍ଲୋଗାନ୍ ଦେଉଛନ୍ତି ।

# ଭୟରେ ଏପରି କଲେ: ଶରତ

## ■ପ୍ରତିବାଦ ସହ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକଲା କଂଗ୍ରେସ

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ପାର୍ଲାମେଣ୍ଟରେ ରଦ୍ଦ କରାଯିବା ପରେ ରାଜ୍ୟ କଂଗ୍ରେସ ନେତାମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି । ବିଧାନସଭାର ଖର୍ଚ୍ଚଦାବି ଆଲୋଚନା କରାଇ ଦେଇ ନ ଥିବା ବେଳେ ସେମାନେ ଗୃହ ବାହାରେ ମଧ୍ୟ ରାଜନୈତିକ ବିରୋଧକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି ।

ରାହୁଲ ଡରିଯିବାର ନେତା ନୁହନ୍ତି । ଭୟ ଦେଖାଇ ତାଙ୍କ ସ୍ୱରକୁ କେହି ଚାପି ପାରିବେ ନାହିଁ । ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ସରକାର ପ୍ରଥମ ଥର ପାଇଁ ଭାରତବର୍ଷର ପାର୍ଲାମେଣ୍ଟକୁ ଦୀର୍ଘଦିନ ଧରି ଅଚଳକରି ରଖିଲେ । ପାର୍ଲାମେଣ୍ଟରେ ରାହୁଲ ଗାନ୍ଧୀ ଯେଉଁ ମୋଦି-ଆଦାନୀ ସମ୍ପର୍କିତ ଝଡ଼ ବୁହାଇଲେ ତାକୁ ଭାଜପା ଏମ୍‌ପି ଏବଂ ଖୋଦ ପ୍ରଧାନମନ୍ତ୍ରୀ ସାମ୍ନା କରିବାର ସତ୍‌ସାହସ ଦେଖାଇ ପାରିଲେ ନାହିଁ । ଭାରତବର୍ଷର ବ୍ୟାଙ୍କଗୁଡିକ ପାଖରୁ ହଜାର ହଜାର କୋଟି ଟଙ୍କା ଲୁଟକରି ଆଜି ଲଳିତ ମୋଦି, ନୀରବ ମୋଦି, ମେହୁଲ ଚୋକ୍ସି ଏ ସମସ୍ତେ ଦେଶ ଛାଡ଼ି ପଳାୟନ କରିଛନ୍ତି । ଏହି ପ୍ରଶ୍ନ ଉତ୍ଥାପନ କରିବା ଜଣେ ରାଜନୈତିକ ନେତାଙ୍କର ପ୍ରଥମ ଏବଂ ଶେଷ କର୍ତ୍ତବ୍ୟ । ରାହୁଲ ଗାନ୍ଧୀ ସତ୍ୟ ଓ ଅହିଂସା ପଥରେ ଚାଲିଛନ୍ତି ,ତାଙ୍କୁ କେହି ଡରାଇପାରିବେ ନାହିଁ । ସେ ଭାରତବର୍ଷର ନୀରବିଯାଇଥିବା ଜନତାଙ୍କର ସ୍ୱର । ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅତୁଟ ରଖିବା ପାଇଁ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ସର୍ବୋପରି ବଦ୍ଧପରିକର । ଯେଉଁ ଗୁଜରାଟ ସେସନ କୋର୍ଟ ମାନହାନି ମାମଲାରେ ଦଣ୍ଡାଦେଶ ଶୁଣାଇଛନ୍ତି ତାହା ବିରୋଧରେ କଂଗ୍ରେସ ଦଳ ଏକ ଆଇନଗତ ଲଢ଼େଇ ସହିତ ଏବେ ସାରା ଦେଶରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତା ବିରୋଧରେ ଏକ ରାଜନୈତିକ ଲଢ଼େଇ ଲଢ଼ିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି । ରାହୁଲ ଗାନ୍ଧୀଙ୍କ ସଦସ୍ୟତା ପଦ ରଦ୍ଦକୁ ପ୍ରତିବାଦକରି ବହୁ କଂଗ୍ରେସ ନେତା ଓ କର୍ମୀମାନେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହକରିବା ସହିତ ନାରାବାଜି କରିଛନ୍ତି ।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଓ ତାରା ପ୍ରସାଦ ବାହିନୀପତି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପ୍ରଥମ ଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ ଭୟରେ ବିରୋଧୀଙ୍କ ସ୍ୱରକୁ ଚାପିଦେବା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପାର୍ଲାମେଣ୍ଟରେ ସଭ୍ୟ ପଦ ରଦ୍ଦ କରିଛନ୍ତି । ଏହା ବିରୋଧରେ ପ୍ରତିବାଦ ଜୋର୍‌ଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

# ରାହୁଲଙ୍କ ପରିବାର ସ୍ୱତନ୍ତ୍ର ନ୍ୟାୟପାଳିକା ଚାହୁଁଛନ୍ତି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

କଂଗ୍ରେସ ଦଳ ବିଶେଷ ଭାବେ ରାହୁଲ ଗାନ୍ଧୀଙ୍କ ପରିବାର ସ୍ୱତନ୍ତ୍ର ଆଇପିସି ଓ ନ୍ୟାୟପାଳିକା ଚାହୁଁଛନ୍ତି । ପଛୁଆବର୍ଗଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିବା ଏବଂ ବଞ୍ଚିତ ବର୍ଗଙ୍କୁ ନୀଚ ଦୃଷ୍ଟିରେ ଦେଖିବା କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କ ସାମନ୍ତବାଦୀ ମାନସିକତାର ପ୍ରତିଫଳନ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ନୂଆଦିଲ୍ଲୀଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ସାର୍ବଜନୀନ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଙ୍ଗିଆକୁ ନେଇ ଅପଶବ୍ଦ ପ୍ରୟୋଗ କଲେ । ଜାତିଆଣ ଆକ୍ଷେପ କରିବା ସହ ଖରାପ ଭାଷା ବ୍ୟବହାର କଲେ । ଏହାକୁ ନେଇ ତାଙ୍କ ବିରୋଧରେ ଦାୟର ହୋଇଥିବା ମାନହାନି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏହି କଂଗ୍ରେସ ନେତାଙ୍କ ବିରୋଧରେ ସୁରଟ କୋର୍ଟ ଯେଉଁ ନିଷ୍ପତ୍ତି ନେଇଛନ୍ତି, ଏଥରୁ ସତ୍ୟାସତ୍ୟ ହେଉଛି ଯେ ଦେଶର ଆଇନ ବ୍ୟବସ୍ଥା ଏବଂ ଗଣତାନ୍ତ୍ରିକ ପଦ୍ଧତିରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି । ଭାରତର ଜନପ୍ରତିନିଧି ଆଇନ-୧୯୫୧ ଅନୁସାରେ କୌଣସି ସଦସ୍ୟଙ୍କୁ ଦଣ୍ଡ ହେଲେ ତାଙ୍କର ସଦସ୍ୟତା ଚାଲିଯାଏ । ଏହା ପ୍ରଥମ ଥର ପାଇଁ ନୁହେଁ ବରଂ ଅନେକ ଜନପ୍ରତିନିଧିଙ୍କ ସଦସ୍ୟତା ଯାଇଛି । ୨୦୧୩ରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏହି ଆଇନକୁ ସଂଶୋଧନ କରିବା ପାଇଁ ସେ ନିଷ୍ପତ୍ତି ନେଇଥିଲେ । ମାତ୍ର ସେହି ଅଧ୍ୟାଦେଶକୁ ନନ୍‌ସେନ୍ସ କହି ଚିରିଥିବା ଲୋକମାନେ ଉକ୍ତ ଆଇନ ପରିଧିରେ ଆସିବା ପରେ ସେମାନଙ୍କୁ କଷ୍ଟ ହେଉଛି । ଯଦି ତାଙ୍କ ପାର୍ଟି ସଦସ୍ୟତା ହରାଇବା ନେଇ କଂଗ୍ରେସ ଚିନ୍ତିତ ଥିଲା ତେବେ ଗତ ୨୪ ଘଣ୍ଟା ମଧ୍ୟରେ ସେ କାହିଁକି ଉପର କୋର୍ଟକୁ ଗଲେ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କହିଛନ୍ତି । ଓବିସି ଓ ଜନଜାତି ସମାଜ ପ୍ରଧାନମନ୍ତ୍ରୀଙ୍କ ସହ ସବୁବେଳେ ଅଛନ୍ତି । ମାତ୍ର ବିଭିନ୍ନ ସମୟରେ କଂଗ୍ରେସ ନେତାମାନେ ଏହି ବର୍ଗଙ୍କ ପ୍ରତି କଟୁ ମନ୍ତବ୍ୟ ପ୍ରୟୋଗ କରିବା ସହ ସମାଜକୁ ନୀଚ ଦୃଷ୍ଟିରେ ଦେଖିବା ଭଳି କାମ କରୁଛନ୍ତି । ସେମାନେ ବୁଝିବା ପାଇଁ ଅସମର୍ଥ ଯେ ଗଣତନ୍ତ୍ରରେ ଆଇନ ସମସ୍ତଙ୍କ ପାଇଁ ସମାନ । ଆମେ ଗୋଟିଏ ପରିବାରରୁ ଆସିଛୁ ଓ ଆମେ ଆଇନର ଊର୍ଦ୍ଧ୍ୱରେ ମାନସିକତା ରଖୁଥିବା କଂଗ୍ରେସ ନେତାଙ୍କ ଜାତିଆଣ ଆକ୍ଷେପ ମନ୍ତବ୍ୟକୁ ଦଳ ନିନ୍ଦା କରୁଥିବା ଧର୍ମେନ୍ଦ୍ର କହିଛନ୍ତି ।

**ରାହୁଲଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗ**

# ବିଧାନସଭାରେ ଝଡ଼

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

**କଂଗ୍ରେସର ହୋହଲ୍ଲାରେ ଅଟକିଲା ଖର୍ଚ୍ଚଦାବି ଆଲୋଚନା**

- ■ଭାରତ ଯୋଡ଼ୋ ଆନ୍ଦୋଳନକୁ ନେଇ ଭୟ ହୋଇଯାଇଛି: ନରସିଂହ
- ■ଭାଜପା ଭୟରେ ରାହୁଲଙ୍କୁ ପାର୍ଲାମେଣ୍ଟରୁ ବାହାରେ ରଖିବାକୁ ଚାହିଁଛି: ତାରା
- ■ରାହୁଲ ଗାନ୍ଧୀ କ'ଣ ଆଇନରୁ ଊର୍ଦ୍ଧ୍ୱରେ : ଜୟନାରାୟଣ
- ■ଏ ପ୍ରସଙ୍ଗରେ ବିଜେଡି ପ୍ରତିକ୍ରିୟା ରଖିବା ଉଚିତ ନୁହେଁ : ପ୍ରମିଳା

ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ପ୍ରସଙ୍ଗକୁ ନେଇ ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଛନ୍ତି । ଶୁକ୍ରବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଆଲୋଚନା ସମୟରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା ଆରମ୍ଭ କରିଥିଲେ । ବାଚସ୍ପତି ପ୍ରଥମେ ଗୃହକୁ ୪ଟା ୬ ମିନିଟ୍ ସମୟରେ ୨୦ ମିନିଟ୍ ଲାଗି ମୁଲତବୀ ରଖିଥିଲେ । ଏହାପରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ଭାଜପା ବିରୋଧୀ ସ୍ଲୋଗାନ ଦେଇ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା ଆରମ୍ଭ ହୋଇଥିଲା । ପୁଣିଥରେ ୪ଟା ୫୬ ପର୍ଯ୍ୟନ୍ତ ବାଚସ୍ପତି ୩୦ ମିନିଟ୍ ପାଇଁ ମୁଲତବୀ ରଖିଥିଲେ । ଏହାପରେ ପୁଣି କଂଗ୍ରେସ ସଦସ୍ୟମାନଙ୍କ ହୋହଲ୍ଲା ଭିତରେ ଆଉ ଦୁଇଥର ୩୦ ମିନିଟ୍ ଲେଖାଏଁ ମୁଲତବୀ ରଖିବା ସହ ୬ଟା ୧ରେ ସମ୍ପୂର୍ଣ୍ଣ ଗୃହକୁ ସୋମବାର ପର୍ଯ୍ୟନ୍ତ ବାଚସ୍ପତି ମୁଲତବୀ କରିଦେଇଥିଲେ । ଶେଷରେ ଆସନ୍ତା ୨୯ ତାରିଖରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଗିଲୋଟିନ୍ ଜରିଆରେ ପାସ୍ ହେବ ବୋଲି ବାଚସ୍ପତି କହିଥିଲେ । ତେବେ ଏହି ପ୍ରସଙ୍ଗରେ ବାରମ୍ବାର ଶାସକ ବିଜେଡି ସଦସ୍ୟମାନେ ମାପିଚୁପି ବୟାନ ଦେଇଥିବାବେଳେ କଂଗ୍ରେସ ଓ ଭାଜପା ସଦସ୍ୟଙ୍କ ମଧ୍ୟରେ ଗୃହରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଛି ।

ଗୃହରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ଦେଶରେ ଗଣତନ୍ତ୍ର ବୋଲି କିଛିନାହିଁ । କେନ୍ଦ୍ରର ଭାଜପା ସରକାର ଆଜି ଗଣତନ୍ତ୍ରକୁ ହତ୍ୟା କରିଛନ୍ତି । ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଆନ୍ଦୋଳନକୁ ନେଇ କେନ୍ଦ୍ର ସରକାରକୁ ଭୟ ହୋଇଯାଇଛି । ସେମାନେ ଏକଚ୍ଛତ୍ରବାଦ ଶାସନ ଚଳାଇଛନ୍ତି । ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗଣତନ୍ତ୍ରରେ ଶୁଭଙ୍କର ନୁହେଁ । କଟକ ବିଧାୟକ ବି ତଳକୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ହେଲେ ସେ କ'ଣ ପଦ ହରାଇଲେ କି । ଓଡ଼ିଶା ସରକାର ଓ ବାଚସ୍ପତି ତାଙ୍କୁ ସମୟ ଦେଲେ । ତାହା ହିଁ ହେଉଛି ଗଣତନ୍ତ୍ର । କିନ୍ତୁ ରାହୁଲଙ୍କ କ୍ଷେତ୍ରରେ କେନ୍ଦ୍ର ସରକାର ଅସହିଷ୍ଣୁ ହୋଇପଡ଼ିଛନ୍ତି । ରାହୁଲଙ୍କୁ ଉପରକୋର୍ଟରୁ ଆଶ୍ୱସ୍ତି ମିଳିଥାନ୍ତା, ହେଲେ ସେଥିପାଇଁ ସମୟ ଦିଆଗଲା ନାହିଁ ବୋଲି ସେ କହିଛନ୍ତି । ସେହିପରି କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଛନ୍ତି, ଭାଜପା ଭୟରେ ରାହୁଲ ଗାନ୍ଧିଙ୍କୁ ପାର୍ଲାମେଣ୍ଟରୁ ବାହାରେ ରଖିବାକୁ ଚେଷ୍ଟା କରିଛି । କାଳେ ସେ ଭାଜପାର ଅସଲ ମୁଖା ଖୋଲିଦେବେ ସେହି ଭୟ ଏବେ ଭାଜପାକୁ ଘାରିଛି ।

କିନ୍ତୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହାକୁ ବିରୋଧକରି କହିଥିଲେ, କଂଗ୍ରେସ ଶାସନ ସମୟରେ ନିୟମ ହୋଇଥିଲା, ଯେଉଁମାନଙ୍କୁ ୨ବର୍ଷ ବା ତା'ଠୁ ଅଧିକ ଦଣ୍ଡାଦେଶ ହେବ ତାଙ୍କ ସଦସ୍ୟତା ରଦ୍ଦ ହେବ । ଏଥିରେ କାହାର କିଛି କରିବାର ନାହିଁ । ସମସ୍ତଙ୍କ ପାଇଁ ନିୟମ ସମାନ । ରାହୁଲ କ'ଣ ଆଇନରେ ଊର୍ଦ୍ଧ୍ୱରେ କି । ରାହୁଲ ଉପରକୋର୍ଟକୁ ଯାଇପାରନ୍ତି, କିନ୍ତୁ ନିୟମ ଅନୁସାରେ ତାଙ୍କ ସଭ୍ୟ ପଦ ରଦ୍ଦ ହୋଇଛି । ଗୃହର ସଦସ୍ୟ ନ ଥିବା ରାହୁଲଙ୍କୁ ନେଇ ଗୃହ ବନ୍ଦ କରିବାର ଅଧିକାର କଂଗ୍ରେସର ନାହିଁ ବୋଲି ସେ କହିଛନ୍ତି ।

ଏହି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ତଥା ବିଜେଡି ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି, ଆଇନଗତ ପ୍ରକ୍ରିୟାରେ ରାହୁଲଙ୍କ ସଭ୍ୟ ପଦ ରଦ୍ଦ ହୋଇଛି । କୋର୍ଟଙ୍କ ନିର୍ଦ୍ଦେଶକୁ ତ କେହି ଅବମାନନା କରିପାରିବେ ନାହିଁ । କୋର୍ଟଙ୍କ ନିର୍ଦ୍ଦେଶ ପରେ ବାଚସ୍ପତି ଯାହା କାର୍ଯ୍ୟାନୁଷ୍ଠାନ ନେବା କଥା ନେଇଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ଯାହା ହେବା କଥା ହୋଇଛି । ବିଜେଡି ପାଇଁ ଉଭୟ କଂଗ୍ରେସ ଓ ଭାଜପା ସମାନ । ତେଣୁ ଏହି ପ୍ରସଙ୍ଗରେ ବିଜେଡି କୌଣସି ପ୍ରତିକ୍ରିୟା ଦେବା ଉଚିତ ନୁହେଁ । ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେବା ଆବଶ୍ୟକ ନାହିଁ ବୋଲି ସେ କହିଛନ୍ତି ।

DSPL - 516

**ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ-୨୦୨୩**

ଇଡକୋ ପ୍ରଦର୍ଶନୀ ପଡିଆ, ୟୁନିଟ୍-୦୩, ଭୁବନେଶ୍ୱର

୨୨.୦୩.୨୦୨୩ ରୁ ୩୧.୦୩.୨୦୨୩

ପ୍ରତ୍ୟେହ ଅପରାହ୍ନ ୨ ଘଟିକାରୁ ରାତ୍ର ୯ ଘଟିକା

ଗୃହ ସାଜସଜ୍ଜା ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅନନ୍ୟ ସମ୍ଭାର

ପ୍ରତ୍ୟୋକ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ

ପ୍ରଦର୍ଶନୀରେ ଯୋଗଦାନ କରି ହସ୍ତଶିଳ୍ପ କାରିଗର ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଅନୁରୋଧ ।

ଆୟୋଜକ-
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ,ଓଡ଼ିଶା
(ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା)

OIPR-31042/13/0002/2223

**PARADIP PORT AUTHORITY**
**e-TENDER CALL NOTICE**
TD/TM/GEN-235(Vol-VII)/23/647, dtd. 24.03.2023
Name of the work: "Allotment of 03 (Three) nos. of Mechanical Iron Ore/ Iron Ore Pellet plots at IOHP." License Fees: Rs. 2,89,51,890/- Wharfage Fees Rs. 16,93,300/- Last date & time of submission of bid: 13.04.2023 up to 15:00 hrs Date and time of opening (technical bid): 13.04.2023 up to 15:00 hrs Refer our website for details https://eprocure.gov.in/eprocure/app & http://paradipport.gov.in/.
Sd/-Traffic Manager
Paradip Port Authority
PPA/PR/236/2022-23 dtd.24.03.2023

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଡ୍ରାଇଭର ଆବଶ୍ୟକ**
ଡ୍ରାଇଭର ଜଣକ କଟକ ଚାଉଳିଆଗଞ୍ଜ, ମହାନଦୀ ବିହାର କିମ୍ବା ନୂଆବଜାର ଅଞ୍ଚଳର ହୋଇଥିଲେ ଉତ୍ତମ । ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରାଧାନ୍ୟ ଦିଆଯିବ । ଆଗ୍ରହୀ ବ୍ୟକ୍ତି ନିଜ ଅଭିଜ୍ଞତା Whatsapp କିମ୍ବା SMS ମାଧ୍ୟମରେ ପଠାଇପାରିବେ ।
Whatsapp/SMS: 9937077222

**REQUIRED**
ମିଶନ ରୋଜଗାର ଯୋଜନା (Odisha 2023) ସମସ୍ତ ଜିଲ୍ଲା ପାଇଁ ସହଯୋଗୀ ପୋଷ୍ଟ ଆବଶ୍ୟକ କରୁଅଛି ।
ଯୋଗ୍ୟତା- 8th to Graduate
ଦରମା- ୪୦,୦୦୦ ରୁ ୮୫,୦୦୦
(ବର୍ତ୍ତମାନ ପଞ୍ଜିକରଣ ଚାଲୁଅଛି) ଯୋଗାଯୋଗ :
9643414970 / 9821554920

**WANTED**
Teachers Male/Female for ODIA & ENGLISH Medium School in Bhubaneswar.
Contact:
9337119851
7978084379

**ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି**
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
7325808610

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ECoRMDCHBBS BMWD-SI-03, ତା.21.03.2023ରିଖ
କାର୍ଯ୍ୟର ନାମ : ବାରକୋଡ୍ ଆଧାରିତ ପ୍ରବନ୍ଧନ ସହିତ ତିନି ବର୍ଷ (1096 ଦିନ) ଅବଧି ନିମନ୍ତେ ରେଲୱେ ସେଣ୍ଟ୍ରାଲ ହସ୍ପିଟାଲ/ପୂର୍ବ ତଟ ରେଳପଥ/ମଞ୍ଚେଶ୍ୱର/ଭୁବନେଶ୍ୱରରୁ ହସ୍ପିଟାଲର ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ (Bio-medical Waste)ଗୁଡ଼ିକର ସଂଗ୍ରହ, ପରିବହନ ଏବଂ ନିକାଶ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 22,63,596/-, EMD : ₹ 45,260/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 2,000/-, କାର୍ଯ୍ୟ ଶେଷ ହେବା ଅବଧି : 03 ବର୍ଷ (1096 ଦିନ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.04.2023 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଚିକିତ୍ସା ନିର୍ଦ୍ଦେଶକ/ସେଣ୍ଟ୍ରାଲ ହସ୍ପିଟାଲ/ ମଞ୍ଚେଶ୍ୱର/ଭୁବନେଶ୍ୱର
PR-1106/N/22-23

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in
BID IDENTIFICATION NO:- VI-46(03)/SERIFED/2022-23/961 Dt.24.03.2023
**TENDER CALL NOTICE**
The MANAGING DIRECTOR (SERIFED), Odisha, Bhubaneswar invites sealed tenders in double cover bids from the registered contractors for 02 no of work at Bhubaneswar. The bid documents such as DTCN/BOQ etc. can be seen/downloaded from the website : **www.serifedodisha.in** during the period **dt. 27.03.2023 to 5.00 PM up to 05.04.2023**. Tender shall be received **till 5.00 PM on 05.04.2023** & shall be opened **at 11.30 AM on 06.04.2023**. Any addendum / corrigendum / cancellation of tender can also be seen in the said website.
Sd/-
MANAGING DIRECTOR

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-5283 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.1687/RE/OSIC Dt.24.03.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Construction of Smart Crematorium of Malkangiriat-Malkangiri".** Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/modifications will appear in OSIC Ltd. website **www.osicltd.in** only.
Sd/-
GENERAL MANAGER(O)
OIPR-14073/11/0174/2223

**ପୂର୍ବ ତଟ ରେଳପଥ**
**ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର(CMP)ଙ୍କ ନିଯୁକ୍ତି ପାଇଁ ୱାକ୍-ଇନ୍ ଇଣ୍ଟରଭ୍ୟୁ**
ନିଯୁକ୍ତି ସୂଚନା ସଂ. 01/2023-CMP, ତା.22.03.2023
ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ରେଲୱେ ବୋର୍ଡ଼ ଦ୍ୱାରା ସମୟ-ସମୟରେ ପ୍ରଦାନ କରାଯାଉଥିବା ଯୋଜନା ଅନୁସାରେ, ଯୋଗ୍ୟ ଡକ୍ଟରଙ୍କୁ ପୂର୍ଣ୍ଣକାଳିକ ଅନୁବନ୍ଧ ଆଧାରରେ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP)ଙ୍କ ନିଯୁକ୍ତି କରିବାର ନିର୍ଣ୍ଣୟ ନିଆଯାଇଅଛି, ଅଥବା ଯାହାକି ରେଗୁଲାର IRMS (ବର୍ତ୍ତମାନ IRHS) ଡକ୍ଟର, ଯାହାକି ପ୍ରଥମେ ଅଟେ, ଦ୍ୱାରା ପଦ ଭର୍ତ୍ତି ହୋଇଯାଇ ନାହିଁ । ନିମ୍ନବର୍ଣ୍ଣିତ ସର୍ତ୍ତାବଳୀ ଅନୁଯାୟୀ ଇଚ୍ଛୁକ ଡାକ୍ତରଙ୍କ ଉପଯୁକ୍ତତାର ପ୍ରମାଣ ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ପରିଚାଳନା କରାଯିବ, ଯାହାର ତାରିଖ/ସମୟ/ସ୍ଥାନ ନିମ୍ନରେ ଦିଆଯାଇଛି ।
ମୋଟ ଖାଲି ପଦବୀ : ମୋଟ୍-04 : (ପୁରୀ, କେନ୍ଦୁଝରଗଡ଼, ଅନୁଗୋଳ ହେଲଥ ୟୁନିଟ୍ ଏବଂ ମଣ୍ଡଳ ରେଳବାଇ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼ ପ୍ରତ୍ୟେକ ନିମନ୍ତେ 01 ଗୋଟି) । ଖାଲି ପଦବୀଗୁଡ଼ିକ ଅନାରକ୍ଷିତ-02, ଅନ୍ୟ ପଛୁଆ ବର୍ଗ-01 ଏବଂ ଅନୁସୂଚିତ ଜାତି-01 ଭାବେ ପୂରଣ କରାଯିବ ।
"ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ, ତାରିଖ ଓ ସମୟ :

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମଣ୍ଡଳ ରେଳବାଇ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼ | ତା.19.04.2023ରିଖ (ବୁଧବାର) 1130 ଘଟିକା |

ଶିକ୍ଷାଗତ ଯୋଗ୍ୟତା / ଉପଯୁକ୍ତତା, ବୟସ, ପାରିଶ୍ରମିକ, ଦରଖାସ୍ତ ଫର୍ମାଟ୍ ଓ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ www.eastcoastrail.indianrailways.gov.in (About us> Divisions>Khurda Road Division>Recruitment) ଅବଲୋକନ କରନ୍ତୁ ।
PR-1112/N/22-23 ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ଼

**OFFICE OF THE ENGINEER-IN-CHIEF (CIVIL), ODISHA**
NIRMAN SOUDHA, KESHARI NAGAR, UNIT-V, BHUBANESWAR- 751 001
RFE Identification No.CE-WBP(O)- 48/2022-23
File No.-PIM-Misc.-10/2008 (Pt)
INVITATION FOR QUALIFICATION / PROPOSAL
No.B-1375 **NOTICE INVITING TENDER (NIT)**
1. The Chief Engineer, World Bank Projects, Odisha (the "Authority") on behalf of the Works Department, Government of Odisha invites Request for Proposal (RFP) for the work as below **through EPC mode of Contract** (Engineering, Procurement and Construction) basis for selection of the bidder to whom the Project may be awarded eventually **(Construction of H.L. Bridge over river Gobari near Mahakalpada at 11th Km. of Marshaghai Jamboo road in the District of Kendrapara under RIDF-XXII (Balance work) on EPC mode).**
2. The request for proposal document (the "RFP" document) will be available in the website https://tendersodisha.gov.in **from 10.00 A.M. of 23.03.2023 to 10.00 A.M. of 11.04.2023** for online bidding.
3. The bidder must possess compatible **Digital Signature Certificate DSC)** of Class II or Class III. The online bidding procedure is indicated in the document.
4. The application shall be received only on "online" on or before **10.00 A.M. of 11.04.2023**.
5. A pre-bid meeting will be held at **12.30 P.M. on 28.03.2023** at the venue as specified in RFP.
6. Applications received online shall be opened at **10.30 A.M. of 11.04.2023** in the Office of the Chief Engineer (World Bank Projects), Odisha Nirman Saudha, Unit-V, Bhubaneswar, Odisha. If the office happens to be closed on the date of opening as specified, then the same will be opened onthe next working day.
7. The authority reserves the right to cancel any or all bid without assigning any reason.
8. Further details with any addendum, corrigendum, cancellation can be seen from the website https://tendersodisha.gov.in.

Sd./- Chief Engineer, World Bank Projects, Odisha
OIPR-34003/11/0085/2223

**THE BOLANGIR-KALAHANDI-NUAPADA REGIONAL CO-OPERATIVE MILK PRODUCERS' UNION LTD.**
INSIDE VETERINARY HOSPITAL CAMPUS, HATISALPADA, BOLANGIR, DIST.- BOLANGIR -767001 (ODISHA), Tel.: 06652- 230334
Email- omfedbknmul@yahoo.com,
Website: www.bknmilkunion.com
**EXPRESSION OF INTEREST (EOI) NOTICE FOR BUILD "OMFED BOOTH" (AMAR OMFED) INFRONT OF "I LOVE TITLAGARH"**
Sealed Expression of Interest are invited from the interested applicant of Titlagarh locality for establishment of "Amar Omfed" milk parlour preferably in front of "I LOVE TITLAGARH". The Expression of Interest documents shall be downloaded at BKN Co-op. Milk Union Office website mentioned below from Dt.25.03.2023 to Dt.11.04.2023, which shall be received upto 2 P.M. on Dt.11.04.2023 and shall be opened on the same day i.e. 11.04.2023 at 3 P.M. at BKN Milk Union Head Office in presence of bidders. Any addendum, corrigendum or update shall be posted only on BKN website.
BKN reserves the right to cancel any or all the offers without assigning any reason thereof. For details please visit our website www.bknmilkunion.com.
Sd./- General Manager

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ

ପ୍ରୀତିପୁର,୨୪।୩(ଡି.ଏନ.ଏ.): ଯାଜପୁର ଜିଲା ବିଂଝାରପୁର ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଚାଲିଛି । ମରାମତି ଆଳରେ ମାସରେ ୧୫ ଦିନ ହେବେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଛି । ଏହା ବ୍ୟତୀତ ସରକାର ଏକ କାଳୀନ ପରିଶୋଧ ଯୋଜନା (ଓଟିଏସ୍) ମାଧମରେ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ବକେୟା ଦେୟ ଉପରେ ୩୦ ପ୍ରତିଶତ ଛାଡ କରୁଥିବାବେଳେ ଏହାର ସୁଯୋଗରେ ବିଭାଗୀୟ କର୍ମଚାରୀ ୨ ବର୍ଷର ବକେୟା ଦେୟ ଆଦାୟ ପାଇଁ ଜୁଲମ କରୁଥିବା ଅଭିଯୋଗ ହେଉଛି । ଅର୍ଥ ପୈଠ ନ କଲେ ଜୋର ଜବରଦସ୍ତ ବିଦ୍ୟୁତ ସଂଯୋଗ କାଟ ହେଉଛି ବୋଲି ବହୁ ଗ୍ରାହକ କହିଛନ୍ତି ।

### ବେଦାନ୍ତ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

କାଳିଆପାଣି,୨୪।୩(ଡି.ଏନ.ଏ.): ଯାଜପୁର ଜିଲା କ୍ରୋମାଇଟ ଜୋନ୍ ଅଞ୍ଚଳରେ କାର୍ଯ୍ୟ କରୁଥିବା ବେଦାନ୍ତ କମ୍ପାନୀ ପକ୍ଷରୁ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ସ୍କୁଲ୍ ପୋଷାକ ବଣ୍ଟନ କରାଯାଇଛି। ଓସ୍ତପାଳ ଶ୍ରୀରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉତ୍ସବରେ ବେଦାନ୍ତ କମ୍ପାନୀର ପରିବହନ ମୁଖ୍ୟ ଅଜୟ୍ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କମ୍ପାନୀ ପକ୍ଷରୁ ସ୍କୁଲ୍‌ର ୭୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପୋଷାକ ପ୍ରଦାନ କରାଯାଇଥିଲା। ବେଦାନ୍ତର ସିଏସ୍ଆର୍ କାର୍ଯ୍ୟ ତଦାରଖ କରୁଥିବା ୱାକର ରହେମାନଙ୍କ ନେତୃତ୍ୱରେ ଶ୍ରୀପତି ପଡ଼ିଆରୀ ଓ ବିଶ୍ୱମୋହିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

ବାଙ୍କୀ,୨୪।୩(ସ୍ୱ.ପ୍ର.) : ଡମପଡ଼ା ବ୍ଲକ ହରିଜନ ସାହିରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡରେ ୩ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ବାଙ୍କୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡରେ ଦାସରଥି ଭୋଇ, ଗୌତମ ଭୋଇ, ଅନ୍ତର୍ଯ୍ୟାମୀ ଭୋଇଙ୍କ ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସେମାନଙ୍କୁ ତୁରନ୍ତ ଗୃହ ଯୋଗାଇ ଦେବାକୁ ଗ୍ରାମାବସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଡ୍ରେନରୁ ହରିଣ ଉଦ୍ଧାର

କୋଣାର୍କ,୨୪।୩(ଡି.ଏନ.ଏ.)- ଖାଦ୍ୟ ଅନ୍ୱେଷଣରେ ଆସି ଏକ ହରିଣ କୋଣାର୍କ ନିକଟ ରାଉଳପଟଣା ଗ୍ରାମ ହରିଜନ ସାହୁ ନିକଟ ଡ୍ରେନରେ ପଡିଯାଇଥିଲା। ସ୍ଥାନୀୟ ଲୋକେ ଦେଖି ଥିବା ହରିଣକୁ ଉଦ୍ଧାର କରିବାକୁ ଉଦ୍ୟମ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ହରିଣଟିକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ବନ ଭିଭାଗ ପକ୍ଷରୁ ଉକ୍ତ ହରିଣଟିକୁ ତୁରନ୍ତ ଚିକିତ୍ସା ନିମନ୍ତେ ପଶୁ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସା କରାଯିବାରୁ ହରିଣଟି ସୁସ୍ଥ ହେବା ପରେ ବନ ବିଭାଗ କାର୍ଯ୍ୟାଳୟରେ ରଖିଥିଲେ।

# ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷତିପୂରଣ ଅର୍ଥ ଆତ୍ମସାତ୍

ଧର୍ମଶାଳା,୨୪।୩(ଡି.ଏନ.ଏ.)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଧର୍ମଶାଳାର ବନ୍ୟା କ୍ଷତିଗ୍ରସ୍ତ ଚାଷୀ।

ଧର୍ମଶାଳା ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାରେ ବନ୍ୟାଯୋଗୁ ପ୍ରଭାବିତ ହୋଇଥିବା ପ୍ରକୃତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରା ନ ଯାଇ ତହସିଲ ପକ୍ଷରୁ ବିପୁଳ ଟଙ୍କା ଆତ୍ମସାତ କରାଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଧର୍ମଶାଳା ତହସିଲଦାର ଓ ସମ୍ପୃକ୍ତ ମୌଜାର ତତ୍କାଳୀନ ଆର୍‌ଆଇ ମିଶି ପ୍ରାୟ ୩୦ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଚାଷୀମାନେ ଯାଜପୁର ଜିଲାପାଳଙ୍କୁ ଭେଟି ଲିଖିତ ଆକାରରେ ଜଣାଇଛନ୍ତି। ଏଥିସହ ଘଟଣାର ତଦନ୍ତ କରି ପ୍ରକୃତ ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପରେ ଘଟଣାର ଅନୁସନ୍ଧାନ କରିବାକୁ ଜିଲାପାଳ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ୨୦୨୧/୨୨ ଖରିଫ ଋତୁରେ ବନ୍ୟା ଯୋଗୁ ଧର୍ମଶାଳା ତହସିଲର ଅଭୟପୁର, ବମ୍ଫୁ, ଦକ୍ଷିଣଶାସନ, ଶଙ୍ଖାରୀଡିହ, ମଙ୍ଗରାଜପୁର, ଚକ୍ରୋଡ଼ା, ପାଟପୁର ଆଦି ମୌଜାରେ ହେକ୍ଟରହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଥିଲା। କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ଧର୍ମଶାଳା ତହସିଲ ପକ୍ଷରୁ ସମ୍ପୃକ୍ତ ମୌଜାର ଆର୍‌ଆଇଙ୍କୁ କ୍ଷୟକ୍ଷତି ଆକଳନ ପାଇଁ ତହସିଲଦାର ନିୟୋଜିତ କରିଥିଲେ। ତେବେ ସମ୍ପୃକ୍ତ ଆର୍‌ଆଇ କ୍ଷୟକ୍ଷତି ଆକଳନ ନ କରି ଅଫିସରେ ବସି ତହସିଲଦାରଙ୍କ ସଲାସୁତରାରେ ଅଣଚାଷୀଙ୍କ ନାମରେ ପାଖାପାଖି ୩୦ ଲକ୍ଷ ଟଙ୍କା ଆତ୍ମସାତ କରିଥିଲେ। ଉପରୋକ୍ତ ମୌଜା ଗୁଡିକରେ ବନ୍ୟା କ୍ଷୟକ୍ଷତି ପାଇଁ ଏକର ପିଛା ୫ ହଜାର ଟଙ୍କା ଲେଖାଏ ରାଜସ୍ୱ ବିଭାଗ ପକ୍ଷରୁ ମୋଟ୍ ୪୪ ଲକ୍ଷ ୬୬୧ଟଙ୍କା

> ■ଜିଲାପାଳଙ୍କୁ ଅଭିଯୋଗ କଲେ ଚାଷୀ
>
> ■ଘଟଣାର ଅନୁସନ୍ଧାନ କରିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ

ମଞ୍ଜୁର କରାଯାଇଥିଲା। ହେଲେ ଏମାନଙ୍କ ମଧ୍ୟରୁ ଅଣଚାଷୀଙ୍କ ନାମରେ ଚିଠା ପ୍ରସ୍ତୁତ କରାଯାଇ ପାଖାପାଖି ୩୦ ଲକ୍ଷ ଟଙ୍କାକୁ ଉଭୟ ତହସିଲଦାର ଓ ଆରଆଇ ହଡ଼ପ କରିଥିବା ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀ ସତ୍ୟରଞ୍ଜନ କର, ପୀତବାସ ସାହୁ, ବୀରେନ୍ଦ୍ର ସାହୁ, ଅନିଲ ଭୂୟାଁ, ମୃତ୍ୟୁଞ୍ଜୟ ସାହୁ, କଳିଙ୍ଗ କେଶରୀ ମିଶ୍ର, ସନାତନ ବଳ, ରମେଶ ପ୍ରଧାନ, ସୁରେନ୍ଦ୍ର ଦାସ, ବଟକୃଷ୍ଣ ଦାସ, ଆନନ୍ଦ କୁମାର ସାହୁ, ଅନନ୍ତ ଚରଣ ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସମ୍ଭବ ହୋଇ ପାରି ନ ଥିଲା।

# ପ୍ରସ୍ତାବିତ ମଦ ଦୋକାନ ସ୍ଥାନରେ ବସ୍ତି ନ ଥିବା ରିପୋର୍ଟ

ଯାଜପୁର ଟାଉନ,୨୪।୩(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଘଣ୍ଟଆଳି ପଞ୍ଚାୟତରେ ପ୍ରସ୍ତାବିତ ମଦ ଦୋକାନକୁ ନେଇ ବିବାଦ ଥମୁ ନ ଥିବାବେଳେ ଶୁକ୍ରବାର ବିଞ୍ଝାରପୁର ତହସିଲ ପକ୍ଷରୁ ଏକ ଟିମ୍ ଉକ୍ତ ସ୍ଥାନକୁ ପରିଦର୍ଶନ କରିଛନ୍ତି। ତତ୍କାଳୀନ ଭାରପ୍ରାପ୍ତ ତହସିଲଦାର ମିନତି ଜଗଦ୍ଦେବ ପ୍ରସ୍ତାବିତ ସ୍ଥାନରେ କୌଣସି ବସ୍ତି ନ ଥିବା ରିପୋର୍ଟ ଅବକାରୀ ବିଭାଗକୁ ପ୍ରଦାନ କରିଥିବା ହସ୍ତଗତ ହୋଇଛି। କିନ୍ତୁ ବାସ୍ତବରେ ସେହି ସ୍ଥାନରେ ଅତି ନିକଟରେ ଅନୁସୂଚିତ ଜାତିଙ୍କ ବସ୍ତି ରହିଛି। ସେମାନେ ଦୀର୍ଘ ବର୍ଷ ହେଲା ସେହି ସ୍ଥାନରେ ରହୁଥିବାବେଳେ ସେମାନଙ୍କ ଆଧାର, ଭୋଟର କାର୍ଡ ଏବଂ ରାଶନ୍‌କାର୍ଡ ମଧ୍ୟ ରହିଛି। ତେଣୁ ଏହାକୁ ଚ୍ୟାଲେଞ୍ଜ କରି ପୁନର୍ବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା।

> କ୍ଷେତ୍ର ପରିଦର୍ଶନ କଲେ ତହସିଲ ଟିମ୍, ଅବକାରୀ ବିଭାଗ ଅଧିକାରୀ

ଘଣ୍ଟିଆଳି, ଅରେଇ ଓ ଗୁହାଳି ସରପଞ୍ଚ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାର ପୁନର୍ବାର ତଦନ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବିଞ୍ଝାରପୁର ତହସିଲ ଓ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ ଟିମ୍ ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ ନିଷ୍ପତ୍ତି ଅନୁସାରେ ବିଞ୍ଝାରପୁର ଅତିରିକ୍ତ ତହସିଲଦାର ଠାକୁରଦାସ ନାଏକ, ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା, ଅରେଇ ଆର୍‌ଆଇ ନୀଳରୋହିତ ରଥ ଉକ୍ତ ପ୍ରସ୍ତାବିତ ସ୍ଥାନକୁ ଯାଇ ଯାଞ୍ଚ କରିଛନ୍ତି। ଆର୍‌ଆଇଙ୍କ ଜରିଆରେ ପୁନଃ ଏକ ରିପୋର୍ଟ ପ୍ରସ୍ତୁତ ପାଇଁ ଆଲୋଚନା କରାଯାଇଛି।



ପ୍ରସ୍ତାବିତ ମଦ ଦୋକାନ ପାଖରେ ରହିଥିବା ବସ୍ତି।

# ପ୍ରାଣିଜଗତ ପାଇଁ ଉଦ୍ଭିଦ, ଜଙ୍ଗଲ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ

ଝୁମ୍ପୁରୀ,୨୪।୩(ଡି.ଏନ୍.ଏ.)




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଯାଜପୁର ଜିଲା ପରିବେଶ ସମିତି ଆନୁକୂଲ୍ୟର ଜିଲାସ୍ତରୀୟ ବିଶ୍ୱ ଜଙ୍ଗଲ ଦିବସ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଦଶରଥପୁର ବ୍ଲକ୍ କଣ୍ଟାବଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ଅନ୍ୟତମ ଅତିଥିଭାବେ ଯାଜପୁରର ସହାୟକ ଉଦ୍ୟାନବିତ୍ ହରମୋହନ ମହାପାତ୍ର, ମୁଖ୍ୟବକ୍ତା ଭାବେ ଦଶରଥପୁର ସହାୟକ ଉଦ୍ୟାନବିତ୍ ରୀନା ପୃଷ୍ଟି, ସମ୍ମାନୀତ ବକ୍ତା ଭାବେ ଯାଜପୁର ଜିଲା ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ ମୋହନ ରାୟ ଯୋଗଦେଇ ପ୍ରାଣୀଜଗତ ତିଷ୍ଠି ରହିବା ପାଇଁ ଉଭିଦ ଓ ଜଙ୍ଗଲ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପରିବେଶ ଅବକ୍ଷୟ କାରଣ ଓ ସଂରକ୍ଷଣ ଆମର ଦାୟିତ୍ୱ ସହ ପରିବେଶକୁ ସୁସ୍ଥ ରଖିବାପାଇଁ ବ୍ୟାପକ ବୃକ୍ଷରୋପଣ କରିବା ଆବଶ୍ୟକ ବୋଲି

> ଜିଲା ପରିବେଶ ସମିତି ପକ୍ଷରୁ ଆଲୋଚନାଚକ୍ର

ମତବ୍ୟକ୍ତ କରିଥିଲେ । ଜିଲା ପରିବେଶ ସମିତିର ସମ୍ପାଦକ ଡ. ଶରତ କୁମାର ସାହୁ ଉତ୍ସବ ଓ ଆଲୋଚନାଚକ୍ରର ଉଦ୍ଦେଶ୍ୟ , ଜୀବଜଗତ ଓ ଉତ୍ତମ ପରିବେଶ ସୃଷ୍ଟି ରହିବା ପାଇଁ ଆମ ସମସ୍ତଙ୍କ କର୍ତ୍ତବ୍ୟ ଅଛି ବୋଲି କହିଥିଲେ । ଏହି ଆଲୋଚନା ଚକ୍ର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରାଯାଥିଲା । ବିଦ୍ୟାଳୟର ଇକୋ କ୍ଲବ୍‌ର ଛାତ୍ରୀମାନେ ଉଦ୍‌ଘାଟନୀ ସଙ୍ଗୀତ ପରିବେଷଣ କରିଥିଲେ । ପ୍ରବନ୍ଧ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସନ୍ତୋଷ କୁମାର ଦାସ, ଅଜିତ କୁମାର ଓଝା, ସଞ୍ଜୁଲତା ମହାନ୍ତି, ମୋନାଲିସା ପଣ୍ଡା, ସସ୍ମିତା ନାୟକ, ଭବାନୀ ଶଙ୍କର ନାୟକ, ବିନୋଦିନୀ ମଲ୍ଲିକ, ଭଜଗୋବିନ୍ଦ ମାଝି ପ୍ରମୁଖ ସହଯୋଗ କରିଥିଲେ ।

# ମହୁମାଛି ଆକ୍ରମଣରେ ହୋର୍ଡିଂରୁ ଖସିପଡ଼ି ଜଣେ ମୃତ

ବାରଙ୍ଗ,୨୪।୩(ଡି.ଏନ୍.ଏ.)

ବାରଙ୍ଗ ଥାନା ଅନ୍ତର୍ଗତ ବଙ୍ଗାଳି ସାହି ଛକରେ ଥିବା ୫୦ ଫୁଟର ଏକ ହୋର୍ଡିଂ ଉପରେ ଚଢ଼ି କାମ କରିବାବେଳେ ମହୁମାଛି ଆକ୍ରମଣରେ ହୋର୍ଡିଂ ଉପରୁ ଖସିପଡ଼ି ଜଣେ ଯୁବକ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ କଟକ ଜିଲା ଗୁରୁଡ଼ିଝାଟିଆ ଥାନା ଅଧୀନ କୁସପାଙ୍ଗି ଗ୍ରାମର ବିଜୟ କୁମାର ବେହେରା(୨୪)। ଏ ନେଇ ମୃତକଙ୍କ ପିତା ପ୍ରେମା ବେହେରା କମ୍ପାନୀ କର୍ତ୍ତୃପକ୍ଷଙ୍କ ନାମରେ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶଯେ, ଗୁରୁବାର ବିଳମ୍ବିତ ରାତିରେ ଏକ ଆଡଭାଇଟାଇଜ ମେଣ୍ଟ କମ୍ପାନୀ ଅଧୀନରେ କାମ କରୁଥିବା ବିଜୟ ସହ ଆଉ ଜଣେ ଯୁବକ ବଙ୍ଗାଳିସାହି ଛକରେ ଥିବା ୫୦ ଫୁଟ ଉଚ୍ଚର ହୋର୍ଡିଂ ଉପରେ ଚଢ଼ି କାମ କରୁଥିଲେ। ଏହି ସମୟରେ ହୋର୍ଡିଂ ଉପରେ ଥିବା ମହୁମାଛି ଆସି ଆକ୍ରମଣ କରିବାରୁ ବିଜୟ ହୋର୍ଡିଂ ଉପରୁ ତଳକୁ ଏକ ପରିତ୍ୟକ୍ତ ଆଜବେଷ୍ଟସ ଘର ଉପରେ ଖସି ପଡ଼ିଥିଲେ। କିନ୍ତୁ ଅନ୍ୟ ଜଣେ ଯୁବକ କୌଶଳକ୍ରମେ ତଳକୁ ଓହ୍ଲାଇ ପଡ଼ିଥିଲେ। ଆଜବେଷ୍ଟସ ଉପରେ ପଡିଥିବା ଯୁବକ ଆଜବେଷ୍ଟସ ଭାଙ୍ଗି ଘର ଭିତରେ ପଡ଼ି ଗୁରୁତର ଆହତ ହୋଇଥିଲେ। ସଙ୍ଗେସଙ୍ଗେ ତଳେ ଥିବା ଅନ୍ୟ ସହଯୋଗୀମାନେ ଗୁରୁତର ଅବସ୍ଥାରେ ବିଜୟଙ୍କୁ ଉଦ୍ଧାର କରି କଟକ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ପୁରସ୍କୃତ



୧୦୮ ଚାଳକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଯାଜପୁର ସଦର,୨୪।୩(ଡି.ଏନ୍.ଏ.)

ସାରା ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଯୋଗାଉଥିବା ସଂସ୍ଥା ଜିକିତ୍ସା ହେଲ୍‌ଥ କେୟାର ଲିମିଟେଡ୍‌ର ବାର୍ଷିକ ଉତ୍ସବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। ଉତ୍ସବରେ ସଂସ୍ଥାର ଓଡ଼ିଶା ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ମୁମ୍ବାଇର ମାର୍କେଟିଂ ହେଡ୍ ପ୍ରିୟଙ୍କା ଘୋଷ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟରେ ସେବା ଯୋଗାଉଥିବା ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭର, ଫାର୍ମାସିଷ୍ଟ ଓ ହେଲପରମାନେ ଉପସ୍ଥିତ ଥିଲେ। ଉତ୍ସବରେ ଯାଜପୁର ଜିଲା ଯାଜପୁର ବ୍ଲକ୍ ଅନ୍ତର୍ଗତ ନାଥସାହି ପଞ୍ଚାୟତର ଶରତ ଚନ୍ଦ୍ର ଜେନାଙ୍କୁ ଜିଲାର ଶ୍ରେଷ୍ଠ ଡ୍ରାଇଭରରୂପେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିକିତ୍ସା ହେଲ୍‌ଥ କେୟାରର ମାନବ ସମ୍ବଳ ମୁଖ୍ୟ ଓ ରାଜ୍ୟ ପରିଚାଳନା ମୁଖ୍ୟ ପରିଚାଳନା କରିଥିଲେ। ଯାଜପୁର ଜିଲା କ୍ଲଷ୍ଟର ପରିଚାଳକ ଆଶିଷ ବଳ ଓ ସେକ୍ ମହତାବ ପ୍ରମୁଖ ଉପସ୍ଥିତ ଥିଲେ। ଜେନା ଶ୍ରେଷ୍ଠ ଡ୍ରାଇଭରଭାବେ ପୁରସ୍କୃତ ହୋଇଥିବାରୁ ଅଶୋକ ଦାସ ଫାଉଣ୍ଡେଶନ ସଚିବ ଭବପ୍ରସାଦ ଦାସ, ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଓ ବିଜେଡି ନେତା ତୁଷାରକାନ୍ତ ପରିଡ଼ା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହିଙ୍ଗୁଳା ବଣିକ ସଂଘର ନୂତନ କର୍ମକର୍ତ୍ତା

ଯାଜପୁର ରୋଡ,୨୪।୩(ଡି.ଏନ.ଏ.)

ଶିଙ୍ଘଡିଆ ହିଙ୍ଗୁଳା ବଣିକ ସଙ୍ଘର ନୂତନ କର୍ମକର୍ତ୍ତା ମଣ୍ଡଳୀ ମନୋନୀତ ହୋଇ ଯାଇଛି। ଏଥିରେ ସଭାପତି ଭାବେ ଦୋଳଗୋବିନ୍ଦ ମଲ୍ଲିକ, ଉପସଭାପତି କାହ୍ନୁଚରଣ ସାହୁ, ସମ୍ପାଦକ ଆନନ୍ଦଚନ୍ଦ୍ର ସାହୁ, ସହ ସମ୍ପାଦକ ଅକ୍ଷୟ କୁମାର ଜେନା, କୋଷାଧ୍ୟକ୍ଷ ହୃଷିକେଶ ସାହୁ, ଉପଦେଷ୍ଟା ମଣ୍ଡଳୀରେ ଭାଗିରଥି ମହଲା ଓ କୈଳାସ ଚନ୍ଦ୍ର ସାହୁ, ମନ୍ଦିର ପରିଚାଳନାର ମୁଖ୍ୟ ସେବକ ଭାବେ ଧରଣୀଧର ପାତ୍ର ସହ ଏକ ୧୫ ଜଣିଆ ପରିଚାଳନା କମିଟି ଗଠନ କରାଯାଇଛି। ସେମାନଙ୍କ ମଧ୍ୟରେ ସନ୍ତୋଷ କୁମାର ମହାକୁଡ଼, ନରେନ୍ଦ୍ର କୁମାର ନାୟକ, ଅଭିରାମ ପୃଷ୍ଟି, ସୁଦର୍ଶନ ପଥାଳ, ବିପିନ ବିହାରୀ ମହାକୁଡ଼, କୃଷ୍ଣଚନ୍ଦ୍ର ମଳିକ, ଦଶରଥ ସାହୁ, ସୁଜିତ କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, କାଶିନାଥ ସାହୁ, ଧନେଶ୍ୱର ସାହୁ, ବ୍ରହ୍ମାନନ୍ଦ ସାହୁ, ଚନ୍ଦନ କୁମାର ସାହୁ, ପ୍ରଦୀପ କୁମାର ସାହୁ ଓ ମଦନମୋହନ ସାହୁ ରହିଛନ୍ତି। ସଂଘ ପକ୍ଷରୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଶାଖା ଖୋଲିବାକୁ ପ୍ରାଥମିକ ପଦକ୍ଷେପ ନିଆ ଯାଇଛି ବୋଲି ସୂଚନା ଦିଆଯାଇଛି।

# ମନସ୍ୱିନୀ ଓଡ଼ିଶା ସିନିୟର ମହିଳା କବାଡ଼ି ଦଳର କୋଚ୍

> ଓଡ଼ିଶା ଦଳରେ ପ୍ରାଚୀ ମହଲ

ରସୁଲପୁର,୨୪।୩ (ଡି.ଏନ.ଏ)

ଓଡ଼ିଶା କବାଡ଼ିରେ ଯାଜପୁର ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ପୂର୍ବତନ କବାଡି ଖେଳାଳି ଓ ପ୍ରୋ-କବାଡି ଖେଳରେ ଏକାଧିକ ଥର ଅଫିସିଆଲ ଭାବରେ ଦାୟିତ୍ୱ ତୁଲାଇଥିବା ମନସ୍ୱିନୀ ସାହୁଙ୍କୁ ଓଡିଶା ସିନିୟର ମହିଳା କବାଡ଼ି ଦଳର କୋଚ୍ ଭାବେ ନିଯୁକ୍ତ କରାଯାଇଛି। ହରିୟାଣାର ମହେନ୍ଦ୍ରନଗରରେ ଚାଲିଥିବା ୬୯ତମ ସିନିୟର ମହିଳା କବାଡ଼ି ଚାମ୍ପିୟନଶିପ୍‌ରେ ଦଳ ଭାଗ ନେଉଥିବା ଓଡ଼ିଶା ଦଳ ସହିତ ସେ ଗସ୍ତ କରିଛନ୍ତି। ଓଡ଼ିଶା ଦଳପାଇଁ ଖେଳାଳିମାନଙ୍କୁ ବାଛିବା ସକାଶେ ସୁନ୍ଦରଗଡଠାରେ ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତା କବାଡ଼ି ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ଜିଲା ସିନିୟର ମହିଳା ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା।



ମନସ୍ୱିନୀ ସାହୁ



ପ୍ରାଚୀ ମହଲ

ଦଳ କିନ୍ତୁ ରେଲୱେ ମହିଳା ଦଳଠାରୁ ପରାଜୟ ବରଣ କରି ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ତେବେ ଯାଜପୁରର ମହିଳା କବାଡ଼ି ପ୍ରତିଭା ପ୍ରାଚୀ ମହଲ ଉନ୍ନତ ଖେଳ ପ୍ରଦର୍ଶନ କରି ମନୋନୟକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଯାଜପୁର ଜିଲାରୁ ପ୍ରାଚୀ ଓ ମନସ୍ୱିନୀ ଓଡ଼ିଶା ଦଳରେ ପ୍ରତିନିଧିତ୍ୱ କରି ଜିଲାର ଗୌରବକୁ ଉଚ୍ଚା କରିପାରିଛନ୍ତି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ ବିରୋଧରେ ବିକ୍ଷୋଭ

ଯାଜପୁର ଟାଉନ,୨୪।୩(ଡି.ଏନ.ଏ.)

ଭାଜପା ସରକାର ଏବଂ ପଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ କଂଗ୍ରେସର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରାର ଲୋକ ପ୍ରିୟତାରେ ଭୟଭୀତ ହୋଇଛନ୍ତି। ତେଣୁ ବିରୋଧୀ ଦଳର ସ୍ୱରକୁ କଣ୍ଠରୋଧ କରିବା ପାଇଁ ଅଣଗଣତାନ୍ତ୍ରିକ ଓ ସମ୍ବିଧାନ ବହର୍ଭୂତ ଆଇନର ପ୍ରୟୋଗ କରି ତାଙ୍କ ଏମ୍‌ପି ପଦ ରଦ୍ଦ କରିବା ପାଇଁ ଚେଷ୍ଟା କରୁଛନ୍ତି। ଏହା ବିରୋଧରେ ଯାଜପୁର କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକଠାରେ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। ଏଥିରେ ସୁରଟ କୋର୍ଟର ରାୟକୁ ଅପିଲ ସମୟ ଏକ ମାସଥିବାବେଳେ ଅସାମ୍ବିଧାନିକ ଓ ତରଭରିଆଭାବେ ପାର୍ଲାମେଣ୍ଟରେ ତାଙ୍କର ଏମ୍‌ପି ପଦ ରଦ୍ଦ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥିସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିକ୍ଷୋଭ ଓ ପ୍ରତିବାଦ ସଭାରେ ସର୍ବଶ୍ରୀ ଦିଗମ୍ବର କର, ସନ୍ତୋଷ ନନ୍ଦ, ବିଷ୍ଣୁଚରଣ ରାଉତ, ବଳଭଦ୍ର ଦାସ, ଯାଜପୁର ବ୍ଲକ ସଭାପତି ଗଦାଧର ଦାସ, ଦଳିତ ସେଲର ସଭାପତି ଦୁର୍ଯ୍ୟୋଧନ ହେହେରା, ହୃଷୀକେଶ ପତି, ପ୍ରତିମା କର, କନକଲତା ରାଉତ, ରାଜୀବ ମହାପାତ୍ର, ମାନସ ପଣ୍ଡା, ସନ୍ତୋଷ ବେହେରା, ଅରଜିତ ନାୟକ, ଭରତ ବେହେରା, ବିଦ୍ୟାଧର ବାରିକ, ନକୁଳ ସାହୁ, ମିଡିଆ ସେଲ ଅଧକ୍ଷ ଆଦିତ୍ୟ ମହାନ୍ତି, ସଞ୍ଜୀବ ଦାସ, ଅନିରୁଦ୍ଧ ସାହୁ, ଭରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଭାଜପା ସରକାରର ହୀନମାନ୍ୟତା ବିରୋଧରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି।




କଂଗ୍ରେସ ନେତା ଓ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ସୃଜନଶୀଳତା, ଇଚ୍ଛାଶକ୍ତି ଜାଗ୍ରତ ହେଲେ ଛାତ୍ରଛାତ୍ରୀ ସଫଳ ହେବେ

ବାଲିକୁଦା, ୨୪।୩ (ସ୍ୱ.ପ୍ର.): ବାଲିକୁଦା ବ୍ଲକ ବୋରିକିନାସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜୀବନ କୌଶଳ ଶିକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା କଳ୍ପନାରାଣୀ ଦେ ଏଥିରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ବୀରନାରାୟଣ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭିତରେ ସୃଜନଶୀଳତା, ଗଭୀର ଆତ୍ମପ୍ରତ୍ୟୟ ଓ ଦୃଢ଼ ଇଚ୍ଛାଶକ୍ତି ଜାଗ୍ରତ ହୋଇପାରିଲେ ସେମାନେ ଜୀବନରେ ସଫଳ ହୋଇପାରିବେ ବୋଲି କହିଥିଲେ। ଆଲୋଚନା ପ୍ରାରମ୍ଭରେ ବିଜ୍ଞାନ ଶିକ୍ଷକ ଅଜିତ୍ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁଧୀର କୁମାର ନାୟକ, ପ୍ରତିଭାବାଳା ବେହେରା, ରୋଜାଲିନ୍ କର ପ୍ରମୁଖ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ରମେଶ ଚନ୍ଦ୍ର ମହାନ୍ତି, ଜଗଦୀଶ ପ୍ରସାଦ ବିଶ୍ୱାଳ, ଅକ୍ଷୟ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଅତୁଳନୀୟ

ପାରାଦୀପ, ୨୪।୩ (ସ୍ୱ.ପ୍ର.): ପାରାଦୀପ କଲେଜ ପରିସରରେ ଶୁକ୍ରବାର ଇତିହାସ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ସସ୍ମିତା ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ 'ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ' ଆଲୋଚନା ବିଷୟ ଥିଲା। ପିଜି କାଉନ୍ସିଲ ଅଧକ୍ଷ ବସନ୍ତ କୁମାର ମଲ୍ଲିକ ଆଲୋଚକ ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ସମୟରେ ଅନେକ ଓଡ଼ିଆ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ସେତେବେଳେ ଇଂରେଜ ଶାସକମାନେ ଅକଥନୀୟ ନିର୍ଯାତନା ଦେଉଥିଲେ। ଏ ନେଇ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଅତୁଳନୀୟ ବୋଲି ମଲ୍ଲିକ କହିଥିଲେ। ଇତିହାସ ବିଭାଗ ଅଧାପକ ଅକ୍ଷୟ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ ମହିଳା ଫୋରମର ପାରାଦୀପ ଗସ୍ତ

ପାରାଦୀପ, ୨୪।୩(ସ୍ୱ.ପ୍ର.): ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ ମହିଳା ଫୋରମ ସଦସ୍ୟମାନେ ଶୁକ୍ରବାର ପାରାଦୀପ ଗସ୍ତରେ ଆସିଥିଲେ। ଏହି ମହିଳା ଟିମ୍ ବିଭିନ୍ନ ସ୍ଥାନକୁ ଯିବା ସହ ଶିକ୍ଷାନୁଷ୍ଠାନ, ଆଶ୍ରୟ କେନ୍ଦ୍ର, ଭିନ୍ନକ୍ଷମ ଲୋକଙ୍କୁ ସାକ୍ଷାତ୍ କରିଥିଲେ। ସେମାନେ ପଙ୍କପାଳଠାରେ ଏକ ସ୍କୁଲକୁ କମ୍ପ୍ୟୁଟର ପ୍ରଦାନ କରିବା ସହ ନୂଆଗଡ଼ ପଞ୍ଚାୟତରେ ଭିନ୍ନକ୍ଷମ ଛାତ୍ରଙ୍କୁ ପାଠ ପଢ଼ିବା ପାଇଁ ଆର୍ଥିକ ସହାୟତା, ଜରାଶ୍ରମରେ ଥିବା ବୃଦ୍ଧାବୃଦ୍ଧଙ୍କୁ ଆବଶ୍ୟକ ଅନୁସାରେ ଉପକରଣ ଦେଇଥିଲେ। ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ, ଶ୍ୱେତା ସ୍ୱାଇଁ, ସୋନାଲି ଚୌଧୁରୀ ଓ ମୋନିଦୀପା ସର୍ଖେଲ ପ୍ରମୁଖ ସାମିଲ ଥିଲେ।

# ପାକ୍ସ ସମ୍ପାଦକଙ୍କ ମନମାନି, ଚିନ୍ତାରେ ଚାଷୀ

ଜଗତ୍‌ସିଂହପୁର ଅଫିସ, ୨୪।୩

ଚଳିତ ଖରିଫ ଋତୁ ପାଇଁ ଧାନକିଣା ଅବଧି ଚଳିତ ମାସ ୩୦ ତାରିଖ ସୁଦ୍ଧା ଶେଷ ହେବ। ମଣ୍ଡିଗୁଡ଼ିକରୁ ମୋଟ୍ ୧୬,୫୨,୦୦୦ କୁଇଣ୍ଟାଲ ବଳକା ଧାନ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଶୁକ୍ରବାର ସୁଦ୍ଧା ୧୩,୯୮,୦୭୨.୨୯ କୁଇଣ୍ଟାଲ ଉଠିଛି। ଅବଶିଷ୍ଟ ୨,୫୩,୯୨୭.୭୧ କୁଇଣ୍ଟାଲ ୬ ଦିନ ଭିତରେ ଉଠିବ ବୋଲି କୁହାଯାଉଛି। ଅପରପକ୍ଷେ ଧାନ ବିକିବାକୁ ୮,୨୨୮ ଜଣ ଚାଷୀ ରହିଲେଣି। ଚାଷୀଙ୍କ ବ୍ୟାକୁଳତାର ସୁଯୋଗ ନେଇ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ସମ୍ପାଦକମାନେ ମୂଳଚାଲ ଜୋର୍‌ଦାର କରି ଦେଇଛନ୍ତି। ଯେଉଁମାନେ ସମ୍ପାଦକମାନଙ୍କ ଇଚ୍ଛା ମୁତାବକ ଧାନ କାଟିବିକ୍ରି କରିବେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କୁହାଯାଉଛି। ଏନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏପରି କି ଅନେକ ଚାଷୀଙ୍କ ଧାନର ୫୦ରୁ ୭୦ ଭାଗ କିଣିବା ପାଇଁ ବାଧ କରାଯାଉଥିବା ଅଭିଯୋଗ ହେଉଛି। ଯେଉଁମାନେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନଙ୍କ ଧାନ କିଣାଯିବ ନାହିଁ ବୋଲି ଚେତାବନୀ ଦିଆଯାଉଛି। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏଭଳି ସଙ୍ଗିନ ଅଭିଯୋଗ କରାଯାଇଛି। ସଙ୍ଗଠନ ନେତା ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ଚଳିତବର୍ଷ ଧାନ ଭଲ ହୋଇଛି। କିନ୍ତୁ ଜିଲା କୃଷି ବିଭାଗ ୪୫,୧୪୧ ଜଣ ଚାଷୀଙ୍କ ବଳକା ଧାନ ୧୬, ୫୨,୦୦୦ କୁଇଣ୍ଟାଲ ଥିବା ଦର୍ଶାଯାଇଛି। ତେଣୁ ଏହି ଚାଷୀମାନଙ୍କ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରାଯାଇଛି । ଏହି ମୁତାବକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଟୋକନ ଦିଆଯାଇଛି। ୧୦୩ ସରକାରୀ ମଣ୍ଡି (ପାକ୍ସ) ଓ ୬ଟି ଏସ୍‌ଏଚ୍‌ଜିରେ ଧାନ ସଂଗ୍ରହ ଚାଲିଛି । ଧାନକିଣାର ସୁପରିଚାଳନା ଲାଗି ସ୍କ୍ୱାଡ୍‌ମଧ୍ୟ ଗଠନ କରାଯାଇଛି। ଜିଲା ଧାନ ସଂଗ୍ରହ କମିଟିର ଅଧ୍ୟକ୍ଷ ନିଜେ ଜିଲାପାଳ ପାରୁଲ ପଟୱାରୀ ଅଛନ୍ତି। ଏଥିସହ ସ୍କ୍ୱାଡ୍‌ରେ ଅତିରିକ୍ତ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଉପଜିଲାପାଳଙ୍କ ସମେତ ବିଡିଓ, ତହସିଲଦାର, ସମବାୟ ସମିତି ସହକାରୀ ନିବନ୍ଧକ ଓ ତାଙ୍କ ଅଧୀନରେ ଥିବା ଅନ୍ୟ କର୍ମଚାରୀମାନେ ରହିଛନ୍ତି।


ଜଗତ୍‌ସିଂହପୁର ବ୍ଲକ ଅଧୀନ ମଣ୍ଡାସାହି ଓ ଜାହାନପୁର ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦେଉଛନ୍ତି।

**ଖରିଫ ଧାନକିଣାରେ ବ୍ୟତିକ୍ରମ**

- ୬ ଦିନରେ ଉଠିବାକୁ ଅଛି ୨ ଲକ୍ଷ ୫୪ ହଜାର କୁଇଣ୍ଟାଲ
- ନାଁକୁ ରହିଛି ସ୍କ୍ୱାଡ୍
- ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ

କିନ୍ତୁ ସ୍କ୍ୱାଡ୍ କେବଳ ଔପଚାରିକତା ପାଇଁ ଗଠନ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀଙ୍କ ଉପରେ ଅତ୍ୟାଚାର ଜାରି ରହିଛି। ଏହାର ଏକ ଉଦାହରଣ ଜଗତ୍‌ସିଂହପୁର ବ୍ଲକ ମଣ୍ଡାସାହି ଓ ଜାହାନପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ଏଠାରେ ଧାନ କିଣାଯାଉ ନ ଥିବା ପ୍ରତିବାଦରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁଙ୍କ ନେତୃତ୍ୱରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତାଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅଭିଯୋଗପତ୍ର ଦାଖଲ କରାଯାଇଛି। ଅନେକ ସ୍ଥାନରେ ଚାଷୀମାନେ ଏପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଅଖା ଦିଆ ନ ଯାଇ ଏ ବାବଦ ଅର୍ଥଶ୍ରାଦ୍ଧ କରାଯାଉଛି। ପାକ୍ସ ସମ୍ପାଦକ ଓ ମିଲର ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀଙ୍କ ଧାନ ମନଇଚ୍ଛା କାଟି ନିଆଯାଉଛି। ଅଭିଯୋଗ କଲେ କିଛି ଲାଭ ହେଉନି। ଏଣେ ଧାନକିଣା ଅବଧି ସରିବାକୁ ଯାଉଥିବା ଜାଣି ଚାଷୀମାନେ ମଣ୍ଡିରେ ଧାନ ଗଦେଇ ବର୍ଷା, ଖରା, ଶୀତରେ ଜଗିରହି ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିମଧ୍ୟରେ ଅନେକଙ୍କ ଟୋକନ ଅବଧି ସରିଗଲାଣି। ଆଉ ଯେଉଁମାନଙ୍କର ଅଛି ସେମାନଙ୍କ ଅବଧି ମଧ୍ୟରେ ଧାନ ବିକ୍ରି ହୋଇ ନ ପାରିଲେ କ'ଣ କରିବେ ବୋଲି ଦୁଃଖର ସହ କହିଛନ୍ତି। ସୂଚନାଯୋଗ୍ୟ, ଧାନ ସଂଗ୍ରହ କ୍ଷେତ୍ରରେ ସରକାର ତଥା ପ୍ରଶାସନ, ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଚାଷୀ କ୍ଷତିରେ ପଡୁଛନ୍ତି। ଦିବାଲୋକରେ ଅନିୟମିତତା ଚାଲିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହା ଉପରେ ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ପାକ୍ସ ସମ୍ପାଦକମାନଙ୍କ ମନମାନିକୁ ସ୍ୱୀକାର କରିବା ସହ ଚଢ଼ାଉ ଜାରି ରହିଥିବା କହିଛନ୍ତି। ଧାନକିଣା ଅବଧି ସରିବାକୁ ବସିଥିବାରୁ ଏହା ଭିତରେ ଯେତିକି ଚାଷୀ ରହିଲେ ସେମାନଙ୍କ ସ୍ୱାର୍ଥହାନି କରାଯିବ ନାହିଁ ବୋଲି ସେ କହିଛନ୍ତି।

### ଝଡ଼ ପ୍ରଭାବରେ ପରିବା ନଷ୍ଟ, ମୁଗ ଫସଲ କ୍ଷତି ଆଶଙ୍କା

କୁଜଙ୍ଗ, ୨୪।୩ (ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ପଶ୍ଚିମା ଝଡ଼ ପ୍ରଭାବରେ ବର୍ଷା ଓ କୁଆପଥର ମାଡ଼ ହୋଇଛି। ଫଳରେ ଏହି ବ୍ଲକର ୫ ପଞ୍ଚାୟତ ଯଥାକ୍ରମେ– ବାଗୋଇ, ବାଲିଆ, ପାଟପୁର, ମଲ୍ଲାସାହି ଓ କୁଜଙ୍ଗରେ ପରିବା ଫସଲ, ଆମ୍ବ, ଅମୃତଭଣ୍ଡା, ସଜନା ଆଦି ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରାୟ ୫ ଦିନ ହେବ ଝଡ଼ ଲାଗିରହିବା ଯୋଗୁ ମୁଗ ଫସଲ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଚଳିତବର୍ଷ କୁଜଙ୍ଗ ବ୍ଲକରେ ୮ହଜାର ୫ଶହ ୭୦ ହେକ୍ଟର ଜମିରେ ମୁଗ ଫସଲ କରାଯାଇଥିଲା । ଚାଷୀ ଓ କୃଷି ବିଭାଗ ଭଲ ମୁଗ ଫସଲ ଅମଳ ହେବ ବୋଲି ଆଶା ରଖିଥିଲେ। ଏବେ ମୁଗ ଫୁଲ ଧରିବା ଆରମ୍ଭ କରିଥିଲାବେଳେ ବର୍ଷା ଉଷୁମ ଭାଙ୍ଗି ଦେଇଥିବାରୁ ଫୁଲ ଧରିବା ପାଇଁ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ମାଟି ସନ୍ତସନ୍ତିଆ ରହିଲେ ମୁଗଗଛ ମରିଯିବା ସାଙ୍ଗକୁ ଜଉଆ ଓ କାଳିମୁଣ୍ଡି ପୋକ ଲାଗିବାର ଆଶଙ୍କା ରହିଛି । ବର୍ତ୍ତମାନ ସ୍ଥିତି ଯାହା ଅଛି ଯଦି ଆଉ କିଛି ବର୍ଷା ହୋଇଯାଏ ମୁଗଚାଷ ଅନିର୍ଦ୍ଦିଷ୍ଟତା ମଧ୍ୟକୁ ଚାଲିଯିବାର ସମ୍ଭାବନା ଅଛି ବୋଲି ସହକାରୀ କୃଷି ଅଧିକାରୀ ପ୍ରଦୋଷ କୁମାର ବେହେରା ଆଶଙ୍କାବ୍ୟକ୍ତ କରିଛନ୍ତି । ଏକ ସପ୍ତାହ ପରେ ମୁଗ ଗଛର ଅବସ୍ଥା ଜଣାପଡ଼ିବ ବୋଲି ସେ କହିଛନ୍ତି।

# ଥାନା ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ



ନାଉଗାଁ, ୨୪।୩ (ସ୍ୱ.ପ୍ର.)

**ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଘଟଣା**

- ୪ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିବା ପରେ ଧାରଣା ପ୍ରତ୍ୟାହୃତ

ନାଉଗାଁ ଥାନା ଅନ୍ତର୍ଗତ କୋରୁଆ ପଞ୍ଚାୟତ ତେଲସରା ଗ୍ରାମର ରଞ୍ଜିତ ଜେନାଙ୍କ ସ୍ତ୍ରୀ ମାମାଲିଙ୍କୁ ଶାଶୁଘର ଲୋକେ ମାରିଦେଇଥିବା ନେଇ ମୃତାଙ୍କ ଭାଇ ସୁବାଶିଷ ପରିଜା ଗୁରୁବାର ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ୨୪ ଘଣ୍ଟା ପୂରିଥିଲେ ହେଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଏହାର ପ୍ରତିବାଦ କରି ମୃତା ମାମାଲିଙ୍କ ଭାଇ ସୁବାଶିଷ, ଦାଦା ଯତିନ୍ଦ୍ର ପରିଜାଙ୍କ ସମେତ ନାଉଗାଁ ଗ୍ରାମର ବହୁ ଲୋକ ଥାନା ସମ୍ମୁଖରେ ମୃତଦେହ ରଖି ବସିରହିଛନ୍ତି। ଘଟଣାସ୍ଥଳରେ ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂ, ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଓ ତହସିଲଦାର ଜେ. କଳ୍ପନା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ରାତି ପ୍ରାୟ ୧୧ଟା ବେଳେ ପୋଲିସ ଅଭିଯୁକ୍ତ ଶାଶୁ, ଶ୍ୱଶୁର, ଦେଢ଼ଶୁର ଓ ଯାଆଙ୍କୁ ଆଣି ଥାନାରେ ଅଟକ ରଖିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ନାଉଗାଁ ଗ୍ରାମର ନିରଞ୍ଜନ ପରିଜାଙ୍କ ଝିଅ ମାମାଲି ୫ ବର୍ଷ ତଳେ ବୈଦିକ ରୀତିରେ ରଞ୍ଜିତଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯାନିଯୌତୁକ ଦିଆଯାଇଥିଲା। ମାତ୍ର ଆଉ ଅଧିକ ୫ଲକ୍ଷ ଟଙ୍କା ଆଣିବା ପାଇଁ ଶାଶୁଘର ଲୋକେ ମାମାଲିଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ। ଖବର ପାଇ ବାପଘର ଲୋକେ ମାମାଲିଙ୍କ ଶାଶୁଘରକୁ ଯାଇ ଆପୋସ ବୁଝାମଣା କରିଥିଲେ। ଏହାସତ୍ତ୍ୱେ ବୁଧବାର ରାତିରେ ଶାଶୁଘର ଲୋକେ ମିଶି ମାମାଲିଙ୍କୁ ହତ୍ୟା କରିଥିବା ନେଇ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ଥାନା ପକ୍ଷରୁ ମାମଲା (ନଂ.୬୮/୨୩) ରୁଜୁ କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି।

### ଯକ୍ଷ୍ମାମୁକ୍ତ ଭାରତ ଗଠନ ଲାଗି ସଙ୍କଳ୍ପ

ତିର୍ତ୍ତୋଲ, ୨୪।୩ (ଡି.ଏନ୍.ଏ.)

ଯକ୍ଷ୍ମା ଏବେ ଆଉ ଦୁରାରୋଗ୍ୟ ହୋଇ ରହିନାହିଁ। ଡାକ୍ତରଙ୍କ ପରାମର୍ଶରେ ନିୟମିତ ଔଷଧ ଖାଇଲେ ଏଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ ହୋଇପାରିବ। ଏନେଇ ଲୋକେ ସଚେତନ ହେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ସଭାରେ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ଯକ୍ଷ୍ମାମୁକ୍ତ ଭାରତ ଗଠନ ଲାଗି ସଙ୍କଳ୍ପ ନିଆଯାଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶୁଭଜ୍ୟୋତି ମହାନ୍ତି ସଭାପତିତ୍ୱ କରିଥିଲେ। ପିଏଚ୍‌ଇଓ ପୁଷ୍ପାଞ୍ଜଳି ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିପିଏମ୍ ଗୀତାଞ୍ଜଳି ସିଂ, ସିଏଚ୍‌ସି ସୁପରଭାଇଜର ଯତୀନ୍ଦ୍ର ନାୟକ, ଏସ୍‌ଟିଏସ୍ ପ୍ରଶାନ୍ତ କୁମାର ସାହୁ, ମହିଳା ଏମ୍‌ପିଏଚ୍‌ଡବ୍ଲ୍ୟୁ ସୋନାଲି ସୁଚିସ୍ମିତା ରାୟ, ପୁରୁଷ ଏମପିଏଚ୍‌ଡବ୍ଲ୍ୟୁ ମହମ୍ମଦ ଜନେଦ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ବିରୋଧରେ ସଚେତନ କରିବା ସହ ରୋଗ ନିରୂପଣ ଓ ଚିକିତ୍ସା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ଶତାଧିକ ଆଶା କର୍ମୀଙ୍କୁ ସାମିଲ କରାଯାଇ ସଚେତନ କରାଯାଇଥିଲା।

### ୪୦ ଯକ୍ଷ୍ମା ଆକ୍ରାନ୍ତଙ୍କ ଦାୟିତ୍ୱ ନେଲେ ଡାକ୍ତର


ଉତ୍ସବରେ ଯୋଗ ଦେଇଥିବା ଡାକ୍ତର ଶିବ ପ୍ରସାଦ ସେଠୀ ଓ ଅନ୍ୟମାନେ।

କୁଜଙ୍ଗ, ୨୪।୩ (ଡି.ଏନ୍.ଏ.)

ଦେଶରୁ ଯକ୍ଷ୍ମାର ମୂଳୋତ୍ପାଟନ ନିମନ୍ତେ ଯକ୍ଷ୍ମା ଆକ୍ରାନ୍ତଙ୍କ ପୁଷ୍ଟି ସାଧନ ପାଇଁ ଗତ ଅଗଷ୍ଟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶିଳ୍ପପତି, ବଡ ବ୍ୟବସାୟୀ ଓ ସହୃଦୟ ବ୍ୟକ୍ତିମାନଙ୍କୁ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ମର୍ମରେ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଅବଗତ କରାଯାଇଥିଲା। ଏନେଇ ନିକ୍ଷୟ ମିତ୍ର ସୃଷ୍ଟି କରି ସେମାନଙ୍କ ଜରିଆରେ ଯକ୍ଷ୍ମା ଆକ୍ରାନ୍ତଙ୍କୁ ପୋଷ୍ୟଭାବେ ଗ୍ରହଣ କରିବାପାଇଁ ସଚେତନତା କରାଯାଉଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଶିବ ପ୍ରସାଦ ସେଠୀ ନିକ୍ଷୟ ମିତ୍ରଭାବେ ୪୦ ଜଣ ଯକ୍ଷ୍ମା ଆକ୍ରାନ୍ତଙ୍କୁ ଶୁକ୍ରବାର ୬ମାସ ପର୍ଯ୍ୟନ୍ତ ପୋଷ୍ୟଭାବେ ଗ୍ରହଣ କରିଛନ୍ତି। ଏନେଇ ସେ ତାଙ୍କ ମାସିକ ଦରମା ଅଧା ଦେବାକୁ ସ୍ଥିର କରିଛନ୍ତି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଏହି ଉପଲକ୍ଷେ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ ଉକ୍ତ ରୋଗୀଙ୍କ ପୁଷ୍ଟି ସାଧନ ନିମନ୍ତେ ସେଠୀ ଚାଉଳ, ଡାଲି, ଅଟା, ଅମୂଲ, ବିସ୍କୁଟ ଓ ଫଳ ସମେତ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ମାସକ ପାଇଁ ପ୍ରଦାନ କରିଛନ୍ତି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ପ୍ରସନ୍ନ ପଣ୍ଡା ଯୋଗଦେଇ ଡାକ୍ତର ସେଠୀଙ୍କ ମହନୀୟତାକୁ ପ୍ରଶଂସା କରିଥିଲେ । ଡାକ୍ତର ସତ୍ୟଜିତ ପ୍ରଧାନ, ବ୍ଲକ ଯକ୍ଷ୍ମା ପରିଦର୍ଶକ ଶୟେଦ ଆମିନୁଲ ଇସଲାମ, ଜନସ୍ୱାସ୍ଥ୍ୟ ଅଧିକାରିଣୀ ସନ୍ଧ୍ୟାବତୀ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ବିରଜା ପ୍ରସାଦ ମହାନ୍ତି, ସୌମିତ୍ର ସ୍ୱାଇଁ ଓ ବିପିଏମ୍ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପର ବହୁ ଶିଳ୍ପ କାରଖାନା କୁଜଙ୍ଗରେ ପ୍ରତିଷ୍ଠା ହୋଇଛି। ଏସବୁ ଶିଳ୍ପରୁ ନିର୍ଗତ ବିଷାକ୍ତ ଧୂଳିକଣା, ଗ୍ୟାସ୍ ଯୋଗୁ ବାୟୁ ମଣ୍ଡଳ ପ୍ରଦୂଷିତ ହେବାସହ ବହୁ ଲୋକ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ କୁଜଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବିଭିନ୍ନ ଶିଳ୍ପ କର୍ତ୍ତୃପକ୍ଷଙ୍କୁ ଯକ୍ଷ୍ମା ରୋଗୀଙ୍କ ପୁଷ୍ଟି ସାଧନ ନିମନ୍ତେ ଜଣଙ୍କୁ ପୋଷ୍ୟଭାବେ ଗ୍ରହଣ କରିବାକୁ ନିବେଦନ କରାଯାଇଥିଲା।

# ସମିତି କାର୍ଯ୍ୟାଳୟରେ ତାଲା ପକାଇ ଚାଷୀଙ୍କ ଧାରଣା

ରଘୁନାଥପୁର, ୨୪।୩(ଡି.ଏନ୍.ଏ.)

**ପୁରୁଣାବସନ୍ତ ପଞ୍ଚାୟତ**

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ କୃଷି ସେବା ସମିତି କାର୍ଯ୍ୟାଳୟରେ ତାଲା ପକାଇ ଚାଷୀମାନେ ଶୁକ୍ରବାର ଧାରଣା ଦେଇଛନ୍ତି। ଅନ୍‌ଲାଇନ୍‌ରେ ପଞ୍ଜୀକୃତ ହୋଇଥିବା ୧୦୬ ଚାଷୀଙ୍କ ସମ୍ପୂର୍ଣ୍ଣ ଧାନ କ୍ରୟ କରିବା ପାଇଁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଚାଷୀ ସୌର୍ଯ୍ୟରଞ୍ଜନ ମହାନ୍ତି ଅଭିଯୋଗ କରିଛନ୍ତି, ଅନ୍‌ଲାଇନ୍‌ରେ ଚଞ୍ଚକତା କରାଯାଇ ଚାଷୀଙ୍କ ନାମ ପଞ୍ଜୀକୃତ କରାଯାଉଛି। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟାର୍ଗେଟ୍ ପୂରଣ ହୋଇଯିବା ପରେ ପରବର୍ତ୍ତୀ ସମୟରେ ଅନ୍‌ଲାଇନରେ ପଞ୍ଜୀକୃତ ହୋଇଥିବା ଅବଶିଷ୍ଟ ୧୦୬ ଚାଷୀଙ୍କୁ ସେମାନଙ୍କ ଧାର୍ଯ୍ୟ ପରିମାଣ ଧାନର କେବଳ ୩୦ ପ୍ରତିଶତ ଦେବାକୁ ବାଧ କରାଯାଉଛି, ଯାହାକୁ ଚାଷୀମାନେ ବିରୋଧ କରିଛନ୍ତି। ଚଳିତ ବର୍ଷ ମଣ୍ଡି ଆରମ୍ଭ ହେବା ଦିନରୁ ପ୍ରତ୍ୟେକ ଚାଷୀଙ୍କ ଧାର୍ଯ୍ୟ ପରିମାଣଠାରୁ କେତେ ପ୍ରତିଶତ ଧାନ କଟାଯାଇଛି ସେ ସମ୍ପର୍କରେ ସମିତି ସମ୍ପାଦକ ଉତ୍ତର ରଖନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଅପରପକ୍ଷରେ ସମିତିକୁ ଆସୁଥିବା ସାର ଅଧିକ ମୂଲ୍ୟରେ ବିକ୍ରି ହେବା ଏବଂ ବେପାରୀଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ନେଇ ଚାଷୀମାନେ ପୂର୍ବରୁ ସିଏସ୍‌ଓ ଏବଂ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହାଛଡ଼ା ପୂର୍ବବର୍ଷ ଓ ଚଳିତବର୍ଷ ଚାଷୀଙ୍କ ପଞ୍ଜୀକରଣ ତାଲିକା ପ୍ରଦାନ କରିବା, ପ୍ରତ୍ୟେକ ଚାଷୀଙ୍କ ଟୋକନର ନକଲ ସାର୍ବଜନୀନ କରିବା ପାଇଁ ଦାବି କରାଯାଇଛି। ଏନେଇ ଗୁରୁବାର ଚାଷୀମାନେ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଧାରଣା ଦେଇଥିଲେ। କୌଣସି ସୁଫଳ ନ ମିଳିବାରୁ ବାଧହୋଇ ସେମାନେ ଶୁକ୍ରବାର ଗେଟ୍‌ରେ ତାଲା ପକାଇ ଧାରଣା ଦେଇଛନ୍ତି ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା ଓ ନିଗମାନନ୍ଦ ଦାସ କହିଛନ୍ତି। ଏହି ଧାରଣାରେ ଚୈତନ୍ୟ ଚରଣ ଦାସ, ଅମରେଶ ବେହେରା, ସରୋଜ କୁମାର ସାହୁ, ବ୍ରହ୍ମାନନ୍ଦ ମିଶ୍ର, ପ୍ରଭୁଦତ୍ତ ମହାନ୍ତି, ଶରତ ଚନ୍ଦ୍ର ଲେଙ୍କା, ମନୋଜ କୁମାର ମହାନ୍ତି, ସୁରେଶ କୁମାର ସାହୁଙ୍କ ସହ ଶତାଧିକ ଚାଷୀ ସାମିଲ ହୋଇଛନ୍ତି।


ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ଚାଷୀମାନେ।

# ଏପ୍ରିଲରୁ ମାନସିକ ରୋଷେଇ ପାଇଁ ଗ୍ରାମବାସୀଙ୍କ ନିଷ୍ପତ୍ତି

**ଗୋରେଖନାଥ ପୀଠ**

- ଗ୍ରାମ୍ୟ ବୈଠକରେ ୧୨ ଦଫା ପ୍ରସ୍ତାବ ଗୃହୀତ
- ଅଦାଲତରୁ ମାମଲା ପ୍ରତ୍ୟାହାର ପାଇଁ ନିଷ୍ପତ୍ତି
- ୧୧ ଜଣିଆ ଟ୍ରଷ୍ଟବୋର୍ଡ କମିଟି ହେବ

ରଘୁନାଥପୁର, ୨୪।୩ (ଡି.ଏନ୍.ଏ.)


ମା' ମାଲିକେଶ୍ୱରୀ ଗ୍ରାମଦେବତୀଙ୍କ ପୀଠରେ ଆୟୋଜିତ ବୈଠକ।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠର ଅବ୍ୟବସ୍ଥା ଓ ମାନସିକ ରୋଷେଇ ବନ୍ଦକୁ ନେଇ ଲାଗି ରହିଥିବା ବାଦବିବାଦ ସ୍ଥାନୀୟ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଶିଥିଳ ପଡ଼ିଛି। ଶୁକ୍ରବାର ଟ୍ରଷ୍ଟବୋର୍ଡ ଉପଦେଷ୍ଟା ସୁଶାନ୍ତ କୁମାର ଦାଶଙ୍କ ପ୍ରଚେଷ୍ଟାରେ କେରେକେରାସ୍ଥିତ ମା' ମାଲିକେଶ୍ୱରୀ ଗ୍ରାମଦେବତୀ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଦିଲୀପ ସ୍ୱାଇଁଙ୍କ ଦ୍ୱାରା ପ୍ରସ୍ତୁତ ୧୨ ଦଫା ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ପରେ ପୀଠର ସୁବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଥମେ ଆଗନ୍ତୁକ ଭକ୍ତଙ୍କ ମାନସିକ ରୋଷେଇ ବାବଦରେ ଆଲୋଚନା ହୋଇଥିଲା। ଏପ୍ରିଲରୁ ଏହାକୁ ଚାଲୁ କରିବା ପାଇଁ ନିଷ୍ପତ୍ତି ହୋଇଛି। ମାନସିକ ରୋଷେଇ ପାଇଁ ପ୍ରସ୍ତୁତ ସେବାୟତମାନେ ଚାଉଳ କେଜି ପିଛା ୫୦ ଟଙ୍କା ନେବେ। ଏଥିସହ ଦୈନିକ ୧୫ଟି ମାନସିକ ରୋଷେଇ ପାଇଁ ସ୍ଥିର ହୋଇଛି। ଏଥିପାଇଁ ଟ୍ରଷ୍ଟ ପକ୍ଷରୁ ଓଜନ ଦଣ୍ଡି ଯୋଗାଇ ଦିଆଯିବ ଏବଂ କୌଣସି ପୂଜକ ତାଙ୍କ ପାଳିରେ ପ୍ରସାଦ ବିକ୍ରି ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଆବଶ୍ୟକସ୍ଥଳେ ସେବାୟତ ପୂଜକମାନେ ବାହାରୁ ରୋଷେୟା ଆଣିପାରିବେ। କିନ୍ତୁ ମନ୍ଦିର ପୂଜାନୀତି କେବଳ ପୀଠରେ ନିୟୋଜିତ ପୂଜକମାନେ କରିବେ ବୋଲି ସ୍ଥିର ହୋଇଛି। ଏସବୁ କାର୍ଯ୍ୟକୁ ପୀଠ କର୍ମଚାରୀଙ୍କ ଦ୍ୱାରା ତଦାରଖ କରାଯିବ। ଯଦି କୌଣସି ପୂଜକ ନୀତିକାର୍ଯ୍ୟରେ ଅବହେଳା କରନ୍ତି ତା'ହାଲେ ଟ୍ରଷ୍ଟବୋର୍ଡ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମତପ୍ରକାଶ ପାଇଛି। ଏହାଛଡ଼ା ଗ୍ରାମର ବ୍ୟକ୍ତିଙ୍କୁ ନେଇ ୧୧ ଜଣିଆ ଟ୍ରଷ୍ଟବୋର୍ଡ କମିଟି ଗଠନ ପାଇଁ ସହକାରୀ ଦେବୋତ୍ତର କମିଶନରଙ୍କୁ ସୁପାରିସ୍ କରାଯିବ। ପର୍ବପର୍ବାଣି ସମୟରେ ଗ୍ରାମବାସୀଙ୍କ ମତାମତ ନିଆଯିବ, ପୀଠ ଚତୁଃପାର୍ଶ୍ୱରେ ଥିବା ଦୋକାନୀଙ୍କ ପାଇଁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସମ୍ପର୍କରେ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏତଦ୍‌ବ୍ୟତୀତ ବିଶୃଙ୍ଖଳିତ କର୍ମଚାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ, ପୀଠର ଉନ୍ନତିମୂଳକ କାର୍ଯ୍ୟରେ ବିରୋଧାଭାସ କରୁଥିବା ଉପଦେଷ୍ଟା ସଦସ୍ୟଙ୍କୁ କାର୍ଯ୍ୟରୁ ବିରତ ରଖିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହାଛଡ଼ା ଟ୍ରଷ୍ଟବୋର୍ଡ ଗଠନରେ କୋର୍ଟରେ ରହିତାଦେଶ କରିଥିବା ଉପଦେଷ୍ଟା ସୁଶାନ୍ତ କୁମାର ଦାଶଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଗ୍ରାମବାସୀ ପରାମର୍ଶ ଦେଇଥିଲେ। ଉପଦେଷ୍ଟା ଦାଶ ମାସକ ଭିତରେ ମାମଲା ପ୍ରତ୍ୟାହାର କରି ବୈଠକରେ ସଭାପତିତ୍ୱ କରୁଥିବା ଗ୍ରାମ କମିଟି ସଭାପତି ଗୌରାଙ୍ଗ ଚରଣ ମହାନ୍ତିଙ୍କୁ ଏହାର ନକଲ ପ୍ରଦାନ କରିବେ। ଏହାପରେ ପୀଠରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ଓ ନୂତନ ଟ୍ରଷ୍ଟବୋର୍ଡ କମିଟି ଗଠନ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କିତ ଲିଖିତ ପତ୍ର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯିବା ପାଇଁ ସ୍ଥିର ହୋଇଥିଲା। ଏଥିରେ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ପୂଜକ ଦିଲୀପ କୁମାର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ସୁଦର୍ଶନ ଦାଶ, ରମେଶ ଚନ୍ଦ୍ର ପଣ୍ଡା, ରାଜକିଶୋର ଦାଶ, ଗଗନ ଜେନା, ପ୍ରଦୀପ୍ତ ମହାନ୍ତି, ସୁରେନ୍ଦ୍ରନାଥ ଦାଶ, ନିମାଇଁ ଚରଣ ମହାନ୍ତିଙ୍କ ସହ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଫିସ ବାହାରକୁ ଫାଇଲ ଯାଉଥିବା ଅଭିଯୋଗ

ଗଞ୍ଜାମ,୨୪।୩(ଡି.ଏନ.ଏ.)– ଗଞ୍ଜାମ ଏନ୍ଏସିର ଉନ୍ନୟନ କାର୍ଯ୍ୟ ଫାଇଲ ଅଫିସ ବାହାରକୁ ଯାଉଥିବା ନେଇ ଶୁକ୍ରବାର ଏନ୍ଏସି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକିଙ୍କ ସମେତ ସମସ୍ତ ବିଜେଡି କାଉନସିଲର ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଏବଂ ଜିଲା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ୟତୀତ ବାହାରକୁ ଫାଇଲ ଯିବାର ନିୟମ ରହିଛି କି ବୋଲି ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ପଚାରି ଥିଲେ। ଏଥିସହ କେତେକ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ବିଲ ପୈଠ ହେଉଥିବା ବେଳେ ଅନ୍ୟ ଠିକାଦାରଙ୍କ ବିଲ କାହିଁକି ବନ୍ଦ କରାଯାଉଛି ବୋଲି ନିର୍ବାହୀ ଅଧିକାରୀଙ୍କୁ କାଉନସିଲରମାନେ ପ୍ରଶ୍ନ କରିଛନ୍ତି। ଏନେଇ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ପଚାରିବାରୁ ଆଗରୁ କେବେ ଅଭିଯୋଗ ହୋଇ ନ ଥିଲା। ମୁଁ ଷ୍ଟାଫ୍‌ଙ୍କୁ ଡାକି ଏ ବିଷୟରେ ଆଲୋଚନା କଲା ପରେ ପଦକ୍ଷେପ ନେବି ବୋଲି କହିଛନ୍ତି ।

### ୧୪ ଫୁଟିଆ ଅଜଗର ଉଦ୍ଧାର

ବୁଗୁଡ଼ା,୨୪।୩(ଡି.ଏନ.ଏ.)– ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତ ପଙ୍କଲସାହି ଗାଁ କେନାଲ ନିକଟରୁ ୧୪ ଫୁଟର ଲମ୍ବର ଏକ ଅଜଗର ଉଦ୍ଧାର କରାଯାଇଛି। ଗୁରୁବାର ସନ୍ଧ୍ୟାରେ ପଙ୍କଲସାହି ଗ୍ରାମ କେନାଲ ନିକଟରେ ଏକ ଦୀର୍ଘକାୟ ସାପ ଲୋକେ ଦେଖିବାକୁ ପାଇଥିଲେ। ସ୍ନେକ୍ ହେଲ୍ପ ଲାଇନ୍ ମେମ୍ବର ହରିଶ୍ ପାଢୀଙ୍କୁ ଖବର ଦିଆଗଲା। ହରିଶ୍ ଘଟଣା ସ୍ଥଳରେ ପହଞ୍ଚି ରାତିରେ କୌଶଳରେ ସାପଟିକୁ କାବୁ କରିଥିଲେ। ସେଠାରୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଛି।

### ଧମକ ଅଭିଯୋଗରେ ଜଣେ ଗିରଫ

ଆସିକା, ୨୪।୩ (ଡି.ଏନ.ଏ.): ଗାଙ୍ଗପୁର ଥାନା ଅନ୍ତର୍ଗତ ଡି. ସିଙ୍ଗିପୁର ଗ୍ରାମରେ ସେବା ସମବାୟ ସମିତିର ସମ୍ପାଦକଙ୍କୁ ଧମକ ଚମକ ଦେବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର ଦିନ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସେହି ଗ୍ରାମର ଅଜିତ କୁମାର ପାଣିଗ୍ରାହୀ। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ଗତ ଜାନୁଆରୀ ମାସରେ ଅଭିଯୁକ୍ତ ଜଣକ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ ସମିତିର ସମ୍ପାଦକଙ୍କୁ ଋଣ ମୁର କରିଦେବା ଲାଗି ଧମକ ଚମକ ଦେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ପକ୍ଷରୁ ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ଗାଙ୍ଗପୁର ଥାନାରେ ୧୨/୨୩ରେ ଏକ ମାମଲା ରୁଜୁ କରାଯାଇଥିଲା।

### ଯବାନଙ୍କ ଝୁଲନ୍ତା ମୃତ ଦେହ ଜବତ

ଗୋପାଳପୁର,୨୪।୩ (ଡ଼ି.ଏନ.ଏ.)–ଗୋପାଳପୁର ଗୋଲାବନ୍ଧ ଆର୍ମି ଏଡ଼ି କଲେଜ ପରିସରରେ ଜନୈକ ହାବିଲଦାର ରଶି ଲଗାଇ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତାମିଲନାଡୁ ଭେଲୋର ଜିଲା ଦଶରିୟାପୁରମ୍‌ର ପି.ପାର୍ଥିବନ୍। ଏନେଇ ଗୋପାଳପୁର ଥାନାରେ ନମ୍ବର ୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପି.ପାର୍ଥିବନ୍ ଗୋଲାବନ୍ଧ ଆର୍ମି ଏଡି କଲେଜରେ ଗତ ଦେଢ଼ ବର୍ଷ ହେବ କାର୍ଯ୍ୟରତ ଥିଲେ। ଶୁକ୍ରବାର ସାକଳେ ଏଡ଼ି ସେଣ୍ଟରର ଏକ କୋଠରୀରେ ରଶି ଲଗାଇ ଫ୍ୟାନରେ ଝୁଲୁଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇ ସନ୍ଧ୍ୟାରେ ବ୍ୟବଚ୍ଛେଦ କରି ଆର୍ମି ଏଡ଼ି କଲେଜର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି।

## ବିଜେଡି ପକ୍ଷରୁ ବିଶାଳ ମହିଳା ସମାବେଶ

# ମିଶନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ କରିଛି

**ଦିଗପହଣ୍ଡି,୨୪।୩(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ଶୁକ୍ରବାର ବିଜେଡ଼ି ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଶାଳ ମହିଳା ସମାବେଶ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋକର୍ଣ୍ଣପୁର ଗ୍ରାମର ଦିବ୍ୟ ଜୀବନ ସଂଘ ଆଶ୍ରମ ନିକଟରୁ ଦଳର ଉତ୍ସାହୀ କର୍ମୀମାନେ ବାଜା ବାଣ ଫୁଟାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସମାବେଶ ସ୍ଥଳରେ ପହଞ୍ଚିଥିଲେ। ପୂର୍ବତନ ସରପଞ୍ଚ ଅସିତ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ଗଡ଼ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କେ. ହରିବନ୍ଧୁ ରେଡ୍ଡୀ ସଭାପତିତ୍ୱ କରିଥିଲେ। ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ୨୬ ନଂ ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ନବୀନ ସରକାରଙ୍କ ବିକଳ୍ପ ନାହିଁ। ଦୀର୍ଘଦିନ ଧରି ଓଡ଼ିଶା ବାସୀ ନବୀନ ସରକାରଙ୍କ ସ୍ୱଚ୍ଛ ଶାସନକୁ ଅଙ୍ଗେ ନିଭାଇଛନ୍ତି। ଲୋକଙ୍କ ହୃଦୟରେ ସେ ଯେଉଁ ସ୍ଥାନ ଦଖଲ କରିଛନ୍ତି ତାଙ୍କ ବ୍ୟତୀତ ଆଉ କେହି ସେ ସ୍ଥାନ ଗ୍ରହଣ କରିପାରିବ ନାହିଁ। ଓଡ଼ିଶା ବିଜେଡ଼ିରେ ତାଙ୍କ ନେତୃତ୍ୱ ବା ତାଙ୍କ ସରକାରକୁ ସେ ଦୃଢ଼ ସମର୍ଥନ କରିବା ସହ ଦଳର ଜଣେ ନିଷ୍ଠାବାନ ଓ ଶୃଙ୍ଖଳିତ କର୍ମୀ ହିସାବରେ କାମ କରିବି। ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ କିଛି ବ୍ୟକ୍ତି ମାନଙ୍କ ଅପପ୍ରଚାରକୁ ଖାତିର ନକରି ଦଳର ସୁପ୍ରିମୋଙ୍କ ନିର୍ଦ୍ଦେଶ କ୍ରମେ ଦଳକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବାକୁ ସେ ଉପସ୍ଥିତ ନେତୃମଣ୍ଡଳୀ ଓ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା ଏକ ଐତିହାସିକ ଯୋଜନା ଏହି ଯୋଜନାରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଦଳ ପକ୍ଷରୁ ମୋର ସମସ୍ତ ସମୟ ବିନିଯୋଗ କରି ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀକୁ ରାଜ୍ୟର ଏକ ନମ୍ବର ନିର୍ବାଚନ ମଣ୍ଡଳୀ ଭାବେ ଗଢି ତୋଳିବି ବୋଲି କହିଥିଲେ। ଦିଗପହଣ୍ଡି ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ଉଦୟ ନାଥ ସ୍ୱାଇଁ, ପ୍ରାଥମିକ ସେବା ସମବାୟ ସମିତି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ, ଶମ୍ଭୁ ପଣ୍ଡା, ସରପଞ୍ଚ ତପନ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ଭଗବାନ ବାଡ଼ତ୍ୟା, ଉସନ୍ତ ସାହୁ, ନିରାକାର ପ୍ରଧାନ, ଚୈତନ୍ୟ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ମିନତି ଦେବୀ, କେ.ଶିବାନୀ ରେଡ୍ଡୀ, ଲକ୍ଷ୍ମୀ ବେହେରା, କୋରୀ ସେଠୀ, ବାସନ୍ତୀ ଦୋରା, ମନୋଜ ସାହୁ, ଦେବହରି ଗୌଡ଼, ରାଜେନ୍ଦ୍ର ଦୋରା, ମହେଶ ପ୍ରଧାନ, ବିଦେଶୀ ଗୌଡ଼, କିଶୋର ଚନ୍ଦ୍ର ସର୍ଦ୍ଦାର, ରାଜ କିଶୋର ମହାନ୍ତି, ବିକ୍ରମ ସିଂ, ଦିଲ୍ଲୀପ ପ୍ରଧାନ, ସନ୍ତୋଷ ପ୍ରଧାନ, ସନିଆ ପ୍ରଧାନ, କୁକୁଡ଼ାଖଣ୍ଡି ବ୍ଲକର ବିଜେଡ଼ି ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର ଚୌଧୁରୀ, ସନାତନ ସଂଗ୍ରାମ ସିଂ, ସୁଧୀର କୁମାର ପାତ୍ର, ବାଘଲଟି ପଞ୍ଚାୟତ ସମିତି ସଭ୍ୟ ସାରଥୀ ପ୍ରସାଦ ଗୌଡ଼, ମହୁଡା ପଞ୍ଚାୟତ ସମିତି ସଭ୍ୟ ଯତୀନ୍ଦ୍ର ପାତ୍ର, ରଜତ କୁମାର ପାତ୍ର, ପୂର୍ଣ୍ଣ ଚନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ସମାବେଶ ଓ ସାଙ୍ଗଠନିକ ସଭା ନାଁ ରେ ଶୁକ୍ରବାର ବିପିନ ତାଙ୍କ ଶକ୍ତି ପ୍ରଦର୍ଶନ କରିଥିବା ସଭା ସ୍ଥଳରେ ଆଲୋଚନା ଶୁଣିବାକୁ ମିଳିଥିଲା। ଆଗାମୀ ବିଧାନସଭା ନିର୍ବାଚନ ଯେତେ ପାଖେଇ ଆସୁଛି ସମଗ୍ର ନିର୍ବାଚନ ମଣ୍ଡଳୀରେ ଦଳୀୟ ଟିକେଟକୁ ନେଇ ନାନା ଚର୍ଚ୍ଚା ଜୋର ଧରିଛି। ଏଣୁ ବିପିନ ତାଙ୍କ ସଙ୍ଗଠନକୁ ଠିକଣା ଢଙ୍ଗରେ ଚଳାଇ ପଞ୍ଚାୟତ ସ୍ତରରେ କର୍ମୀ ଓ ଦଳୀୟ ନେତୃବୃନ୍ଦଙ୍କୁ ଏକାଠି କରିବାରେ ଲାଗିଛନ୍ତି। ସମଗ୍ର ନିର୍ବାଚନ ମଣ୍ଡଳୀରେ ଶାନ୍ତି ପ୍ରତିଷ୍ଠା ସାଙ୍ଗକୁ ବାକି ରହିଥିବା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବେଶ ସର୍ବୋପରି ବେକାରୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେମାନଙ୍କୁ କର୍ମ ନିଯୁକ୍ତି ଉପରେ ସେ ପ୍ରାଧାନ୍ୟ ଦେବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।


ସଭାରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ

## ବାଲ୍ ଆଧାର ଲିଙ୍କର ଶୁଭାରମ୍ଭ

- ଜନ୍ମର ୭ଦିନ ଭିତରେ ମିଳିବ ଜନ୍ମ ସାର୍ଟିଫିକେଟ
- ଡାକରେ ଘରକୁ ଯିବ ନବଜାତ ଶିଶୁର ଆଧାର କାର୍ଡ

ନୟାଗଡ଼ ଅଫିସ,୨୪।୩:ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବାଲ୍ ଆଧାର ଲିଙ୍କ କାର୍ଯ୍ୟ ଗୁରୁବାର ଶୁଭାରମ୍ଭ ହୋଇଛି । ରାଜ୍ୟରେ ବାଳ ଆଧାର ଲିଙ୍କ ଗତ ୧୬ରୁ ହୋଇ ସାରିଛି । ନର୍ମାଲ ଡେଲିଭରି ହୋଇଥିଲେ ୭୨ ଘଣ୍ଟା ପରେ ପ୍ରସୂତିଙ୍କୁ ଡିସ୍‌ଚାର୍ଜ କରାଯିବ। ଏଣୁ ସମ୍ପୃକ୍ତ ନବଜାତକର ଆଧାର ଲିଙ୍କ ସହ ବାର୍ଥ ସାର୍ଟିଫିକେଟ ୭୨ ଘଣ୍ଟା ଭିତରେ ଦିଆଯିବ। ସେହିପରି ସିଜେରିଆନ ହୋଇଥିଲେ ଜନ୍ମର ୭ ଦିନ ପରେ ପ୍ରସୂତିଙ୍କୁ ଡିସ୍‌ଚାର୍ଜ କରାଯିବ । ଏଣୁ ବାଳ ଆଧାର ଲିଙ୍କ ଥିବା ବାର୍ଥ ସାର୍ଟିଫିକେଟ ୭ଦିନ ମଧ୍ୟରେ ପ୍ରସୂତିଙ୍କୁ ଯୋଗାଇ ଦିଆଯିବ । ଏଥିପାଇଁ ବାପା ଓ ମାଙ୍କ ଆବଶ୍ୟକ ପ୍ରମାଣ ପତ୍ର ଓ ଠିକଣା ଠିକ ରହିବା ଦରକାର । ଆଧାର ଲିଙ୍କ ହୋଇ ବାର୍ଥ ସାର୍ଟିଫିକେଟ ଦେବା ପରେ ଡାକରେ ଆଧାର କାର୍ଡ ପଠାଇ ଦିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ସୁଧାଂଶୁ ଶେଖର ଷଡ଼ଙ୍ଗୀ ଶୁଭାରମ୍ଭ କରିଛନ୍ତି ।

## ଗଛ କାଟିବା ଦାବିରେ ରାସ୍ତାରୋକୋ

**ଫୁଲବାଣୀ ଅଫିସ, ୨୪।୩**

ରାସ୍ତା ପାର୍ଶ୍ୱରେ ବିପଦ ସଂକୁଳ ଅବସ୍ଥାରେ ଥିବା ଏକ ଗଛ କାଟିବାକୁ କେନ୍ଦ୍ର କରି ଫୁଲବାଣୀ ସହରରେ ରାସ୍ତାରୋକ ହୋଇଛି। ରାସ୍ତାରୋକ ଯୋଗୁ ଯାନବାହାନ ଚଳାଚଳର ବାଧାପ୍ରାପ୍ତ ହୋଇଥିଲା । ବହୁ ସମୟ ଧରି ଆଲୋଚନା ପରେ ଗଛ କଟା ହେବାରୁ ରାସ୍ତାରୋକ ହଟିଥିଲା । ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଫୁଲବାଣୀ ସହର ଇ–ଲାଇବ୍ରେରୀ ପାଖ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ନିକଟ ମୋଚିସାହି ଛକରେ ଫୁଲବାଣୀ–ବ୍ରହ୍ମପୁର ମୁଖ୍ୟରାସ୍ତା ପାର୍ଶ୍ୱରେ ଏକ ବଡ ଶୁଖିଲା ଗଛ ରହିଥିଲା । ଏହା ସବୁବେଳେ ବିପଦ ସୃଷ୍ଟି କରି ଆସୁଥିଲା । ସ୍ଥାନୀୟ ଲୋକେ ଏହି ଗଛ କାଟିବା ପାଇଁ ଦୀର୍ଘ ଦିନ ଧରି ଜିଲା ପ୍ରଶାସନ ସମେତ ପୂର୍ତ୍ତ ବିଭାଗ ଓ ବନ ବିଭାଗ ନିକଟରେ ଦାବି କରି ଆସୁଥିଲେ। ହେଲେ କିଛି ପଦକ୍ଷେପ ନିଆଯାଉ ନ ଥିଲା । ଶୁକ୍ରବାର ସକାଳେ ଏକ ବଡ ଡାଳ ଭାଙ୍ଗି ଜଣଙ୍କ ଘର ଉପରେ ପଡିଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ଲୋକେ ଉତ୍ୟକ୍ତ ହୋଇପଡିଥିଲେ । ସେମାନେ ଗଛକୁ କାଟିବା ଦାବିରେ ରାସ୍ତାରୋକୋ କରିଥିଲେ। ଶତାଧିକ ଲୋକ ରାଜପଥ ଉପରେ ବସି ରହିବା ଫଳରେ ଫୁଲବାଣୀରୁ ବ୍ରହ୍ମପୁର ଓ ବାଲିଗୁଡା ରାସ୍ତାରେ ଅନେକ ସମୟ ଧରି ଯାତାୟତ ବନ୍ଦ ରହିଥିଲା। ଟାଉନ ଥାନା ଅଧିକାରୀ ଅଶୋକ କୁମାର ଗିରି, ପୌରାଧ୍ୟକ୍ଷା ସ୍ମିତାରାଣୀ ମହାଁ, ପୂର୍ବତନ ପୌରାଧ୍ୟକ୍ଷ ରାଜେନ୍ଦ୍ର କହଁରଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ପହଂଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଶୁଖିଲା ଗଛ କଟାଯିବା ପରେ ଦିନ ପ୍ରାୟ ୧୧ଟା ବେଳେ ରାସ୍ତାରୋକ ହଟିଥିଲା।


ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ବାଇକ ଦୁର୍ଘଟଣାରେ ଯୁବକ ମୃତ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୪।୩**

ଫିରିଙ୍ଗିଆ ବ୍ଲକ ସାଡ଼ିଙ୍ଗିଆ ପଞ୍ଚାୟତ ବେଡ଼ାକେତା ଜଙ୍ଗଲ ବୁଲାଣି ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଲେ ନୂଆପଦର ପଞ୍ଚାୟତ ଜାର୍ଗିପଡ଼ା ଗାଁର ବିଶ୍ୱରଞ୍ଜନ ମଲ୍ଲିକ । ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ କୌଣସି ଏକ କାମରେ ବିଶ୍ୱରଞ୍ଜନ ନିଜ ସମ୍ପର୍କୀୟଙ୍କ ଘର ରତଙ୍ଗ ପଞ୍ଚାୟତ ସେଷ୍ଟା ଯୋଡ଼ି ଗାଁର ଗୋକୁଳ କହଁରଙ୍କ ସହ ଯାଇଥିଲେ। ସେମାନେ ଫେରୁଥିବା ସମୟରେ ବେଡ଼ାକେତା ଗାଁ ନିକଟ ଜଙ୍ଗଲ ରାସ୍ତା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲେ। ବିଳମ୍ବିତ ରାତିରେ ଦୁର୍ଘଟଣା ଘଟି ଥିବାରୁ ସେମାନଙ୍କୁ କେହି ଦେଖି ନ ଥିଲ । ସକାଳେ ଗାଁ ର କିଛି ଲୋକେ ଦୁର୍ଘଟଣା ଘଟିଥିବା ଦେଖି ଫିରିଙ୍ଗିଆ ଥାନା କୁ ଜଣାଇଥିଲେ । ପୋଲିସ ଘଟଣାସ୍ଥଳକୁ ଯାଇ ପହଚିଥିଲା। ସେଠାରେ ବିଶ୍ୱରଞ୍ଜନଙ୍କ ମୃତ୍ୟୁ ହୋଇ ସାରିଥିଲା। ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ତପନ କୁମାର ନାହାକ ସୂଚନା ଦେଇଛନ୍ତି ।

## ପଠାଣି ସାମନ୍ତ ସଂଗ୍ରହାଳୟର ମରାମତି କାମ ଆରମ୍ଭ



**ଖଣ୍ଡପଡ଼ା,୨୪।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳ ଉମାଦେବୀ ପୀଠ ନିକଟରେ ଗତ ୨୦୧୬ ଡ଼ିସେମ୍ବର ୨୦ରେ ପଠାଣି ସାମନ୍ତ ସଂଗ୍ରହାଳୟ କାର୍ଯ୍ୟକ୍ଷମ ହୋଇଥିଲା । ଇତିମଧ୍ୟରେ ସେହି ସଂଗ୍ରହାଳୟର କେତେକ ସ୍ଥାନରେ ଫାଟ ସୃଷ୍ଟି ହେବା ସହିତ ପ୍ଲାଷ୍ଟର ଖସିଥିଲା। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହୋଇଥିଲା। ତେବେ ଦୀର୍ଘ ୬ ବର୍ଷ ମରାମତି କାମ ଆରମ୍ଭ ହୋଇଛି । ସଂଗ୍ରହାଳୟ ପରିସରରେ ସ୍ଥାନ ପାଇଥିବା ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍‌ଙ୍କ କଳାକୃତିଗୁଡ଼ିକର ରକ୍ଷଣାବେକ୍ଷଣ ସହ ଆନୁସଙ୍ଗିକ ମରାମତି କାମ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ପକ୍ଷରୁ ଆରମ୍ଭ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଗତ କିଛିମାସ ତଳେ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମର ନିର୍ଦ୍ଦେଶକ ସଞ୍ଜୁଲତା ବେହେରା, ଇଂ.ଜୟଦେବ କରଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଖଣ୍ଡପଡ଼ା ଅଞ୍ଚଳକୁ ଗସ୍ତରେ ଆସି ପଠାଣି ସାମନ୍ତ ସଂଗ୍ରହାଳୟ ପରିଦର୍ଶନ କରିବା ଅବସରରେ ଏଠାରେ ଅବସ୍ଥାପିତ କର୍ମଚାରୀମାନେ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରବର୍ତ୍ତୀ ସମୟରେ ଉକ୍ତ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଟେକନିସିଆନ ଚିରଞ୍ଜିବୀ ସିଲ, ରଜତ ରଞ୍ଜନ ସୁତାର, ରାମନାଥ ବେହେରାଙ୍କ ଟିମ ପଠାଣି ସାମନ୍ତ ସଂଗ୍ରହାଳୟରେ ପହଞ୍ଚି ଆନୁସଙ୍ଗିକ ମରାମତି କାମ ଆରମ୍ଭ କରିଥିବା ଜଣାଯାଇଛି।

## ଜୈବ ବିବିଧତା ପରିଚାଳନା ସମିତି ବୈଠକ

**ଫୁଲବାଣୀ ଅଫିସ/ଖଜୁରିପଡା, ୨୪।୩**

ଜିଲା ପଞ୍ଚାୟତ ଭବନ ସଭାଗୃହରେ ଶୁକ୍ରବାର ଜୈବ ବିବିଧତା ପରିଚାଳନା ସମିତିର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବନ ଜାଗରଣ ଓ ପାହାଡ ବିକାଶ ସଂସ୍ଥା ସହଯୋଗ କରିଥିବା ବେଳେ ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାର ସହାୟତା ପ୍ରଦାନ କରିଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ଡିଏଫ୍‌ଓ ପ୍ରଶାନ୍ତ କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ଡିଏଫ୍‌ଓ ଦେବ ପ୍ରିୟ କାମ୍ପ, ଫୁଲବାଣୀ କେନ୍ଦୁଲିଫ ଡିଏଫ୍‌ଓ ପତିତପାବନ୍ ପରିଡ଼ା, ସତ୍ୟରନ ସାହୁ, ଡଃ ରତିକାନ୍ତ ଆଚାର୍ଯ୍ୟ, ଉଦ୍ଭିଦ ବୈଜ୍ଞାନିକ ଡଃ ପ୍ରସାଦ କୁମାର ଦାସ, ପ୍ରାଣୀ ସମ୍ପଦ ବୈଜ୍ଞାନିକ ସତ୍ୟରନ ବେହେରା, କୃଷି ସଂଯୋଜକ ଡଃ ଶୁଭ୍ରାଂଶୁ ନାୟକ, ମତ୍ସ୍ୟ ବିଭାଗର ଡଃ ପ୍ରଫୁଲ୍ଲ କୁମାର କହଁର, ପାହାଡ ସଂସ୍ଥା ଡ଼ାଇରେକ୍ଟର ପଞ୍ଚାନନ ମିଶ୍ର, ଜିଲା କୃଷି ବିଭାଗ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ରେ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ପ୍ରାଣୀ ସମ୍ପଦ ଚିହ୍ନଟ କରି ତାହାର ସୁରକ୍ଷା, ଜଙ୍ଗଲ ଜାତ ଦ୍ରବ୍ୟର ଉପକାରିତା, ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷ ଚିହ୍ନଟ କରିବା, ଆଖ ପାଖ ଅଂଚଳରେ ବାଡି ବଗିଚାରେ ବୃକ୍ଷ ରୋପଣ କରିବା ପାଇଁ ପରାମର୍ଶ ଦିଆ ଯାଇଥିଲା । ଆଜିକାର ଡିଜିଟାଲ ଦୁନିଆରେ ଜଙ୍ଗଲରେ ନିଆଁ ଲଗେଇବା ଓ ଗଛ ପତ୍ର ନଷ୍ଟ କରିବା ଦ୍ୱାରା କି ପ୍ରକାର ଭାବେ ପରିବେଶ ଏବଂ ପ୍ରକୃତିର ପରିବର୍ତ୍ତନ ହେଉଛି, ପଶୁ ପକ୍ଷୀ ମାନଙ୍କର ବଂଶ ଲୋପ ପାଇବାକୁ ଯାଉଛି ସେହି ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା

**ଶରଣକୁଳ,୨୪।୩(ଡି.ଏନ୍.ଏ.)**

ଶରଣକୁଳ ଅଡିଟୋରିୟମ୍ ପରିସରରେ ସେବା ସମବାୟ ପକ୍ଷରୁ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା ଓ ବାର୍ଷିକ ସାଧାରଣ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମବାୟ ସମିତି ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ର ସମ୍ପାଦକୀୟ ବିବରଣୀ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସମ୍ମାନିତ ଅତିଥିଭାବେ ଜିଲା ବାଣିଜ୍ୟ ସେବା ସମବାୟ ସମିତି ନିର୍ଦ୍ଦେଶକ ସୁଶାନ୍ତ କୁମାର ଜେନା, ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରସନ୍ନ ପାଳ, ଓଡ଼ଗାଁ ବ୍ଲକ ସମବାୟ ସମିତି ନିରୀକ୍ଷକ ସୁଶାନ୍ତ ସାହୁ, ସମବାୟ ସମିତିଉପସଭାପତିମନୋରଞ୍ଜନ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ବ୍ୟାଙ୍କିଙ୍ଗ୍ ସେବା ଏବଂ ଋଣ ସମ୍ପର୍କରେ କହିଥିଲେ। ସମବାୟ ସମିତିଙ୍କ ଦ୍ୱାରା ମଧ୍ୟମ ଏବଂ ଦୀର୍ଘ ମିଆଦୀ କୃଷିଋଣ ଯଥା କ୍ଷୁଦ୍ର ଜଳସେଚନ, ଉଦ୍ୟାନ କୃଷି, ଗୋପାଳନ, ଫାର୍ମମେକାନିଜମ୍‌ଓ ପମ୍ପସେଟ୍ ଆଦି ନିମନ୍ତେ ଋଣ ପ୍ରଦାନ ପାଇଁ ଗୁରୁତ୍ୱ ଦିଆଯାଇଥିଲା। ନିୟମିତ ଋଣ ପରିଶୋଧ କରୁଥିବା ଚାଷୀଙ୍କୁ ସରକାରଙ୍କ ସୁଧ ରିହାତି ବ୍ୟବସ୍ଥା ସମ୍ପର୍କରେ କୁହାଯାଇଥିଲା। କର୍ମଶାଳାରେ ପ୍ରାୟ ୧୦୦ ଚାଷୀ ଯୋଗଦେଇଥିଲେ।



## ସାମାଜିକ ସଂସ୍କାର ବାର୍ତ୍ତା ଦେଲା ନାଟକ 'ବାଂଝ'

**ପୁରୀ ଅଫିସ, ୨୪।୩:**

ନାଟ୍ୟ ଅନୁଷ୍ଠାନ 'ରଙ୍ଗଶାଳା' ପକ୍ଷରୁ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାଲିଥିବା ୧୩ତମ ଜାତୀୟ ନାଟକ ମହୋତ୍ସବର ତୃତୀୟ ଦିନରେ ଶୁକ୍ରବାର ନୟାଗଡ଼ର 'ସିରିୟସ୍ ଜୋନ୍' ଅନୁଷ୍ଠାନ ପକ୍ଷରୁ ନାଟକ 'ବାଂଝ' ମଞ୍ଚସ୍ଥ ହୋଇଛି। ମାତୃତ୍ୱ କେବଳ ଏକ ପରିପୂର୍ଣ୍ଣ ଜୀବନର ପରିଚୟ ନା ସାମାଜିକ ସ୍ୱୀକୃତି, ଏକ ସମର୍ପଣ ନା ସହାନୁଭୂତି, ଏକ ଅସହାୟ ନା ଆବେଗ ତାହା ହିଁ ପ୍ରଶ୍ନ ପାଲଟିଛି। ଗତିଶୀଳ ଜୀବନରେ ନାରୀଟିଏ ପ୍ରବାହମାନ ସ୍ରୋତ। ଜୀବନର ଦୁଃଖ, ସୁଖ, ଆଶା, ଅବଶୋଷ, କାମନା, ଆକାଂକ୍ଷା, ପ୍ରାପ୍ତି, ଅପ୍ରାପ୍ତି ସବୁକୁ ସମାହିତ କରି ବହିଯିବାରେ ଥାଏ ତା'ର ଆନନ୍ଦ। ସାହସ ଓ ଅସୀମ ଧୈର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ ହେଉଛି ନାରୀ। ସେଥିପାଇଁ ଜୀବନର ଗତିଶୀଳତା ମଧ୍ୟରେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାର ସାମର୍ଥ୍ୟରେ ସେ ପରିପୂର୍ଣ୍ଣ । ସାମାଜିକ ବ୍ୟବସ୍ଥା ମଣିଷକୁ କେବେକେବେ ଅସହାୟ କରିଦିଏ। ଭୁଲ୍ ଠିକ୍‌ର ମାର୍ଗ ନିରୂପଣ କଲାବେଳେ ଅନେକ ଅସମାହିତ ପ୍ରଶ୍ନ ଭିତରେ ଛନ୍ଦି ହୋଇଯାଇଥାଏ ସେ। ଅନେକ ଦ୍ୱନ୍ଦ୍ୱ ଛଟପଟ କରିପକାନ୍ତି ତାକୁ। ତଥାପି ପାଦ ବଢୁଥାଏ, ରାସ୍ତା ସରୁଥାଏ। ନାଟକର କାହାଣୀ ଅନୁଯାୟୀ, ଅବିନାଶ ଓ ସୁନନ୍ଦାଙ୍କର କଠୋର ନିଷ୍ପତ୍ତି ଥିଲା ଆମ ତଥାକଥିତ ସାମାଜିକ ବ୍ୟବସ୍ଥା ପ୍ରତି ଏକ ଶକ୍ତ ଧକ୍କା। ଗତାନୁଗତିକ ଜୀବନର ପ୍ରବାହ ପ୍ରତି ଏକ ଆହ୍ୱାନ ଥିଲା। ସାମାଜିକ ବ୍ୟବସ୍ଥା ଯେଉଁଠି ଅଟକିଯାଏ, ସେଇଠି ନାରୀ ହିଁ ପ୍ରଥମେ ଆଲୋଚନାର ଶରବ୍ୟ ହୁଏ। ଅପବାଦର ସମ୍ମିଳିତ ସ୍ୱର ତାକୁ ବିଚଳିତ କରିପକାଇବା ସ୍ୱାଭାବିକ। କେବଳ ସମାଜ କାହିଁକି ନିଜ ନିକଟର ପୃଥିବୀ ଯେମିତି କି ପରିବାର, ଆତ୍ମୀୟ ସ୍ୱଜନଙ୍କ କଠୋର ଆକ୍ରୋଶରେ ବାରମ୍ବାର ଝୁଣ୍ଟି ପଡୁଥାଏ ସେ। ତଥାପି ଚାଲିବାର ସାମର୍ଥ୍ୟ ସାହସ, ସଂକଳ୍ପ କେବଳ ନାରୀ ପାଖରେ ଥାଏ। 'ବାଂଝ' ହେଉଛି ସାମାଜିକ ରୀତିନୀତି, ବ୍ୟବସ୍ଥା, ବିଚାରବୋଧ ଆଧାରିତ ଏକ ସଂସ୍କାରଧର୍ମୀ ନାଟକ। ଦର୍ଶକମାନେ ଏହାକୁ ବେଶ୍ ପ୍ରଶଂସା କରିଥିଲେ। ନାଟକ ମଞ୍ଚସ୍ଥ ପୂର୍ବରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ମନୋଜ ପଟ୍ଟନାୟକ ଯୋଗଦେଇ ନାଟକ କିପରି ସମାଜକୁ ପ୍ରଭାବିତ କରିଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମାୟା ଦାଶ, ଗୋପ ପ୍ରତିହାରୀ, ଲକ୍ଷ୍ମୀଧର ପୂଜାପଣ୍ଡା ଏବଂ କୃଷ୍ଣଚନ୍ଦ୍ର କାନୁନଗୋ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଜିତେନ୍ଦ୍ର ମହାପାତ୍ର, ସତ୍ୟ ଦାଶ ଏବଂ ପଞ୍ଚାନନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ନାଟକ 'ବାଂଝ'ର ଏକ ଦୃଶ୍ୟ ।

# ୧୧୨୮ ଗ୍ରାମବାସୀ ପାଇପ୍ ଜଳରୁ ବଞ୍ଚିତ

ଯାଜପୁର ଅଫିସ,୨୪।୩

**ଯାଜପୁର ଜିଲା**
- ୨୦୨୪ ସୁଦ୍ଧା ସରିବ ୮ ମେଗା ଜଳଯୋଗାଣ ପ୍ରକଳ୍ପ
- ସୁକିନ୍ଦା ପ୍ରକଳ୍ପରେ ପ୍ରତାରଣା, ନିର୍ଦ୍ଧାରିତ ଗ୍ରାମବାସୀଙ୍କୁ ମିଳୁନି ପାଣି
- ବିଞ୍ଝାରପୁର, ସୁକିନ୍ଦା ପ୍ରକଳ୍ପରେ ତ୍ରୁଟି

ଯାଜପୁର ଜିଲାରେ ମୋଟ ୧୫୯୭ ଗ୍ରାମ ମଧ୍ୟରୁ ଅଦ୍ୟାବଧି ୪୬୯ ଗ୍ରାମରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି। ଅବଶିଷ୍ଟ ୧୧୨୮ ଗ୍ରାମରେ ଆସନ୍ତା ୨୦୨୪ ସୁଦ୍ଧା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ବର୍ତ୍ତମାନ ୮ ବ୍ଲକରେ ଏହି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାମ ଚାଲୁଛି। ଯାଜପୁର ଜିଲା ଚଣ୍ଡିଖୋଲ ଜଳଯୋଗାଣ ଓ ପରିମଳ ଖଣ୍ଡ ପକ୍ଷରୁ ଉପରୋକ୍ତ ସୂଚନା ମିଳିଛି। ତେବେ ଜିଲାରେ କାର୍ଯ୍ୟକାରୀ ହୋଇଥିବା ସୁକିନ୍ଦା ପ୍ରଥମ ପର୍ଯ୍ୟାୟ ମେଗା ଜଳଯୋଗାଣ ପ୍ରକଳ୍ପ ଲୋକଙ୍କୁ ପ୍ରତାରଣା କରିଛି। ୩୭ଟି ଗ୍ରାମକୁ ପାଇପ୍ ଜଳଯୋଗାଣ କରିବାକୁ ପ୍ରତିଶ୍ରୁତି ମିଳିଥିବାବେଳେ ଏଯାଏ ସେଥିରୁ ପ୍ରାୟ ୫୦ ପ୍ରତିଶତ ଅଞ୍ଚଳକୁ ପାଇପ୍ ପାଣି ପହଞ୍ଚି ନାହିଁ। ପ୍ରକଳ୍ପ ନିର୍ମାଣରେ ପ୍ରଥମରୁ ତ୍ରୁଟି ଏବଂ ଦାୟିତ୍ୱରେ ଥିବା ଅଣଓଡ଼ିଆ ଠିକାସଂସ୍ଥାର ମନମାନି ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ୮ ବ୍ଲକରେ ନିର୍ମାଣାଧୀନ ମେଗା ଜଳଯୋଗାଣ ପ୍ରକଳ୍ପର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଯାଜପୁର ଜିଲାରେ ଚାଲିଥିବା ୮ ମେଗା ଜଳଯୋଗାଣ ପ୍ରକଳ୍ପରେ ଓଡିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ଏବଂ ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ (ଆରଆଇଡିଏଫ୍)ରୁ ମଞ୍ଜୁର ଅର୍ଦ୍ଧାଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ହେଲେ ନିୟୋଜିତ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁ ଗୋଟିଏ ବି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଲୋକଙ୍କ କାମରେ ଲାଗି ପାରିନାହିଁ। ଖଣି ପ୍ରଭାବିତ ସୁକିନ୍ଦା ବ୍ଲକରେ



ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ।

ଓଏମ୍‌ବିଏଡିସି ୨୩୩.୦୪ କୋଟି ଟଙ୍କାର ୩ ମେଗା ଜଳଯୋଗାଣ ପ୍ରକଳ୍ପ ୨୦୧୭-୧୮ରୁ କାର୍ଯ୍ୟକାରୀ ହେଉଛି। ହେଲେ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହେବାରେ ବିଳମ୍ବିତ ଦର୍ଶାଇ ଏହି ମଞ୍ଜୁର ଅର୍ଥରୁ ବିପୁଳ ଅନୁଦାନ ବୃଦ୍ଧି ହୋଇ ସାରିଛି। ଅଣଓଡିଆ ଠିକାଦାର ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ(ଏନସିସି), ମେଘା ଇଞ୍ଜିନିୟର ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିଃ(ମେଲ), କେଇସି ସଂସ୍ଥା କର୍ତ୍ତୃପକ୍ଷ କୌଣସି ବିଭାଗୀୟ ଅଧିକାରୀଙ୍କ ପରାମର୍ଶକୁ ଶୁଣୁ ନ ଥିବାରୁ ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ ସହ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଏଯାଏ ବଡ଼ଚଣା ବ୍ଲକର ୧୭୭ ଗ୍ରାମ, ବରୀ ବ୍ଲକର ୫୪, ଧର୍ମଶାଳା ବ୍ଲକର ୧୭୫, ରସୁଲପୁର ବ୍ଲକର ୧୨୩, ଯାଜପୁର ବ୍ଲକର ୧୩୯, ବିଞ୍ଝାରପୁର ବ୍ଲକର ୬୦, ଦଶରଥପୁର ବ୍ଲକର ୯୧, ସୁକିନ୍ଦା ବ୍ଲକର ୬୫, କୋରେଇ ବ୍ଲକର ୧୭୩ ଏବଂ ଦାନଗଦି ବ୍ଲକର ୭୧ ଗ୍ରାମବାସୀ ପାଇପ୍ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ହିସାବକୁ ନେଲେ ଜିଲାର ପ୍ରାୟ ୭୦ ପ୍ରତିଶତ ଗ୍ରାମବାସୀ ପାଇପ୍ ଜଳ ପାଉନାହାନ୍ତି। ଜିଲାର ଭୂତଳ ଜଳ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫସି) ଅଂଶ ଆବଶ୍ୟକତାଠାରୁ ବହୁ ଅଧିକ ରହିଛି । ଏହି ପାଣି ବ୍ୟବହାର କରି ଶତାଧିକ ଲୋକଙ୍କ କିଡ୍‌ନୀ ଜନିତ ରୋଗରେ ମୃତ୍ୟୁ ଘଟିଛି । ବହୁ ଆକ୍ରାନ୍ତ ହୋଇଛନ୍ତି। ଏଭଳିସ୍ଥିତିରେ ସୁକିନ୍ଦା ଖଣି ଅଞ୍ଚଳର ୩୭ ଖଣି ପ୍ରଭାବିତ ଗ୍ରାମବାସୀଙ୍କ ପାଇଁ ୨୦୧୭-୧୮ ବର୍ଷରେ ଓଏମ୍‌ବିଏଡିସିରୁ ୭୯.୮୫ କୋଟି ଟଙ୍କା ଖର୍ଚ୍ଚ କରି ପ୍ରଥମ ମେଗା ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏବେ ସରକାରୀ ଭାବେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଛି ବୋଲି ଘୋଷଣା କରାଯାଇଛି। ହେଲେ ବାସ୍ତବରେ ଏବେ ବି କାଙ୍କଡପାଳ, କଅଁସର, ଚିଙ୍ଗୁଡିପାଳ, ରାହାଁସୋଲ, ପିଣ୍ଡିଡିଆ, କୁହିକା ଆଦି ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପାଇପ ଜଳ ପାଇନାହାନ୍ତି। ଅନ୍ୟପକ୍ଷେ ମେଘା ଇଞ୍ଜିନିୟର୍ସ ଓ ଇନଫ୍ରାଷ୍ଟ୍ରକ୍ଚର କମ୍ପାନୀ ଦ୍ୱାରା ବଡ଼ଚଣା ଓ ଧର୍ମଶାଳା ବ୍ଲକ ପାଇଁ ୩୫୧.୪୪ କୋଟି ଟଙ୍କା ଓ ଦଶରଥପୁର ବ୍ଲକ ପାଇଁ ୧୯୧.୮୫ କୋଟି ଟଙ୍କା ବ୍ୟୟରେ ଚାଲିଥିବା ପ୍ରକଳ୍ପ ୩୦।୧୨।୨୦୨୩ ସୁଦ୍ଧା ସରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି କେଇସି-ବିଆରସିସିପିଏଲ୍ ସଂସ୍ଥା ପକ୍ଷରୁ ଚାଲିଥିବା ରସୁଲପୁର ବ୍ଲକ ପାଇଁ ୨୬୧.୪୬ କୋଟି ଓ ଦାନଗଦି ବ୍ଲକ ପାଇଁ ୧୩୫.୮୪ କୋଟି ଟଙ୍କାର ପ୍ରକଳ୍ପ ୨୪।୨।୨୦୨୪ରେ ସରିବ। ମେଘା ଇଞ୍ଜିନିୟର୍ସ କମ୍ପାନୀ ପକ୍ଷରୁ ଯାଜପୁର ଓ ବିଞ୍ଝାରପୁର ବ୍ଲକ ପାଇଁ ୪୧୮.୮୭ କୋଟି ଟଙ୍କାର ପ୍ରକଳ୍ପ ୮।୩।୨୦୨୪ ସୁଦ୍ଧା ଏବଂ ଏନସିସି ପକ୍ଷରୁ ଚାଲିଥିବା ସୁକିନ୍ଦା ବ୍ଲକ ପାଇଁ ୧୦୧.୨୪ କୋଟି ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ୨୨।୩।୨୦୨୩ ସୁଦ୍ଧା ସରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏହିସବୁ ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ମିଛ ବୋଲି ମତପ୍ରକାଶ ପାଇଛି। ପୂର୍ବରୁ ପ୍ରକଳ୍ପ କାର୍ଯ୍ୟରେ ବହୁ ଅନିୟମିତତା ହୋଇଥିବାର ନେଇ ମେଘା ଇଞ୍ଜିନିୟର୍ସ ଏବଂ ଏନସିସି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବିଭାଗ ପକ୍ଷରୁ ଚେତାବନୀ ମିଳିଛି। ହେଲେ କୌଣସି ଫଳ ମିଳି ନ ଥିବାରୁ ପ୍ରକଳ୍ପଗୁଡିକ ତା'ବାଟରେ ଚାଲିଛି ବୋଲି ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ୫ ଫୁଟର ନାଗ ଉଦ୍ଧାର



ପାଣିକୋଇଲି,୨୪।୩( ଡି.ଏନ୍.ଏ.) ପାଣିକୋଇଲି ଗାଁରୁ ଶୁକ୍ରବାର ଅପରାହ୍ନରେ ଏକ ୫ ଫୁଟର ନାଗ ସାପ ଉଦ୍ଧାର କରାଯାଇଛି। ଉକ୍ତ ଗାଁର ପହଲି ବିଶ୍ୱାଳଙ୍କ ଘରେ ସାପ ପଶିଥିଲା। ଏନେଇ ସେ ଥାନାକୁ ଖବର ଦେଇଥିଲେ। କନଷ୍ଟେବଲ ମନମୋହନ ବାରାକ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ଏକ ନିକାଞ୍ଜନ ସ୍ଥାନରେ ଛାଡ଼ିଦେଇଛନ୍ତି।

### ଶୁଖିଲା ଗଛ ଡାଳ ପଡ଼ି ନାବାଳକ ଗୁରୁତର

କାଳିଆପାଣି,୨୪।୩(ଡି.ଏନ.ଏ.): ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ଗଡ଼ସାହିରେ ଶୁକ୍ରବାର ଶୁଖିଲା ଗଛ ଡାଳ ପଡ଼ିଯିବାରୁ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଗଡ଼ସାହିର ରୁମା ବେହେରାଙ୍କ ଘରକୁ ଲାଗି ଏକ ମଲା ଗଛ ବହୁ ଦିନରୁ ରହିଥିଲା। ହେଲେ ଏହାକୁ କଟାଯାଇ ନ ଥିଲା। ଫଳରେ ଗଛର ଶୁଖିଲା ଡାଳ ଭାଙ୍ଗି ଘର ଉପରେ ପଡୁଥିଲା। ତେଣୁ ଏହାକୁ ଦେଖି ରୁମା ଘର ଉପରେ ଥିବା ଗଛ ଡାଳକୁ କାଟୁଥିଲେ। ଏହି ସମୟରେ ଏକ ଡାଳ ଘର ଉପରେ ପଡ଼ି ଯାଇଥିଲା। ଘରେ ରୁମାଙ୍କ ପୁଅ ଟୁନ ବେହେରା (୧୩) ଥିଲେ। ଡାଳ ପଡ଼ିବା ଶୁଣି ଟୁନ ବାହାରକୁ ବାହାରି ଆସୁଥିବା ବେଳେ ତାଙ୍କ ଉପରେ ଡାଳ ପଡ଼ିଥିଲା। ଫଳରେ ଟୁନଙ୍କ ମେରୁଦଣ୍ଡ, ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଥିଲା।

### ଦେଶୀବିଦେଶୀ ମଦ ଜବତ, ବେପାରୀ କୋର୍ଟ ଚାଲାଣ

ପାଣିକୋଇଲି,୨୪।୩(ଡି.ଏନ୍.ଏ.): ପାଣିକୋଇଲି ଥାନା ଅଧୀନ ରୁଡ଼ିଆ ବଜାରରେ ପୋଲିସ ଚଢ଼ାଉ କରି ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ପୋଲିସ ମାମଲା (ନଂ.୫୭/୨୩) ରୁଜୁ କରି ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଅଡ଼ଙ୍ଗ ଗାଁର ନିରଞ୍ଜନ ନାୟକ (୨୩)। ଚୋରା ମଦ ବେପାର ଖବର ପାଇ ଥାନାଅଧିକାରୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ସତ୍ୟବାନ ଦାଶ ସଦଳବଳ ଉକ୍ତ ବଜାରରେ ଚଢ଼ାଉ କରିଥିଲେ। ସନ୍ଦେହ ହେବାରୁ ସେଠାରେ ଜଣଙ୍କୁ ପଚରାଉଚରା କରିଥିଲେ। ତାଙ୍କ ନିକଟରୁ ବିଦେଶୀ ମଦ (୨୫ ବୋତଲ ମ୍ୟାଗଡଲ ରମ, ୨୫ ବୋତଲ ମ୍ୟାଗଡଲ ହୁଇସ୍କି, ୨୫ ବୋତଲ ବାକାଡି ବ୍ଲାକ) ଓ ଦେଶୀ ମଦ (୨୫ ବୋତଲ ଆସ୍କା ଫର୍ଟି) ଜବତ କରିଥିଲେ।

# କିଆପଡ଼ା-କୋରାବନ୍ଦୀ ରାସ୍ତା ବିପର୍ଯ୍ୟସ୍ତ



ରଗଡ଼ି,୨୪।୩(ଡି.ଏନ.ଏ.)

କୋରେଇ ବ୍ଲକ ଅଧୀନ ରଗଡ଼ି ଛକଠାରୁ କିଆପଦା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଏହି ରାସ୍ତାର ରଗଡ଼ି ଛକଠାରୁ କୋରାବନ୍ଦି ପର୍ଯ୍ୟନ୍ତ ୧ କିଲୋମିଟର ରାସ୍ତା ବିପଦସଙ୍କୁଳ ହୋଇ ରହିଛି। ରାସ୍ତାର ଏକାଧିକ ସ୍ଥାନରେ ପିଚୁ ଉଠିଯିବା ହେତୁ ବଡ଼ ବଡ଼ ଖାଲମାନ ସୃଷ୍ଟି ହୋଇଛି। ରାସ୍ତା ସାରା ଚିପ୍ସ ପଡ଼ିଥିବାରୁ ଟିକିଏ ଅସାବଧାନତା ହେଲେ ଦୁର୍ଘଟଣା ସୁନିଶ୍ଚିତ ହେଉଛି। ରାତିରେ ଯାତାୟାତ କରୁଥିବା ପଥଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଗଡ଼ି ତଥା ଯାଜପୁର ରୋଡ୍ ଆସିବା ପାଇଁ କିଆପଡ଼ା ସମେତ ବରାଙ୍ଗ, ପୁଲିଗଡ଼ିଆ, ଅଙ୍ଗରୁଆ, ଆଳତି, ପୁରୁଣା ବାନ୍ଧୋବୋଡ଼ା, ନୂଆମାଳିଆ ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳର ଲୋକେ ଦାବି କରିଛନ୍ତି।

## ନନ୍ଦନକାନନରେ ଧଳା ମୟୂରର ମୃତ୍ୟୁ

ବାରଙ୍ଗ,୨୪।୩(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଏକ କୋକିଶିଆଳିର ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଏକ ଧଳାମୟୂର ମୃତ୍ୟୁ କରିଛି। ପ୍ରାୟ ୫ ବର୍ଷର ଏହି ଧଳାମୟୂରଟି ଗତଦୁଇଦିନ ହେବ ଅସୁସ୍ଥ ହେବା ସହ ଛୋଟେଇ ଛୋଟେଇ ଚାଲୁଥିଲା। ସେ ରହୁଥିବା ପକ୍ଷୀଶାଳାର ୬୭ନଂ. ଏନକ୍ଲୋଜରରେ ଇଞ୍ଜେକ୍ସନ ଦିଆଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲେ ମଧ୍ୟ ସୁସ୍ଥ ହୋଇ ନ ଥିଲା। ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ନ ହେବାରୁ ଶୁକ୍ରବାର ଅପରାହ୍ନ ୩ଟାରେ ଉକ୍ତ ମୟୂରକୁ ନିଶା ଇଞ୍ଜେକ୍ସନ ଦିଆଯାଇ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ତା'ର ଚିକିତ୍ସା ଆରମ୍ଭ ସହ ଛୋଟେଇବାର ପ୍ରକୃତ କାରଣ ଜଣାପଡିଥିଲା। ତା'ପେଟରେ ଏକ ଅଣ୍ଡା ଥିବାରୁ ଅସୁସ୍ଥ ହେବା ସହ ଛୋଟେଇ ଚାଲୁଥିଲା। ଡାକ୍ତରମାନେ ମୟୂର ଦେହରୁ ଉକ୍ତ ଅଣ୍ଡାକୁ ବାହାର କରୁଥିଲେ। ଏହି ସମୟରେ ହଠାତ୍ ମୟୂରଟିର ମୃତ୍ୟୁ ହୋଇଯାଇଥିଲା। ଏହି ଧଳାମୟୂରର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସପାଇ ୪ରେ ପହଞ୍ଚିଛି।

## ଓଲଟିଲା ଟମାଟୋ ବୋଝେଇ ପିକ୍‌ଅପ୍ ଭ୍ୟାନ୍

ଛତିଆ,୨୪।୩(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ଛତିଆ ଚଟିଘର ନିକଟରେ ଶୁକ୍ରବାର ଏକ ଟମାଟୋ ବୋଝେଇ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ପିକ୍‌ଅପ୍‌ରେ ଲୋଡ୍ ଥିବା ଟମାଟୋ ଟ୍ରେ ଗୁଡ଼ିକ ରାସ୍ତାରେ ବିଛୁରିତ ହୋଇ ପଡ଼ିଥିଲା। ଏଥିଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଛତିଆ ବିଟ ହାଉସ ପୋଲିସ ଏସ୍‌ଆଇ ଜହର ଆବେଦିନ ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ରାସ୍ତାରୁ ପିକ୍‌ଅପ୍ ଭ୍ୟାନ୍‌କୁ ହଟାଇବା ପରେ ଗାଡ଼ିଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନା ମୁତାବକ, ଟମାଟୋ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ନଂ. ଓଆର୍-୦୫-ଏଭି-୮୧୫୨) ଗଞ୍ଜାମ ରମ୍ଭାରୁ କେନ୍ଦୁଝରକୁ ଯାଉଥିଲା। ଚଟିଘର ଛକ ନିକଟରେ ରାଜପଥ ନିର୍ମାଣରେ ତ୍ରୁଟିଥିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଅନ୍ୟପକ୍ଷରେ ରାସ୍ତା ତ୍ରୁଟି ଯୋଗୁ ଉକ୍ତ ସ୍ଥାନରେ ଛୋଟ ବଡ଼ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନି ଘଟି ଚାଲିଛି ବୋଲି ସ୍ଥାନୀୟ ଲୋକ ଓ ଗାଡି ଚାଳକମାନେ ଅଭିଯୋଗ କରି ଆସୁଛନ୍ତି। ହେଲେ ଅଭିଯୋଗକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଯାହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଜାତୀୟ ରାଜପଥର ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଓଲଟି ପଡିଥିବା ଟମାଟୋ ଭ୍ୟାନ୍।

# ଇମ୍ଫା ପକ୍ଷରୁ ପ୍ରାଣୀଧନ ଚିକିତ୍ସା ଶିବିର

କାଳିଆପାଣି,୨୪।୩(ଡି.ଏନ୍.ଏ.)



ଶିବିରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଇମ୍ଫା ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ (ଇମ୍ଫାର ସାମାଜିକ ଦାୟିତ୍ୱବୋଧ ସଂସ୍ଥା) ପକ୍ଷରୁ ଗୃହ ପାଳିତ ପଶୁ ସମ୍ପଦ ଚିକିତ୍ସା ଶିବିର ରାଂସୋଳ ପଞ୍ଚାୟତ କାକୁଡ଼ିଆ ଗାଁ ପାଲା ମଣ୍ଡପରେ ବୁଧବାର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ସରପଞ୍ଚ କନକଲତା ସର୍ଦ୍ଦାର ଉଦ୍‌ଘାଟନ କରିଥିଲେ। ସୁକିନ୍ଦା ବ୍ଲକ ପଶୁ ସମ୍ପଦ ଚିକିତ୍ସା ଅଧିକାରୀ ଡା.ସମୀର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସହ ଚିକିତ୍ସକ ଡା.ଚିରଞ୍ଜୀବୀସାହୁ, ଡା.ଶୁଭଶ୍ରୀ ନାୟକ, ଗୋଧନ ନିରୀକ୍ଷକ ମଳୟ ମହାନ୍ତ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ୩୫୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ସାହାଣ ଟିକା କରଣ କରିବା ସହ ସେମାନଙ୍କ ଚିକିତ୍ସା କରିଥିଲେ। ସମସ୍ତଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର, ଇଲାପଣ୍ଡା ଫାଉଣ୍ଡେଶନ କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟବ୍ରତ ପରିଡ଼ା, ଶମ୍ଭୁନାଥ ନାୟକ, ଗୀତାଞ୍ଜଳି ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

# ଏପ୍ରିଲ୍ ୨୦ରେ ହେଲ୍‌ଥ ମେଡିକନ୍ ଅନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର, ୨୪।୩ (ବ୍ୟୁରୋ)

**ଯୋଗଦେବେ ଦେଶବିଦେଶର ବିଶେଷଜ୍ଞ**

ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ୍) ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପକ୍ଷରୁ ଓଡ଼ିଶାରେ ଅନ୍ତର୍ଜାତିକ ସ୍ୱାସ୍ଥ୍ୟ ସମ୍ମିଳନୀ 'ହେଲ୍‌ଥ ମେଡିକନ୍ ଆଇଏନ୍‌ସି-୨୦୨୩' ଅନୁଷ୍ଠିତ ହେବ। ଏପ୍ରିଲ ୨୦ ଓ ୨୧ ଦୁଇଦିନ ଧରି ଓୟୁଏଟିଠାରେ ଏହା ଆୟୋଜିତ ହେବ। 'ଉତ୍ତମ ସ୍ୱାସ୍ଥ୍ୟ ଲାଗି ସମସ୍ତଙ୍କ ପାଇଁ ପାରମ୍ପରିକ ଔଷଧ' ଶୀର୍ଷକ ବିଷୟବସ୍ତୁ ସମ୍ବଳିତ ଏହି ସମ୍ମିଳନୀରେ ଦେଶ ଓ ବିଦେଶରୁ ବିଶେଷଜ୍ଞମାନେ ଯୋଗଦେବେ। ସମ୍ମିଳନୀ ସମ୍ପର୍କରେ ସୂଚନା ଦେଇ ଆଇପିଏସ୍‌ର ପ୍ରତିଷ୍ଠାତା ସଭାପତି ତଥା ଆୟୋଜନ କମିଟିର ଆବାହକ ଚିକିତ୍ସାବିଜ୍ଞାନୀ ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁ କହିଛନ୍ତି, ଏଥିରେ ବିଶ୍ୱର ବିଭିନ୍ନ ଭାଗରୁ ଏଲୋପାଥି, ଦନ୍ତ ଚିକିତ୍ସା, ଆୟୁର୍ବେଦ, ଯୋଗ, ୟୁନାନି, ସିଦ୍ଧ, ନାଚୁରୋପାଥି, ହୋମିଓପାଥି, ଫାର୍ମାସି, ଫିଜିଓଥେରାପି, ଇଞ୍ଜିନିୟରିଂ, ପ୍ରାଣୀବିଜ୍ଞାନ, କୃଷି ବିଜ୍ଞାନ, ପରିବେଶ ବିଜ୍ଞାନ, ଆଧ୍ୟାତ୍ମ୍ୟ ବିଜ୍ଞାନ ଆଦି ବିଭିନ୍ନ କ୍ଷେତ୍ରରୁ ବିଶିଷ୍ଟ ବୈଜ୍ଞାନିକ, ଗବେଷକ, ଶିକ୍ଷକ, ଚିକିତ୍ସକ ଓ ଛାତ୍ରୀଛାତ୍ର ଯୋଗଦେବେ।




ଯକ୍ଷ୍ମା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ପାଣିକୋଇଲି,୨୪।୩(ଡି.ଏନ୍.ଏ.)

ପ୍ରତିବର୍ଷ ମାର୍ଚ୍ଚ ୨୪କୁ ବିଶ୍ୱ ଯକ୍ଷ୍ମା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପାଣିକୋଇଲି ବିଦ୍ୟା କଲେଜ ଅଫ୍ ମେଡିକାଲ ଆଣ୍ଡ ହସ୍‌ପିଟାଲ ଟ୍ରେନିଂ ପକ୍ଷରୁ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ରୋଗ ଓ ନିରାକରଣ ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରୀଛାତ୍ରମାନେ କଲେଜରୁ ବାହାରି ଅଳତିରି ଅଙ୍ଗନୱାଡ଼ି କେନ୍ଦ୍ରଠାରେ ପହଞ୍ଚିଥିଲେ। ସେଠାରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଦ୍ୟା ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ ଚେୟାରମ୍ୟାନ ରଣଜିତ୍ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ଦେବଦୀପା ଖୁଣ୍ଟିଆ, ସଙ୍ଗୀତା ପାତ୍ର, ପାର୍ଥ ସାରଥି ଜେନା, ଚିତ୍ତ ମଲ୍ଲିକ, ପ୍ରଦୀପ ଦାସ, ସ୍ନେହଲତା ସେଠୀ, ବ୍ରଜ କିଶୋର ସାହୁ, ଜୟ ପ୍ରକାଶ ବେହେରା, ଶିବ ନାୟକ, ସତ୍ୟରଞ୍ଜନ ବେହୁରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପେପର ପ୍ଲେଟ୍, ମସଲା ତିଆରି ପାଇଁ ବେଦାନ୍ତର ପ୍ରୋତ୍ସାହନ

କାଳିଆପାଣି,୨୪।୩(ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ପଞ୍ଚାୟତର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଆଶା ନାମରେ ଏକ ଯୋଜନା କରି ପେପର ପ୍ଲେଟ ଓ ମସଲା ତିଆରି ପାଇଁ ବେଦାନ୍ତ କମ୍ପାନୀ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କମ୍ପାନୀ ବିଭିନ୍ନ ଯୋଜନା ମାଧ୍ୟମରେ ଚପଲ ତିଆରି, ଛତୁଚାଷକୁ ଆର୍ଥିକ ସହାୟତା ଦେଉଛି। ଏବେ ଆଉ ଏକ ପଦକ୍ଷେପ ଗ୍ରହଣକରି କାଳିଆପାଣି ପଞ୍ଚାୟତର ମା' ଯୋଗବାଇଆଣୀ, ମା' ସୁଭଦ୍ରା, ମା' ବୈଦେହୀ, ମା' ତୁଳସୀ ଓ ମା'ମଙ୍ଗଳା ଆଦି ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ସଭ୍ୟାଙ୍କୁ ପେପର ପ୍ଲେଟ୍ ଓ ମସଲା ତିଆରି ପାଇଁ ପ୍ରଶିକ୍ଷଣ ଏବଂ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି। ଗତ ବୁଧବାର କାଳିଆପାଣିଠାରେ ଶ୍ରମିକ ସଂଘ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ।

ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ମୁଖ୍ୟ ଅତିଥି, ୩୭ ନମ୍ବର ଜିଲା ପରିଷଦ ସଭ୍ୟା ଜମା ଚାଖିଙ୍କ ସହ କମ୍ପାନୀର ପରିବହନ ମୁଖ୍ୟ ଅଜୟ କୁମାର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ସଂକ୍ଷେପରେ

### ୨ ଭିନ୍ନକ୍ଷମଙ୍କୁ ୩ ଚକିଆ ସ୍କୁଟି ମିଳିଲା

**କେନ୍ଦ୍ରାପଡ଼ା ଅଫିସ, ୨୪।୩:** କେନ୍ଦ୍ରାପଡା ଜିଲାର ୨ ଭିନ୍ନକ୍ଷମଙ୍କୁ ୩ ଚକିଆ ସ୍କୁଟି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥ ପୋଖରୀପୁଟ ଏନ୍‌ସିଏସ୍‌ଡିଏ ପରିସରରେ ବିଭାଗୀୟ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଗୁରୁବାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କହିଛନ୍ତି, ରାଜ୍ୟସ୍ତରର ପ୍ରଥମ ପର୍ଯ୍ୟାୟରେ ମୋଟ ୪୮ଟି ୩ ଚକିଆ ସ୍କୁଟି ବଣ୍ଟନ ହୋଇଥିଲା । ଏଥିମଧ୍ୟରୁ ଲୁହା ସାମଗ୍ରୀ ବିକ୍ରି କରୁଥିବା ଇନ୍ଦୁପୁରର ନକୁଳ ସୁତାର ଓ ପାନ ଦୋକାନ କରିଥିବା ଭିନ୍ନକ୍ଷମ ଯୁବତୀ ରାଜନଗରର ମିନତି ବାରିକଙ୍କୁ ଏହି ସ୍କୁଟି ପ୍ରଦାନ କରାଯାଇଛି। ଭିନ୍ନକ୍ଷମ ହୋଇ ମଧ ସ୍ୱାବଲମ୍ବୀ ହୋଇଥିବାରୁ ବିଭାଗ ପକ୍ଷରୁ ଏହି ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ଆର୍ଥିକ ଦୁସ୍ଥିତିରେ ଥିବା ଓ ସ୍ୱାବଲମ୍ବୀ ଜୀବନ ଯାପନ କରୁଥିବା ଭିନ୍ନକ୍ଷମଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲା ଅଧିକାରୀ ଦାସ ପ୍ରକାଶ କରିଛନ୍ତି।

### ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ସାମୂହିକ ବ୍ରତୋପନୟନ

**ଡେରାବିଶ,୨୪।୩ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ଅଁଳାବାଙ୍କଠାରେ ଥିବା ମା' ମହାକାଳୀଙ୍କ ମନ୍ଦିର ପରିସରରେ ଶୁକ୍ରବାର କେନ୍ଦ୍ରାପଡ଼ା ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ଜଣ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ କରାଯାଇଥିଲା। ପରିଷଦ ପକ୍ଷରୁ ପ୍ରତ୍ୟେକ ବର୍ଷ ଏହା କରାଯାଉଥିବା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି। ବ୍ରତୋପନୟନ ପରେ ସମସ୍ତ ବ୍ରହ୍ମଚାରୀ ଗ୍ରାମ ପରିକ୍ରମା କରିଥିଲେ। ଏହାକୁ ସମ୍ପାଦକ ଦେବଦତ୍ତ ଆଚାର୍ଯ୍ୟ, ବିଭୁପ୍ରସାଦ ନାୟକ, ଉମାକାନ୍ତ ନାୟକ, ଅଶୋକ ପାଣ୍ଡିତ୍ରୀ, ପ୍ରଦୀପ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟ ପୁରୋହିତ ପ୍ରମୋଦ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ମଣ୍ଡଳୀ ବ୍ରତୋପନୟନ କାର୍ଯ୍ୟ ସମାପନ କରିଥିଲେ।

### ଗୋବର୍ଦ୍ଧନ ପ୍ରଧାନ ଆତ୍ମା କମିଟିର ଅଧ୍ୟକ୍ଷ ହେଲେ

**ରାଜନଗର, ୨୪।୩ (ଡି.ଏନ.ଏ.):** ବେଲପାଳ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଗୋବର୍ଦ୍ଧନ ପ୍ରଧାନ ରାଜନଗର ଆତ୍ମା କମିଟିର ଅଧ୍ୟକ୍ଷ ହୋଇଛନ୍ତି। ଶୁକ୍ରବାର ଆତ୍ମା କମିଟି ବୈଠକରେ ସର୍ବସମ୍ମତି କ୍ରମେ ଗୋବର୍ଦ୍ଧନ ଅଧ୍ୟକ୍ଷ ପଦ ମଣ୍ଡନ କରିଛନ୍ତି। ଆତ୍ମା କମିଟିର ସଭ୍ୟ ଅରୁଣ କୁମାର ସାହୁ ଆତ୍ମା କମିଟିର ଅଧ୍ୟକ୍ଷ ପଦ ପାଇଁ ଗୋବର୍ଦ୍ଧନଙ୍କ ନାଁ ପ୍ରସ୍ତାବ ରଖିଥିଲେ। ଏହାକୁ ସଦସ୍ୟମାନେ ସମର୍ଥନ ଜଣାଇଥିଲେ। ବ୍ଲକ କୃଷି ଅଧିକାରିଣୀ ପପ୍ରିୟା ପ୍ରିୟଦର୍ଶିନୀଙ୍କ ପୌରୋହିତ୍ୟରେ ବୈଠକ ବସିଥିଲା। ଏଥିରେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ଜେନା, ଏଏଫ୍‌ଓ ବିକାଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାରଦୁଆର ବୁଲି ଶିଶୁ ଭାଗ୍ୟ ଗଢୁଛନ୍ତି



ଅସୁରକ୍ଷିତ ଘୋଷଣା କରାଯାଇଥିବା ବିଲିକଣା ଅଙ୍ଗନୱାଡି କେନ୍ଦ୍ର ଗୃହ । ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନେ ପଢୁଛନ୍ତି।

## ୩ ବର୍ଷ ହେଲା ଅସୁରକ୍ଷିତ ଅବସ୍ଥାରେ ବିଲିକଣା ଅଙ୍ଗନୱାଡି କେନ୍ଦ୍ର

**ଆଳି, ୨୪।୩(ଡି.ଏନ୍‌.ଏ.)**

କେନ୍ଦ୍ର ସରକାର ନୂତନ ଶିକ୍ଷାନୀତିରେ ପ୍ରାକ୍ ବିଦ୍ୟାଳୟକୁ ଗୁରୁତ୍ୱ ଦେବାକୁ ଯୋଜନା କରାଯାଇଛି। ହେଲେ ତୃଣମୂଳସ୍ତରରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର ଦୟନୀୟ ଅବସ୍ଥାରେ ପହଞ୍ଚିଛି। ଏହା ଦେଖିବାକୁ ପ୍ରଶାସନିକ ଅଧିକାରୀ କିମ୍ବା ଲୋକ ପ୍ରତିନିଧିଙ୍କ ଇଚ୍ଛାଶକ୍ତି ନ ଥିବା ପରି ଦୃଶ୍ୟମାନ ହେଉଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳରେ, ଯାହାର ଏକ ସଦ୍ୟତମ ଉଦାହରଣ ହେଉଛି ପତ୍ରପୁର ପଞ୍ଚାୟତରେ ଥିବା ବିଲିକଣା ଅଙ୍ଗନୱାଡି କେନ୍ଦ୍ର।

ସରକାର ଅଙ୍ଗନୱାଡି କେନ୍ଦ୍ର ପାଇଁ ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଏଠାରେ ଥିବା ଅଙ୍ଗନୱାଡି କେନ୍ଦ୍ର ଦୀର୍ଘ ୩ ବର୍ଷ ହେବ ବିପଦସଙ୍କୁଳ ଘୋଷିତ ହୋଇଥିଲେ ବି ତାହାର ବିକଳ୍ପ ବ୍ୟବସ୍ଥା କିଛି କରାଯାଇନାହିଁ। ଫଳରେ ବିଲିକଣା ଗାଁର ଶିଶୁମାନେ ବାରଦୁଆର ଶୁଙ୍ଘିପିଣ୍ଡା ହୋଇ ଘରକୁ ଘର ବୁଲି ପାଠ ପଢୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ଦିନ ଅଙ୍ଗନୱାଡି କର୍ମୀ ପିଲାମାନଙ୍କୁ ନେଇ କୌଣସି ଲୋକଙ୍କୁ ଅନୁରୋଧ କରି ତାଙ୍କ ଘରେ ଶିକ୍ଷା ଦେଉଛନ୍ତି। ସବୁଦିନ ଜଣଙ୍କ ଘରେ ପଢ଼େଇ ହେଉ ନ ଥିବାରୁ ଦୈନିକ କର୍ମୀ ଜଣଙ୍କ କାହାକୁ ନା କାହାକୁ ଅନୁରୋଧ କରି ତାଙ୍କ ଘରେ ପିଲାମାନଙ୍କୁ ଶିକ୍ଷା ଦେଉଛନ୍ତି। ଯଦି ଝଡ଼ବର୍ଷା ହେଲା ସେହିଦିନ ଅଙ୍ଗନୱାଡି କେନ୍ଦ୍ରରେ ପାଠପଢ଼ା ବନ୍ଦ କରିବାକୁ ସେମାନେ ବାଧ୍ୟ ହୁଅନ୍ତି। ବେଳେବେଳେ ଏଭଳି ଦେଖିବାକୁ ମିଳିଛି ଯେ, ଶିଶୁମାନେ ରାସ୍ତାକଡ଼ରେ ପାଠ ପଢିଆ'ନ୍ତି। ଏଭଳି ୩ ବର୍ଷ ହେଲା ଚାଲିଆସୁଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ନାହିଁ। ଗ୍ରାମର ଲୋକମାନେ ଏ ବିଷୟରେ ସିଡିପିଓ, ପଞ୍ଚାୟତ ସରପଞ୍ଚ ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କିଛି ଫଳ ମିଳୁନାହିଁ। ବିପଦସଙ୍କୁଳ ପୁରାତନ ଅଙ୍ଗନୱାଡି କେନ୍ଦ୍ରକୁ ଭାଙ୍ଗି ନୂତନ ନିର୍ମାଣ ପାଇଁ ଅନୁଦାନ ଆସିଥିଲେ ବି ତାହା କରାଯାଉନାହିଁ। ଏହାକୁ ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଶିଶୁମାନେ ପ୍ରଭାବିତ ହେବା ସହ ଗର୍ଭବତୀ, ପ୍ରସୂତି, ଟିକାକରଣ, ମମତା ଦିବସ, ଅନ୍ନପ୍ରାଶନ, ସାଦଖିଆ ଭଳି ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ କରିବାରେ ଅଙ୍ଗନୱାଡି କର୍ମୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ଗ୍ରାମର ସୌଭାଗ୍ୟ ରାଉତ କୁହନ୍ତି, ରାଜ୍ୟ ସରକାର ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଉଥିବା ବେଳେ ବିଲିକଣା ଅଙ୍ଗନୱାଡି କେନ୍ଦ୍ର ପ୍ରତି କ'ଣ ପାଇଁ ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି ତାହା ଜଣାପଡୁନି। ସ୍ଥାନୀୟ ଲୋକପ୍ରତିନିଧି ଓ ପ୍ରଶାସନ କ'ଣ ପାଇଁ ଶିଶୁମାନଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ତାହା ଆଶ୍ଚର୍ଯ୍ୟ କରିଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସେହିପରି ଗ୍ରାମର କନକଲତା ସାହୁ କୁହନ୍ତି, ଅଙ୍ଗନୱାଡି ଖୋଲିବା ନିମନ୍ତେ ବାରମ୍ବାର ଦାବି କରିବା ସହ ସରପଞ୍ଚ, ଗ୍ରାମ କମିଟି ମଧ୍ୟରେ ଅନେକଥର ବୈଠକ ହୋଇଥିଲେ ମଧ୍ୟ ଗୃହ ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଫଳରେ ଅଭିଭାବକମାନଙ୍କୁ ପ୍ରତିଦିନ ଆ ଦୁଆର ତା' ଦୁଆର ହୋଇ ପିଲାଙ୍କୁ ଶିକ୍ଷା ଦେବା ବ୍ୟବସ୍ଥା କରୁଛନ୍ତି। ବର୍ତ୍ତମାନ ଅଙ୍ଗନୱାଡି ଚାଲିଥିବା ଗୃହକର୍ତ୍ତା ବିଚିତ୍ରା ରାଉତ କୁହନ୍ତି, ଅଙ୍ଗନୱାଡି କେନ୍ଦ୍ର ଯେତେବେଳେ ବିପଦସଙ୍କୁଳ ଘୋଷଣା ହୋଇଥିଲା ସେତେବେଳେ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ଘରେ ପଢ଼ା ହେଉଥିଲା। ତାଙ୍କ ଘର ଭଙ୍ଗାଯିବାରୁ ସେ ତାଙ୍କ ଘରେ ଶିଶୁମାନଙ୍କ ପାଠ ପଢ଼ିବାକୁ ସୁଯୋଗ ଦେଇଥିଲେ। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ଅଙ୍ଗନୱାଡି ଗୃହ ନିର୍ମାଣ କରି ଶିଶୁମାନଙ୍କୁ ସେଠାରେ ଶିକ୍ଷାଦାନର ବ୍ୟବସ୍ଥା କରାନ୍ତୁ। ଏ ସମ୍ପର୍କରେ ଆଳି ସିଡିପିଓ କଳ୍ପନା ଧଳଙ୍କୁ ଯୋଗାଯୋଗ କରିବାରେ ଅଫିସରେ ଅନୁପସ୍ଥିତ ଥିବାବେଳେ ଟେଲିଫୋନ ରିସିଭ୍ କରି ନ ଥିଲେ। ଏ ନେଇ ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ତାଙ୍କ ନିକଟରେ ପହଞ୍ଚିନାହିଁ। ଏ ସଂକ୍ରାନ୍ତରେ ସେ ସିଡିପିଓ ଓ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଅଙ୍ଗନୱାଡି କେନ୍ଦ୍ରର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଅତଡ଼ା ଖାଉଥିବା ସ୍ଥାନ ମନ୍ତ୍ରୀ ବୁଲି ଦେଖିଲେ


ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଖରସ୍ରୋତା ନଦୀ ପାର୍ଶ୍ୱରୁ ଖସୁଥିବା ଅତଡ଼ାକୁ ଦେଖୁଛନ୍ତି।

**ମାର୍ଶାଘାଇ,୨୪।୩ (ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରାଘବପୁର ପଞ୍ଚାୟତର ନରସିଂହପୁର ଗ୍ରାମର ଆରଆଇ ଅଫିସ ଗଡ଼ା ନିକଟରେ ଚିତ୍ରୋପ୍ତଳା ନଦୀ ପାର୍ଶ୍ୱରୁ ଅତଡ଼ା ଖାଉଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ବର୍ଷାପାଣି ଓ ଗତ ବନ୍ୟା ସମୟରେ ବଡ଼ ବଡ଼ ଅତଡ଼ା ଖସିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ଲୋକମାନଙ୍କ ଉର୍ବର ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇଯାଇ ନଦୀ ବନ୍ୟା ନିୟନ୍ତ୍ରଣ ବନ୍ଧ ଆଡ଼କୁ ମାଡ଼ି ଆସିଥିଲା। ଏ ସମ୍ପର୍କରେ ୨୦୨୨ ନଭେମ୍ବର ୧୯ରେ ଧରିତ୍ରୀରେ ଏକ ଫଟୋ ଓ ତଥ୍ୟ ସମ୍ବଳିତ ଖବର ପ୍ରକାଶ ପାଇଥିଲା। ପରେ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ମାତ୍ର ଜଗତପୁର ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଓ ପୁନ୍ଦାଳ ସବ୍ ଡିଭିଜନ ସହକାରୀ ଯନ୍ତ୍ରୀଙ୍କ ବଦଳି ଯୋଗୁ ଉକ୍ତ କାର୍ଯ୍ୟ ମନ୍ଥର ହୋଇଥିଲା। ଶୁକ୍ରବାର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଭାଗୀୟ ଅଧିକାରୀଙ୍କୁ ସାଙ୍ଗରେ ନେଇ ଅତଡ଼ା ଖାଉଥିବା ସ୍ଥାନ ପରିଦର୍ଶନ କରି ତୁରନ୍ତ ସ୍ୱର ଓ ପଥର ପ୍ୟାକିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ନର୍ଥ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରା, ପୁନ୍ଦାଳ ସବ୍ ଡିଭିଜନର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଗଦାଧର ବାରିକ ଓ ନାରାୟଣପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ଅଶୋକ ସାହୁ, ଜିଲା ବିଜୁ କୃଷକ ମୋର୍ଚ୍ଚାର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା, ସଭ୍ୟ ରମେଶ ମହାନ୍ତି, ପୂର୍ବତନ ସରପଞ୍ଚ କେଦାରନାଥ ମହାନ୍ତି, ଅର୍ଜୁନ ଲେଙ୍କା, ପ୍ରଣବ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ସତ୍ୟକୁ ସାମ୍ନା ପାଇଁ କେନ୍ଦ୍ର ସରକାରଙ୍କ ସାହସ ନାହିଁ



ପୁରୁଣା ବସ୍‌ଷ୍ଟାଣ୍ଡଠାରେ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ପକ୍ଷରୁ ଗଣ ବିକ୍ଷୋଭ କରାଯାଉଛି।

**କେନ୍ଦ୍ରାପଡ଼ା ଅଫିସ, ୨୪।୩**

ସଂସଦ ମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କହିବାକୁ ରୋକାଯାଉଛି। ଏବେ ଲୋକ ସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରି ତାଙ୍କ ସଦସ୍ୟ ପଦ ରଦ୍ଦ କରାଯାଇଛି। ଏହା ଲୋକତନ୍ତ୍ରର ହତ୍ୟା। ସତ୍ୟକୁ ସାମ୍ନା କରିବା ପାଇଁ କେନ୍ଦ୍ର ସରକାରଙ୍କ ସାହସ ନାହିଁ ବୋଲି କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ଜିଲା କଂଗ୍ରେସ ପୂର୍ବତନ ଅଧ୍ୟକ୍ଷ ରାହୁଲଙ୍କ ସହିତ ଅଛି ବୋଲି ନେତାମାନେ କହିଛନ୍ତି। ଏପରି ଆଭିମୁଖ୍ୟ ନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ସହରର ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର ସରକାରଙ୍କ ଲୋକତନ୍ତ୍ର ମାରଣ ନୀତିକୁ ସମାଲୋଚନା କରାଯାଇଥିଲା। ଏ ସମ୍ପର୍କରେ ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, କେନ୍ଦ୍ରର ମୋଦି ସରକାର ଏବେ ବିରୋଧୀଙ୍କ ଉପରେ ଆକ୍ରୋଶ ନୀତି ଆପଣାଇଛନ୍ତି। ଗଣତନ୍ତ୍ରର କଣ୍ଠରୋଧ ପାଇଁ ସମସ୍ତ ପ୍ରୟାସ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଶିଳ୍ପପତି ଆଦାନୀଙ୍କ ସମ୍ପର୍କକୁ ନେଇ ଜେପିସି ଗଠନ ପ୍ରସ୍ତାବକୁ ସଂସଦରେ କାର୍ଯ୍ୟକାରୀ କରାଗଲାନାହିଁ। ଏ ନେଇ ପୂର୍ବତନ ଅଧ୍ୟକ୍ଷ ରାହୁଲ ନିଜ ମତ ଉପସ୍ଥାପନ କରିବାକୁ ଚାହୁଁଥିଲେ ମଧ୍ୟ ପ୍ରତିହିଂସା ପରାୟଣ ହୋଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦମନ ନୀତି ଚାଲିଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ଏହାର ଦୃଢ଼ ନିନ୍ଦା କରାଯିବା ସହ ଜିଲାବାସୀଙ୍କୁ ଏ ସମ୍ପର୍କରେ ଅବଗତ ପାଇଁ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । କମିଟିର କର୍ମକର୍ତ୍ତା ରାଜେଶ ମହାନ୍ତି, ସୌମେନ୍ଦ୍ର ପୃଷ୍ଟି, ହିବଜୁର ରହେମାନ, ମହେନ୍ଦ୍ର ପରିଡ଼ା, ସତ୍ୟପ୍ରିୟ ସାମଲ, ରତିକାନ୍ତ ସାମଲ, ସନ୍ତୋଷ ବେହେରା, ରଶ୍ମିରଞ୍ଜନ ଚୌଧୁରୀ ପ୍ରମୁଖଙ୍କ ସହ ୪୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

## ଶେଷ ହେଲା ପଞ୍ଚୁପାଣ୍ଡବର ପ୍ରସିଦ୍ଧ ବାରୁଣୀ ଯାତ୍ରା

**ଡେରାବିଶ,୨୪।୩ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଡେରାଡହସ୍ଥିତ ଧର୍ମପୀଠ ପଞ୍ଚପାଣ୍ଡବ ମନ୍ଦିର ବେଢ଼ାରେ ରବିବାରଠାରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ବାରୁଣୀ ଯାତ୍ରା ଗୁରୁବାର ବିଳମ୍ବିତ ରାତିରେ ଶେଷ ହୋଇଛି। ବହୁ ପ୍ରାଚୀନ କାଳରୁ ଏହି ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତବର୍ଷ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାମଲୀଳା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀମାନେ ଘରକରଣା ସାମଗ୍ରୀର ପସରା ମେଲାଇ ଥିଲେ। ଗୁପଚୁପ ଓ ଫାଷ୍ଟ ଫୁଡ୍, ଆଇସ୍‌କ୍ରିମ ଦୋକାନରେ ପିଲା ଓ ମହିଳାଙ୍କ ବିଶେଷ ଭିଡ଼ ଲାଗି ରହିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଡେରାବିଶ ଥାନା ପକ୍ଷରୁ ପୋଲିସ ବ୍ୟବସ୍ଥା କରାଯାଇଥିଲ। ଚଳିତବର୍ଷ ଏହି ଯାତ୍ରା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ ଅଧିକ ଥିବାରୁ ବାରୁଣୀ କମିଟିର କର୍ମକର୍ତ୍ତା ଜ୍ୟୋତି ସୁନ୍ଦରାୟ କୃତଜ୍ଞତା ଜଣାଇଛନ୍ତି।

# ଦୀର୍ଘ ବର୍ଷର ଅବରୋଧ ହଟିଲା


ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ରାସ୍ତା ଜବରଦଖଲକୁ ହଟା ଯାଉଛି।

**ଡେରାବିଶ,୨୪।୩ (ସ୍ୱ.ପ୍ର.)**

ଡେରାବିଶ ତହସିଲ ଅଧୀନ ଗୁଆଳସିଂସ୍ଥିତ ଲ' କଲେଜ ରାସ୍ତାରୁ ଶୁକ୍ରବାର ଅବରୋଧ ହଟିଛି। ଦୀର୍ଘବର୍ଷ ହେବ ଏହି ରାସ୍ତାକୁ ଅବରୋଧ କରି ଜଣେ ବ୍ୟକ୍ତି ପାଚେରି ନିର୍ମାଣ କରିବା ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହି ରାସ୍ତା ପାର୍ଶ୍ୱରେ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ, ଦୀନବନ୍ଧୁ ସାହୁ ଲ' କଲେଜ, ଚକବନ୍ଦୀ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଏଥିସହ ଡେରାବିଶ ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଅବରାଧ ହଟାଇବା ପାଇଁ ଗୁଆଳସିଂ ସରପଞ୍ଚ ମଧୁସ୍ମିତା ଦାସ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ତହସିଲଦାର ଅକ୍ଷୟ ପରିଡା, ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ଓ ସଦର ଥାନା ପୋଲିସଙ୍କ ଉପସ୍ଥିତିରେ ଜେସିବି ଦ୍ୱାରା ଅବରୋଧ ହଟାଯାଇଥିଲା। ଏହି ରାସ୍ତାଟି ଜିଲା ସଂସ୍କୃତି ଭବନକୁ ସଂଯୋଗ କରୁଥିବାରୁ ୧୫ଦିନ ମଧ୍ୟରେ ନିର୍ମାଣ ପାଇଁ ବିଡିଓ ଦାସରଥି ଜେନା ପ୍ରତିଶ୍ରୁତି ଦେଇଛନ୍ତି। ଅବରୋଧ ହଟାଯିବା ସମୟରେ ସରପଞ୍ଚ ମଧୁସ୍ମିତା ଓ ଗୁଆଳସିଂ ଆରଆଇ ଶୁଭଦର୍ଶନ ପରିଡା ଉପସ୍ଥିତ ରହିଥିଲେ।

## ବରିଷ୍ଠଙ୍କ ପାଇଁ ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ଆରମ୍ଭ

**କେନ୍ଦ୍ରାପଡ଼ା ଅଫିସ, ୨୪।୩**

କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ ନାଗରିକଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସା ସେବା ୟୁନିଟ୍ ଶୁକ୍ରବାର ଆରମ୍ଭ ହୋଇଛି। ଏହାକୁ ଏଡିଏମ୍ ପୀତାମ୍ବର ସାମଲ ସବୁଜ ପତାକା ହଲାଇ ଉଦ୍‌ଘାଟନ କରିଛନ୍ତି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏସ୍‌ଏପିଏସ୍‌ଆର୍‌ସି ଯୋଜନାରେ ଏହି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆରମ୍ଭ ହୋଇଛି। ସାଧାରଣରେ ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ସମସ୍ୟାରେ ଅଛନ୍ତି। ଏହି ସମସ୍ୟାର ନିରାକରଣରେ ଭ୍ରାମ୍ୟମାଣ ଚିକିତ୍ସା ସେବା ବେଶ ସହାୟକ ହେବ। ବିଭିନ୍ନ ବ୍ଲକ ଅଞ୍ଚଳକୁ ଏହି ଡାକ୍ତରୀ ସେବା ୟୁନିଟ୍ ଗସ୍ତ କରି ମାସକୁ ଅନ୍ୟୁନ୍ୟ ୪୦୦ ବରିଷ୍ଠ ବ୍ୟକ୍ତିଙ୍କ ରୋଗ ଚିକିତ୍ସାରେ ସହାୟକ ହେବେ। ଜଗତିର ଜନ କଲ୍ୟାଣ ସେବା ସଂସ୍ଥାନ ଦ୍ୱାରା ଏହା ପରିଚଳନା ପାଇଁ ବ୍ୟବସ୍ଥା ହୋଇଛି। ଏହି ଅବସରରେ ୭୨ ଜଣ ବରିଷ୍ଠ ନାଗରିକଙ୍କ ଚିକିତ୍ସା କରାଯାଇ ଡାକ୍ତରଙ୍କ ପରାମର୍ଶକ୍ରମେ ମାଗଣା ଔଷଧ ବଣ୍ଟନ କରାଯାଇଛି।

# ବିଦ୍ୟୁତ୍ ବିଲ୍ ଆଦାୟ କରୁଥିବା କର୍ମଚାରୀଙ୍କୁ ଆକ୍ରମଣ

**ଆଳି,୨୪।୩(ଡି. ଏନ. ଏ )**

ଆଳି ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଲ୍ ଆଦାୟ କରିବାକୁ ଯାଇଥିବା ଜେଇ ଓ ଲାଇନମ୍ୟାନଙ୍କୁ ଜଣେ ହିତାଧିକାରୀ ନିସ୍ତୁକ ମାଡ଼ ମାରିବା ସହ ସେମାନଙ୍କ ନିକଟରୁ ନଗଦ ଟଙ୍କା ହିତାଧିକାରୀମାନେ ଲୁଟି ନେଇଥିବା ଆଳି ଥାନାରେ ଅଭିଯୋଗ ହୋଇଛି। ଜେଇ ପ୍ରେମାନନ୍ଦ ବେହେରା ଏହି ଅଭିଯୋଗ କରିଛନ୍ତ। ଅଭିଯୋଗ ମୁତାବକ, ଶୁକ୍ରବାର ସେ ଓ ତାଙ୍କ ଷ୍ଟାଫ ବଡ଼ାମ୍ବିଳା ପଞ୍ଚାୟତ ବିଦ୍ୟୁତ୍ ବିଲ ଆଦାୟ କରିବାକୁ ଯାଇଥିଲେ। ମୃଗନୟନୀ ଗାଁର ନବକିଶୋର ମଲ୍ଲିକଙ୍କ ଘର ନିକଟରେ ପହଞ୍ଚି ତାଙ୍କର ୫ ହଜାର ଟଙ୍କାର ଏରିୟର ରସିଦ କାଟିବା ପରେ ହଠାତ ତାଙ୍କୁ ନବକିଶୋର ଓ ତାଙ୍କ ପୁଅ ଅତର୍କିତ ଆକ୍ରମଣ କରିଥିଲେ। ଜେଇ ବେହେରା ଓ କର୍ମଚାରୀ ବିଭୁଦତ୍ତ ସାହୁଙ୍କୁ ନବକିଶୋର ଓ ତାଙ୍କପୁଅ ମାଡ଼ମାରି ନଗଦ ୧୫ ହଜାର ଟଙ୍କା, ବିଲ୍ ପ୍ରିଣ୍ଟ ମେଶିନ ନେଇ ଯାଇଥିଲେ। ସେମାନେ ସେଠାରୁ ଶୀଘ୍ର ପଳାଇ ଯିବାକୁ ଧମକ ଦେବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ସେମାନଙ୍କ ମାଡ଼ରେ ଉଭୟ ଗୁରତର ହୋଇପଡିବାରୁ ସେମାନଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ଦିଲୀପ ସାହୁଙ୍କୁ ଏ ବିଷୟରେ ପଚାରିବାରେ ଯନ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକର ନଂ. ୩୧୩/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ଗୁଣାତ୍ମକ, ଶୈକ୍ଷିକ, ଶାରୀରିକ ଶିକ୍ଷା ଲାଭ ପାଇଁ ପ୍ରୟାସ

## କ୍ଲଷ୍ଟରସ୍ତରୀୟ ଖେଳନା ପ୍ରସ୍ତୁତ କର୍ମଶାଳା

**ମହାକାଳପଡ଼ା,୨୪।୩(ଡି.ଏନ୍‌.ଏ.)**

ତୃଣମୂଳସ୍ତରରେ ଶିଶୁମାନଙ୍କ ମଧ୍ୟରେ ଗୁଣାତ୍ମକ, ଶୈକ୍ଷିକ, ବୌଦ୍ଧିକ, ଶାରୀରିକ ଶିକ୍ଷାର ପ୍ରସାର ପାଇଁ ମହାକାଳପଡ଼ା ବ୍ଲକ ବତୀଘର ପଞ୍ଚାୟତରେ ପ୍ରୟାସ ଆରମ୍ଭ ହୋଇଛି। ପିଲାମାନଙ୍କୁ ପାଠପଢ଼ା ସହ ଏସବୁ ଶିକ୍ଷାର ଆବଶ୍ୟକତା ରହିଛି, ଯାହାଦ୍ୱାରା ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇପାରିବ ବୋଲି କୁହାଯାଇଛି। ପିଲାମାନେ କିପରି ଖେଳନାକୁ ସଜେଇବେ ଓ ଖେଳନାରୁ ଅନେକ ଶିକ୍ଷା ଲାଭ କରିପାରିବେ ବୋଲି ଉପସ୍ଥିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବତୀଘର ପଞ୍ଚାୟତ ଦକ୍ଷିଣଖୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ଦିନିଆ କ୍ଲଷ୍ଟରସ୍ତରୀୟ ଖେଳନା ପ୍ରସ୍ତୁତ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା ଯୋଗଦେଇ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେବାର ଆବଶ୍ୟକତା ରହିଛି। ଖେଳରୁ ପିଲାମାନେ ବିଭିନ୍ନ ଶିକ୍ଷା ଲାଭ କରିପାରିବେ। ପିଲାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଶକ୍ତି ରହିଛି। ସେଦିନର ମୟୂରଭଞ୍ଜ ଉପାନ୍ତ ପାହାଡ଼ିଆ ଇଲାକାର ମେଧାବୀ ଶିଶୁଟି ନିଜର ନିଷ୍ଠା, ସାଧନା, କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଭାରତର ପ୍ରଥମ ନାଗରିକ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦବୀ ଅଳଙ୍କୃତ କରିଛନ୍ତି। ଏହି ମହାନ୍ ନାରୀ ପାଇଁ ଦେଶ ଗର୍ବିତ ବୋଲି ଉପସ୍ଥିତ ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଏଥିରେ ସିଆରସିସି ସୁନ୍ଦର ମୋହନ ସିଂ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ସରପଞ୍ଚ ଶିବାନୀ ବିଜୁଳି, ସମିତିସଭ୍ୟ କୃଷ୍ଣପଦ ମଣ୍ଡଳ, ପ୍ରଧାନ ଶିକ୍ଷକ ସୁବାସ ଦିଣ୍ଡା, ଗୁରୁପଦ ବାରିକ, ବତୀଘର ଲାଇଟ୍ ହାଉସ୍ ଅଧିକାରୀ ଜୟନ୍ତ ଚାଟାର୍ଜୀ, ଦେବୁ ଦାସ ଓ ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକମାନେ ଉପସ୍ଥିତ ଥିଲେ।


ବିଦ୍ୟାଳୟରେ ଖେଳନା ପ୍ରସ୍ତୁତ କର୍ମଶାଳା ଅତିଥି ଓ ଶିକ୍ଷୟିତ୍ରୀଶିକ୍ଷକମାନେ।

# ଐତିହ୍ୟ, କଳା, ସଂସ୍କୃତି ସହ ଯୁବ ପିଢ଼ି ଆକୃଷ୍ଟ ହେବା ଦରକାର

**ଡେରାବିଶ,୨୪।୩ (ସ୍ୱ.ପ୍ର.)**


ମହୋତ୍ସବରେ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

## ଇନ୍ଦୁପୁର ବାରୁଣୀ ମହୋତ୍ସବର ଶେଷ ସନ୍ଧ୍ୟା

■ ପାୟଲ ମ୍ୟୁଜିକ କଳାକାରଙ୍କ ନୃତ୍ୟ, ସଙ୍ଗୀତ ଦର୍ଶକଙ୍କୁ ବିଭୋର କଲା

କେନ୍ଦ୍ରାପଡ଼ା ବ୍ଲକ ବିରୂପା ନଦୀକୂଳରେ ସୋମବାରଠାରୁ ଆରମ୍ଭ ହୋଇଥିବା ଇନ୍ଦୁପୁର ବାରୁଣୀ ମହୋତ୍ସବ ଗୁରୁବାର ବିଳମ୍ବିତ ରାତିରେ ଶେଷ ହୋଇଛି। ଇନ୍ଦୁପୁରସ୍ଥିତ ପାୟଲ ମ୍ୟୁଜିକ୍ ସ୍କୁଲର କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହ କଟକ ସ୍ଥିତ ସରଗମ୍ ଅର୍କେଷ୍ଟ୍ରା, କଣ୍ଠଶିଳ୍ପୀ ଶ୍ୟାମକୁମାର ଓ ବନ୍ଦନାଙ୍କ ସଙ୍ଗୀତ ପରିବେଷଣ, ଯାତ୍ରା ଅଭିନେତା ଦୀପକ ବୋଷଙ୍କ ଯାତ୍ରା ସଂଳାପ ଉପସ୍ଥିତ ଭରପୁର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ତେବେ ଏହି ଉପଲକ୍ଷେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ନାରୀ ନେତ୍ରୀ ଜ୍ୟୋତ୍ସ୍ନାମୟୀ ପରିଡ଼ା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ୍, ସାମାଜିକ କର୍ମୀ ରାଜେଶ ପଣ୍ଡା, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ, କବୟିତ୍ରୀ ଡ. କଳ୍ପନା ମଲ୍ଲିକ ଯୋଗଦେଇ ପ୍ରାଚୀନ ଐତିହ୍ୟ, କଳା, ସଂସ୍କୃତି ସହ ବର୍ତ୍ତମାନର ଯୁବପିଢ଼ି ଆକୃଷ୍ଟ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସମସ୍ତଙ୍କୁ ଭାତୃତ୍ୱ ବନ୍ଧନରେ ବାନ୍ଧି ରଖିବାକୁ ମହୋତ୍ସବ ସହାୟକ ହୋଇଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ମହାକାଳପଡ଼ା ସରପଞ୍ଚ ପ୍ରଜ୍ଞା ପାରମିତା ପରିଡା, ଧୂମାତ ସମିତିସଭ୍ୟା ଦେବକୀ ମଲ୍ଲିକ ଯୋଗ ଦେଇଥିଲେ। ମହୋତ୍ସବ କମିଟି ସଭାପତି ତଥା ଇନ୍ଦୁପୁର ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୂତାର ସ୍ୱାଗତ ଭାଷଣ, ସମ୍ପାଦକ ଦୁଷ୍ମନ୍ତ ମଲ୍ଲିକ ସମ୍ପାଦକୀୟ ବିବରଣୀ, ଅତିଥି ପରିଚୟ ପ୍ରଦୀପ କୁମାର ଦାଶ ଓ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପ୍ରଣବ କୁମାର ଜେନା, ସାଗର କୁମାର ଜେନା, ଦେବାଶିଷ ସାମଲ, ରାମନାରାୟଣ ସିଂହ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଜୁଲମ ଅଭିଯୋଗ

■ଚାଷୀଙ୍କୁ ଋଣ ଦେଇ କ୍ଷତିରେ ସୋସାଇଟି
■୪ ଟଙ୍କା ସୁଧ ବଦଳରେ ୫ ଟଙ୍କା ନେଉଛି ସମବାୟ ବ୍ୟାଙ୍କ

ନୟାଗଡ଼ ଅଫିସ,୨୪।୩:ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଜୁଲମର ପ୍ରତିବାଦ କରି ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ଜିଲାପାଳ ନୟାଗଡ, ସମବାୟ ନିବନ୍ଧକ ଭୁବନେଶ୍ୱର, ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କର ମ୍ୟାନେଜିଂ ଡାଇରେକ୍ଟରଙ୍କୁ ଫେରାଦ୍ ହୋଇଛନ୍ତି । ଅନ୍ୟପକ୍ଷେ ନୟାଗଡ଼ ଜିଲାର ସୋସାଇଟିକୁ ଦେବାଳିଆସ୍ଥିତିରୁ ବଞ୍ଚାଇବାକୁ ଅନୁରୋଧ କରିଛନ୍ତି । ସନ୍ୟାସୀଙ୍କ ଅଭିଯୋଗ ଅନୁସାରେ ସରକାର ଚାଷୀଙ୍କୁ ୧ଲକ୍ଷ ଟଙ୍କା ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦେଉଛନ୍ତି । ଋଣ ନେବାର ୧ବର୍ଷ ଭିତରେ ମୂଳ ପରିଶୋଧ ନ କଲେ ୪ ପ୍ରତିଶତ ସୁଧ ଆଦାୟ କରାଯିବାକୁ ନିର୍ଦ୍ଦେଶ ରହିଛି । ତେବେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖାଗୁଡିକ ୪ ଟଙ୍କା ବଦଳରେ ୫ଟଙ୍କା ସୋସାଇଟିଠାରୁ ଜୋର ଜବରଦସ୍ତ ନେଉଛନ୍ତି । ସେହିପରି ଚାଷୀଙ୍କ ସୁଧ ଛାଡ ହେଲେ ସୋସାଇଟଙ୍କୁ ଟଙ୍କା ନ ଦେଇ ଅଯଥାରେ ସମୟ ଗଡାଇ ଦେବାଳିଆ କରୁଛନ୍ତି । ଆଖୁ ଓ କଦଳି ଚାଷ ଋଣରେ ୧୮ ମାସ ବଦଳରେ ୧୨ମାସରେ ଟଙ୍କା ପରିଶୋଧ କରିବାକୁ କୁହାଯାଉଛି । ପୁଣି ଚାଷୀ ନେଉଥିବା ଋଣରେ ସୋସାଇଟି କାହିଁକି ୧ଟଙ୍କା ସୁଧ ଦେବ । ପୁଣି ୧ଲକ୍ଷ ୬୦ ହଜାର ଟଙ୍କା ପରେ ଚାର୍ଜ କ୍ରିଏଶନ ଫର୍ମ ଦରକାର ବୋଲି ସରକାର କହୁଛନ୍ତି । ତେବେ ନୟାଗଡ଼ ଜିଲାରେ ଚାଷୀ ୨୦ ହଜାର ଋଣ ନେଲେ ଚାର୍ଜ କ୍ରିଏଶନ ଫର୍ମ ପୁରଣ କରିବାକୁ ବାଧ କରାଯାଉଛି । ଚାର୍ଜ କ୍ରିଏଶନ ଫର୍ମର ବ୍ୟବହାର ସୋସାଇଟି କରିବାକୁ ନିୟମ ଥିବାବେଳେ ସମବାୟ ବ୍ୟାଙ୍କ ଶାଖା ବାଧ କରାଇ ଜୁଲମ କରୁଛନ୍ତି । ଏଣୁ ସୋସାଇଟି ବା ପାକ୍ସର କଣ୍ଠରୋଧ କରାଯାଇ କ୍ଷତିରେ ରହିବାକୁ ବାଧ କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି ।

### ନୟାଗଡ଼ ଗୁଟ୍‌ଖା ବ୍ୟବସାୟୀଙ୍କ ଗୋଦାମ ସିଲ୍

ନୟାଗଡ଼ ଅଫିସ,୨୪।୩:ନୟାଗଡ଼ ଗୁଟଖା ବ୍ୟବସାୟୀଙ୍କ ଅମରେନ୍ଦ୍ର ବଜାରସ୍ଥିତ ଗୋଦାମକୁ ଜିଏସ୍‌ଟି ବିଭାଗ ପକ୍ଷରୁ ସିଲ୍ କରାଯାଇ ତଦନ୍ତ ଆରମ୍ଭ ହୋଇଛି । କାଗଜାତ ଯାଞ୍ଚ ଚାଲିଛି । ଯାଞ୍ଚ ପ୍ରକ୍ରିୟା ଶେଷ ପରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି । ବୁଧବାର ନୟାଗଡ଼ ଜିଲା ନୟାଗଡ଼ ସଦର ଥାନା ଖୁଣ୍ଟୁବନ୍ଧ ଗାଁର ଗୁଟଖା ବ୍ୟବସାୟୀ କମଳ ସାହୁଙ୍କ ଘର, ନୟାଗଡ଼ ସହରର ଅମରେନ୍ଦ୍ର ବଜାରସ୍ଥିତ ଗୋଦାମ ଗୃହ ଉପରେ ଚଢ଼ାଉ ହୋଇଥିଲା । ଜଟଣୀ ଓ ଭୁବନେଶ୍ୱରରୁ ଦୁଇଟି ଟିମ୍ ଜଟଣୀ ଜିଏସ୍‌ଟି ବିଭାଗର ଏନଫୋର୍ସମେଣ୍ଟ ଅଫିସର ବିଶ୍ୱଜିତ୍ ମହାନ୍ତିଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲେ । ପ୍ରାୟ ୧୦ ଘଣ୍ଟା ଧରି ଚଢ଼ାଉ ଜାରି ରହିଥିଲା । ତେବେ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ ଚାଲିଛି ବୋଲି ଅଭିଯୋଗ ଉଠିଛି । ଏନେଇ ଜିଏସ୍‌ଟି ବିଭାଗର ଏନଫୋର୍ସମେଣ୍ଟ ଅଫିସର ବିଶ୍ୱଜିତ୍ ମହାନ୍ତି କୁହନ୍ତି, ଗୁଟଖା ବ୍ୟବସାୟୀ କମଳ ସାହୁଙ୍କ ଗୋଦାମ ଘର ସିଲ୍ ହୋଇ କାଗଜାତ ଯାଞ୍ଚ ଚାଲିଛି । ଯାଞ୍ଚ ଶେଷ ହେଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

# ବେଆଇନ ଗୋଚାଲାଣ ଉପରେ ନାହିଁ କାର୍ଯ୍ୟାନୁଷ୍ଠାନ

■ସଚେତନତା କର୍ମଶାଳାରେ ଉଦ୍‌ବେଗ
■ଜୀବେ ନିଷ୍ଠୁରତା ନିରାକରଣ ଆଇନ କୋମାରେ
■ଖବରଦାତାଙ୍କୁ ଶେଷ ମୁହୂର୍ତ୍ତରେ ଡାକରାକୁ ନେଇ ଉଦ୍‌ବେଗ

ନୟାଗଡ଼ ଅଫିସ,୨୪।୩

ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଶୁକ୍ରବାର ଜୀବେ ନିଷ୍ଠୁରତା ନିରାକରଣ ଆଇନ ଓ ବେଆଇନ ଗୋଚାଲାଣ ଉପରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଜିଲା ମୁଖ୍ୟ ପ୍ରାଣୀ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦର ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ପ୍ରଶାନ୍ତ ମିଶ୍ର, ଆରଟିଓ ପ୍ରଶାନ୍ତ ପରିଡା, ଅତିରିକ୍ତ ଏସ୍‌ପି ସୁଷମା ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ବେଆଇନ ଗୋଚାଲାଣ ଓ ଜୀବେ ନିଷ୍ଠୁରତା ନିରାକରଣ ଆଇନ ଉପରେ ସଚେନତା କରାଇଥିଲେ । ବୈଠକରେ ଯୋଗ ଦେଇଥିବା ଅଧିକାଂଶ ସଭ୍ୟ ଅଭିଯୋଗ କରିଥିଲେ ଜୀବେ ନିଷ୍ଠୁରତା ନିରୋଧ ସମିତିର ବୈଠକ ବସୁନି । ୨୦୧୮ ପରେ ୨୦୧୩ରେ ବୈଠକକୁ ଡକାଯାଇ ସଚେତନତା କରାଯାଉଛି । ଜିଲାରେ ବେଆଇନ ଗୋଚାଲାଣ ବଢ଼ି ଚାଲିଛି। ଏପରି ଗୋଚାଲାଣ ଉପରେ ପୋଲିସର କାର୍ଯ୍ୟକଳାପ ସନ୍ତୋଷ ଜନକ ନୁହେଁ । ପ୍ରତିଦିନ ଗୋଚାଲାଣ ହେଉଥିଲେ ମଧ୍ୟ ପଦକ୍ଷେପ ନାହିଁ । ସେହିପରି ଜୀବଙ୍କ ଉପରେ ଦୟା ପ୍ରଦର୍ଶନ କରାଯାଉନି । ଜୀବେ ନିଷ୍ଠୁରତା ନିରାକରଣ ଆଇନ କୋମାରେ ରହି ଯାଇଛି । ଦମକଳ ପରି ଡାକରାକୁ ନେଇ ଜିଲାସ୍ତରୀୟ ଗଣମାଧମର ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଗଣମାଧ୍ୟମ ପ୍ରତିନିଧି ଅଭିଯୋଗ କରିଥିଲେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କର୍ମଶାଳା କରାଯାଉଛି । ଏନେଇ ପୂର୍ବରୁ ଗଣମାଧମର ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନାହିଁ । ତେବେ ଶୁକ୍ରବାର କର୍ମଶାଳା ଆରମ୍ଭର ୫ମିନିଟ ପରେ ପୂର୍ବାହ୍ନ ୧୧ଟା ୫ରେ ପ୍ରେସ ଗ୍ରୁପରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମେସେଜ ପଡୁଛି ଗଣମାଧମର ପ୍ରତିନିଧିମାନେ ସଚେତନତା କର୍ମଶାଳାକୁ ଆସନ୍ତୁ । କର୍ମଶାଳାରେ ପହଞ୍ଚିବାବେଳକୁ କର୍ମଶାଳା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କେଉଁ ଉପରେ ଓ କାହିଁକି କର୍ମଶାଳା କରାଯାଉଛି ପ୍ରଶ୍ନ ରଖିଥିଲେ । ଏପରିକି ବେଆଇନ ଗୋଚାଲାଣ ସମ୍ପର୍କରେ ୫ ବର୍ଷର ତଥ୍ୟ ସହ ଜିଲାରେ କେତେ ଗୋଶାଳା ରହିଛ, କେତେ ଗୋରୁ ଅଛନ୍ତି ସେ ଉପରେ ତଥ୍ୟ ମାଗିଥିଲେ । ହେଲେ ଗଣମାଧ୍ୟମକୁ ଉପଯୁକ୍ତ ତଥ୍ୟ କର୍ମଶାଳାରେ ମିଳି ନ ଥିଲା । ତେବେ ୨ବର୍ଷରେ ୨୩୦ ଗୋରୁ ଜବତ ହୋଇଛି ବୋଲି କୁହାଯାଇଥିଲା । ୨୦୨୧-୨ ଆର୍ଥିକ ବର୍ଷରେ ୧୧ ଗାଡ଼ି ସହ ୧୮୬ ଗୋରୁ ଜବତ ହୋଇଥିବାବେଳେ ଗୋଟିଏ ଗୋରୁର ମୃତ୍ୟୁ ଘଟିଛି । ଜିଲାର ବିଭିନ୍ନ ଥାନା ପକ୍ଷରୁ ୧୪ଟି ମାମଲା ହୋଇଛି । ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ୧୧ଟି ଯାନବାହାନ ଜବତ ହୋଇଥିବାବେଳେ ୪୪ ଗୋରୁ ଜବତ ହୋଇଛି । ପୋଲିସ ୯ଟି ମକଦ୍ଦମା ରୁଜୁ କରିଛି ବୋଲି ଅନୁରୂପ ସୂଚନା ମିଳିଥିଲା ।


ସଚେତନତା କର୍ମଶାଳାରେ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

### ଜିଲା ଚିକିତ୍ସାଳୟରେ ଯକ୍ଷ୍ମା ଦିବସ ପାଳିତ

ନୟାଗଡ଼ ଅଫିସ,୨୪।୩

ଜିଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ବିଶ୍ୱ ଯକ୍ଷ୍ମା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ଆଶୁତୋଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭାରତ ସରକାର ୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମା ରୋଗୀ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଥିବା କହିଥିଲେ। ସେହିପରି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ରୋଗ ନିରୂପଣ କରାଯାଇ ଉନ୍ନତମାନର ଔଷଦ ପ୍ରଦାନ କରାଯାଉଛି। ରୋଗୀଙ୍କୁ ପ୍ରତିମାସରେ ପୃଷ୍ଟି କର ଖାଦ୍ୟ ପାଇଁ ମାସକୁ ୫ଶହ ଟଙ୍କା ଦିଆଯାଉଛି । ଡାକ୍ତର ମନ୍ଦାକିନୀ ତ୍ରିପାଠୀ ଓ ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ ଦଳବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯକ୍ଷ୍ମା ରୋଗର ଲକ୍ଷଣ ଓ ନିରାକରଣ ଉପରେ କହିଥିଲେ । ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱ ରଞ୍ଜନ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆମେ ବିସ୍ଥାପିତ, ପଟ୍ଟା ଦେଇଛ ଜମି କାଇଁ


ଦାବିପତ୍ର ଦେବାକୁ ଆସିଥିବା ବିସ୍ଥାପିତ।

ଦଶପଲ୍ଲା,୨୪।୩(ଡି.ଏନ.ଏ.)

ଦିନେ ନୁହେଁକି ଦୁଇଦିନ ନୁହେଁ ଦୀର୍ଘ ୧୧ ବର୍ଷ ଧରି ଜମିର ପଟ୍ଟା ଧରି ବୁଲୁଛନ୍ତି କୁଆଁରିଆ ବିସ୍ଥାପିତ । ବାରମ୍ବାର ଅଭିଯୋଗ ପରେ ବି ସେମାନଙ୍କୁ ମିଳିଥିବା ଲିଜ୍ ଜାଗା ଚିହ୍ନଟ କରାଯାଉନାହିଁ କିମ୍ବା ଲିଜ୍‌ରେ ମିଳିଥିବା ଜମି ହସ୍ତାନ୍ତର କରାଯାଉନାହିଁ । କେବଳ ବିସ୍ଥାପିତଙ୍କୁ ଜାଗାର ପଟ୍ଟା ଧରାଇ ନୀରବ ରହିଛି ପ୍ରଶାସନ । ଏ ହେଉଛି ଦଶପଲ୍ଲା କୁଆଁରିଆ ଜଳ ଭଣ୍ଡାର ବିସ୍ଥାପିତଙ୍କ କଥା । ୧୯୮୪ରେ କୁଆଁରିଆ ଜଳ ଭଣ୍ଡାର ଉଦ୍‌ଘାଟିତ ହୋଇଥିଲା । କୁଆଁରିଆ ଜଳ ଭଣ୍ଡାର ପାଇଁ ବହୁ ଲୋକ ବିସ୍ଥାପିତ ହୋଇଥିଲେ । ନିଜ ନିଜର ଘର ସହ ଜମି ହରାଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ସରକାରୀ ସହାୟତା ମିଳିଥିଲା। ଅନ୍ୟମାନଙ୍କୁ ସହାୟତା ମିଳି ନ ଥିଲା । ଏହାକୁ ନେଇ ସହାୟତା ପାଇ ନ ଥିବା ବିସ୍ଥାପିତମାନେ ଆନ୍ଦୋଳନ କରିବା ପରେ ୨୦୧୧ରେ ବିସ୍ଥାପିତମାନଙ୍କ ମଧ୍ୟରୁ ୫୫ ପରିବାରକୁ ମିଳିଥିଲା ଜମି ପଟ୍ଟା । ନେଲିଗୋଡା, ବଡ଼ କାମିଟି, ରୟତ ଓଡ଼ଶାର ଆଦି ମୌଜାରେ ସେମାନଙ୍କୁ ଜମି ପଟ୍ଟା ମିଳିଥିବା ବେଳେ ଜମି ଚିହ୍ନଟ କରାଗଲା ନାହିଁ କିମ୍ବା ସେମାନଙ୍କ ଜମି କେଉଁଠି ତାହା ଜଣାପଡି ନାହିଁ। ଫଳରେ ଏହି ବିସ୍ଥାପିତଙ୍କ ମଧ୍ୟରୁ ୧୧ ପରିବାର ସ୍ଥାନୀୟ ତହସିଲଦାରଙ୍କୁ ଭେଟି ଜମି ଚିହ୍ନଟ କରିବାକୁ ଦରଖାସ୍ତ କରିବା ସହ ଦାବି କରିଛନ୍ତି । ଅନ୍ୟପକ୍ଷେ କେଉଁ କାରଣରୁ ସେମାନଙ୍କ ଜମି ଚିହ୍ନଟ କରାଯାଇ ନାହିଁ ତାହା ରେକର୍ଡ ଦେଖି ଚିହ୍ନଟ କରାଯିବ ବୋଲି ତହସିଲଦାର ଶ୍ରୀକୁମାର ରଥ ପ୍ରକାଶ କରିଛନ୍ତି ।

### ଓଡ଼ଗାଁ-ନୂଆଗାଁ ରାସ୍ତା ନିର୍ମାଣ ହେବ ଖର୍ଚ୍ଚହେବ ୨୧ କୋଟି

ଓଡ଼ଗାଁ,୨୪।୩(ସ୍ୱ.ପ୍ର.): ଓଡ଼ଗାଁ ଏନଏସି ନଗର ପାଇଁ ୩ କୋଟି ଟଙ୍କା ବ୍ୟୟରେ ରଗଡ଼ି ସାହି ଠାରେ ନିର୍ମାଣ ହେବ ଅନୁସୁଚିତ ଜାତି ଓ ଜନଜାତି ଛାତ୍ରାବାସ । ଏଥିପାଇଁ ଅନୁସୁଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ମିଶ୍ରିତ ସହରୀ ଆଧୁନିକ ହଷ୍ଟେଲ ଯୋଜନାରେ ହଷ୍ଟେଲ ନିର୍ମାଣ କରାଯିବ । ନୟାଗଡ଼ ଜିଲା ଅନୁସୁଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଚିଠି ସଂଖ୍ୟା ୫୭୮ ତା ୨୦।୩।୨୦୨୩ ଅନୁସାରେ ଓଡ଼ଗାଁ ବିଡ଼ିଓ ଟେଣ୍ଡର ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି । ୧ଶହ କ୍ଷମତା ବିଶିଷ୍ଟ କଲେଜ ଛାତ୍ରଙ୍କ ପାଇଁ ନିର୍ମାଣ କରାଯିବ । ଫଳରେ ସ୍ଥାନୀୟ ଅଞ୍ଚଳର କଲେଜ ଅଧ୍ୟୟନ କରୁଥିବା ଅନୁସୁଚିତ ଜାତି ଓ ଜନଜାତିର ବିଦ୍ୟାର୍ଥୀମାନେ ଏହି ଆଧୁନିକ ଛାତ୍ରାବାସରେ ରହିପାରିବେ। ସେହିପରି ଓଡ଼ଗାଁଠାରୁ ୨୦ କିଲୋମିଟର ନୂଆଗାଁ ରାସ୍ତାର ଉନ୍ନତି ଏବଂ ପ୍ରଶସ୍ତିକରଣ ପାଇଁ ୨୧ କୋଟି ଟଙ୍କା ମଞ୍ଜୁର ହେଇଥିବା ବେଳେ ତାହାର ଟେଣ୍ଡର ପ୍ରକ୍ରିୟା ସରିଛି। ଖୁବଶୀଘ୍ର କାର୍ଯ୍ୟରମ୍ଭ ହେବ ବୋଲି ସୂଚନା ମିଳିଛି ।

# ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ନୟାଗଡ଼ ଅଫିସ,୨୪।୩

ହାଉସିଂ ବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ନିଜସ୍ୱ ନୂତନ ଭବନ ଉଦ୍‌ଘାଟନ ଓ ଅଷ୍ଟାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ଏଥିରେ ସଂଯୋଜନା କରିଥିଲେ । ଏହି ଅବସରରେ ମା' ସାରଦା ଗୋଶାଳା, ଗୋଲାପ ଦେବୀ କକ୍ଷ ଓ ତ୍ରିନାଥ ପାତ୍ର କକ୍ଷ ଉଦ୍‌ଘାଟନ ହୋଇଥିଲା । ମୁଖ୍ୟଅତିଥି ଭାବେ ରଣପୁରର ବିଧାୟକ ସୂର୍ଯ୍ୟ ନାରାୟଣ ପ୍ରଧାନ, ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ,ଓଡ଼ିଶାର ମହାସଚିବ କରୁଣାକର ପ୍ରଧାନ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରପରିଷଦର ଅଧ୍ୟକ୍ଷା ନିରୂପମା ଖଟେଇ ଓ ନୟାଗଡ଼ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ଯୋଗଦେଇ ଥିଲେ। କାର୍ଯ୍ୟାଳୟର ଉପଦେଷ୍ଟା ହରିହର ପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସାହୁ କାର୍ଯ୍ୟାଳୟ ଭବନ ନିର୍ମାଣ କାହାଣୀ ବର୍ଣ୍ଣନା କରିଥିଲେ । ଏହି ଅବସରରେ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା,ମାଟ୍ରିକ ପରୀକ୍ଷା , ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ତଥା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହା ସହିତ କାର୍ଯ୍ୟାଳୟକୁ ଭୂମି ଦାନ କରିଥିବା ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରସନ୍ନ କୁମାର ବସନ୍ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା।


ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରମାନେ।


ଭାଙ୍ଗିଯାଇଥିବା ପାଚେରୀ ।

## ଦଶପଲ୍ଲା ହାଇସ୍କୁଲ ପାଚେରି ଭାଙ୍ଗିଲା

ଦଶପଲ୍ଲା,୨୪।୩(ଡି.ଏନ.ଏ.)

ଦଶପଲ୍ଲା ଟାଉନରେ ଥିବା ସରକାରୀ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ପାଚେରୀର କିଛି ଅଂଶ ଝଡ଼ ତୋଫାନ ଓ ବର୍ଷା ପରେ ଗୁରୁବାର ଭାଙ୍ଗି ଯାଇଛି । ୫-ଟିରେ ସାମିଲ ହୋଇଥିବା ଏହି ବିଦ୍ୟାଳୟ ବର୍ତ୍ତମାନ ସୌନ୍ଦର୍ଯ୍ୟ ହରାଇବା ସହ ଖୋଲା ପଡିଛି । ଉକ୍ତ ହାଇସ୍କୁଲ ବହୁ ପୁରାତନ ଏବଂ କେନ୍ଦ୍ର ସ୍ଥଳରେ ଅବସ୍ଥିତ। ପାଚେରୀଟି ବହୁଦିନ ତଳେ ନିର୍ମାଣ କରାଯାଇଥିଲା । ଗୁରୁବାର ପାଚେରୀର କିଛି ଅଂଶ ଭୁଶୁଡି ପଡି ଭାଙ୍ଗିଯାଇଛି । ଉକ୍ତ ବିଦ୍ୟାଳୟରେ ହଷ୍ଟେଲ ମଧ୍ୟ ରହିଛି। ହଷ୍ଟେଲରେ ପିଲାମାନେ ରହୁଛନ୍ତି । ପାଚେରୀ ଭାଙ୍ଗି ଯିବା ଫଳରେ ସୋମାନେ ନିଜକୁ ନିରାପଦ ନ ମଣୁ ନାହାନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହା ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୩୦ରୁ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା

ଦଶପଲ୍ଲା,୨୪।୩(ଡି.ଏନ.ଏ.)

ଚଳିତବର୍ଷ ଦଶପଲ୍ଲାର ଐତିହ୍ୟ ଲଙ୍କାପୋଡ଼ି ଯାତ୍ରା ପବିତ୍ର ଶ୍ରୀରାମ ନବମୀ ତଥା ଚଳିତ ମାସ ୩୦ରୁ ଆରମ୍ଭ ହେବ । ଏହି ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଲଙ୍କାପୋଡ଼ି ଯାତ୍ରା ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ମହାବୀର କ୍ଷେତ୍ରର ଏହି ଐତିହ୍ୟସମ୍ପନ୍ନ ପ୍ରାଚୀନ ଲୋକନାଟକ ୧୮୦୨ ମସିହାରୁ ହୋଇଆସୁଛି । ଆସନ୍ତା ମାର୍ଚ୍ଚ ୩୦ ଶ୍ରୀରାମ ଜନ୍ମ ଉତ୍ସବଠାରୁ ୧୪ ଦିନ ଧରି ରାମାୟଣର ବିଭିନ୍ନ ପ୍ରସଙ୍ଗ ମୁଖ୍ୟମଞ୍ଚରେ ମଞ୍ଚସ୍ଥ ହେବ । ମାର୍ଚ୍ଚ ୩୦ ରେ ଶ୍ରୀରାମ ଜନ୍ମ , ୩୧ ରେ ଜାଗରକ୍ଷା , ତାଡ଼କାବଦ୍ଧ , ଶିବଧନୁଭଗ୍ନ , ଏପ୍ରିଲ ୧ରେ ବିବାହ , ପର୍ଶୁରାମ ଗର୍ବଗଞ୍ଜନ , ୨ରେ ଗଣ୍ଡାବଧ , ୩ ରେ ଶ୍ରୀରାମ ବନବାସ ଓ ଭରତମିଳନ , ୪ ରେ ବିରାଧ୍ବ ବଧ , ବେଢା ପରିକ୍ରମା ଓ ପଞ୍ଚବଟି ପ୍ରବେଶ ,୫ରେ ସୀତାହରଣ , ୬ରେ ବିଶ୍ରାମ ୭ରେ ଶ୍ରୀରାମ ବିଳାପ , ଶବରୀ ମୋକ୍ଷ , ୮ ରେ ବାଳିବଧ ଓ ସୁଗ୍ରୀବ ଅଭିଷେକ , ୯ରେ ସୀତାଠାବ ଓ ରାବଣ ଛତ୍ରଛେଦନ ( ୧ମ ଗଡବେଢ ) , ୧୦ ରେ କୁମ୍ଭକର୍ଣ୍ଣ ବଧ ଓ ନାଗଫାଶ ( ୨ୟ ଗଡବେଢ ) , ଏପ୍ରିଲ ୧୧ ରେ ମୁଖ୍ୟ ଉତ୍ସବ ରାବଣ ବଧ ବା ଲଙ୍କାପୋଡ଼ି ଯାତ୍ରା ଏବଂ ୧୨ ରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହେବ । ସେହିଭଳି ପ୍ରତ୍ୟହ ସନ୍ଧ୍ୟାରେ ମୁଖ୍ୟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀରାମ ଜନ୍ମଠାରୁ ଲଙ୍କାପୋଡ଼ି ପର୍ଯ୍ୟନ୍ତ ପ୍ରାୟ ୧୫୦ ଜଣ କଳାକାର ବ୍ରତଧାରଣ କରି ନିଷ୍ଠାର ସହ ବିଭିନ୍ନ ପ୍ରସଙ୍ଗରେ ଅଭିନୟ କରିଥାନ୍ତି । ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ୩୫ ଫୁଟ ଉଚ୍ଚର ଚଳନକ୍ଷମ କାଷ୍ଠନିର୍ମିତ ରାବଣ



, ଘୂର୍ଣ୍ଣାୟମାନ ପୁଷ୍ପକ ବିମାନ , କାଷ୍ଠମୁଖା ଏବଂ ୪୦ ବଖରାର ବିଶାଳ ଛାମୁଣିଆ ସହ ସ୍ୱତନ୍ତ୍ର ଶୈଳୀର ବ୍ରହ୍ମାସ୍ତ୍ର ଦର୍ଶକଙ୍କୁ ବିମୋହିତ କରିଥାଏ । ଏଥି ସହିତ ୨, ୧୧, ୧୨ ତାରିଖରେ ମେଲୋଡି କାର୍ଯ୍ୟକ୍ରମ ସହ ୧୩ରୁ ୪ଦିନ ଧରି କୁଆଁରିଆ ମହୋତ୍ସବ ସହ ମାଗଣା ଅପେରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଯାତ୍ରାକୁ ଆସିଥିବା ବିଭିନ୍ନ ପସରା ଓ ମୀନାବଜାର ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ।

# ଅମିନଙ୍କୁ ନିଲମ୍ବନ, ୭ ଦଫା ଦାବି ପୂରଣ କର

■ଗଣିଆ ତହସିଲ ସମ୍ମୁଖରେ ଧାରଣା ଦେଲେ ଦଳିତ ମହିଳା ସଂଗଠନ
■ଦଳିତ ମହିଳାଙ୍କୁ ଅମିନଙ୍କ ଜାତିଆଣ ଆକ୍ଷେପ ପ୍ରସଙ୍ଗ

ନୟାଗଡ଼ ଅଫିସ/ଗଣିଆ,୨୪।୩(ଡି.ଏନ.ଏ.)

ଅମିନଙ୍କୁ ନିଲମ୍ବନ ସହ ଗିରଫ, ସରକାରୀ ଜମିରେ ଘର କରି ରହିଥିବା କୌଳିକ ବୁଣାପାଣ ପରିବାରକୁ ଉଚ୍ଛେଦ ନ କରି ଘରଡିହ ପଟ୍ଟା ପ୍ରଦାନ, ଜାତିଆଣ ଆକ୍ଷେପ ବନ୍ଦ କରିବା, ୭୦ ବର୍ଷର ବରିଷ୍ଠ ନାଗରିକଙ୍କୁ ଉଚ୍ଛେଦ ନ କରି ଘରବାରି ପଟ୍ଟା ପ୍ରଦାନ ଦାବିରେ ଗଣିଆ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗଣିଆ ତହସିଲଦାରଙ୍କୁ ଗଣିଆ ବ୍ଲକ ବୁଣାପାଣ ର ମହିଳା ସଙ୍ଗଠନ ପକ୍ଷରୁ ଆନ୍ଦୋଳନକାରୀମାନେ ସ୍ମାରକପତ୍ର ପ୍ରଦାନ କରି ନ୍ୟାୟ ଭିକ୍ଷା କରିଛନ୍ତି । ନ୍ୟାୟ ନ ମିଳିଲେ ପୁଣି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ନୟାଗଡ଼ ଜିଲା ଗଣିଆ ଥାନା ପତଣ୍ଡା ଗାଁର ବିଳାସିନୀ ନାୟକ ନାମ୍ନୀ ଦଳିତ ମହିଳାଙ୍କୁ ଜାତିଆଣ ଆକ୍ଷେପ ପ୍ରସଙ୍ଗରେ ଗଣିଆ ତହସିଲର ଅମିନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରାବର ଧାରଣା ହୋଇଥିଲା । ପତଣ୍ଡା ଗାଁର ବିଳାସିନୀ ନାୟକଙ୍କ ଅଭିଯୋଗ ଅନୁସାରେ ସ୍ୱାମୀ ବଲ୍ଲଭ ନାୟକଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଛି । ଆବାସ ଯୋଜନାରେ ଘର କରିବା ପାଇଁ ଇଟା ପକାଇବା ଉଦ୍ଦେଶ୍ୟରେ ରୟାଲିଟି ବାନ୍ଧି ଆରଆଇଙ୍କ ଅନୁମତି ପାଇଁ ବିଳାସିନୀଙ୍କ ପୁଅକୁ ଆରଆଇ ଅଫିସକୁ ପଠାଇଥିଲେ । ଆରଆଇ ଅନୁପସ୍ଥିତ ଥିବାବେଳେ ଗଣିଆ ତହସିଲର ଅମିନ ସୁଦୀପ ପଟ୍ଟନାୟକ ଆରଆଇ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ । ଇଟା ପକାଇବାକୁ ରସିଦ୍ କାଟିବାକୁ ଆସିଥିବା ନେଇ କହିବାରୁ ରସିଦ୍ ଦରକାର ନାହିଁ ୨୦ ହଜାର ଲାଞ୍ଚ ଦେବାକୁ ଅମିନ କହିଥିଲେ । ଲାଞ୍ଚ ଦେବାର ଅସହାୟତା ପ୍ରକାଶ କରିବା ପରେ ଆବାସ ଯୋଜନାରେ ଘର କରି ପାରିବ ନାହିଁ କହିଥିଲେ । ତହସିଲଦାରଙ୍କୁ କହି ସରକାରୀ ଜମିରୁ ଘର ଭାଙ୍ଗି ଦେବେ ବୋଲି ଧମକ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଇଟା ପକାଇବା ପରେ ଅନୁମତି ନ ଦେଇ ଇଟା କିପରି ପକାଉଛ କହି ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ । ଏନେଇ ବିଳାସିନୀ ଗତ ୧୩ ତାରିଖରେ ଗଣିଆ ଥାନାରେ ଅଭିଯୋଗ କରିବା ପରେ ୨୯୪ ଓ ୫୦୬ ଆଇପିସି, ୩(ଆଇ)(ଆର)/୩(୨)(ଆଇ)(ଏସ), ଏସ୍‌ସିଏସଟି ଆକ୍ଟରେ ୧୭/୨୦୨୩ରେ ମାମଲା ରୁଜୁ ହୋଇଛି । ନୟାଗଡ ଏସ୍‌ଡିପିଓ ଓ ଏସ୍‌ପି ଘଟଣାର ତଦନ୍ତ କରିଛନ୍ତି । ତେବେ ଅମିନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପ୍ରସଙ୍ଗ ଶୀତଳଭଣ୍ଡରରେ ରହି ଯାଇଛି । ସେପଟେ ଅମିନ ଗଣିଆ ତହସିଲଦାରଙ୍କୁ ହାତବାରିସି କରି ଧମକ ଦେଇଥିବା କଥାକୁ ସତ୍ୟ କରିବାରେ ଲାଗି ପଡିଛନ୍ତି । ଜବରଦଖଲ ଉଚ୍ଛେଦ ପାଇଁ ଗଣିଆ ତହସିଲଦାର ନୋଟିସ ଦେବା ପରେ ବିଳାସିନୀଙ୍କ ଟେନସନ ବଢ଼ି ଯାଇଛି । ଅନ୍ୟପକ୍ଷେ ବିଳାସିନୀଙ୍କ ଶ୍ୱଶୁର ଗୌରାଙ୍ଗ ନାୟକ ସରକାରୀ ଜମିର ପଟ୍ଟା ପାଇବା ପାଇଁ ପୁଣି ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି । ୭୦ ବର୍ଷ ବୟସରେ ସରକାରୀ ଜମିରୁ ଉଚ୍ଛେଦ ନ କରି ଘଟଣାର ସତ୍ୟ ଉନ୍ମୋଚନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଏଯାବତ ନ୍ୟାୟ ପାଇ ନାହାନ୍ତି । ଏଣୁ ଦଳିତ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଥିଲେ ।

ଏନେଇ ଗଣିଆ ବ୍ଲକ କୌଳିକ ବୁଣାପାଣ ମହିଳା ସମାଜ ସଭାନେତ୍ରୀ ପାର୍ବତୀ ନାୟକ କୁହନ୍ତି ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ । ଏଣୁ ଶୁକ୍ରବାର ଆନ୍ଦୋଳନ କରାଯାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି । ତହସିଲଦାର କିଶୋର କୁମାରପଣ୍ଡା କୁହନ୍ତି ତହସିଲ କାର୍ଯ୍ୟାଳୟ ଆଗରେ ବେଆଇନ ଭାବେ ଏକ ଦଳିତ ପରିବାର ଇଟା ତିଆରି କରୁଥିଲା । ବେଆଇନ ଇଟା ପକାଇବାକୁ ବନ୍ଦ କରିବା ପାଇଁ ଅମିନଙ୍କୁ ପଠାଇଥିଲି । ହେଲେ ଅମିନଙ୍କୁ ଆକ୍ରୋଶମୂଳକ ଭାବେ ଜାତିଆଣ ଆକ୍ଷେପ ମାମଲାରେ ଛନ୍ଦି ଦିଆଯାଇଛି । ଅମିନଙ୍କ ବିରୋଧରେ ମୁଁ କଣ ପଦକ୍ଷେପ ନେବି । ପୋଲିସ ତଦନ୍ତ କରୁଥିବାରୁ ଏ ଉପରେ ପୋଲିସ ଯାହା କିଛି ପଦକ୍ଷେପ ନେବ । ଶୁକ୍ରବାର ତହସିଲ ସମ୍ମୁଖରେ ବିକ୍ଷୋଭ କରାଯାଇ ମୋତେ ଦାବିପତ୍ର ଦିଆଯାଇଛି । ଜିଲାପାଳଙ୍କ ଉଦ୍ଦେଶ୍ୟରେ ଥିବା ସ୍ମାରକପତ୍ରକୁ ମୁଁ ଜିଲାପାଳଙ୍କ ନିକଟକୁ ପଠାଇବି। ଅନ୍ୟପକ୍ଷେ ଜଣେ ଅମିନ ୧୦ ବର୍ଷରୁ ଊର୍ଦ୍ଧ୍ୱ ଗଣିଆରେ ଚାକିରି କରିବା ନେଇ କହିଥିଲେ ଏସମ୍ପର୍କରେ ଉପଜିଲାପାଳ ଯାହା ପଦକ୍ଷେପ ନେଇ ପାରନ୍ତି ।


ତହସିଲ ସମ୍ମୁଖରେ ଧାରଣା ଦେଇଥିବା ମହିଳା।

# ଭୂତଚାଷୀଙ୍କଠାରୁ କିଣାଯାଇଛି ଧାନ

ପଟ୍ଟାମୁଣ୍ଡାଇ,୨୪।୩(ସ୍ୱ.ପ୍ର.)



ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ମଣ୍ଡିରେ ଧାନ ନ ଥିବା ବେଳେ ଚାଷୀ ମିଲରଙ୍କ ମିଲ୍‌ରେ ନେଇ ଦେଇଛନ୍ତି।

■ ପ୍ରକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ

■ ଚାଷୀମାନଙ୍କ ପକ୍ଷରୁ ଏହାର ତଦନ୍ତ ପାଇଁ ଦାବି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ କ୍ରମାଗତ ଧାନକିଣାରେ ଦୁର୍ନୀତି, ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା, ଫଲସ୍ ଏଣ୍ଟ୍ରି ପାଇଁ ଭୂତଚାଷୀ ନାଁରେ ପଞ୍ଜୀକରଣ ଓ ପ୍ରକୃତ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ କାହାର ନଜର ନାହିଁ। କଷ୍ଟ କରି ଚାଷୀ ଧାନ ଅମଳ କରୁଛନ୍ତି, ନକଲି ଚାଷୀ ନାଁରେ ଦଲାଲ ଧାନ ବିକୁଛନ୍ତି। ସମବାୟ ସମ୍ପାଦକ, ମିଲର ଓ ଯୋଗାଣ ବିଭାଗର ଭିତିରି ସମ୍ପର୍କ ଯୋଗୁ ଏଭଳି ବେଆଇନ ପଞ୍ଜୀକରଣ କରାଯାଇଛି ବୋଲି ପଟ୍ଟାମୁଣ୍ଡାଇ ବ୍ଲକର ଚାଷୀ ସଙ୍ଗଠକମାନେ ଅଭିଯୋଗ କରିଛନ୍ତି। ନକଲି ଚାଷୀ, ଠକ ବେପାରୀମାନେ ମଣ୍ଡି କର୍ମଚାରୀଙ୍କ ସହ ଅସାଧୁ ମେଣ୍ଟ କରି ଧାନ ବିକ୍ରି ନିମନ୍ତେ ଟୋକନ ହାତେଇବା ସହ ସରକାରୀ ଏମ୍‌ଏସ୍‌ପିକୁ ହରିଲୁଟ କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ୍ ୧୪ଟି ସମବାୟ ସମିତିରେ ଧାନକିଣାକୁ ନେଇ ସନ୍ଦେହ ଦେଖାଦେଇଛି। ଏଠାରେ ଜାଲିଆତି ହୋଇଥିବା ସ୍ଥାନୀୟ କେତେଜଣ ଚାଷୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏହି ୧୪ ମଣ୍ଡିରେ ୫,୮୮୩ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ପାଖରୁ ୧ ଲକ୍ଷ ୭୮ ହଜାର ୪୩୬ କୁଇଣ୍ଟାଲ ୩୨ କିଲୋ ଧାନକିଣା ହେବାର ଲକ୍ଷ୍ୟ ରଖାଯାଇଥିଲା। ଗୁରୁବାର ସୁଦ୍ଧା ୧ ଲକ୍ଷ ୭୭ ହଜାର ୧୦୪ କୁଇଣ୍ଟାଲ ୧୪ କିଲୋ ଧାନ କିଣାଯାଇଛି। ୫,୮୮୩ ଚାଷୀଙ୍କ ମଧ୍ୟରୁ ଅଧିକାଂଶ ଭୂତଚାଷୀ ଧାନ ଦେଇଥିବା ପଛରେ ଏକ ବଡ଼ଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଚାଷୀମାନେ ଯେଉଁ ଅଞ୍ଚଳରେ ସେମାନଙ୍କ ଜମି କି ବାସିନ୍ଦାଗତ ପ୍ରମାଣପତ୍ର ନାହିଁ, ସେହି ଅଞ୍ଚଳର ମଣ୍ଡି ଅଧୀନରେ ନିଜ ଧାନ ବିକିବାକୁ ପଞ୍ଜୀକୃତ କରି ଧାନ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗ୍ରାଉଣ୍ଡ ଜିରୋରୁ ତନଖି କରିବାରୁ ଏଭଳି ତଥ୍ୟ ଜଣାପଡିଛି।

କୃଷକ ନେତା ବିଜୟ ଦାସଙ୍କ ସହ ସାନଜରିଆ ମଣ୍ଡିରୁ ଜାଣିବାକୁ ପାଇଲୁ ସମ୍ପାଦକଙ୍କ ଅନୁପସ୍ଥିତିରେ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ଧାନ କିଣୁଛନ୍ତି। ମନଇଚ୍ଛା ଓଜନ କରି କଟ୍‌ନି ଛଟ୍‌ନି କରି ଧାନ କିଣାଯାଇଛି। ଆଉ ଚାଷୀ ସବୁ ଦେଖି ବି ଚୁପଚାପ୍ ଥିଲେ। କାରଣ ପାଟି ଖୋଲିଲେ ଚାଷୀଙ୍କ ଧାନ ଠିକ୍ ମାନର ନ ଥିବା କହି କିଣାଯାଉନି ବୋଲି ସେ କହିଥିଲେ। ସେହିପରି ବାଟରେ ଖଡିଅଣ୍ଟା ମଣ୍ଡିରେ ଚାଷୀ ନ ଥିଲେ। ଏଠାରେ ସ୍ଥାୟୀ ସମ୍ପାଦକ ନ ଥିବାରୁ ଡିଇଓ ଶଶିକାନ୍ତ ପଣ୍ଡା ବସିଥିଲେ। ଧାନକିଣା କେମିତି ଚାଲିଛି ବୋଲି ପଚାରିବାରୁ ରେଜିଷ୍ଟର ଦେଖି କହିଥିଲେ ପ୍ରାୟ ସରି ଆସିଲାଣି। ୧୨,୬୩୮ କୁଇଣ୍ଟାଲ ଟାର୍ଗେଟ ଥିଲା ୧୨,୫୫୨ କଇଣ୍ଟାଲ ଧାନ କିଣା ସରିଲାଣି। ହେଲେ କେଉଁ ଚାଷୀ ସବୁ ବିକିଛନ୍ତି ତାହାର ତଥ୍ୟ ପଚାରିଲା ବେଳକୁ ସେ ହଡ଼ବଡ଼େଇ ଯାଇଥିଲେ। ସେହିପରି ଗାଁର ଛକକୁ ଆସି ବୁଝାବୁଝି କରିବାରୁ ଜଣାପଡ଼ିଥିଲା ମଣ୍ଡିରେ ଦଲାଲ ରାଜ୍ ଚାଲିଛି। ଭୂତଚାଷୀ ନାଁରେ ଏଥର ଧାନକିଣା ହୋଇଛି। ଫଲ୍‌ସ ନାମ ଏଣ୍ଟ୍ରି କରାଯାଇଛି। ବହୁ ଚାଷୀ ସିଧାସଳଖ ମିଲ୍‌କୁ ନେଇ ଧାନ ଦେଇଛନ୍ତି ବୋଲି ଜଣାପଡିଥିଲା। ସେହିପରି ବଡ଼ପଡ଼ା ସମବାୟ ସମିତି ସମ୍ପାଦକ କୃଷ୍ଣଜୀବନ ଦାସ କହିଥିଲେ, ଏପରିକି ଭିଡ଼ କାରଣରୁ ସୁବିଧା ଦୃଷ୍ଟିରୁ ଚାଷୀଙ୍କ ଧାନ ଗାଡ଼ି ମଣ୍ଡିକୁ ନ ଆସି ମିଲଗୁଡ଼ିକୁ ଯାଉଛି। ଗତ ୧୯ ତାରିଖରେ ୨୩ ଜଣ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଥିଲା। ମାତ୍ର ଜିଲା ଯୋଗାଣ ବିଭାଗ କୌଣସି ଟାର୍ଗେଟେ ଦେଇ ନ ପାରିବାରୁ ସେମାନେ ଧାନ ଦେବାରୁ ବଞ୍ଚିତ ହୋଇଥିଲେ। ବଡ଼ପଡ଼ା ସରପଞ୍ଚ ସୌଦାମିନୀ ସେଠୀଙ୍କୁ ପଚାରିବାରେ ପ୍ରକୃତ ଚାଷୀ ନାମ ପଞ୍ଜୀକୃତ ନ ହୋଇ ଭୂତଚାଷୀଙ୍କ ନାମରେ ପଞ୍ଜୀକୃତ ହୋଇ ଧାନ ବିକ୍ରି କରାଯାଇଛି। ଏନେଇ ଚାଷୀମାନେ ଆସି ଅଭିଯୋଗ କରିଥିଲେ। ଅନ୍ୟ ମଣ୍ଡିଗୁଡ଼ିକ ଖବର ନେବାରୁ ସବୁଠି କଟ୍‌ନି ଛଟ୍‌ନି ସାଙ୍ଗକୁ ମିଲଗୁଡ଼ିକୁ ସିଧାସଳଖ ଚାଷୀ ଧାନ ନେଇ ଯାଉଥିବା ସୂଚନା ମିଳିଛି। ଆଉ ମିଲକୁ ଗଲେ ଚାଷୀଙ୍କଠାରୁ ମନଇଚ୍ଛା ମିଲର୍ସ କୁଇଣ୍ଟାଲ ପିଛା ଧାନ କାଟୁଛନ୍ତି। ଅନ୍ୟପକ୍ଷରେ ସମବାୟ ସମିତି ଅନ୍ତର୍ଗତ ଚାଷୀମାନେ ପଞ୍ଜୀକରଣ କରି ଧାନ ବିକ୍ରି କରିବା କଥା। ମାତ୍ର ସଂସାରଫଳ, ଶ୍ୟାମସୁନ୍ଦରପୁର, ଚନ୍ଦନନଗର, କଷଣଅଣ୍ଟା, ବଡ଼ମୂଳବସନ୍ତ ପ୍ରଭୃତି ସମବାୟ ସମିତିରେ ଯେଉଁ ଚାଷୀମାନଙ୍କ ଜମି ଓ ସ୍ୱତ୍ୱ ପ୍ରମାଣପତ୍ର ନ ଥିଲା ସେମାନେ ନାମ ପଞ୍ଜୀକରଣ କରି ଧାନ ବିକ୍ରି କରିଥିବା ଅଭିଯୋଗ ହେଉଛି। ଏହା ତଦନ୍ତ ସାପେକ୍ଷ ବୋଲି ଚାଷୀମାନେ କହିଛନ୍ତି। ଏଥିରୁ ଜଣାପଡୁଛି ଜମିଗୁଡିକ ଭେରିଫିକେଶନ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନେ କିଭଳି ଭୂତ ଚାଷୀଙ୍କ ସମ୍ପର୍କରେ ଜାଣିପାରିଲେ ନାହିଁ ବୋଲି ସ୍ଥାନୀୟ ଚାଷୀମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ସମବାୟ ସମ୍ପାଦକ ନିଜେ ଭୂତଚାଷୀଙ୍କ ଦସ୍ତଖତ କରି ବ୍ୟାଙ୍କରୁ ଟଙ୍କା ଉଠାଇ ନେଉଥିବା ଜଣେ ବ୍ୟାଙ୍କ କର୍ମଚାରୀ ତାଙ୍କ ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତଙ୍କୁ ପଚାରିବାରୁ ୪ ଥର ଜମି ଭେରିଫିକେଶନ ହୋଇଛି। ଏଭଳି ଜାଲିଆତି ହୋଇ ନ ଥିବ ବୋଲି ସେ କହିଛନ୍ତି।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତିପ୍ରଭା



@ ପ୍ରଭୁରାମ



@ ରବୀନ୍ଦ୍ରନାଥ



@ ଶେଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗଡ଼ଗଡ଼ି ସେତୁରେ ଥିବା ଗର୍ତ୍ତ ମରାମତି ହେଲା

ଆଳି,୨୪।୩(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକକୁ ବାହ୍ୟ ଜଗତ ସହ ସଂଯୋଗ ନିମନ୍ତେ ଆଳି ବ୍ଲକ ବାଲକାଟି ନିକଟରେ ପ୍ରବାହିତ ଖରସ୍ରୋତା ନଦୀ ଉପରେ ଥିବା ଗଡ଼ଗଡି ସେତୁରେ ପ୍ରାୟ ୧୦ ଫୁଟ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଏ ନେଇ ୨୩ ତାରିଖ 'ଧରିତ୍ରୀ' ରେ ଗଡ଼ଗଡି ସେତୁରେ ଗର୍ତ୍ତ, ଯାତାୟାତରେ ଲୋକେ ହନ୍ତସନ୍ତ ଖବର ପ୍ରକାଶ ପାଇଥିଲା। ପରେ ପୂର୍ତ୍ତ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ପୋଲର ବିଭିନ୍ନ ସ୍ଥାନରେ ଥିବା ଗର୍ତ୍ତ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଖରସ୍ରୋତା ନଦୀରେ ଏହି ସେତୁ ନିର୍ମାଣ ପରେ ଆଳି ଓ ରାଜକନିକା ବ୍ଲକ ସହ ସିଧାସଳଖ ଯୋଗାଯୋଗ ସମ୍ଭବ ପର ହୋଇଥିଲା। ଦୈନିକ ରାଜକନିକାରୁ ଭୁବନେଶ୍ୱର ସମେତ ରାଜ୍ୟ ବାହାରକୁ ମଧ୍ୟ ବସ୍ ଚଳାଚଳ ସମ୍ଭବ ପର ହୋଇଥିଲା। କିନ୍ତୁ ଦୀର୍ଘଦିନ ହେବ ଏହି ଗର୍ତ୍ତ ସାଧାରଣ ଲୋକଙ୍କ ଯାତାୟାତରେ ଅନେକ ବାଧା ସୃଷ୍ଟି କରୁଥିଲା।



# ସନାତନ ଧର୍ମ ସମ୍ମିଳନୀ ଉଦ୍‌ଘାଟନ ପୂର୍ବରୁ ମଣ୍ଡପ ଭୁଶୁଡ଼ିଲା



କାଳବୈଶାଖୀ ପ୍ରଭାବରେ ସନାତନ ଧର୍ମ ସମ୍ମିଳନୀ ମୁଖ୍ୟ ମଣ୍ଡପ, ପ୍ରସାଦ ମଣ୍ଡପ ଭାଙ୍ଗି ଯାଇଛି।

ରାଜନଗର, ୨୪।୩(ଡି.ଏନ୍.ଏ.)

## କାଳବୈଶାଖୀ ତାଣ୍ଡବ ରଚିଲା

ରାଜନଗର ବ୍ଲକ ଖମାରସାହିଠାରେ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଭକ୍ତଗୋଷ୍ଠୀ ପକ୍ଷରୁ ଆୟୋଜିତ ୫୩ତମ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ଶୁକ୍ରବାର ଉଦ୍‌ଘାଟନ ହୋଇଥାନ୍ତା। ହେଲେ ଏହା ପୂର୍ବରୁ କାଳବୈଶାଖୀ ତାଣ୍ଡବରେ ଅପରାହ୍ନ ୧ଟାରେ ସନାତନ ଧର୍ମ ସମ୍ମିଳନୀ ମୁଖ୍ୟ ମଣ୍ଡପ, ପ୍ରସାଦ ମଣ୍ଡପ ଟେଣ୍ଟ ସହ ବାଉଁଶ ମାଟିରେ ଶୋଇଯାଇଛି। ଅଳ୍ପ କେତେ ମିନିଟ୍ ମଧ୍ୟରେ ଦୀର୍ଘଦିନର ପ୍ରସ୍ତୁତି ମାଟିରେ ମିଶିଯାଇଛି।

ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ପକ୍ଷରୁ ସନାତନ ଧର୍ମ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଗୁରୁବାର ସକାଳୁ ରାଜନଗରସ୍ଥିତ ଅଭିରାମ ଆଶ୍ରମରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ ରଥରେ ସ୍ଥାପନ କରାଯାଇ ନାମ ସଂକୀର୍ତ୍ତନ ଓ ଘଣ୍ଟ ପାଟୁଆ ସହ ଶତାଧିକ ଭକ୍ତଙ୍କ ଶୋଭାଯାତ୍ରାରେ ରାଜନଗର ବଜାର, ଗାଁ ପରିକ୍ରମା ପରେ ମହୁଲିଆ, ଚାନ୍ଦିବାଉଁଶମୂଳ, କଣ୍ଡିରା, ଭିତରଗଡ଼, ଘଡ଼ିଆମାଳ, ଈଶ୍ୱରପୁର ପଞ୍ଚାୟତ ସହିତ ଖମାରସାହି, ଡାଙ୍ଗମାଳ ଓ କୃଷ୍ଣନଗର ପଞ୍ଚାୟତର ପ୍ରତ୍ୟେକ ଗାଁ ପରିକ୍ରମା କରିବା ପରେ ଠାକୁରଙ୍କୁ ସମ୍ମିଳନୀ ସ୍ଥଳକୁ ନିଆଯାଇଥିଲା। ସମ୍ମିଳନୀ ସ୍ଥଳରେ ନିର୍ମାଣ ହୋଇଥିବା ମନ୍ଦିରରେ ଠାକୁରଙ୍କୁ ସ୍ଥାପନ କରାଯାଇଥିଲା। ଶୁକ୍ରବାର ସକାଳେ ବସୁଧା ପୂଜା, ସୂର୍ଯ୍ୟପୂଜା, ଗୋମାତା ପୂଜା ସହ ଠାକୁରଙ୍କ ନୀତି ପୂଜା କରାଯାଇଥିଲା। ମଧ୍ୟାହ୍ନରେ ୩ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ୨ ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିସାରିଥିଲେ। ଏହି ସମୟରେ ହଠାତ୍ ବର୍ଷା ପବନ ତାଣ୍ଡବ ରଚିଥିଲା। କେହି କିଛି ବୁଝିବା ପୂର୍ବରୁ ମଞ୍ଚ ଭୁଶୁଡ଼ିବା ଆରମ୍ଭ କରିଥିଲା। ଖାଇବାକୁ ବସିଥିବା ଲୋକେ ଓ ମଞ୍ଚ ତଳେ ଥିବା ଲୋକେ ସୌଭାଗ୍ୟକ୍ରମେ ବାହାରକୁ ଚାଲିଆସିଥିଲେ। ପରେ ମୁଖ୍ୟ ମଣ୍ଡପ ସହ ପ୍ରସାଦ ମଣ୍ଡପ, ଭଣ୍ଡାରଘର, ଅତିଥି ଭବନ ଓ ଭକ୍ତନିବାସ ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିଲା। ଏହି ଧର୍ମ ସମ୍ମିଳନୀ ଆୟୋଜିତ ହୋଇଥିବା ବିଲରେ କାଦୁଅ ହେବା ସହ ପାଣି ଜମି ରହିଛି। କାଳବୈଶାଖୀ ସମୟରେ ଭକ୍ତମାନେ ଠାକୁରଙ୍କୁ ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ନେଇଯାଇଥିଲେ। ବାତ୍ୟା ଆଶ୍ରୟସ୍ଥଳରେ ଠାକୁରଙ୍କୁ ରଖାଯାଇ ପୂଜାର୍ଚ୍ଚନା କରାଯାଉଛି। ସନ୍ଧ୍ୟାରେ ସନାତନ ଧର୍ମ ସଭା ଉଦ୍‌ଘାଟନ ହୋଇଥାନ୍ତା। ଏହି ସନାତନ ଧର୍ମସଭା ପାଇଁ ବାବାଜୀ ପରମେଶ୍ୱର ଦାସ, ବାବାଜୀ ଆତ୍ମାରାମ ଦାସ, ବାବାଜୀ ଶ୍ରୀନିବାସ ଦାସ, ବାବାଜୀ ରତ୍ନାକର ଦାସ, ବାବାଜୀ ଭୀମସେନ ଦାସ, ବାବାଜୀ ଅଖିଳାନନ୍ଦ ଦାସ, ସ୍ୱାମୀ ଉଦୟନାଥ ପର୍ବତ, ସ୍ୱାମୀ ତ୍ରୈଲୋକ୍ୟଶ୍ୱର ଭାରତୀ, ଚାରଣ ଉଦୟନାଥ ସାହୁ ଓ ଦିବ୍ୟଜୀବନ ସଂଘର ୨ଜଣ ବାବାଜୀ ସମ୍ମିଳନୀ ସ୍ଥଳରେ ପହଞ୍ଚି ସାରିଥିଲେ। ଏହି ଧର୍ମ ସମ୍ମିଳନୀର ସଂଯୋଜକ ଅଭୟ ବାବାଙ୍କ ସୂଚନା ମୁତାବକ, ସକାଳେ ଠାକୁରଙ୍କ ପୂଜା ନୀତି ସରିଥିଲା। ମଧ୍ୟାହ୍ନରେ ଲୋକମାନେ ପ୍ରସାଦ ସେବନ କରୁଥିଲେ। ରାତିରେ ୭ ହଜାର ଲୋକଙ୍କ ପ୍ରସାଦ ସେବନ ପାଇଁ ପରିବା କଟା ଚାଲିଥିବା ବେଳେ ପ୍ରକୃତି ଦାଉ ସାଧିଲା। ଠାକୁର ନିମନ୍ତ୍ରିତ ହୋଇ ୩ ଦିନ ପାଇଁ ଆସିଛନ୍ତି। ଆଞ୍ଚଳିକ ଭକ୍ତଗୋଷ୍ଠୀର କର୍ମକର୍ତ୍ତା ଓ ୩ ପଞ୍ଚାୟତର ମୁରବିମାନେ ପରବର୍ତ୍ତୀ ନିଷ୍ପତ୍ତି ପାଇଁ ବସିଛନ୍ତି ବୋଲି ସେ କହିଛନ୍ତି।

# ପୋଖରୀରେ ଦୁର୍ବୃତ୍ତଙ୍କ ବିଷ ପ୍ରୟୋଗ, ମାଛ ମରିଗଲେ

## ଏସ୍‌ଏଚ୍‌ଜି ମହିଳାଙ୍କୁ ଋଣ ଶୁଝିବା ଚିନ୍ତା ଘାରିଛି



ପୋଖରୀରେ ମରି ଯାଇଥିବା ମାଛକୁ ମହିଳାମାନେ ଦେଖାଉଛନ୍ତି।

ରାଜକନିକା,୨୪।୩(ଡି.ଏନ.ଏ.)

ଗ୍ରାମାଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ସରକାରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି)ମାଧ୍ୟମରେ ବ୍ୟାଙ୍କରୁ ଋଣ ଯୋଗାଇ ଦିଆଯାଉଛି। ଏହି ଋଣ ନେଇ ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କେନ୍ଦ୍ରପଡ଼ା ଜିଲା ରାଜକନିକା ବ୍ଲକ କୋରନ୍ଦ ଗାଁରେ ଲୁଣି ଚତର ପୋଖରୀରେ ମାଛ ଚାଷ କରିଥିଲେ। ହେଲେ କେହି ଦୁର୍ବୃତ୍ତ ଶୁକ୍ରବାର ପୋଖରୀରେ ବିଷ ପ୍ରୟୋଗ କରି ଦେବାରୁ ସମସ୍ତ ମାଛ ମରି ଭାଶୁଥିବା ଦେଖିବାକୁ ମିଳିଥିଲା। ଫଳରେ ଏସ୍‌ଏଚଜିର ମହିଳାମାନେ ଋଣ କେମିତି ଶୁଝିବେ ସେହି ଚିନ୍ତା ଏବେ ସେମାନଙ୍କୁ ଘାରିଛି।

ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ୮ ମାସ ତଳେ ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କା ଋଣକୁ ଆଣି କୋରନ୍ଦ ଗାଁର ଲୁଣି ଚତର ପୋଖରୀରେ ମାଛଚାଷ କରିଥିଲେ। ମାଛଗୁଡ଼ିକ ଭଲ ବଢି ଥିଲେ। ଆଉ କେଇଟା ଦିନ ପରେ ମାଛ ଧରାଯାଇଥାନ୍ତା। ଲାଭାଂଶରେ ବ୍ୟାଙ୍କ ଋଣ ପରିଶୋଧ କରିବା ସହ ନିଜ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତେ। ହେଲେ ସବୁ ସ୍ୱପ୍ନ ସେମାନଙ୍କର ମଉଳି ଯାଇଛି। ବିଡ଼ମ୍ବନାର ବିଷୟ ସକାଳୁ ମାଛଗୁଡ଼ିକ ପୋଖରୀରେ ଭାଶୁଥିବା ଦେଖି ଗୋଷ୍ଠୀର ମହିଳାମାନେ ହତବାକ୍ ହୋଇ ପଡ଼ିଥିଲେ। କେହି ଦୁର୍ବୃତ୍ତ ପୋଖରୀରେ ବିଷ ପକାଇ ଦେଇଥିବା ଜାଣି ଏ ବାବଦରେ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ନିଖୋଜ ମହିଳାଙ୍କ ମୃତଦେହ ମିଳିଲା

ରସୁଲପୁର,୨୪।୩(ଡି.ଏନ.ଏ.)

## ସାହାପୁର ଛନ୍ଦା ନିକଟରୁ ଠାବକଲେ ସମ୍ପର୍କୀୟ

ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନସ୍ଥ ଖରସ୍ରୋତା ନଦୀର ସାହାପୁର ଛନ୍ଦା ନିକଟରୁ ନିଖୋଜ ମହିଳା କୁନି ମୁଣ୍ଡାଙ୍କ ମୃତଦେହ ଠାବ କରାଯାଇଛି। ମହିଳାଙ୍କ ମୃତଦେହ ପାଣିରେ ଭାସୁଥିବା ସମ୍ପର୍କୀୟମାନେ ଶୁକ୍ରବାର ସକାଳୁ ଦେଖିବା ସହ ତାହାକୁ ଉଦ୍ଧାର କରି କୂଳକୁ ଆଣିଥିଲେ। ପରେ ପାଣିକୋଇଲି ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ମୃତ ମହିଳା ଜଣକ ବାହାର ଜିଲାର। ହେଲେ ସେ ବହୁ ବର୍ଷଧରି ଗୋଳେଇପୁର ପଞ୍ଚାୟତ ମସୁଦପୁର ଗାଁରେ ରହିଆସୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତାଙ୍କର ୨ ନାବାଳିକା ଝିଅ ଅଛନ୍ତି। ମା' ମରିଯିବା ପରେ ଝିଅ ଦୁଇଜଣଙ୍କ ଯତ୍ନ ଓ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନଙ୍କ ସୁରକ୍ଷା ଦାୟିତ୍ୱ ଜିଲା ପ୍ରଶାସନ ହାତକୁ ନେଉ ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

କୁନି ଗୁରୁବାର ଅପରାହ୍ନରେ ଖରସ୍ରୋତା ନଦୀ ପୋଲ ନିକଟକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ଯୋଗୁ ନଦୀର ଗଭୀର ଜଳରେ ବୁଡି ନିଖୋଜ ହୋଇଯାଇଥିଲେ। ଏନେଇ କୁଆଖିଆ ଓ ପାଣିକୋଇଲି ପୋଲିସକୁ ଖବର ଦିଆଯାଇଥିଲା। ମାତ୍ର ସୀମା ବିବାଦ ଯୋଗୁ ନିଖୋଜ ମହିଳାଙ୍କୁ ଖୋଜାଖୋଜି କରିବାରେ ବିଳମ୍ବ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ପରେ ବରୀ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ମହିଳାଙ୍କୁ ଠାବ କରିବାରେ ବିଫଳ ହୋଇଥିଲେ। ମହିଳା ବୁଡି ଯାଇଥିବା ସ୍ଥାନରୁ ପ୍ରାୟତଃ ୧କି.ମି. ଦୂରରେ ତାଙ୍କ ମୃତଦେହ ଭାସୁଥିବା ସମ୍ପର୍କୀୟ ଦେଖିବାକୁ ପାଇଥିଲେ। ମୃତଦେହ ଠାବ ହୋଇଥିବା ସ୍ଥାନଟି ପାଣିକୋଇଲି ଥାନା ଅଧୀନରେ ଯାଉଥିବା ଜଣାପଡ଼ିବାରୁ ସମ୍ପୃକ୍ତ ପୋଲିସକୁ ଖବର ଦିଆଯାଇଥିଲା।

# ଆଳି ନିର୍ବାଚନମଣ୍ଡଳୀର ବିକାଶ କରିଥିଲେ ଶରତ ଦେବ

ଆଳି,୨୪।୩(ଡି.ଏନ୍.ଏ.)

ସମୟ ଗୋଡ଼ରେ ଠିଆହୋଇ କେତେଜଣ ବ୍ୟକ୍ତି ଇତିହାସର ଗତିପଥ ବଦଳେଇ ଦେଇଥାନ୍ତି। ଆଉ ସେହିପରି ଜଣେ ବ୍ୟକ୍ତି ଥିଲେ ଶରତ ଦେବ, ଯେକି ଆଳି ନିର୍ବାଚନ ମଣ୍ଡଳୀର ରୂପ ପରିବର୍ତ୍ତନ କରିପାରିଥିଲେ। ବିଧାନସଭାର ବିରୋଧୀ ଦଳ ନେତା, ମନ୍ତ୍ରୀ ତଥା ଆଳିର ରାଜା ସାହେବ ସ୍ୱର୍ଗତ ଶରତ କୁମାର ଦେବଙ୍କ ୩୫ତମ ସ୍ମୃତିସଭାରେ ଅତିଥିମାନେ ଏହା ପ୍ରକାଶ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଆଳି ଅନ୍ନପୂର୍ଣ୍ଣା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି ସ୍ୱର୍ଗତ ଶରତ ଦେବଙ୍କର ଶ୍ରାଦ୍ଧ ଉତ୍ସବ। ଶରତ କୁମାର ଦେବ ସ୍ମୃତି କମିଟିର ସଭାପତି ଜଗତାନନ୍ଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ସ୍ୱର୍ଗତ ଦେବଙ୍କ ଅମ୍ଳାନ୍ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଶିଳ୍ପମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ଶରତ ଦେବଙ୍କୁ ଲୋକ କେତେ ଭଲପାଉଥିଲ ତାହା ଆଜିର ସଭା ପ୍ରମାଣ କରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ ପ୍ରମୁଖ ଯୋଗଦେଇ ଶରତ ଦେବଙ୍କ ସ୍ମୃତିଚାରଣ କରିଥିଲେ।

ସ୍ମୃତି କମିଟିର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାରେ ସ୍ମୃତି କମିଟି ପକ୍ଷରୁ ଗାଳ୍ପିକ ପ୍ରଦୀପ ନାୟକ, ଅଧ୍ୟାପକ, ସାହିତ୍ୟିକ ଅତୁଲ ବଳ, କୁମ୍ଭୀର ଗବେଷକ ସୁଧାକର ଦାସ, ବାଲୁକାଶିଳ୍ପୀ ଯତିନ ଦାସ, ସାମାଜିକ କର୍ମୀ ସୁଶାନ୍ତ ତରେଇ ଓ ବିଭିନ୍ନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ଆରମ୍ଭରେ ଆଳି ଡାକବଙ୍ଗଳା ଛକରେ ଥିବା ସ୍ୱର୍ଗତ ଦେବଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାମଞ୍ଚକୁ ଆସିଥିଲେ।



ମନ୍ତ୍ରୀ ପ୍ରମିଳା ମଲ୍ଲିକ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଥାନାରେ ମାମଲା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

■ ଚାଉଳ ଗୋଦାମ ଅଧୀକ୍ଷକଙ୍କୁ ମାଡ଼ ଘଟଣାର ୩ଦିନ ବିତିଲା

■ ନିମ୍ନମାନର ଚାଉଳ ନ ରଖିବାରୁ ମାଡ଼ ଅଭିଯୋଗ

ନୟାଗଡ଼ ଅଫିସ,୨୪।୩

ନୟାଗଡ଼ ଜିଲା ଶରଣକୁଳ ଥାନା କାନକଟାସ୍ଥିତି ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ (ଓଏସ୍‌ଡବ୍ଲ୍ୟୁସି)ର କାନକଟା ଚାଉଳ ଗୋଦାମର ଅଧୀକ୍ଷକ ସୁରଜିତ ମହାନ୍ତିଙ୍କୁ ଆକ୍ରମଣ କରାଯାଇଥିଲା। ଦଶପଲ୍ଲା ଜୟ ମହାବୀର ରାଇସ୍ ମିଲ୍‌ର ପବିତ୍ର କୁମାର ସାହୁ ତାଙ୍କୁ ମାଡ଼ ମାରିଥିଲେ । ଏହି ଘଟଣାକୁ ୩ ଦିନ ବିତିଛି। ନିମ୍ନମାନର ଚାଉଳ ନ ରଖିବାରୁ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗରେ ରହିଛି। ହେଲେ ଶରଣକୁଳ ଥାନା ପୋଲିସ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଶୁକ୍ରବାର ଶରଣକୁଳ ଏସ୍‌ଡିପିଓଙ୍କ ଉପସ୍ଥିତିରେ ଘଟଣାର ରଫାଦଫା କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି । ଏନେଇ କାନକଟା ଚାଉଳ ଗୋଦାମର ଅଧୀକ୍ଷକ ସୁରଜିତ ମହାନ୍ତି କୁହନ୍ତି, ଗତ ୨୨ ତାରିଖରେ ୮ ଚାଉଳ ଟ୍ରକ ଗୋଦାମରେ ଲାଗିଥିଲା । ଏଥିରୁ ସୁନାଖଳା ଶୁଭଲକ୍ଷ୍ମୀ ରାଇସ୍ ମିଲର, ଦଶପଲ୍ଲାର ଜୟ ମହାବୀର ରାଇସ୍ ମିଲର, ଶୁକଳଗାଡିଆ କାଉଁରୀ ରାଇସ୍ ମିଲର ୪ଟି ଚାଉଳ ବୋଝେଇ ଟ୍ରକ ଲଗାଇଥିଲେ । ଗୋଟିଏ ଟ୍ରକରେ ୨୯୦ କୁଇଣ୍ଟାଲ ଲେଖାଏଁ ୨୩୨ କୁଇଣ୍ଟାଲ ଚାଉଳ ଥିଲା । ତେବେ ଜୟ ମହାବୀର ରାଇସ୍ ମିଲ୍‌ରଙ୍କ ଚାଉଳର ମାନ ପରୀକ୍ଷଣ ପରେ ଡିସକଲର ବାହାରିଥିଲା। ମାନ ଭଲ ନ ଥିବାରୁ ଗୋଦାମରେ ରଖାଯିବ ନାହିଁ କୁହାଯାଇଥିଲା । ଏଥିରେ ମିଲର ପବିତ୍ର କୁମାର ସାହୁ ଉତ୍ତେଜିତ ହୋଇ ତାଙ୍କୁ ମାଡ ମାରିଥିଲେ । ଏନେଇ ମୁଁ ଶରଣକୁଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅନ୍ୟପକ୍ଷେ ୮ ଗାଡ଼ିରୁ ୨ଟି ଟ୍ରକ ଚାଉଳର ମାନ ଭଲ ଥିବାରୁ ଗୋଦାମରେ ରଖାଯାଇଛି । ୩ ଚାଉଳ ବୋଝେଇ ଟ୍ରକ ଫେରି ଯାଇଛି। ଚାଉଳର ମାନ ପରୀକ୍ଷଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଶରଣକୁଳ ଥାନା ଆଇଆଇସି ଜୟଦୀପ ମହାନ୍ତି କହନ୍ତି, ଗୋଦାମର ଅଧୀକ୍ଷକ ସୁରଜିତ ମହାନ୍ତିଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୪୯/୨୩) ରୁଜୁ ହୋଇଛି। ମିଲରଙ୍କ ପାଲଟା ଅଭିଯୋଗ ରହିଛି । ଯାହା ତଦନ୍ତ ପରିସର ଭୁକ୍ତ ରହିଛି । ତେବେ ଘଟଣାର ଆଲୋଚନା ପାଇଁ ଦୁଇ ପକ୍ଷଙ୍କୁ ଡକାଯାଇଛି। ଶୁକ୍ରବାର ଏସ୍‌ଡିପିଓଙ୍କ ନେତୃତ୍ୱରେ ବୈଠକ କରାଯାଇ ଆଲୋଚନା କରାଯିବ। ଏନେଇ ଜଣେ ଶ୍ରମିକ ନାମ ଗୋପନ ରଖି କହିଛନ୍ତି ଗୋଦାମ କର୍ତ୍ତୃପକ୍ଷ ଓ ମିଲରଙ୍କ ମଧୁଚନ୍ଦ୍ରିକା ଚାଲିଛି । ସ୍ୱାର୍ଥ ଉପରେ ଆଞ୍ଚ ଆସିଲେ ଗଣ୍ଡଗୋଳ ଓ ମାରପିଟ୍ ହେଉଛି । ଥାନାରେ ମାମଲା ପରେ ବି କାର୍ଯ୍ୟାନୁଷ୍ଠାନ ହେବନି । ଦୁଇ ପକ୍ଷ ଏହାର ସମାଧାନ କରାଇନେବେ। ସମାଧାନ କରାଇବା ପାଇଁ ପ୍ରୟାସ ଚାଲିଛି ବୋଲି କହିଥିଲେ ।

## ଜଟଣୀ ଗୋଦାମରୁ ୩ ଟ୍ରକ ଚାଉଳ ଫେରିଲା

ଭାରତୀୟ ଖାଦ୍ୟ ନିଗମର ଖୋର୍ଦ୍ଧା ଜିଲା ଜଟଣୀଠାରେ ରହିଥିବା ଗୋଦାମରେ ଗତ ଗୁରୁବାର ନୟାଗଡ଼ ମିଲରଙ୍କ ୩ ଟ୍ରକ ଚାଉଳ ଫେରି ଆସିଛି । ନିମ୍ନମାନର ଚାଉଳ ଯୋଗୁ ଗୋଦାମ ଏହି ଚାଉଳ ନ ରଖି ଫେରାଇ ଦିଆଯାଇଛି। ଅନ୍ୟପକ୍ଷେ ବିଭିନ୍ନ ସମୟରେ ଉତ୍କୃଷ୍ଟ ମାନର ଚାଉଳ ଦର୍ଶାଇ କେତେଜଣ ମିଲର ନିମ୍ନମାନର ଚାଉଳ ରଖିବାକୁ ଗୋଦାମ କର୍ତ୍ତୃପକ୍ଷଙ୍କୁ ବାଧ କରୁଥିବା ଅଭିଯୋଗ ରହିଛି । ମାନ ପରୀକ୍ଷଣ ପରେ ଚାଉଳ ରଖାଯିବନି କୁହାଯିବା ପରେ ପାଟିତୁଣ୍ଡ ଗଣ୍ଡଗୋଳ ହେଉଛି ବୋଲି ଅଭିଯୋଗ ରହିଛି । ମାର୍ଚ୍ଚ ମାସ ରେ ୧ ଲକ୍ଷ କୁଇଣ୍ଟାଲ ଚାଉଳ ଜଟଣୀ ଡିପୋରେ ନୟାଗଡ଼ ଜିଲାର ମିଲରମାନେ ଦେବାର ଟାର୍ଗେଟ ରହିଛି। ଇତିମଧ୍ୟରେ ୨୪ ଦିନ ବିତି ଯିବାକୁ ବସିଥିବାବେଳେ ଏଯାବତ ପ୍ରାୟ ୫ ହଜାର କୁଇଣ୍ଟାଲ ଜଟଣୀ ଡିପୋରେ ନୟାଗଡ଼ ମିଲର ଦେଇଛନ୍ତି । ଅବଶିଷ୍ଟ ଚାଉଳ ୭ଦିନ ମଧ୍ୟରେ କିପରି ଦିଆଯିବ ସେନେଇ ସନ୍ଦେହ ସୃଷ୍ଟି ହୋଇଛି । ଏନେଇ ଜିଲା ଯୋଗାଣ ଅଧିକାରୀ ତିଳୋତ୍ତମା ପ୍ରଧାନ କୁହନ୍ତି, କ୍ୱାଲିଟି ପାସ୍ ପରେ କାହିଁକି ଚାଉଳ ଫେରି ଆସିଲା ଅନୁଧ୍ୟାନ ଚାଲିଛି। ୭ଦିନ ଭିତରେ ଟାର୍ଗେଟ ପୂରଣ କରିବାକୁ ମିଲରମାନଙ୍କୁ କୁହାଯାଇଛି। ସେହିପରି କାନକଟା ଗୋଦାମର ଚାଉଳର ମାନ ନେଇ ପଚାରିବାରୁ କୁହିଛନ୍ତି ଏନେଇ ଲିଖିତ ଅଭିଯୋଗ ମିଳିନି । ତେବେ ଜିଲା କାର୍ଯ୍ୟାଳୟରୁ ଏକ ଟିମ୍ ଯାଇ ଚାଉଳର ମାନ ପରୀକ୍ଷଣ କରିବ । ଚାଉଳର ମାନ ଜଣାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ତେବେ କାନକଟା ଚାଉଳ ଗୋଦାମର ଅଧୀକ୍ଷକ ସୁରଜିତ ମହାନ୍ତିଙ୍କୁ ମିଲର ମାରପିଟ୍ ଘଟଣା ପୋଲିସ ତଦନ୍ତ କରୁଛି ।

# ୬ ମାସ ହେଲା ରାଶନ ସାମଗ୍ରୀ ପାଉନାହାନ୍ତି ବାସନ୍ତୀଙ୍କ ପରିବାର

ନୂଆଗାଁ,୨୪।୩(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁଆଁବାରୀ ଗ୍ରାମର ବାସନ୍ତୀ ନାୟକ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି । ଏପରି କି ଗତ ୬ ମାସ ହେଲା ରାଶନ ସାମଗ୍ରୀ ପାଉ ନ ଥିବା ସଂକ୍ରାନ୍ତରେ ସେ ନିଜ ଭିନ୍ନକ୍ଷମ ଝିଅଙ୍କ ସହିତ ଶୁକ୍ରବାର ନୂଆଗାଁ ଯୋଗାଣ ନିରୀକ୍ଷକଙ୍କୁ ଭେଟି ଅଭିଯୋଗ କରିଛନ୍ତି। ବାସନ୍ତୀଙ୍କ ରାଶନ କାର୍ଡରେ ସବୁ ତଥ୍ୟ ଠିକ୍ ଥିଲେ ମଧ୍ୟ ତାଙ୍କୁ କାହିଁକି ରାଶନ ସାମଗ୍ରୀ ଦିଆଯାଉ ନାହିଁ ସେ ବାବଦରେ ପଞ୍ଚାୟତ ଅଧିକାରୀଙ୍କ ସହ କଥା ହେବା ପରେ ଜଣାପଡ଼ିବ ବୋଲି କହିଛନ୍ତି ଯୋଗାଣ ନିରୀକ୍ଷକ ।

ନୂଆଗାଁ ବ୍ଲକ ବେରୁହାଁବାରୀ ଗ୍ରାମର ସୁଜନ ନାୟକଙ୍କ ପରିବାର କହିଲେ ସ୍ତ୍ରୀ ବାସନ୍ତୀ, ଗୋଟିଏ ପୁଅ ଓ ଜଣେ ଭିନ୍ନକ୍ଷମ ଝିଅ ଅଛନ୍ତି। ଆଜିକୁ ୬ ମାସ ପୂର୍ବେ ସୁଜନଙ୍କ ପରଲୋକ ଘଟିଥିଲା । ଏହାପରେ ମାନସିକ ଅନଗ୍ରସର ଭିନ୍ନକ୍ଷମ ଝିଅ ଓ ପୁଅକୁ ଧରି ପରିବାର ଚଳାଉଛନ୍ତି ବାସନ୍ତୀ। ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାର ନିୟମ ଅନୁସାରେ ଜଣେ ବ୍ୟକ୍ତିଙ୍କ ପରଲୋକ ଘଟିବା ପରେ ତାଙ୍କ ପରିବାର ସଦସ୍ୟଙ୍କୁ ଏବେ ବାବଦ ଅର୍ଥ ପ୍ରଦାନ କରାଯାଇଥାଏ । ସେହି ଅର୍ଥରେ ପରିବାର ଲୋକେ ଶୁଦ୍ଧିକ୍ରିୟା କରିଥାଆନ୍ତି। କିନ୍ତୁ ସ୍ୱାମୀଙ୍କ ମୃତ୍ୟୁର ୬ ମାସ ବିତିଥିଲେ ମଧ୍ୟ ଅଦ୍ୟାବଧି ହରିଶ୍ଚନ୍ଦ୍ର ଅନୁଦାନ ତାଙ୍କୁ ମିଳିନାହିଁ । ସେହିପରି ସ୍ୱାମୀଙ୍କ ମୃତ୍ୟୁ ପରେ ଆଜି ପର୍ଯ୍ୟନ୍ତ ବିଧବା ଭତ୍ତା ମିଳୁନାହିଁ। ପରିବାରରେ ୪ ଜଣ ସଦସ୍ୟ ରହିଥିଲେ ମଧ୍ୟ ପୁଅ ଓ ଝିଅକୁ ବାଦ୍ ଦେଇ ସ୍ୱାମୀ,ସ୍ତ୍ରୀଙ୍କ ନାମ ରାଶନ କାର୍ଡରେ ରହିଛି । ସ୍ୱାମୀ ଥିବା ସମୟରେ ୧୦ କେଜି ଚାଉଳ ମିଳୁଥିଲା । କିନ୍ତୁ ସ୍ୱାମୀଙ୍କ ମୃତ୍ୟୁପରେ କିଛି ମିଳୁ ନାହିଁ । ବର୍ତ୍ତମାନ ବାସନ୍ତୀଙ୍କ ପରିବାର ସଦସ୍ୟଙ୍କ ସଂଖ୍ୟା ୩ ରହିଥିବା ବେଳେ ଏଥିରେ କେବଳ ଭିନ୍ନକ୍ଷମ ଝିଅଙ୍କ ନାମ ରହିଛି । ବାସନ୍ତୀ ଏବଂ ତାଙ୍କ ପୁଅର ନାମକୁ ଏହି କାର୍ଡରୁ ବାଦ୍ ଦିଆଯାଇଛି । ଏ ବାବଦରେ ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକ ବି. ଶ୍ରୀହର୍ଷଙ୍କୁ ପଚାରିବାରୁ ଉକ୍ତ ପରିବାରର ରାଶନକାର୍ଡଟି ଆକ୍ଟିଭ ରହିଛି। ହେଲେ ୬ ମାସ ହେଲା କେଉଁ କାରଣ ଯୋଗୁ ରାଶନ ଚାଉଳ ତାଙ୍କୁ ପ୍ରଦାନ କରାଯାଉନାହିଁ ତାହା ବୁଝିବା ପରେ କହିବି ବୋଲି କହିଛନ୍ତି ।


ଯୋଗାଣ ନିରୀକ୍ଷକଙ୍କୁ ଭେଟିବାକୁ ଆସିଥିବା ବାସନ୍ତୀ ଓ ତାଙ୍କ ଭିନ୍ନକ୍ଷମ ଝିଅ ।

# ଗୋଟିଏ ପରିବାରର ୩ ଜଣଙ୍କୁ ଆଜୀବନ କାରାଦଣ୍ଡ

ନୟାଗଡ଼ ଅଫିସ,୨୪।୩

ସୁଧ ଦେଣନେଣକୁ ନେଇ ଇଟାମାଟି ଥାନା ଗୋବିନ୍ଦପୁର ଗାଁରେ ଘଟିଥିବା ହତ୍ୟା ମାମଲାର ରାୟ ଗୁରୁବାର ଜିଲା ଦୌରାଜଜଙ୍କ କୋର୍ଟରେ ପ୍ରକାଶ ପାଇଛି । ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀ ଏହାର ବିଚାର କରି ଗୋବିନ୍ଦପୁର ଗାଁର ଗୋଟିଏ ପରିବାରର ଗୋଲେଖ ରାଉତ(୪୯), ପୁଅ ଲକ୍ଷ୍ମୀଧର ରାଉତ(୨୧), ଓ ସ୍ତ୍ରୀ ଶାନ୍ତିଲତା ରାଉତ (୪୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅନ୍ୟପକ୍ଷେ କୋର୍ଟ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

**ସୁଧ ଦେଣନେଣକୁ ନେଇ ହତ୍ୟା ମାମଲା**

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ମାର୍ଚ୍ଚ ୨୧ ରାତି ୧୦ଟାରେ ସୁଧ ଦେଣନେଣକୁ ନେଇ ଗୋବିନ୍ଦପୁରର ରମେଶ ଚନ୍ଦ୍ର ମୁଦୁଲି(୪୪)ଙ୍କ ସହ ସେହି ଗାଁର ଲକ୍ଷ୍ମୀଧର ରାଉତଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଲକ୍ଷ୍ମୀଧର ରାଉତ, ପୁଅ ଗୋଲେଖ ଓ ସ୍ତ୍ରୀ ଶାନ୍ତିଲତା ମିଳିତ ହୋଇ ରମେଶଙ୍କୁ ମାରପିଟ୍ କରିଥିଲେ। ଏପରି ସମୟରେ ଲକ୍ଷ୍ମୀଧର ଏକ ଛୁରିରେ ରମେଶଙ୍କୁ ଆକ୍ରମଣ କରିଥିଲେ । ଏହି ସମୟରେ ରମେଶଙ୍କ ସ୍ତ୍ରୀ, ଶାଳି, ପୁଅ, ଝିଆରୀ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ । ରମେଶଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ । ରମେଶଙ୍କ ସ୍ତ୍ରୀ ମମତା ମୁଦୁଲିଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ୩ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଥିଲେ । ପରେ ଜାମିନ ପାଇଥିଲେ। ମାମଲାଟିକୁ ପବ୍ଲିକ ପ୍ରୋସିକ୍ୟୁଟର ବିଷ୍ଣୁ ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିଲେ ।

# ଆଦର୍ଶବାଦୀ ୟଙ୍ଗ୍‌ଷ୍ଟାର କ୍ଲବକୁ ସର୍ବଶ୍ରେଷ୍ଠ ଯୁବ ଅନୁଷ୍ଠାନ ସମ୍ମାନ

ଭାପୁର,୨୪।୩(ଡି.ଏନ୍.ଏ.)

ନେହେରୁ ଯୁବକେନ୍ଦ୍ର ପକ୍ଷରୁ ନୟାଗଡ଼ ଭାପୁର ବ୍ଲକ ବଡ଼ସହରା ଗ୍ରାମର ଆଦର୍ଶବାଦୀ ୟଙ୍ଗଷ୍ଟାର କ୍ଲବକୁ ୨୦୨୩ ବର୍ଷ ପାଇଁ ଜିଲାର ସର୍ବଶ୍ରେଷ୍ଠ କ୍ଲବ ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ନୟାଗଡ଼ସ୍ଥିତ ସରକାରୀ ତାଲିମ କେନ୍ଦ୍ରଠାରେ ଆୟୋଜିତ ଏକ ସଭାରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଉକ୍ତ କ୍ଲବକୁ ୨୫ ହଜାର ଟଙ୍କା ସହିତ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଏହା ସହ ଅନୁଷ୍ଠାନ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହେଇଛି। ଜିଲା ଯୁବ ଅଧିକାରୀ ଅନୁରାଗ କୁମାର , ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, କୃଷି ବିଭାଗର ସହ ନିର୍ଦ୍ଦେଶିକା ସ୍ୱାଗତିକା ପତି, ଅର୍ଥନୀତି ଶାସ୍ତ୍ରର ଅଧ୍ୟାପକ ପବିତ୍ର କୁମାର ସୁବୁଦ୍ଧି ଅନ୍ୟତମ ଅତିଥି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାଇବା ପରେ ତାହା ଭବିଷ୍ୟତ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି କ୍ଲବ୍‌ର କର୍ମକର୍ତ୍ତା କହିଛନ୍ତି ।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜ୍ୟୋତିପ୍ରଭା


@ ପ୍ରଭୁରାମ


@ ରବୀନ୍ଦ୍ରନାଥ


@ ଶେଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟକୁ ନେଇ ଚିନ୍ତା

■ ରୋଗୀ,ସମ୍ପର୍କୀୟ ବ୍ୟତୀତ ବାହାର ଲୋକେ ବ୍ୟବହାର କରୁଛନ୍ତି

■ ସଂକ୍ରମିତ ହେବା ସମ୍ଭାବନା ଥିବାରୁ ଉଦ୍‌ବେଗ

ଖଣ୍ଡପଡ଼ା,୨୪।୩(ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟ ସ୍ଥାନୀୟ ଲୋକଙ୍କ ପାଇଁ ବିପଦର କାରଣ ପାଲଟିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପୂର୍ବରୁ ଏ ସମ୍ପର୍କରେ ଲୋକେ ଅବଗତ ନ ଥିବା ବେଳେ ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ଜନ ଆରୋଗ୍ୟ ସମିତି ବୈଠକରେ ଏ ନେଇ ସୂଚନା ମିଳିଛି ।

କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଣ୍ଟିଲୋ, ବାଣପୁର, ସିଧାମୂଳା, ବେଣାଗାଡ଼ିଆ, ପଥରଚକଡା, ଧାନଚେଙ୍ଗଡା, କେନ୍ଦୁପଲ୍ଲୀ ଆଦି ୭ ପଞ୍ଚାୟତର ପ୍ରାୟ ୪୦ରୁ ୫୦ ହଜାର ଲୋକେ ନିର୍ଭର କରିଥାଆନ୍ତି । ଏହାଛଡା କଂସା ପିତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିବା କଣ୍ଟିଲୋ ନୀଳମାଧବ ପୀଠ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ। ଏଥିପାଇଁ ପ୍ରତ୍ୟେହ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ଦର୍ଶନ ପାଇଁ ଆସିଥାଆନ୍ତି । ତେବେ ପର୍ଯ୍ୟଟକମାନଙ୍କ ସ୍ନାନଶୌଚାଦି ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ସେମାନେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟ ଉପରେ ନିର୍ଭର କରିଥାଆନ୍ତି। ମେଡ଼ିକାଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ବାରଣ ସତ୍ତ୍ୱେ ପର୍ଯ୍ୟଟକମାନେ ସେଠାରେ ସ୍ନାନଶୌଚାଦି କରିଥାଆନ୍ତି । ବିଭାଗୀୟ କର୍ମଚାରୀଙ୍କ ସୂଚନା କ୍ରମେ ଚଳିତ ବର୍ଷ ଲକ୍ଷାଧିକ ମହିଳା ଓ ପୁରୁଷ ଏହି ଶୌଚାଳୟ ବ୍ୟବହାର କରିଛନ୍ତି । ଏହାଦ୍ୱାରା ସେହି ଶୌଚାଳୟ ସଂକ୍ରମିତ ହେବାର ସମ୍ଭାବନା ରହିଛି । ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କଠାରୁ ସୂଚନା ମିଳିବା ପରେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ବ୍ୟତୀତ ଅନ୍ୟ କେହି ଯେପରି ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟକୁ ବ୍ୟବହାର ନ କରନ୍ତି ସେଥିପ୍ରତି ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ, ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।




# ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ରେ ଦୁର୍ନୀତି ଅଭିଯୋଗ

## ନିମ୍ନମାନର କାମ କରି ଲୁଟୁଛନ୍ତି ଅନୁଦାନ ଅର୍ଥ

ନୂଆଗାଁ,୨୪।୩(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍) ବିଭିନ୍ନ ପ୍ରକଳ୍ପରେ ନିମ୍ନମାନର କାମ କରି ଅନୁଦାନ ଲୁଟୁଥିବା ନେଇ ବାରମ୍ବାର ଅଭିଯୋଗ କରୁଛନ୍ତି । କିନ୍ତୁ କୌଣସି ଅଭିଯୋଗକୁ ଖାତିର ନ କରି କେତେଜଣ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାର ମିଳିମିଶି ସରକାରୀ ଅନୁଦାନକୁ ଆତ୍ମସାତ୍ କରୁଥିବା ସଂକ୍ରାନ୍ତରେ ଦର୍ଶାଯାଇଛି ।

ନୂଆଗାଁ ବ୍ଲକ ବାହାଡ଼ାଝୋଲା ପଞ୍ଚାୟତ ଘଡେଇବନ୍ଧ ପମ୍ପ ହାଉସର ସୁରକ୍ଷା ପାଇଁ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ତରଫରୁ ଠିକାଦାରଙ୍କ ମାଧ୍ୟମରେ ଗୋଟିଏ ପାଚେରୀ ନିର୍ମାଣ କରାଯାଇଥିଲା । ନିମ୍ନମାନର କାମ ଯୋଗୁ ଅସରାଏ ବର୍ଷାରେ ପାଚେରୀ ଓ କୂଅର ପଥର ସବୁ ଭୁଶୁଡ଼ି ପଡିଛି । ଏନେଇ ବାରମ୍ବାର ଅଭିଯୋଗ ପରେ ପାଚେରୀ ଓ କୂଅ ଭଶୁଡ଼ି ପଡିବାର ୮ ମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ମରାମତି କରାଯାଉ ନାହିଁ । ଉକ୍ତ କାମର ରକ୍ଷଣାବେକ୍ଷଣ ଠିକାଦାର ୫ ବର୍ଷ ପର୍ଯ୍ୟନ୍ତ କରିବାର ନିୟମ ରହିଛି ବୋଲି କହି କଥାକୁ ଏଡାଇ ଯାଉଛନ୍ତି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରା । ସେହିପରି ମହିପୁର ପଞ୍ଚାୟତ ପାଟୁଳିସାହିଠାରେ ଡାହୁକା ନଦୀ ତଟରେ ପାନୀୟ ଜଳ ଯୋଗାଣ ପାଇଁ ଖୋଳା ଯାଇଥିବା କୂଅ ନିକଟରୁ ବାଲି କ୍ଷୟ ହୋଇଯାଉଥିବାରୁ ତାହା ଭୁଶୁଡି ପଡିବାର ସମ୍ଭାବନା ରହିଛି । ତେଣୁ ଉକ୍ତ କୂଅର ସୁରକ୍ଷା ନିମନ୍ତେ କୂଅ ଚତୁଃପାର୍ଶ୍ୱରେ ଏକ କଂକ୍ରିଟ୍ ୱାଲ ନିର୍ମାଣ କରିବା ପାଇଁ ୩ ଲକ୍ଷ ୮୦ ହଜାର ଟଙ୍କା ଅନୁଦାନ ଦିଆଯାଇଛି । ତେବେ ଅଧିକ ଲାଭ ପାଇବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ତରବରିଆ ଭାବେ ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି। ଏପରିକି ନିମ୍ନମାନର କାମ ଯୋଗୁ କଂକ୍ରିଟ୍ ୱେଲ୍‌ରେ ରଡ଼ ଦେଖା ଯିବାରୁ ଉକ୍ତ ସ୍ଥାନରେ କାଦୁଅ ବୋଳା ଯାଇଥିବା ଅଭିଯୋଗ ହୋଇଛି । ଏ ବାବଦରେ ଯନ୍ତ୍ରୀ ବେହେରାଙ୍କୁ ପଚାରିବାରେ ଠିକାଦାରକୁ ସୁରକ୍ଷା ଦେବାକୁ ଯାଇ ତାଙ୍କ ସପକ୍ଷରେ ଯୁକ୍ତି ବାଢିବା ସହ ପ୍ଲାଷ୍ଟର ହୋଇ ନ ଥିବା ବେଳେ ପ୍ଲାଷ୍ଟର ଉପରେ କିଏ କାଦୁଅ ବୋଳି ଦେଇଥିବ । ମୁଁ ଯାଇ ଦେଖିବା ପରେ ଯାହା କିଛି କହିବି ବୋଲି କହିଛନ୍ତି ଯନ୍ତ୍ରୀ ବେହେରା । ସେହିପରି ପ୍ରତି ଘରେ ସୋକ୍‌ପିଟ୍ ନିର୍ମାଣ କରିବାର ନିୟମ ରହିଥିବା ବେଳେ ଅନୁଦାନ ହଡପ କରିବା ପାଇଁ ମାଳିସାହି ପଞ୍ଚାୟତ ଡିପାମାଳ ନିକଟ ଜଙ୍ଗଲରେ ସୋକପିଟ୍ ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି। ତେବେ ଏ ସବୁ ବାବଦରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଆରଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀଙ୍କୁ ଡକାଇ ବୁଝିବା ପାଇଁ ବିଡିଓ କହୁଥିବା ବେଳେ ନୁଆଗାଁ ସହକାରୀ ନିର୍ବାହୀଯନ୍ତ୍ରୀ ଶୁଭଶ୍ରୀ ପଣ୍ଡା କଥା ଛଡାଇ ନେଇ ସେ କାମ ଆମର ନୁହେଁ ଆମେ ବୁଝି ପାରିବୁ ନାହିଁ ରୋକଠୋକ୍ ମନା କରି ଦେଇଥିଲେ।


ନିମ୍ନମାନର କଂକ୍ରିଟ୍ ୱାଲରେ କାଦୁଅ ବୋଳାଯାଇଛି ।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୯୮ (୩୯୮.୧୮) ପଏଣ୍ଟ ହ୍ରାସ ଘଟି ୫୭,୫୨୭(୫୭,୫୨୭.୧୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍‌ଟି-୫୦ରେ ମଧ୍ୟ ୧୩୨ (୧୩୧.୮୫) ପଏଣ୍ଟ ଖସି ୧୬,୯୪୫ (୧୬,୯୪୫.୦୫) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।




ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଏବଂ ଇଣ୍ଡିଆନ୍ ନାଭି ମଧ୍ୟରେ ଏକ ବୁଝାବଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି। ବିଶେଷ କରି ଅଗ୍ନିବୀରମାନଙ୍କ ଦରମା ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କିତ ସମସ୍ତ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ବୁଝାବଣା ପତ୍ର ସ୍ୱାକ୍ଷର କରାଯାଇଥିବା ଉଭୟ ପକ୍ଷରୁ କହାଯାଇଛି।

## ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୪।୩

ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ଆକ୍ସିସ ଏସ୍ ଆଣ୍ଡ ପି ୫୦୦ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଏକ ଅସୀମିତ ଲକ୍ଷ୍ୟ ପାଣ୍ଠି, ଯାହା ଟ୍ରାକିଂ ତ୍ରୁଟି ଅଧୀନ ଏସ୍‌ଆଣ୍ଡପି ୫୦୦ ଟିଆର୍‌ଆଇର ନକଲ କରୁଥିବା ଏକ୍ସଚେଞ୍ଜ ଟ୍ରେଡ୍ ହୋଇଥିବା ପାଣ୍ଠିରେ ନିବେଶ କରିଥାଏ। ଏହି ଏନ୍‌ଏଫ୍‌ଓ ଚଳିତ ବର୍ଷ ମାର୍ଚ୍ଚ ୨୨ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ସବ୍‌ସ୍କ୍ରିପ୍ସନ ପାଇଁ ଖୋଲା ରହିବ। ଏ ସମ୍ପର୍କରେ ଆକ୍ସିସ ଏମ୍‌ସିର ଏମ୍‌ଡି ଏବଂ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ଖୁବ୍‌ଶୀଘ୍ର ଭାରତରେ ନିଷ୍କ୍ରିୟ ରଣନୀତିରେ ନିବେଶର ବିଭିନ୍ନ ମାଧ୍ୟମରେ ଇଟିଏଫ୍ ଲୋକପ୍ରିୟ ହେବାକୁ ଯାଉଛି। ଭାରତରେ ଏକ ଦୀର୍ଘ ନିବେଶ ଦିଗବଳୟ ଥିବା ଏବଂ ବୈଶ୍ୱିକ ଦୃଷ୍ଟିକୋଣରୁ ସେମାନଙ୍କର ପୋର୍ଟଫୋଲିଓକୁ ବିବିଧୀକରଣ କରିବାକୁ ଚାହୁଁଥିବା ନିବେଶକମାନଙ୍କ ପାଇଁ ଫଣ୍ଡ ଅଫ୍ ଫଣ୍ଡକୁ ଏକ ଆକର୍ଷଣୀୟ ପ୍ରବେଶ ବିନ୍ଦୁ ଭାବେ ବିବେଚନା କରାଯାଇପାରେ ବୋଲି ସେ ମତପ୍ରକାଶ କରିଛନ୍ତି।

## ସୁଲଭ ମୂଲ୍ୟରେ କିଡ୍‌ନୀ ସର୍ଜରି



ଭୁବନେଶ୍ୱର,୨୪।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ କେୟାର ହସ୍ପିଟାଲରେ କିଡ୍‌ନୀ ପ୍ରତିରୋପଣ ସର୍ଜରି ଆରମ୍ଭ ହୋଇଯାଇଛି। ବିଶେଷକରି ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଅତ୍ୟାଧୁନିକ ପଦ୍ଧତି ଓ ସୁଲଭ ମୂଲ୍ୟରେ କିଡ୍‌ନୀ ପ୍ରତିରୋପଣ କରାଯାଉଛି। ଏପରିକି ଚଳିତ ମାସଠାରୁ ଆରମ୍ଭ ହୋଇଥିବା କିଡ୍‌ନୀ ପ୍ରତିରୋପଣ ସର୍ଜରିରେ ବର୍ତ୍ତମାନ ସୁଦ୍ଧା ୩ ଜଣ ଗୁରୁତର ରୋଗୀଙ୍କ ସଫଳତାର ସହ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ବର୍ତ୍ତମାନ ସେମାନେ ପୂର୍ବଭଳି ଏକ ସାଧାରଣ ଜୀବନ ଅତିବାହିତ କରୁଛନ୍ତି। ଉଲ୍ଲେଖଯୋଗ୍ୟ, କେୟାର ହସ୍ପିଟାଲର ଡା. ବିବେକାନନ୍ଦ ପଣ୍ଡା, ଡା. ଅଶୋକ ପଣ୍ଡା, ଡା. ପି.ଭାମ୍‌ସି କ୍ରିଷ୍ଣା, ଡା. ପ୍ରସାଦ ରାଜୁଙ୍କ ସମେତ ଆନାସ୍ଥେସିଓଲୋଜି ବିଭାଗର ଡା. ରିତେଶ ରାୟ, ଡା. ଗୌରବ ଅଗ୍ରୱାଲ ଏବଂ ଡା. ଅଙ୍କିତା ମୋହତାଙ୍କ ସହଯୋଗରେ ଉକ୍ତ କିଡ୍‌ନୀ ପ୍ରତିରୋପଣ ସଫଳତାର ସହିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କେୟାର ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଅପରପକ୍ଷରେ କେୟାର ହସ୍ପିଟାଲର ଏଚ୍‌ସିଓଓ କିଶଲେ ଆନନ୍ଦ କହିଥିଲେ, ଉନ୍ନତ ମାନର ଚିକିତ୍ସା ପାଇଁ କେବଳ ଓଡ଼ିଶାରେ ନୁହେଁ ପୂର୍ବ ଭାରତରେ ମଧ୍ୟ କେୟାର ହସ୍ପିଟାଲର ଏକ ସ୍ୱତନ୍ତ୍ର ପରିଚୟ ରହିଛି।

## କିମ୍‌ସରେ ଯକ୍ଷ୍ମା ଚିକିତ୍ସା ଉପଲବ୍ଧ

ଭୁବନେଶ୍ୱର,୨୪।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍(କିମ୍ସ)ର ସହଯୋଗୀ ପ୍ରତିଷ୍ଠାନ କିମ୍ସ ସୁପର ସ୍ପେଶାଲିଟି (କେସିସି)ରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କିମ୍ସର ଅସ୍ଥିଶଲ୍ୟ ଏବଂ ସ୍ନାୟୁ ବିଶେଷଜ୍ଞ ତଥା ଓଡ଼ିଶା ସ୍ପାଇନ୍ ସୋସାଇଟିର ସମ୍ପାଦକ ଡା. ଜିତେନ୍ଦ୍ର କୁମାର ରାଉତ କହିଛନ୍ତି, ଯକ୍ଷ୍ମାର ବିଭିନ୍ନ ଚିକିତ୍ସା ସମେତ ଉନ୍ନତ ମେରୁଦଣ୍ଡ ଅସ୍ତ୍ରୋପଚାର କିମ୍ସରେ ସମ୍ଭବ ହୋଇପାରୁଛି। ବିଶେଷକରି ହାଡ଼ଜନିତ ଏବଂ ସ୍ନାୟୁଗତ ରୋଗକୁ ନେଇ ସମସ୍ୟା ଭୋଗୁଥିବା ରୋଗୀମାନଙ୍କ ଚିକିତ୍ସା ପାଇଁ କେସିସି ସର୍ବଦା ପ୍ରସ୍ତୁତ ରହିଛି। ମେରୁଦଣ୍ଡ ଯକ୍ଷ୍ମାରୋଗୀର ହାଡ଼କୁ ପ୍ରଭାବିତ କରିଥାଏ। ଏପରିକି ରୋଗୀମାନେ ମେରୁଦଣ୍ଡ ଏବଂ ପିଠିରେ ଯନ୍ତ୍ରଣା ଅନୁଭବ କରିଥାନ୍ତି। ଫଳରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ମେରୁଦଣ୍ଡ ଯକ୍ଷ୍ମାରୋଗୀଙ୍କ ଚିକିତ୍ସା ଆଣ୍ଟି-ଟିବି-ଥେରାପି (ଏଟିଟି) କିମ୍ବା ଅସ୍ତ୍ରୋପଚାର ଦ୍ୱାରା ସମ୍ଭବ ହୋଇଥାଏ। ସେହିଭଳି କେସିସିରେ ଉପରୋକ୍ତ ରୋଗ ଚିକିତ୍ସା ପାଇଁ ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି ବୋଲି ରାଉତ ମତପ୍ରକାଶ କରିଛନ୍ତି। ସେହିପରି ଓଡ଼ିଶା ଲୋକଙ୍କ ମଧ୍ୟରେ ମେରୁଦଣ୍ଡ ଯକ୍ଷ୍ମାରୋଗ ସମ୍ପର୍କରେ ବ୍ୟାପକ ସଚେତନତା ବୃଦ୍ଧି ପାଇବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଶେଷ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକ୍ରମେ କେସିସିରେ ବିରଳ ରୋଗର ସଫଳ ଚିକିତ୍ସା କରାଯାଇପାରୁଛି। ଆଜି ବି ଆମ ଦେଶରେ ପ୍ରତିବର୍ଷ ଯକ୍ଷ୍ମା ରୋଗରେ ବହୁ ଲୋକଙ୍କ ପ୍ରାଣହାନି ଘଟୁଛି। ଏହା ଏକ ସଂକ୍ରାମକ ରୋଗ ଏବଂ ଏହା ମାଇକୋବ୍ୟାକ୍ଟେରିଅମ୍ ଟ୍ୟୁବେରକୁଲୋସିସ୍ ନାମକ ଏକ ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ ବୋଲି ରାଉତ ମତବ୍ୟକ୍ତ କରିଛନ୍ତି।

## 'କୋହେନ୍ ଏରୋ-ସ୍ପେସ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ'

ଭୁବନେଶ୍ୱର,୨୪।୩




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ କୋହେନ୍ ଇଣ୍ଟରନ୍ୟାଶନାଲ ସ୍କୁଲ (ସିଆଇଏସ୍) ପକ୍ଷରୁ 'କୋହେନ୍ ଏରୋ-ସ୍ପେସ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ସିଆଇଏସ୍‌ର ଛାତ୍ରୀଛାତ୍ରୀମାନଙ୍କ ଲାଗି ୨୦୨୩-୨୪ ଶିକ୍ଷାବର୍ଷରୁ ଓଡ଼ିଶାର ପ୍ରଥମ 'ଏରୋ ସ୍ପେସ୍ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ'ର ମଧ୍ୟ ଶୁଭାରମ୍ଭ ହୋଇଛି। ବିଶେଷକରି ଏରୋ ସ୍ପେସ୍ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷଣୀୟ ଅନୁଭବ ପ୍ରଦାନ କରିବା ଲାଗି ସ୍କୁଲ୍ ପରିସରରେ 'କୋହେନ୍ ଏରୋ-ସ୍ପେସ୍ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଇଛି। ସେହିଭଳି ଛାତ୍ରୀଛାତ୍ରମାନଙ୍କୁ ଏରୋ-ସ୍ପେସ୍‌ର ବିଭିନ୍ନ ଦିଗକୁ ବ୍ୟାପକ ଭାବେ ବୁଝାଇବା ଲାଗି ଏରୋ ସ୍ପେସ୍ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି। କୋହେନ୍ ଏରୋ ସ୍ପେସ୍ ଉତ୍କର୍ଷ କେନ୍ଦ୍ର ଏରୋସ୍ପେସ୍ ଶିକ୍ଷା ଓ ଗବେଷଣା ଲାଗି ଏକ ହବ୍ ଭାବେ କାର୍ଯ୍ୟ କରିବ। ଏ ସମ୍ପର୍କରେ ସିଆଇଏସ୍‌ର ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ତ୍ରିପାଠୀ କହିଛନ୍ତି, ଓଡ଼ିଶାର ପ୍ରଥମ ଏରୋ ସ୍ପେସ୍ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମର ଶୁଭାରମ୍ଭ ସହ କୋହେନ୍ ଏରୋ ସ୍ପେସ୍ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଉଲ୍ଲେଖଯୋଗ୍ୟ, ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ, କଳା ଓ ଗଣିତକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଆମେ ପ୍ରଥମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଥମ ଧରଣର ଏରୋ ସ୍ପେସ୍ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମର ଶୁଭାରମ୍ଭ କରୁଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଇଁ ୧୧୦୦ବର୍ଗଫୁଟରେ ସ୍ଥାପନ କରାଯାଇଥିବା ହାଇ-ଟେକ୍ ଲାବ୍ କୋହେନ୍‌ଏରୋସ୍ପେସ୍‌ଉତ୍କର୍ଷକେନ୍ଦ୍ରସ୍ଥାପନ କରିଛୁ। ସୂଚନାଯୋଗ୍ୟ, ଓଇଆର୍‌ସିର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର ଏହି ଅତ୍ୟାଧୁନିକ ଉତ୍କର୍ଷ କେନ୍ଦ୍ରକୁ ୨୦୨୩ ମାର୍ଚ୍ଚ ୨୬ରେ ଉଦ୍‌ଘାଟନ କରିବେ।

## ଜେସିଏ ଜରିଆରେ ମହିଳାମାନେ ଆତ୍ମନିର୍ଭରଶୀଳ

ଭୁବନେଶ୍ୱର,୨୪।୩

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଜିଓ ପକ୍ଷରୁ ନିକଟରେ ଏକ ଅଭିନବ କାର୍ଯ୍ୟକ୍ରମ ଜିଓ କଷ୍ଟମର ଆସୋସିଏଟ୍(ଜେସିଏ) ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ବିଶେଷକରି ଭାରତୀୟ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଲାଗି ଜିଓ ପକ୍ଷରୁ ଏଭଳି ଏକ ଅଭିନବ ପଦକ୍ଷେପ ହାତକୁ ନିଆଯାଇଛି। ଏପରିକି ମହିଳାମାନଙ୍କୁ ସଶକ୍ତ କରାଇବା ସହିତ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବା ପାଇଁ ଓଡ଼ିଶା ସମେତ ସାରା ଦେଶରେ ଅତ୍ୟନ୍ତ ଉତ୍ସାହର ସହ କମ୍ପାନୀ ଉକ୍ତ ନୂଆ କାର୍ଯ୍ୟକ୍ରମ ଚଳାଇଛି। ସେହିଭଳି ଘରେ ରହି କାର୍ଯ୍ୟ କରିବାର ସୁବିଧା ଏବଂ ଅର୍ଥ ଉପାର୍ଜନର ବଳିଷ୍ଠ ସୁଯୋଗ ବର୍ତ୍ତମାନ ସବୁ ବର୍ଗର ମହିଳାମାନଙ୍କୁ ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୨୫୦୦ରୁ ଅଧିକ ମହିଳା ଜେସିଏ ଭାବେ ଓଡ଼ିଶାରେ କାର୍ଯ୍ୟ କରୁଛନ୍ତି। ବିଶେଷକରି ଛାତ୍ରୀ, ଆତ୍ମନିଯୁକ୍ତ ଯୁବତୀ, ଗୃହିଣୀ, କ୍ଷୁଦ୍ର ବ୍ୟବସାୟଙ୍କ ସମେତ ଭିନ୍ନ ଭିନ୍ନ ପୃଷ୍ଠଭୂମିର ମହିଳାମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଡ଼ିହୋଇ ଜିଓ ଗ୍ରାହକମାନଙ୍କୁ ସହାୟତା କରୁଛନ୍ତି। ସେହିପରି ନିରନ୍ତର ତାଲିମ, ଦକ୍ଷତା ବିକାଶ ଏବଂ ଡିଜିଟାଲ ଉପକରଣ ଜରିଆରେ ଜେସିଏମାନେ ଗ୍ରାହକମାନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି। ଏପରିକି ଫୋନ୍ ରିଚାର୍ଜ କରିବା, ଅନ୍‌ଲାଇନ ଦେୟ ପ୍ରଦାନ ସହିତ ଗ୍ରାହକଙ୍କୁ ଅଭ୍ୟସ୍ତ କରାଇବା, ସମ୍ଭାବ୍ୟ ଗ୍ରାହକଙ୍କୁ କ୍ରୟ ନିଷ୍ପତ୍ତି ନେବା ଆଦିର ସହଯୋଗ କରିବା କ୍ଷେତ୍ରରେ ଜେସିଏମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ବିଶେଷକରି ଗ୍ରାହକଙ୍କୁ ସେବା ପ୍ରଦାନ ସମୟରେ ସେମାନଙ୍କୁ କିଭଳି ବ୍ୟବହାର ପ୍ରଦାନ କରାଯିବ, ତାହା ଡିଜିଟାଲ ଜରିଆରେ ଶିଖିବା ସହ କାର୍ଯ୍ୟ କରିବା ସମୟରେ ବ୍ୟବହାର କରୁଛନ୍ତି।

## ଫୁର୍‌ସତ



ଅମିତାଭ ବଚ୍ଚନ

## 'ଓକେ'କୁ ନେଇ ବିଗ୍ ବି'ଙ୍କ ମତାମତ

**ମୁମ୍ବାଇ:** ବଲିଉଡ୍‌ର ବିଗ୍ ବି' ଭାବେ ପରିଚିତ ଅମିତାଭ ବଚ୍ଚନ ସର୍ବଦା ସୋସିଆଲ ମିଡିଆରେ ସକ୍ରିୟ ରହିଥାନ୍ତି। ତେବେ ନିକଟରେ ସେ ଟୁଇଟରରେ 'ଓକେ'କୁ ନେଇ ଏକ ପୋଷ୍ଟ କରିଛନ୍ତି। ସେଥିରେ ସେ ଲେଖିଛନ୍ତି, ମାର୍ଚ୍ଚ ୨୩ରେ 'ଓକେ' ଶବ୍ଦକୁ ୧୮୪ ବର୍ଷ ପୂରୁଛି। 'ଓକେ' ଶବ୍ଦକୁ ପ୍ରଥମ କରି ୧୮୩୯ ମସିହାରେ ବୋଷ୍ଟନ ମର୍ନିଂ ପୋଷ୍ଟରେ ବ୍ୟବହାର କରାଯାଇଥିଲା। ସେତେବେଳେ 'ଅଲ୍ କରେକ୍ଟ' ଶବ୍ଦକୁ ସଂକ୍ଷିପ୍ତ କରିବାକୁ 'ଓକେ' ଶବ୍ଦର ବ୍ୟବହାର କରାଯାଇଥିଲା। ବିଗ୍ ବି'ଙ୍କ ଏପରି ଟୁଇଟ୍‌ରେ ପ୍ରଶଂସକ ବିଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି। ବିଗ୍ ବି 'ଓକେ' ଶବ୍ଦ ବାବଦରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିବାରୁ ତାଙ୍କୁ ପ୍ରଶଂସକ ଧନ୍ୟବାଦ ଦେଇଛନ୍ତି। ତେବେ ନିକଟରେ ହାଇଦ୍ରାବାଦରେ 'ପ୍ରୋଜେକ୍ଟ-କେ'ର ଶୁଟିଂ ସମୟରେ ବିଗ୍ ବି'ଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ସେ ସେଠାରେ ଶୁଟିଂ ବନ୍ଦ କରି ମୁମ୍ବାଇ ଫେରିଥିଲେ। ଏବେ ତାଙ୍କ ଗୋଡ଼ର ଚିକିତ୍ସା ଚାଲିଥିବାବେଳେ ସେ ପାଦରେ ଯନ୍ତ୍ରଣା ଅନୁଭବ କରୁଥିବା କହିଛନ୍ତି। ପ୍ରଶଂସକ ତାଙ୍କର ଏହି ଟୁଇଟରେ ତାଙ୍କ ମଙ୍ଗଳ କାମନା କରିଛନ୍ତି।

## ବିଦ୍ୟୁତ୍ ଶକ୍ତି ସଂରକ୍ଷଣ ଅପରିହାର୍ଯ୍ୟ

ପ୍ରତିବର୍ଷ ମାର୍ଚ୍ଚ ମାସର ଶେଷ ଶନିବାରକୁ ଆର୍ଥ ଆୱାର ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ମାର୍ଚ୍ଚ ୨୫ରେ ପଡୁଛି। ତେଣୁ ଶନିବାର ରାତି ସାଢ଼େ ୮ରୁ ସାଢ଼େ ୯ଟା ପର୍ଯ୍ୟନ୍ତ ସମସ୍ତ ଅଦରକାରୀ ବିଦ୍ୟୁତ୍ ଆଲୋକ ବନ୍ଦ କରାଯିବ। ବିଦ୍ୟୁତ୍ ଶକ୍ତି ସଂରକ୍ଷଣ କରିବା ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୨୦୦୭ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ପ୍ରଥମେ ୨୦୦୭ ମାର୍ଚ୍ଚ ୩୧ରେ ଅଷ୍ଟ୍ରେଲିଆର ସିଡ୍‌ନୀରେ ଆୟୋଜିତ ହୋଇଥିଲା। ୨୦୦୯ରେ ପୃଥିବୀର ୫୮ ସହରର ୫୦ ଲକ୍ଷରୁ ଅଧିକ ଲୋକ ଏଥିରେ ଅଂଶଗ୍ରହଣ କରି ରାତିରେ ଘଣ୍ଟାଏ ପାଇଁ ବିଦ୍ୟୁତ୍ ଆଲୋକ ବନ୍ଦ କରିଥିଲେ। ୨୦୧୦ରେ ୧୫୮ ସହରକୁ ଏହି ଅଭିଯାନରେ ସାମିଲ କରାଯାଇଥିଲା। ୨୦୧୮ରେ ଏହାଦ୍ୱାରା ଘଣ୍ଟାଏ ମଧ୍ୟରେ ୩୦୫ ମେଗାୱାଟ ବିଦ୍ୟୁତ୍ ଶକ୍ତି ସଞ୍ଚୟ ହୋଇଥିଲା। ୨୦୨୦ରେ ୭୯ ମେଗାୱାଟ୍ ଶକ୍ତି ଘଣ୍ଟାଏ ମଧ୍ୟରେ ସଂରକ୍ଷଣ କରାଯାଇଥିଲା। ଚଳିତ ବର୍ଷ ପୃଥିବୀର ୧୮୦ରୁ ଅଧିକ ଦେଶ ଏହି ଅଭିଯାନରେ ସାମିଲ ହେବେ।

ଆର୍ଥ ଆୱାର ଦିବସ



## ଗୁଗଲ ଡୁଡଲରେ କିଟିଙ୍କୁ ଶ୍ରଦ୍ଧାଞ୍ଜଳି




**ନୂଆଦିଲ୍ଲୀ:** ଗୁଗଲ ଶୁକ୍ରବାର ତା' ଡୁଡଲ ମାଧ୍ୟମରେ ଆମେରିକାର ଷ୍ଟଣ୍ଟ ଓମ୍ୟାନ୍ କିଟି ଓନେଇଲଙ୍କ ୭୭ତମ ଜନ୍ମବାର୍ଷିକୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି। ସେ ଆମେରିକାର ଟେକ୍ସାସ୍ ସହରରେ ୧୯୪୬ ମାର୍ଚ୍ଚ ୨୪ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୫ ମାସ ହୋଇଥିବାବେଳେ ସେ ଶ୍ରବଣଶକ୍ତି ହରାଇଥିଲେ। ହେଲେ ମଧ୍ୟ ସେ ଭିନ୍ନ ଉପାୟରେ ଲୋକଙ୍କ ସହ ଯୋଡ଼ିହେବାକୁ ସର୍ବଦା ପ୍ରୟାସ କରୁଥିଲେ। ଛୋଟବେଳୁ ତାଙ୍କର ବିଭିନ୍ନ ପ୍ରକାର ରେସ୍‌ରେ ରୁଚି ରହିଥିଲା। ୧୯୬୪ ଅଲିମ୍ପିକ ପାଇଁ ୧୯୬୨ ମସିହାରୁ ସେ ଟ୍ରେନିଂ ନେବା ଆରମ୍ଭ କରିଥିଲେ। ସେ ରେସିଂ କାର୍ ଚଳାଇବା ସହ ଉଚ୍ଚ ସ୍ଥାନରୁ ଡେଇଁବା ତାଙ୍କୁ ବେଶ୍ ପସନ୍ଦ ଥିଲା। ରାସ୍ତାରେ କୌଣସି ବାଇକ୍ କିମ୍ବା କାର୍‌କୁ କାଟି ବହୁତ ସ୍ପିଡ୍‌ରେ ଆଗକୁ ଯିବା ତାଙ୍କ ବାମ ହାତର କାମ ଥିଲା। ୧୯୬୫ ମସିହା ପରେ ତାଙ୍କର ରେସିଂରୁ ଆଗ୍ରହ କମିଯାଇଥିଲା। ସେ ସ୍କୁବା ଡାଇଭିଂ, ସ୍କାଏ ଡାଇଭିଂ, ୱାଟର ..... ଏବଂ ହ୍ୟାଣ୍ଡ ଗ୍ଲିଡିଂ ଆଦିରେ ମନ ବଳାଇଥିଲେ। ଯୁବାବସ୍ଥାରେ କ୍ୟାନ୍ସର ପାଇଁ ତାଙ୍କୁ ୨ଟି ଚିକିତ୍ସା କରାଇବାକୁ ପଡିଥିଲା। ସେ ତାଙ୍କ ଜୀବନକାଳ ମଧ୍ୟରେ ରାସ୍ତା ଏବଂ ପାଣିରେ ୨୨ଟି ରେକର୍ଡ କରିଛନ୍ତି। ୨୦୧୮ ନଭେମ୍ବର ୨ରେ ୭୨ ବର୍ଷ ବୟସରେ ୟୁରେକାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ହଲିଉଡ୍‌ର ପ୍ରଥମ ଷ୍ଟଣ୍ଟମ୍ୟାନ୍ ଏବଂ ଦୁନିଆର ସବୁଠାରୁ ଦ୍ରୁତତମ ମହିଳା ଭାବେ ପରିଚିତ।

## ୫୦ ବର୍ଷ ପରେ ସଫଳ ହେଲା ପ୍ରେମ



**ନ୍ୟୁୟର୍କ:** ଦୁଇ ପ୍ରେମ ପକ୍ଷୀଙ୍କ ପାଇଁ ପରିବାରର ବାରଣ ବହୁତ ଦୁଃଖ ଦେଇଥାଏ। ଏଥିରେ ବେଳେବେଳେ ପ୍ରେମୀଯୁଗଳ ଅଲଗା ହୁଅନ୍ତି। ଅନ୍ୟପକ୍ଷରେ ସେମାନେ ପରିବାର ବିରୋଧରେ ଯାଇ ଏକାଠି ହୋଇଥାନ୍ତି। ଏଠାରେ ଏମିତି ଏକ ପ୍ରେମ କାହାଣୀ ଜଣାପଡିଛି, ଯେଉଁଥିରେ ପରିବାରର ବାରଣ ପାଇଁ ଦୁହେଁ ଅଲଗା ହୋଇ ଭିନ୍ନ ଜଣଙ୍କୁ ବିବାହ କରିଛନ୍ତି। ହେଲେ ସେମାନେ ଏବେ ସ୍ୱାମୀ-ସ୍ତ୍ରୀ। ରିପୋର୍ଟ ମୁତାବକ, ୭୯ ବର୍ଷୀୟ ଲେନ୍ ଆଲବ୍ରାଇଟନ୍ ଏବଂ ୭୮ ବର୍ଷୀୟା ଜେନେଟ୍ ଷ୍ଟିୟର୍ ପ୍ରଥମ ଥର ପାଇଁ ୧୯୬୩ରେ ଦେଖା ହୋଇଥିଲେ। ସେ ସମୟରେ ଦୁହେଁ ଇଂଲଣ୍ଡର ଏକ ହସ୍ପିଟାଲରେ ନର୍ସିଂ ଟ୍ରେନିଂ ନେଉଥିଲେ। ପ୍ରଥମ ନଜରରେ ହିଁ ଦୁହିଁଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହୋଇଯାଇଥିଲା। ଏହାର କିଛି ମାସ ମଧ୍ୟରେ ଲେନ୍ ଜେନେଟ୍‌ଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ଜେନେଟ୍ ଏଥିରେ ରାଜି ହୋଇଥିଲେ ମଧ୍ୟ ତାଙ୍କ ଘର ଲୋକ ଏଥିରେ ରାଜି ନ ଥିଲେ। ଲେନ୍ ବିବାହ ପ୍ରସ୍ତୁତି ପାଇଁ ଅଷ୍ଟ୍ରେଲିଆ ଯାଇ ସେଠାରେ ଜାଗା କିଣି ଘର କରିଥିଲେ। ହେଲେ ଜେନେଟ୍‌ଙ୍କ ଘର ଲୋକଙ୍କ ପାଇଁ ସେ ଲେନ୍‌ଙ୍କ ସହ ବିବାହ ଭାଙ୍ଗିଦେଇଥିଲେ। ପରେ ଲେନ୍ ଅଷ୍ଟ୍ରେଲିଆରେ ଅନ୍ୟ ଏକ ଝିଅଙ୍କୁ ବିବାହ କରିଥିଲେ। ଜେନେଟ୍ ମଧ୍ୟ ଅନ୍ୟ ଜଣଙ୍କୁ ବିବାହ କରିଥିଲେ। ୫୨ ବର୍ଷ ବୟସରେ ଲେନ୍ ତାଙ୍କ ପ୍ରେମ ପାଇଁ ତାଙ୍କ ସ୍ତ୍ରୀଙ୍କୁ ଛାଡପତ୍ର ଦେଇ ଇଂଲଣ୍ଡ ଚାଲିଆସିଥିଲେ। ଜେନେଟ୍‌ଙ୍କ ଠିକଣା ବୁଝି ଲେନ୍ ତାଙ୍କୁ ଦେଖାକରିବାକୁ ଘରେ ପହଞ୍ଚିଥିଲେ। ହେଲେ ଜେନେଟ୍ ତାଙ୍କୁ ଜାଣି ନ ପାରି ସେଠାରେ ଫେରାଇ ଦେଇଥିଲେ। ଏହାର ୨ ବର୍ଷ ପରେ ଜେନେଟ୍‌ଙ୍କ ସ୍ୱାମୀଙ୍କ କ୍ୟାନ୍ସରରେ ମୃତ୍ୟୁ ହେଲା। ତା' ପର ଖ୍ରୀଷ୍ଟମାସରେ ଲେନ୍ ଜେନେଟଙ୍କ ପାଖକୁ ଖ୍ରୀଷ୍ଟମାସ୍ କାର୍ଡ ପଠାଇଥିଲେ। ଏହାପରେ ଯାଇ ଦୁହିଁଙ୍କ ସମ୍ପର୍କ ପୁଣି ଯୋଡି ହୋଇପାରିଲା। ଦୁହେଁ ଏବେ ବିବାହ କରି ଖୁସିରେ ଥିବା କହିଛନ୍ତି।

## ବୃଦ୍ଧଙ୍କ ବାଇକ୍ ଷ୍ଟଣ୍ଟ



ନୂଆଦିଲ୍ଲୀ: ଛୋଟ ଥିବାବେଳେ ଆମକୁ କୌଣସି ଜିନିଷର ଚିନ୍ତା କି ଭୟ ନ ଥାଏ। ଏପରିକି ନୂଆ ଗାଡ଼ି ଶିଖିବା ସମୟରେ ବିଭିନ୍ନ ପ୍ରକାର ଷ୍ଟଣ୍ଟ ଦେଖାଇବାକୁ ଭୁଲି ନ ଥାଉ। ହେଲେ ଏଠାରେ ଜଣେ ବୃଦ୍ଧ ତାଙ୍କ ବୟସକୁ ଖାତିର ନ କରି ଷ୍ଟଣ୍ଟ ଦେଖାଇବାରେ ଲାଗିଛନ୍ତି। ସୋସିଆଲ ମିଡିଆରେ ତାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ବୃଦ୍ଧଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୋଲି ଜଣାପଡୁଛି। ସେ ବାଇକ୍ ଚଲାଇବା ସମୟରେ ନିର୍ଭୟରେ ଷ୍ଟଣ୍ଟ କରୁଥିବା ନଜରକୁ ଆସିଛନ୍ତି। ସେ ବାଇକ୍ ଆକ୍ସିଲରେଟରରୁ ଦୁଇ ହାତ ଛାଡି ପଛକୁ ଶୋଇ ତାଙ୍କ କର୍ତ୍ତୃତ୍ୱ ଦେଖାଉଛନ୍ତି। ଏଥିସହ ସେ ବାଇକ୍ ଉପରେ ବାର୍‌ବାର୍ ବସିକି ଡେଉଁଥିବା ନଜରକୁ ଆସିଛନ୍ତି। ଏହି ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ର ଜଣେ ୟୁଜର୍ସ ଶୁଟ କରି ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଛାଡିଛନ୍ତି। ଏହା ଦେଖି ଲୋକେ ସେହି ବୃଦ୍ଧଙ୍କ ପ୍ରଶଂସା କରିଛନ୍ତି। ବୟସ ବଢିବା ସହ ଶରୀରର ଶକ୍ତି ଧୀରେ ଧୀରେ ହ୍ରାସ ପାଇଥାଏ। ତେବେ ବୃଦ୍ଧଙ୍କ ଫିଟ୍‌ନେସ୍ ଏବଂ ତାଙ୍କ ସାହସିକତା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ହେଲେ ଏହି ଭିଡିଓଟି କେଉଁଠାର ତାହା ଜଣାପଡି ନାହିଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଳିଙ୍ଗରେ ହକି ସମରକ୍ୟାମ୍ପ



କଳିଙ୍ଗ ଷ୍ଟାଡିୟମ୍‌ରେ ପିଲାମାନେ ଅଭ୍ୟାସ କରୁଛନ୍ତି।

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)**

ହକି ପ୍ରତି ଆଗ୍ରହ ରଖୁଥିବା କିମ୍ବା ଏହି ଖେଳକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନଙ୍କ ପାଇଁ ଏକ ଭଲ ଖବର। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟରର ମିଳିତ ଉଦ୍ୟମରେ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ପିଲାମାନଙ୍କ ପାଇଁ ସମର କ୍ୟାମ୍ପ ଆୟୋଜନ ହେବାକୁ ଯାଉଛି। କ୍ୟାମ୍ପ ଏପ୍ରିଲ ୩ରୁ ୨୨ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ ଅଭିଜ୍ଞ କୋଚ୍‌ମାନେ ଟ୍ରେନିଂ ଦେବେ। ୬ରୁ ୧୬ ବର୍ଷର ବାଳିକା ଓ ବାଳକମାନେ ଏହି କ୍ୟାମ୍ପରେ ପ୍ରଶିକ୍ଷଣ ନେଇପାରିବେ। ସକାଳ ୬ଟା ୩୦ରୁ ୮ଟା ଏବଂ ଅପରାହ୍ନ ୪ଟା ୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କ୍ୟାମ୍ପ ଚାଲିବ। ଏଥିପାଇଁ ଏଣ୍ଟ୍ରି ଫି' ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। କ୍ୟାମ୍ପରେ ହକି ସମ୍ପର୍କିତ ଜ୍ଞାନ ଦିଆଯିବା ସହିତ ପିଲାମାନଙ୍କ ଶାରୀରିକ ଦକ୍ଷତା ପ୍ରତି ମଧ୍ୟ ଧ୍ୟାନ ଦିଆଯିବ। ଏହି କ୍ରମରେ ସେମାନଙ୍କୁ ସୁଇମିଂ ଶିଖାଯିବା ସହ ମେଣ୍ଟାଲ ଟ୍ରେନିଂ, ଷ୍ଟ୍ରେନ୍ଥ ଓ କଣ୍ଡିଶନିଂ ଏବଂ ଖାଦ୍ୟ ଓ ପାନୀୟ ସମ୍ପର୍କରେ ମଧ୍ୟ ଶିକ୍ଷା ଦିଆଯିବ। ସୁଇମିଂ ଦ୍ୱାରା ପିଲାମାନଙ୍କ ସହନଶକ୍ତି ବଢ଼ିବା ସହ ଓଭରଅଲ୍ ଫିଟ୍‌ନେସ ସ୍ତରରେ ଉନ୍ନତି ଆସିବ। ମେଣ୍ଟାଲ ଟ୍ରେନିଂ ଦ୍ୱାରା ଉଚ୍ଚସ୍ତରରେ କିପରି ସଫଳତା ହାସଲ କରିହେବ ତା' ଉପରେ ଫୋକସ କରାଯିବ। ଷ୍ଟ୍ରେନ୍ଥ ଓ କଣ୍ଡିଶନିଂ ସେସନ ପିଲାମାନଙ୍କର ଶାରୀରିକ ଦକ୍ଷତା ଏବଂ ସ୍ପିଡ୍ ବଢ଼ାଇବାରେ ସହାୟକ ହେବ। ନ୍ୟୁଟ୍ରିଶନ ସେସନରେ ଉନ୍ନତ ପ୍ରଦର୍ଶନ ପାଇଁ କେଉଁ ଖାଦ୍ୟ ଓ ପାନୀୟ ଆବଶ୍ୟକ ତାହା ଶିକ୍ଷା ଦିଆଯିବ।

# ନେଦରଲାଣ୍ଡକୁ ୧ ରନରେ ହରାଇଲା ଜିମ୍ବାୱେ

**ହରାରେ, ୨୪।୩ (ଏପି)**

ନେଦରଲାଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ଜିମ୍ବାୱେ ଅନ୍ତିମ ବଲ୍‌ରେ ୧ରନରେ ଜିତିନେଇଛି। ଏଥିସହିତ ଦଳର ସିରିଜ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଛି। ହରାରେ ସ୍ପୋର୍ଟ୍ସ କ୍ଲବଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ୪୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୭୧ ରନ କରିଥିଲା। ଦଳ ପକ୍ଷରୁ ସିନ୍ ୱିଲିୟମ୍ସ ୭୭, କ୍ଲାଇଭ୍ ମଣ୍ଡାଡେ ୫୨, ୱେସ୍‌ଲି ମାଧେଭିରେ ୪୩ ରନ କରିଥିଲେ। ନେଦରଲାଣ୍ଡ ତରଫରୁ ସବୁଠାରୁ ସଫଳ ବୋଲର ସାରିଜ ଅହମଦ ୪୩ରନ ବିନିମୟରେ ୫ଉଇକେଟ ଅକ୍ତିଆର କରିଥିଲେ। ୨୭୨ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନେଦରଲାଣ୍ଡ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୨୭୦ ରନ କରିପାରିଥିଲା। ଦଳ ପକ୍ଷରୁ ମାକ୍ସ ଓଡୋଡ୍ ୮୧ ଓ ଟମ୍ କୁପର ୭୪ରନ କରିଥିଲେ। ଜିମ୍ବାୱେ ପକ୍ଷରୁ ସିକନ୍ଦର ରାଜା ୩ ଏବଂ ୱେସ୍‌ଲି ମାଧଭେରେ ହ୍ୟାଟ୍ରିକ ସହ ୩ ଉଇକେଟ ଅକ୍ତିଆର କରିଥିଲେ। ଦଳର ୩ଜଣ ବ୍ୟାଟର ରନଆଉଟ ହୋଇଥିଲେ। ହରାରେ ସ୍ପୋର୍ଟ୍ସ କ୍ଲବଠାରେ ଦୁଇ ଦଳ ମଧ୍ୟରେ ରୋମାଞ୍ଚକ ଭାବେ ଶେଷ ହୋଇଥିବା ଏହା ହେଉଛି ଆଉ ଏକ ମ୍ୟାଚ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ନେଦରଲାଣ୍ଡ ଗୋଟିଏ ବଲ୍ ବାକିଥାଇ ମ୍ୟାଚ ଜିତିଥିଲା।

# ରୋନାଲ୍‌ଡୋଙ୍କ ରେକର୍ଡ

**ଲିସ୍‌ବନ୍, ୨୪।୩(ଏପି)**



କ୍ରିଷ୍ଟିଆନୋ ରୋନାଲ୍‌ଡୋ ସବୁଠାରୁ ଅଧିକ ଅନ୍ତର୍ଜାତୀୟ ଫୁଟ୍‌ବଲ ମ୍ୟାଚ ଖେଳି ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗୁରୁବାର ସେ ପର୍ତ୍ତୁଗାଲର ଲିଚ୍‌ଟେନଷ୍ଟିନ୍ ବିପକ୍ଷ ୟୁରୋପିଆନ କ୍ୱାଲିଫାୟର ଖେଳିଥିଲେ। ଜାତୀୟ ଦଳ ତରଫରୁ ଏହା ଥିଲା ତାଙ୍କର ୧୯୭ତମ ମ୍ୟାଚ। ପୂର୍ବରୁ ୧୯୬ ଅନ୍ତର୍ଜାତୀୟ ମ୍ୟାଚ ସହ ରୋନାଲ୍‌ଡୋ କୁଏତ୍‌ର ବାଦର ଅଲ୍ ମୁତାୱାଙ୍କ ସହ ରେକର୍ଡ ସମକକ୍ଷ ଥିଲେ। ପୂର୍ବରୁ ୩୮ବର୍ଷୀୟ ରୋନାଲ୍‌ଡୋ ୨୦୨୧ରେ ସବୁଠାରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ୟୁରୋପୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ। ସ୍ପେନର ସର୍ଜିଓ ରାମୋସ (୧୮୦)ଙ୍କ ରେକର୍ଡକୁ ସେ ଅତିକ୍ରମ କରିଥିଲେ। ରୋନାଲ୍‌ଡୋ ଆହୁରି ମଧ୍ୟ ପୁରୁଷ ଫୁଟ୍‌ବଲରେ ସବୁଠାରୁ ଅଧିକ ୧୧୮ଗୋଲ୍ ସ୍କୋର କରିଛନ୍ତି। ଗତ କାତାର ବିଶ୍ୱକପ୍‌ରେ ପର୍ତ୍ତୁଗାଲ ତରଫରୁ ଆଶାନୁରୂପ ପ୍ରଦର୍ଶନ କରି ନ ପାରିବାରୁ ନକ୍‌ଆଉଟ ପର୍ଯ୍ୟାୟରେ ରୋନାଲ୍‌ଡୋଙ୍କୁ ବେଞ୍ଚରେ ବସିବାକୁ ହୋଇଥିଲା। ତାଙ୍କ ଦଳ ମରକ୍କୋଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେବା ସମୟରେ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ବିଶ୍ୱକପ୍ ପରେ ତାଙ୍କର ଜାତୀୟ ଦଳକୁ ଫେରିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ମାତ୍ର ରୋନାଲ୍‌ଡୋଙ୍କ ଉପରେ ପର୍ତ୍ତୁଗାଲ୍‌ର ନୂଆ କୋଚ୍ ରବର୍ଟୋ ମାର୍ଟିନେଜ ଭରସା ରଖିଛନ୍ତି। ୟୁରୋପିଆନ୍ ଚାମ୍ପିୟନଶିପ୍ ୨୦୨୪ ପାଇଁ ତାଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଛି।

# ରୁନିଙ୍କ ରେକର୍ଡ ଭାଙ୍ଗିଲେ କେନ୍

**ନାପଲ୍ସ (ଇଟାଲୀ), ୨୪।୩ (ଏପି):** ଇଂଲଣ୍ଡ ଜାତୀୟ ଦଳ ଫୁଟ୍‌ବଲ ତରଫରୁ ସବୁଠାରୁ ଅଧିକ ଗୋଲ୍ ସ୍କୋର କରିବାରେ ୱେନ ରୁନିଙ୍କ ନାମରେ ରହିଥିବା ରେକର୍ଡକୁ ହ୍ୟାରି କେନ୍ ଭାଙ୍ଗି ଦେଇଛନ୍ତି। ଗୁରୁବାର ଡିଏଗୋ ଆର୍ମାଣ୍ଡୋ ମାରାଡୋନା ଷ୍ଟାଡିୟମଠାରେ ଇଟାଲୀ ବିପକ୍ଷ ଏକ ୟୁରୋପିଆନ ଚାମ୍ପିୟନଶିପ୍ କ୍ୱାଲିଫାୟର୍ସର ପ୍ରଥମାର୍ଦ୍ଧ ଖେଳ ଶେଷରେ କେନ୍ ଏକ ପେନାଲ୍ଟି କିକ୍‌କୁ ଗୋଲରେ ରୂପାନ୍ତରିତ କରିଥିଲେ। ଜାତୀୟ ଦଳ ତରଫରୁ ଏହାଥିଲା ତାଙ୍କର ୫୪ତମ ଗୋଲ୍। ରୁନି ୨୦୧୫ରେ ଇଂଲଣ୍ଡ ତରଫରୁ ପଦାର୍ପଣ କରି ୨୦୦୩ରୁ ୨୦୧୮ ପର୍ଯ୍ୟନ୍ତ ଖେଳିଛନ୍ତି।

# ରୁଦ୍ରାଂଶ ଜିତିଲେ ବ୍ରୋଞ୍ଜ ପଦକ

**ଭୋପାଳ, ୨୪।୩ (ପି.ଟି.):** ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଆନୁକୂଲ୍ୟରେ ଏଠାରେ ଚାଲିଥିବା ଶୁଟିଂ ବିଶ୍ୱକପ୍‌ରେ ଭାରତର ରୁଦ୍ରାଂଶ ପାଟିଲ ୧୦ ମିଟର ଏୟାର ରାଇଫଲରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଟୁର୍ନାମେଣ୍ଟରେ ଏହା ହେଉଛି ତାଙ୍କର ଦ୍ୱିତୀୟ। ଅନ୍ୟପକ୍ଷରେ ଚାଇନା କ୍ରମାଗତ ଦ୍ୱିତୀୟ ଦିନ ଉଦ୍ଦିଷ୍ଟ ଉଭୟ ଦୁଇ ସ୍ୱର୍ଣ୍ଣ ହାସଲ କରି ଏହାର ସ୍ୱର୍ଣ୍ଣ ସଂଖ୍ୟା ବୃଦ୍ଧି କରିଛି। ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜେତା ଚାଇନାର ଶେଙ୍ଗ୍ ଲିହାଓ ପୁରୁଷ ୧୦ମିଟର ଏୟାର ରାଇଫଲ ଜିତିଥିବା ବେଳେ ଗତବର୍ଷ କାଇରୋ ବିଶ୍ୱ ଚାମ୍ପିୟନଶିପ୍‌ରେ ଡବଲ ସ୍ୱର୍ଣ୍ଣ ବିଜେତା ହୁଆଙ୍ଗ ୟୁଟିଙ୍ଗ୍ ମହିଳା ଇଭେଣ୍ଟ ଜିତିଛନ୍ତି। ପ୍ରତିଯୋଗିତାର ତୃତୀୟ ଦିବସ ସୁଦ୍ଧା ଚାଇନା ୫ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ପଦକ ତାଲିକା ଶୀର୍ଷରେ ରହିଛି। ଭାରତ ୩ ବ୍ରୋଞ୍ଜ ଏବଂ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ସହ ଦ୍ୱିତୀୟ ସ୍ଥାନରେ ରହିଛି।


# Classified Everyday
**0674-2580101, 2549949**



REAL ESTATE

**SALE**

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

ଜମି ବିକ୍ରିହେବ! Land available at Benupur (Hanspal, Bhubaneswar). Contact: 8249157161. D-73755

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ଭୁବନେଶ୍ୱର **BDA** ଏରିଆ ପିପିଲି ଟୋଲ୍‌ଗେଟ୍ ପାଖରେ ଅତିଶୀଘ୍ର ଘର କରିବା ପାଇଁ **30** ଫୁଟ୍ ରାସ୍ତା ପାଖରେ **1200** ବର୍ଗଫୁଟ୍ ଜାଗା ପାଚେରି ରେଜିଷ୍ଟ୍ରେସନ, ଘରବାରି, ପଟ୍ଟା ସହିତ ମାତ୍ର **15 ଲକ୍ଷ। For details: 9438220432, 8144658008.** D-3074

ପିପିଲି ଟାଉନ୍‌କୁ ଲାଗି immediate ଘର କଲାଭଳି plot boundary, electricity, road, plantation with ପଟ୍ଟା ଓ ସମସ୍ତ ଖର୍ଚ୍ଚ ସହିତ sqft.-950/-ରେ ମିଳୁଛି। 7749800648. D-3079

ଭୁବନେଶ୍ୱର ଏୟାରଫିଲ୍ଡ ଥାନାରୁ ୧୨ କି.ମି. ଦୂରରେ 1200sqft. ପ୍ଲଟ୍‌କୁ 6,84,000/-, 8,40,000/-ରେ କିଣି ଆଜି ଘର କରନ୍ତୁ। 9938016295. D-74833

**Immediate ଘରକରି ରହିବା ପାଇଁ ବାଲକାଟୀରେ sqft. 1100/-ରେ ଘରବାରି plot ମିଳୁଛି। 8114929186.** D-74660

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ : 9090778800. D-74528

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ମଧ୍ୟରେ **Sudhananda School front** ଭିଙ୍ଗାରପୁରଠାରେ **boundary, road,** ଇଲେକ୍ଟ୍ରିସିଟି ଥାଇ **sqft.-550/-**ରେ ତୁରନ୍ତ **registration** କରନ୍ତୁ। **9114121344.** D-74831

House for sale at GGP Colony 3Storied building (10nos of individual quarters). Contact: 7978141625. D-3080

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829. D-74834

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side,** ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। **9937450545.** D-74830



CONSTRUCTION

**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74664

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

"Only Professional body massage, Steam-Bath & Body Scrubbing. 9861550765". D-2985

All types body massage with hiprofile smart lady, room services available. 9937833100. D-71366

Newly open health benefits Spa special offer @999, Nayapalli, 7846814019. D-73694

Newly open health benefits SPA Special Offer@999 Sahidnagar. 8118028440. D-73695



FOR RENT

3BHK/ 2BHK/ 1BHK Independent house at Phase-1, Raghunath Nagar, Sisupalgada, Bhubaneswar. Contact: 9437356387, 9437496791. D-73756

3BHK (1300sqft.) house rent Rs.-15000/- p.m. (only Family) Pravakunj Apartment Santoshi Vihar, Laxmisagar, BBSR. Contact No.- 9338090621. D-3082

**ଅଧ୍ୟାପିକାଙ୍କ ଇତିହାସରେ ଡକ୍ଟରେଟ୍ ଲାଭ**



ସୋନପୁର ଜିଲ୍ଲାର ବୀରମହାରାଜପୁର ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ବନ୍ଦିତା ବିଶ୍ୱାଳ, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଇତିହାସରେ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ଡ. ବିଶ୍ୱାଳ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର Assistant Professor ଡ. ନିନା ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Terracotta Craft of Western Odisha: An Ethno-archaeological Study" ଶୀର୍ଷକ ସନ୍ଦର୍ଭ ଲେଖି ଏହି ସମ୍ମାନଜନକ ଉପାଧି ଲାଭ କରିଛନ୍ତି। ତାଙ୍କ ସନ୍ଦର୍ଭଟି Prof. S Rama Krishna Pisipaty, Geo-Archaeologist, SCSVMV, University of Kanchipuram, ଏବଂ Prof. P.D. Sabale, Dept. of AIHC & Archaeology, Deccan University, Puneଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ବନ୍ଦିତା ସୋନପୁର ଜିଲ୍ଲାର ବୀରମହାରାଜପୁର ବ୍ଲକ୍‌ର କର୍ଡାପାଲ ଗ୍ରାମ ନିବାସୀ ଶ୍ରୀଯୁକ୍ତ ଭିକାରୀ ଚରଣ ବିଶ୍ୱାଳ ଏବଂ ଶ୍ରୀମତୀ ପ୍ରମୋଦିନୀ ବିଶ୍ୱାଳଙ୍କ ସୁପୁତ୍ରୀ ଅଟନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ତତ୍ତ୍ୱାବଧାରିକା, ପିତାମାତା, ପରିବାର, ଶୁଭେଚ୍ଛୁ, ବନ୍ଧୁବର୍ଗ ତଥା ନିଜ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଶ୍ରେୟ ଦେବା ସହିତ ଏହାକୁ ମା' ଦୁର୍ଗାଙ୍କ ପାଦପଦ୍ମରେ ଭକ୍ତିପୂତ ଅନ୍ତରରେ ଅର୍ପଣ କରିଛନ୍ତି।

ଧ-୩୦୮୧

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**LEGAL NOTICE**

NOTICE INVITING OTHER CLAIMANTS TO REPRESENTATION TO COME FORWARD
(Section 373 of the Indian Succession Act, 1925)
District: Sundargarh
IN THE COURT OF SENIOR CIVIL JUDGE, BONAI INTESTATE
Case No.- 01 of 2021
Silwanti Munda & Others .....Petitioners
-Versus-
None .....Opposite Parties

To.
All the Legal heirs as well as Legal representatives in respect of the moveable property i.e. Settlement dues Service benefits of Rs. 65,32,491/- in respect of deceased Dubiya Munda as stated below as well as Late- Jayanti Munda 1st wife of above said Dubiya Munda, who was resident of village- Am-Amijharan, PO- Rairam, PS- Goelkera, Dist- West Singhbhum, Jharkhand, PIN- 833103.

Whereas application under the India Succession Act, for grant of Succession Certificate to the estate of the deceased Late- Dubiya Munda resident of Qr. No- C/37, AU/ PO- Tensa, PS- Lahunipada, Dist- Sundargarh, Odisha, who was working as Sr. Technician in the Department of Crusher bearing P.L. No- 884229/H100330 in Barsuan Iron Mines, Steel Authority Indian Limited (SAIL) at PO-Tensa- 770042, Dist.- Sundargarh, Odisha has been made by the above-named petitioner(s) and there on the 25th day of April 2023 has been fixed for hearing in this case. Notice is hereby given that any person having any interest in the estate of said deceased may, if he/she is desirous, appear in the court on the said 25th day of April 2023 and see the proceeding before the grant of such Succession Certificate:

Given under my hand the seal of the Court this day the 16th day of March 2023

Sd./- Judge Bonai.
SENIOR CIVIL JUDGE
BONAI
D-3083

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ରମାମଣୀ ବାରିକ**

ବାଲିଓରଡ଼ା, କଦମବେଡ଼ା, ଭଦ୍ରକ

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।

ହତଭାଗ୍ୟ ସ୍ୱାମୀ: ସୁରେନ୍ଦ୍ର, ପୁଅ: ସାଧୁ, ବିଜୟ ଓ ସଞ୍ଜୟ, ଝିଅ: ଅପସରି, ଲିନା, ଜ୍ୱାଇଁ: ଦେବେନ୍ଦ୍ର ଓ ପ୍ରକାଶ, ନାତି-ନାତୁଣୀ: ଶୁଭ୍ରାଂଶୁ, ହିମାଂଶୁ, ସୀତାଂଶୁ, ଲିପ୍‌ସା, ମନୀଷା, କାମିନୀ, ରବି ଓ ପରିବାର ସଦସ୍ୟ, ବନ୍ଧୁବାନ୍ଧବ।

ଧ-୩୦୭୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂଡ. ବସନ୍ତ କୁମାର ମିଶ୍ର**

ଗଡ଼ମହାବୀର ବିହାର, ଶିଶୁପାଳଗଡ଼, ଭୁବନେଶ୍ୱର

ଆବିର୍ଭାବ- ୧୯।୦୩।୧୯୫୬
ତିରୋଧାନ- ୦୫।୦୪।୨୦୨୨

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବନ୍ଧୁ ଓ ପରିବାରଙ୍କ ତରଫରୁ ବିନମ୍ର ପ୍ରାର୍ଥନା କରୁଅଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧର୍ମପରାୟଣତା ଆମ ପରିବାର ପାଇଁ ଅଭୁଲା ସ୍ମୃତି ହୋଇ ରହିଗଲା ଓ ଆପଣଙ୍କ ଶୂନ୍ୟତା ଆମ୍ଭ ସମସ୍ତଙ୍କୁ ବ୍ୟଥିତ କରୁଛି ଓ ଆପଣଙ୍କ ପ୍ରେରଣା ସଦାସର୍ବଦା ପରିବାର ନିକଟରେ ଜୀବିତ ହୋଇ ରହିବ। ଆପଣଙ୍କ କଥା ସବୁଦିନ ମନେପଡୁଛି ଏବଂ ପଡୁଥିବ। **ଇତି:** ଧର୍ମପତ୍ନୀ, ଝିଅ-ଜ୍ୱାଇଁ, ନାତି, ଭାଇ-ଭାଉଜ, ଭାଇବୋହୂ, ପୁତୁରା-ପୁତୁରାବୋହୂ, ଝିଆରୀ-ଝିଆରୀଜ୍ୱାଇଁ, ଶଳା-ଶଳାଭାଉଜ ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୩୦୭୬

**ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁରେଶ ଚନ୍ଦ୍ର ମିଶ୍ର**
(RETD.-SECTION OFFICER, BHANJABIHAR, BAM)

ପାଲୁର ବଙ୍ଗଳା, ବ୍ରହ୍ମପୁର, ଗଞ୍ଜାମ

ଆବିର୍ଭାବ: ୦୧।୦୭।୧୯୪୭
ତିରୋଧାନ: ୧୪।୦୩।୨୦୨୩

ଚାହୁଁ ଚାହୁଁ ବାରଦିନ ବିତିଗଲା। ତଥାପି ତୁମେ ଆମ ଗହଣରେ ଥିଲାପରି ଲାଗୁଛ। ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ସ୍ମରଣୀୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଶୋକସନ୍ତପ୍ତ: ସ୍ତ୍ରୀ- କନକ ମଞ୍ଜରୀ, ପୁଅ: ସିତୁ, ବାପି, ବୋହୂ: କୁନି, ପୂଜା, ଝିଅ- ରୁବି, ରୋଜି, ଇତୁନ୍, ଜ୍ୱାଇଁ: ପପୁ, ସିନି, ନିସା, ରିଷି, ରୁହି ଓ ଅଥର୍ବ ନାତି ନାତୁଣୀ ଓ ପରିବାରବର୍ଗ।

ଧ-୩୦୭୫

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ନିର୍ମଳା ପ୍ରଧାନ**

ପୁରୁଣା ଭୁବନେଶ୍ୱର, ଓଲ୍ଡ ଟାଉନ୍

ଆବିର୍ଭାବ: ୦୭।୧୨।୧୯୫୨
ତିରୋଧାନ: ୧୫।୦୩।୨୦୨୩

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାର: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।

ଧ-୩୦୮୪

# ବାମଣ୍ଡା-ରାଜ-ପ୍ରଶସ୍ତି

## ଅତୀତର ବହି

ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ମଧୁସୂଦନ ରାଓ (୧୮୫୩-୧୯୧୨) କବିତାବଳୀ (୧ମ ଓ ୨ୟ), ଛାନ୍ଦମାଳା (୧ମ ଓ ୨ୟ), କୁସୁମାଞ୍ଜଳି, ବସନ୍ତଗାଥା, ଉତ୍କଳଗାଥା, ସଙ୍ଗୀତମାଳା ପ୍ରଭୃତି କବିତା ସଂକଳନର ସ୍ରଷ୍ଟା। ଏତଦ୍‌ବ୍ୟତୀତ ହିମାଚଳେ ଉଦୟଉତ୍ସବ, ଋଷିପ୍ରାଣେ ଦେବାବତରଣ, ସାବାସ୍ ସାହିତ୍ୟ ଚର୍ଚ୍ଚା ସାବାସ୍ ସାବାସ୍, ଭଣ୍ଡ ରସାୟନକାବ୍ୟ ପ୍ରଭୃତି କବିତା ତାଙ୍କର କାବ୍ୟ ପ୍ରତିଭାକୁ ବହୁପ୍ରସାରୀ କରିଛି। ଏହାଛଡ଼ା ପ୍ରଣୟର ଅଦ୍ଭୁତ ପରିଣାମ, ହେମମାଳା ପରି ଗଳ୍ପ, ପ୍ରବନ୍ଧମାଳା, ବାଳବୋଧ, ଶିଶୁବୋଧ ଓ ବର୍ଣ୍ଣବୋଧ ପୁସ୍ତକ ତାଙ୍କ ଶିଶୁଶିକ୍ଷା ପ୍ରତି ଅଭିନିବେଶ ପ୍ରକାଶ କରେ।



ମଧୁସୂଦନ ରାଓ (୧୮୫୩-୧୯୧୨)

ଭକ୍ତକବି ମଧୁସୂଦନ ରାଓଙ୍କ ଲିଖିତ ବାମଣ୍ଡା-ରାଜ-ପ୍ରଶସ୍ତି କବିତା ପୁସ୍ତିକାଟି ବାମଣ୍ଡା ହିତୈଷିଣୀ ପ୍ରେସ୍‌ରୁ ୧୯୧୧ରେ ପ୍ରକାଶିତ। ସେ ୨୦ ମଇ ୧୯୧୧ରେ ବାମଣ୍ଡାକୁ ଆଗମନ କରି ଏକ ସପ୍ତାହ ଅବସ୍ଥାନ କରିଥିଲେ। ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ନିର୍ମିତ 'ବସନ୍ତ ନିବାସ' ଶୈଳ ନିବାସରେ ରହଣି ସମୟରେ ସେ ପ୍ରକୃତିର ଭୀମକାନ୍ତ ରୂପରେ ଆକୃଷ୍ଟ ହୋଇ ହିମାଚଳେ ଉଦୟ ଉତ୍ସବ, ବାମଣ୍ଡା-ରାଜ-ପ୍ରଶସ୍ତି କବିତା ରଚନା କରିଥିଲେ।

ବାମଣ୍ଡା-ରାଜ-ପ୍ରଶସ୍ତି ପୁସ୍ତିକାଟି ମଧୁରାଓ ବାମଣ୍ଡା ଅବସ୍ଥାନ କାଳରେ ରଚନା କରି ପ୍ରକାଶ କରିଥିଲେ। ବାମଣ୍ଡା ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଆତିଥେୟତା ଗ୍ରହଣ କରି ସେ ସପ୍ତାହକାଳ ରହିଥିଲେ। ସେ ପ୍ରଥମ ଦୁଇଦିନ ଦେବଗଡ଼ ସହରର କଚେରି, ଜେଲଖାନା, ମୁଦ୍ରଣାଳୟ, ଫଳବଗିଚା ଦର୍ଶନ କରିଥିଲେ। ୨୩ ମଇ ୧୯୧୧ ଦିନ ରାଜାଭ୍ରାତା ବଳଭଦ୍ର ଦେବଙ୍କ ସହିତ ବାମଣ୍ଡାର ରମ୍ଭେଇଠାରେ ସ୍ଥାପିତ ଲୁଗାକଳ, ଟିନି କାରଖାନା ପରିଦର୍ଶନ କରିଥିଲେ। ୨୪ ତାରିଖ ସ୍କୁଲ ଗୃହଠାରେ ଏକ ବିରାଟ ସାଧାରଣସଭା ହୋଇଥିଲା। ସଭାରେ ସଭାପତିତ୍ୱ କରିଥିଲେ ରାଜା ସଚ୍ଚିଦାନନ୍ଦ ଦେବ। ମଧୁରାଓ "କବିତା ଓ କଳ୍ପନା" ଶୀର୍ଷକରେ ଏକ ଚିତ୍ତାକର୍ଷକ ବକ୍ତୃତା ପ୍ରଦାନ କରିଥିଲେ। ସନ୍ଧ୍ୟାରେ କଚେରିଠାରେ ଏକ ସଭା ହୋଇଥିଲା। ସେଥିରେ ସେ 'ଅଭିବ୍ୟକ୍ତିବାଦ' ଉପରେ ଭାଷଣ ପ୍ରଦାନ କରିଥିଲେ। ୨୮ ତାରିଖ ସ୍କୁଲ ଗୃହରେ ଏକ ସଭା ହୋଇଥିଲା। ଏଥିରେ ମଧୁସୂଦନ ବାମଣ୍ଡା-ରାଜ-ପ୍ରଶସ୍ତି କାବ୍ୟ ଆବୃତ୍ତି କରି ରାଜା ସଚ୍ଚିଦାନନ୍ଦଙ୍କୁ ଅର୍ପଣ କରିଥିଲେ।

ମଧୁସୂଦନ ବାମଣ୍ଡା-ରାଜ-ପ୍ରଶସ୍ତି କବିତା ରଚନା ପୂର୍ବରୁ ବାମଣ୍ଡାରାଜା ବାସୁଦେବ ସୁଢଳଦେବଙ୍କ ତିରୋଧାନରେ ଏକ ଶୋକ ଗୀତିକା ରଚନା କରି ବାମଣ୍ଡାର ସାରସ୍ୱତ ଅବଦାନକୁ ପ୍ରଶଂସା କରିଥିଲେ। ସେଥିରେ ସୁଢଳଦେବଙ୍କ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଥିବା ଅନବଦ୍ୟ ଅବଦାନକୁ ସ୍ମରଣ କରାଯାଇଛି। ବାମଣ୍ଡା-ରାଜ-ପ୍ରଶସ୍ତି କବିତାରେ ସୁଢଳଦେବଙ୍କ ପୁତ୍ର ବିଜ୍ଞାନ କବି ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ ଅବଦାନର ପ୍ରଶଂସା କରାଯାଇଛି। ସଚ୍ଚିଦାନନ୍ଦଙ୍କ ନିର୍ମିତ ଶୈଳନିବାସ 'ବସନ୍ତ ନିବାସ'ରେ ମଧୁରାଓ ଅବସ୍ଥାନ କରି ପ୍ରଧାନପାଟ ପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଏହି ରହଣି ସମୟରେ ବାମଣ୍ଡା-ରାଜ-ପ୍ରଶସ୍ତି କବିତା ସହିତ 'ହିମାଚଳେ ଉଦୟଉତ୍ସବ' କବିତା ରଚନା କରି ବାମଣ୍ଡାର ସୁସାହିତ୍ୟିକ ବୃନ୍ଦାବନ ନାଥଶର୍ମା ଓ ହରିହର ମହାପାତ୍ରଙ୍କୁ ଶୁଣାଇଥିଲେ। ମଧୁରାଓଙ୍କ ବକ୍ତୃତାକୁ ବାମଣ୍ଡାର ବୁଦ୍ଧିଜୀବୀ ଆଗ୍ରହର ସହିତ ଶୁଣିଥିଲେ। ଏହି ବକ୍ତୃତାର ଅମୃତମୟ ପ୍ରଭାବକୁ ପ୍ରଶଂସା କରି କବି ବଳଭଦ୍ରଦେବ ସମ୍ବଲପୁର ହିତୈଷିଣୀ ପତ୍ରିକାରେ ଏକ କବିତା ରଚନା କରିଥିଲେ। ମଧୁରାଓଙ୍କ ଅବସ୍ଥାନ ବାମଣ୍ଡାର ସାରସ୍ୱତ ବାତାବରଣକୁ ଋଦ୍ଧିମନ୍ତ କରିଥିଲା। ସୁଢଳଦେବଙ୍କ ତିରୋଧାନରେ ରଚିତ 'ଶୋକଲହରୀ' କବିତାରେ ରାଜର୍ଷି ସୁଢଳଦେବଙ୍କ ସାରସ୍ୱତ କୃତିତ୍ୱ ସହିତ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ଉଦ୍ୟମକୁ ମଧୁରାଓ ଉଲ୍ଲେଖ କରନ୍ତି-

"ଉତ୍କଳ ସାହିତ୍ୟାକାଶେ ଉଇଁ ଶୁଭକ୍ଷଣେ/ ଅରୁଣ ଯେସନେ/ ସୂଚେ ମାଧ୍ୟନ୍ଦିନ-ଆଗମନେ x x x/ ବାମଣ୍ଡା ଗୌରବ, ଦେବ, ବାମଣ୍ଡା ମହିମା/ ରାଜଧାନୀ ଦେବଗଡ଼ ଟେକ/ ଉତ୍କଳେ ଗୀର୍ବାଣ-ବିଦ୍ୟା-ଗୌରବ-ଗରିମା/ ବଢ଼ାଇଲା ତୁମ୍ଭରି ବିବେକ।"

ବାମଣ୍ଡା-ରାଜ-ପ୍ରଶସ୍ତିରେ ସଚ୍ଚିଦାନନ୍ଦ ତ୍ରିଭୁବନଦେବ (୧୮୭୨-୧୯୧୬)ଙ୍କ ମହାନତା ବର୍ଣ୍ଣିତ। ସଚ୍ଚିଦାନନ୍ଦ ଓଡ଼ିଆ ସାହିତ୍ୟରେ ବିଜ୍ଞାନ କବି ଭାବରେ ମାନ୍ୟତାପ୍ରାପ୍ତ। ପ୍ରକୃତି, ବୈଦିକ ପ୍ରକୃତି, ଯୌନ ନିର୍ବାଚନ ପ୍ରଭୃତି କାବ୍ୟ ପୁସ୍ତକ ତାଙ୍କର ବିଜ୍ଞାନ ପ୍ରତି ଅଭିନିବେଶକୁ ପ୍ରକାଶ କରେ। ଏତଦ୍‌ବ୍ୟତୀତ ମାୟାଶବରୀ, ଭୀଷ୍ମ, ଅନଙ୍ଗ, ବୀରଗାଥା, ଆବାହନ, ସୁନ୍ଦରୀ ଚୌତିଶା, ପ୍ରେମସ୍ତବକ ପ୍ରଭୃତି କାବ୍ୟକବିତା ଏବଂ ଅଳଙ୍କାରସାର, ବୃଷ୍ଟିବିଜ୍ଞାନ, ରାସରହସ୍ୟ, କୁମାରୀଶିକ୍ଷା ପରି ଗଦ୍ୟ ପୁସ୍ତକ ଓଡ଼ିଆ ସାହିତ୍ୟକୁ


ବାମଣ୍ଡା-ରାଜ-ପ୍ରଶସ୍ତି।

ରାୟ ଶ୍ରୀମଧୁସୂଦନ ରାଓ ବାହାଦୁର

ପ୍ରଣୀତ।

ଶ୍ରୀଦୀନବନ୍ଧୁ ଗଡ଼ନାୟକ ପ୍ରେସ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା ହିତୈଷିଣୀ ଇଲେକ୍ଟ୍ରିକ୍ ମେସିନ ପ୍ରେସରେ ମୁଦ୍ରିତ।

ବାମଣ୍ଡା।

୧୯୧୧

ଋଦ୍ଧିମନ୍ତ କରିଛି। 'ଉତ୍କଳ ସାହିତ୍ୟ ସମାଜ'ର ପ୍ରାଥମିକ ପାଣ୍ଠି ଦଶହଜାର ଟଙ୍କାର ଏକ ତୃତୀୟାଂଶ ଅର୍ଥ ଦାନକରି ସଚ୍ଚିଦାନନ୍ଦ ସମାଜକୁ ପୁଷ୍ଟ କରିଥିଲେ।

ଏପରି ଏକ ମହାପୁରୁଷଙ୍କ ସାନ୍ନିଧ୍ୟ ପାଇ ଉଲ୍ଲସିତ ହୋଇଥିଲେ ଭକ୍ତକବି। ସୁଢଳଦେବଙ୍କ ଭୂମି ଓଡ଼ିଆ ସାହିତ୍ୟର ପୂଜାପୀଠ। ଏହି ଭୂମିର ରାଜକବି ସଚ୍ଚିଦାନନ୍ଦଙ୍କ କାବ୍ୟ ପରାକାଷ୍ଠାକୁ ସମ୍ମାନ ଜଣାଇ କବି ରଚନା କଲେ ବାମଣ୍ଡା-ରାଜ-ପ୍ରଶସ୍ତି:



ସଚ୍ଚିଦାନନ୍ଦ ତ୍ରିଭୁବନଦେବ (୧୮୭୨-୧୯୧୬)

"ବିଜ୍ଞାନ ହିଁ ମହାଶକ୍ତି, ବିଜ୍ଞାନ ହିଁ ଅମୋଘ କୁଞ୍ଚିକା/ ଫେଡ଼ିବାକୁ ବ୍ରହ୍ମାଣ୍ଡର ଗୂଢ଼ତମ ରହସ୍ୟ ପେଟିକା। x x/ ଜାତୀୟ ସାହିତ୍ୟ ଯୋଗେ ଅଭ୍ୟୁଦୟ ଘଟଇ ଜାତିର/ ତେଣୁ ସାରସ୍ୱତସାରେ ଗଢ଼ିବାକୁ ବାଙ୍ମୟ ମନ୍ଦିର।/ ପିତୃଦେବ-ପଦଚିହ୍ନ ଅନୁସରି ପରମ ଯତନେ/ ଉତ୍କଳ-ସାହିତ୍ୟ-ହିତ ସାଧୁଅଛ ଅକୁଣ୍ଠିତ ମନେ।"

ବାମଣ୍ଡା-ରାଜ-ପ୍ରଶସ୍ତିର ଶେଷାଂଶରେ ପ୍ରଧାନପାଟ ପ୍ରପାତର ସୁଦୃଶ୍ୟ ବର୍ଣ୍ଣନା ସାତୋଟି ପଦରେ କରାଯାଇଛି। ଏହି ଅଂଶକୁ ଦୁଇଟି ଭାଗରେ ମାର୍ବଲରେ ଖୋଦିତ କରି 'ବସନ୍ତ ନିବାସ'ର ପ୍ରାଚୀର ସ୍ତମ୍ଭରେ ସଂଯୋଜିତ କରାଯାଇଛି। ଏହି କାବ୍ୟଟିକୁ ପଣ୍ଡିତ ଭୁବନେଶ୍ୱର ରଥ ସଂସ୍କୃତ ଭାଷାରେ ଅନୁବାଦ କରିଛନ୍ତି ଏବଂ ତାହା ୧୯୧୩ରେ ବାମଣ୍ଡା ହିତୈଷିଣୀ ପ୍ରେସ୍‌ରୁ ପୁସ୍ତିକାକାରରେ ପ୍ରକାଶିତ ହୋଇ ଓଡ଼ିଶା ବାହାରେ ବିତରିତ ହୋଇଥିଲା।

ବାମଣ୍ଡା-ରାଜ-ପ୍ରଶସ୍ତି ଏକ କ୍ଷୁଦ୍ର କବିତା ପୁସ୍ତିକା। କିନ୍ତୁ ସାରସ୍ୱତ ସମ୍ପର୍କର ଅନନ୍ୟ ପ୍ରତିଭୂ। ବାମଣ୍ଡାର ସାରସ୍ୱତ ଅବଦାନ, ସଚ୍ଚିଦାନନ୍ଦଙ୍କ କାବ୍ୟ ପ୍ରତିଭା, ଭକ୍ତକବିଙ୍କ କାନ୍ତକମନୀୟ ପଦାବଳୀ ଏବଂ ପଣ୍ଡିତ ଭୁବନେଶ୍ୱର ରଥଙ୍କ ସଂସ୍କୃତ ରୂପାନ୍ତର ଓଡ଼ିଆ ସାହିତ୍ୟର ଏକ ବିଶେଷ ଅଧ୍ୟାୟକୁ ଉନ୍ମୋଚିତ କରେ।

ମୋ: ୯୪୩୭୨୫୬୧୭୬

## କବିତା

### ଶ୍ୟାମଳ ସ୍ୱପ୍ନ

ଡା. ମନୋରଞ୍ଜନ ଦାଶ

ଯନ୍ତ୍ରଣାର ନଈରେ ପହଁରି
କ୍ଳାନ୍ତି ମେଣ୍ଟେଇ
ଜୀବନ ଜଞ୍ଜାଳରେ
ନିଃସର୍ତ୍ତରେ ବାଟ ଚାଲି
ଝୁଣ୍ଟିବାକୁ ଭୟ ଘାରେ...
ବିଶ୍ୱନିୟନ୍ତାଙ୍କୁ ପ୍ରାଣଭରି
ଅନେଇ ପ୍ରାର୍ଥନା କରେ,
ତୁମ ଇଚ୍ଛା ପୂର୍ଣ୍ଣ ହେଉ
ହେ ମହାବାହୁ!
ଛାତି ତଳର ବ୍ୟଥାକୁ
ଦେଖେଇପାରେନି!
ସେଇ ଅଦୃଶ୍ୟ ମୋ' ପ୍ରାଣର
ଦେବୀଙ୍କୁ ଏକାନ୍ତରେ
ହୃଦୟର କଥା ଜଣେଇ।

ମୋ' ପାଇଁ ସାନ୍ତ୍ୱନା,
ଆଉ ତା' ପୁଣି
ମୋ' ଭିତରେ
ଭରିଦିଏ ଅମୋଘ ଶକ୍ତି।
ଚାରିକଡ଼େ ମିଛ ଓ ଛଳନାର ଭଉଁରି।
ସଂଯତ ନ ହେଲେ
ଭାଙ୍ଗିଯିବ ମୋ' ଶ୍ୟାମଳ ସ୍ୱପ୍ନ।
ନିଜେ ନିଜର ବିଭୋରତା।
କେତେ ପ୍ରଶ୍ନିଳ ଆଖିକୁ
ଉତ୍ତର ମୋ' ଖାଲି
ଦୀର୍ଘଶ୍ୱାସ ଓ ନୀରବତା।

ମୋ: ୯୪୩୭୩୧୭୭୨୨

### ଝିଅ ସିଏ ଏଇ ମାଟିର

ଝରଣା ବରେନ୍ଦ୍ର ଦାସ

ଅଚିହ୍ନା, ଏକଦମ୍ ଅଜଣା
କାହା ଗୋଟେ
ହାତ ଉପରେ ହାତ ଥୋଇ ଦେଉଥିବା
ଅଗାଧ ବିଶ୍ୱାସରେ ଯିଏ ବାପାଙ୍କୁ
ଅମାପ ପ୍ରେମରେ ବି ପତିଙ୍କୁ
ପୂର୍ଣ୍ଣ କରୁଥିବା
ଝିଅ ସିଏ ଏଇ ମାଟିର।

ଛନ୍ଦ ମନ୍ଦ କଥା ବୁଝେ ନାହିଁ କିଛି
ସଂସାରର ଜଟିଳ ଗଣିତରୁ ଉର୍ଦ୍ଧ୍ୱ
ଯିଏ, ଦେଇ ଜାଣେ ଖାଲି
ନେବା ବେଳରେ
ଉହାଡ଼ରେ ରଖେ ନିଜକୁ
ଝିଅ ସିଏ ଏଇ ମାଟିର।

ରାମ ରୂପରେ
ବାପା ଧରେଇ ଦେଇଥିବା ସେ ହାତ
ସୁରକ୍ଷିତ କେଉଁ
ଅବା ବିଲକୁଲ ବି ବିଶ୍ୱସନୀୟ ନୁହେଁ
ଭାବେ ନାହିଁ ଯିଏ ମନରେ
ଝିଅ ସିଏ ଏଇ ମାଟିର।

ଆବହମାନ କାଳରୁ ଏଯାଏ
ଅସରନ୍ତି ସ୍ରୋତ ସାଜି
ମାତା, ଭଗ୍ନୀ, ପତ୍ନୀ ରୂପେ
ପୁରୁଷଙ୍କୁ ପୂର୍ଣ୍ଣ କରୁଥିବା
ତ୍ୟାଗ ତିତିକ୍ଷାର
ପ୍ରେମ ପବିତ୍ରତାର
ହେଲେ ହୋଇପାରେ
ସୃଷ୍ଟିର ଆଦ୍ୟ ଅକ୍ଷର
ଓଁକାରର ନିନାଦଟିଏ ସିଏ।

ଯା' ଲାଗି ହସେ ଘର
ପରିବାରର ପୁରୁଷାକାର
ସୃଷ୍ଟି ସ୍ଥିତି ସଂହାରକାରିଣୀ ସେ
ଛଳନା ନୁହେଁ
ପ୍ରେମରେ ଜିଣ ତାକୁ
ଘର ନୁହେଁ
ବୈକୁଣ୍ଠ ସମାନ ଆହା
ତୋଳିବାକୁ ଗୋଟେ ମନ୍ଦିର।

ମୋ: ୮୩୪୨୮୫୬୦୦୧

### ଦୁଇଟି କବିତା

ମଧୁସୂଦନ ଦାଶ

॥୧॥ କଣ୍ଟା
କଣ୍ଟା ଫୋଡ଼ିହେଲେ
ପୀଡ଼ା ହୁଏ
ରକ୍ତ ବି ଝରେ, ହେଲେ
କଣ୍ଟା ସୂଚେଇଦିଏ
ପିଣ୍ଡରେ ପ୍ରାଣଅଛି
ରକ୍ତରେ ଉଷ୍ମତା ଅଛି।

॥୨॥ ପିରିଖ
କାନ୍ଥର ଛାତିରେ
ପିରିଖ ଗଲିଲେ
କାନ୍ଥ କାଠେଇଯାଏ
କାରଣ, ସେ ଜାଣିଥାଏ
ତାକୁ ଭରାଦେଇ ପିରିଖ
ଗୋଡ଼ରେ ଯେଉଁ ଫଟୋ
ଛିଡ଼ାହେବ
ବା ପିରିଖ ବେକରେ
ଯେଉଁ ଫଟୋ ଝୁଲିବ
ସେ ଫଟୋ ତମ ମୋ
ଯୁଗଳ ଫଟୋ ଥିବ।

ମୋ: ୯୪୩୭୩୩୨୪୯୮

## ପୁସ୍ତକ ପରିଚୟ

### ବସନ୍ତ ବର୍ଣ୍ଣମାଳା




**କବି:** ବସନ୍ତ କୁମାର ମୁଦୁଲି
**ପ୍ରକାଶକ:** ବ୍ଲାକ୍ ଇଗଲ ବୁକ୍ସ, ଡବ୍ଲିନ୍, ଆମେରିକା
**ପ୍ରଥମ ଅନ୍ତର୍ଜାତୀୟ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ. ୪୦୦/-

ଆଲୋଚ୍ୟ ସଂକଳନରେ ବସନ୍ତଙ୍କର ମୋଟ ୧୪୫ଟି କବିତା ସ୍ଥାନିତ। ବସନ୍ତ ତାଙ୍କ ସ୍ୱଳ୍ପାୟୁ ଜୀବନକାଳ ଭିତରେ ବହୁ କାଳଜୟୀ କବିତା ରଚନା କରିଯାଇଛନ୍ତି ଏବଂ ସୁଖର ବିଷୟ ଯେ, ଏହି ବହିଟିରେ ତାଙ୍କର ନିର୍ବାଚିତ ପ୍ରାୟ ସବୁ କବିତା ଏକତ୍ରିତ ହୋଇଛି। ଚିତ୍ତରଞ୍ଜନ ଦାସ ତାଙ୍କ କବିତା ସମ୍ପର୍କରେ କହନ୍ତି: "ବସନ୍ତଙ୍କୁ ପଢୁଥିବା ସମୟରେ ସତେ ଅବା କୋଉଠି ଏକ ନୂଆ ସିନ୍ଦୂରା ଫାଟିବାକୁ ଯାଉଛି ବୋଲି ପ୍ରତ୍ୟୟ ହେବାକୁ ଲାଗିଲା। ବସନ୍ତ ମୁଦୁଲି ଦୁଆରଗୁଡ଼ିକୁ, ଝରକାଗୁଡ଼ିକୁ ଖୋଲା ରଖିବାକୁ କହିଲେ।" (ଦର୍ଜା ଖୋଲା ରଖ ପ୍ରିୟଜନେ) କବି କମଳାକାନ୍ତ ଲେଙ୍କା ଲେଖିଛନ୍ତି: "କେଉଁଠି ବସନ୍ତ ଗୋଟିପଣେ ଏକ ନିର୍ଜନ, ନିଃସଙ୍ଗ ଋତୁ ତ, କେଉଁଠି ନାଇଁନାଇଁର ନିଷ୍ଠୁର ହାତରେ ବର୍ଣ୍ଣସବୁ ପତ୍ରପୁଷ୍ପ ପରି ଏଣେତେଣେ ଶୋଭାର ପସରା ଧରି ଅଦ୍ଭୁତ ଅଦ୍ଭୁତ।" ବହିଟିର ଉପୋଦ୍‌ଘାତ ଲେଖିଛନ୍ତି ରଜନୀକାନ୍ତ ମହାନ୍ତି ଓ ପବିତ୍ର ପାଣିଗ୍ରାହୀ। ବସନ୍ତ ତାଙ୍କ ନିଜ ସମୟର କବିତାରେ ଏକ ନିଃସଙ୍ଗ ପଦାତିକ ଥିଲେ, ଯିଏ ଜୀବନ ଓ ଜଗତକୁ ପ୍ରାଣପଣେ ଭଲ ପାଉଥିଲେ। ସେ ଲେଖିଥିଲେ: "ମୁଁ ଯେଉଁଠି ଥିଲି/ ଠିକ୍ ସେଇଠି ଅଛି, ସେଇ ବିନ୍ଦୁରେ।/ ଶିଶୁର କୁଆଁକୁଆଁରେ, ଶବର ଓଠରେ/ ଭିକାରିର ଭିକ୍ଷାଥାଳରେ/ x x ପ୍ରେମିକାର ଚିଠିରେ/ ଏକ୍ଲା ପକ୍ଷୀର ଗୀତରେ/ ମୁଁ ସବୁଠି ଅଛି, ଗୋପନରେ/ ଖୁବ୍ ଗୋପନରେ।" (ଅପେକ୍ଷା କର, ମୁଁ ଫେରୁଛି)। ସମୟ ବସନ୍ତଙ୍କୁ ତାଙ୍କ କବିତା ପାଇଁ ବହୁଦିନ ମନେରଖିବ, ଏଥିରେ ସନ୍ଦେହ ନାହିଁ।

### ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ




**ଲେଖକ:** ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ
ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ
**ପ୍ରକାଶକ:** ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୬୭୫/-

'ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ' ବ୍ୟବସ୍ଥିତ ଭାବେ ଲେଖାଯାଇ ନ ଥିବାର ଅଭାବକୁ ଅନୁଭବ କରି ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ ମିଳିତ ଭାବେ ୬୬୪ ପୃଷ୍ଠା ବିଶିଷ୍ଟ ଏହି ଗ୍ରନ୍ଥଟିକୁ ସମ୍ପାଦନା କରିଛନ୍ତି। କିନ୍ତୁ ଓଡ଼ିଆ ସାହିତ୍ୟରେ ତଥ୍ୟ ଦରିଦ୍ର ପରିବେଶ ବହିଟିକୁ ନାନାଭାବେ ତଥାପି ଅପୂର୍ଣ୍ଣ ରଖିବାରେ ଯଦିଓ ବିବଶ କରିଛି, ତଥାପି ଓଡ଼ିଆ ଶିଶୁ ସାହିତ୍ୟର ନାନା କାଳଖଣ୍ଡ, ନାନା ସମୟର ନାନା ଲେଖକ ଓ ପ୍ରକାଶିତ ବିଭିନ୍ନ ପତ୍ରପତ୍ରିକା ସମ୍ପର୍କରେ ଯେଉଁତକ ତଥ୍ୟକୁ ପଞ୍ଜୀକୃତ କରିଛି, ତାହା କିଛି କମ୍ ଶ୍ରମସାଧ୍ୟ ନୁହେଁ। ବହିଟିରେ ମୋଟ ୧୪ଟି ପରିଚ୍ଛେଦ ରହିଛି। ଓଡ଼ିଶା, ଓଡ଼ିଶାର ଭାଷା ଓ ଲିପି; ମୌଖିକ ଶିଶୁ ସାହିତ୍ୟ, ଶିଶୁ ସାହିତ୍ୟର ପ୍ରବହମାନ ଧାରା, ଚାରିଟି ପର୍ବରେ ଓଡ଼ିଆ ଶିଶୁ ସାହିତ୍ୟର ଉନ୍ମେଷ ଯୁଗ, ଅଭ୍ୟୁଦୟ ଯୁଗ, ବିକଶିତ ଯୁଗ ଓ ଅତ୍ୟାଧୁନିକ ଯୁଗ; ଓଡ଼ିଆ ଶିଶୁ ସାହିତ୍ୟ ପତ୍ରିକା, ଓଡ଼ିଆ ଶିଶୁ ସାହିତ୍ୟରେ ଗବେଷଣା, ଓଡ଼ିଆ ଶିଶୁ ଚଳଚ୍ଚିତ୍ର, ଓଡ଼ିଆ ଶିଶୁ ସାହିତ୍ୟ ସଂଗଠନ ଓ ଶିଶୁ ସାହିତ୍ୟ ସୃଷ୍ଟିକୁ ସ୍ୱୀକୃତି ଆଦି ବିଷୟ ଉପଲବ୍ଧ ତଥ୍ୟ ଭିତ୍ତିରେ ବିଶ୍ଳେଷିତ ହୋଇଛି। ବହିଟିର ପ୍ରଚ୍ଛଦଲେଖରେ ଏହାକୁ 'ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରୟାସ' ବୋଲି କୁହାଯାଇଥିବାରୁ ଏହାକୁ ପୃଷ୍ଠଭୂମି କରି ଓଡ଼ିଆ ଶିଶୁ ସାହିତ୍ୟର ଅଧିକ ଗୁଣାତ୍ମକ ଏକ ଇତିହାସ ଯେ ଭବିଷ୍ୟତରେ ପ୍ରଣୀତ ହେବ- ଏ ବିଶ୍ୱାସ ରହିଛି।

## ଉତ୍ସବ

ସୁଧୀର କୁମାର ଦ୍ୱିବେଦୀ

ଗଳ୍ପ

ଏପ୍ରିଲ ତିରିଶ ତାରିଖ। ସାରା ଗାଁରେ ଆଜି ଉତ୍ସବର ମାହୋଲ। ସେଦିନ କୌଣସି ପର୍ବ ନ ଥିଲା, ହେଲେ କୌଣସି ଗୋଟେ ଉତ୍ସବଠାରୁ କମ୍ ମଧ୍ୟ ନ ଥିଲା। ଗାଁ ରାସ୍ତା, ଘର ଅଗଣା ତିନିଦିନ ପୂର୍ବରୁ ପରିଷ୍କାର କରିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ଘର ସାମ୍ନାରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରିଥିଲେ। ଗୁଡ଼ାଏ ତୋରଣ ମଧ୍ୟ ତିଆରି ହୋଇଥିଲା ରାସ୍ତା ଉପରେ। ଗାଁ ଆମ୍ବତୋଟା ନିକଟରେ ଦୁଇ ହଜାର ଲୋକଙ୍କ ପାଇଁ ରୋଷେଇ ଚାଲିଥିଲା। ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇ ଦେଶ ବିଦେଶରେ ଅବସ୍ଥାନ କରୁଥିବା ସେହି ଗାଁର କିଛି ଉତ୍ସାହୀ ଯୁବକ ଏ ଉତ୍ସବକୁ ଆସି ପାରି ନାହାନ୍ତି ସିନା, ଅକୁଣ୍ଠ ଚିତ୍ତରେ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଗାଁରୁ ବି ଚାନ୍ଦା ଭେଦା କରାଯାଇଛି।

ସମୟ ସକାଳ ନଅଟା। ଗାଁର କ୍ଲବ ଘରେ ହଜାରେ ପାଖାପାଖି ଲୋକ ଜମା ହୋଇ ସାରିଥିଲେ। କିଛି ଲୋକ ଗୋଟେ ହାତୀକୁ ସଜ୍ଜିତ କରୁଥିଲେ। କ୍ଲବ ଘର ଭିତରେ ଜଣେ ଷାଠିଏ ବର୍ଷ ବୟସ୍କ ବୃଦ୍ଧଙ୍କ ବେଶ ରଚନା କରୁଥିଲେ ଆଉ କିଛି ଲୋକ। ସ୍ଥିତପ୍ରଜ୍ଞ ପରି ଖୁବ୍ ଶାନ୍ତ ଜଣା ପଡୁଥିଲେ ସେ; ମନରେ ପ୍ରସନ୍ନତା କିମ୍ବା ଦୁଃଖର ଛାପ ନ ଥିଲା। ଦୁନିଆର ସବୁଠାରୁ ସରଳ ଓ କ୍ଷମତାହୀନ ଲୋକ କହିଲେ ଅତ୍ୟୁକ୍ତି ହେବ ନାହିଁ; ମାତ୍ର ଆଜି ତାଙ୍କ ଆଦେଶକୁ ଅପେକ୍ଷା କରି ରହିଥିଲେ ଅନେକ କ୍ଷମତାଶାଳୀ ଓ ପ୍ରତିପତ୍ତିସମ୍ପନ୍ନ ଲୋକ, ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିୟର, ରାଜନେତା, ସାମ୍ବାଦିକ, ପୋଲିସ, ସୈନିକ, ଶିକ୍ଷକ ସବୁ ବର୍ଗର ଲୋକ। ଚିତ୍ରକର, ଗାୟକ, କାରିଗର, ବାରିକଠୁଁ ଆରମ୍ଭ କରି ବାଜାବାଲା ପର୍ଯ୍ୟନ୍ତ। ତାଙ୍କ ଅନିଚ୍ଛା ସତ୍ତ୍ୱେ ରାଜକୀୟ କାଇଦାରେ ସଜାଇ ଦିଆଗଲା ତାଙ୍କୁ। ବେକରେ ମାଳ, ମୁଣ୍ଡରେ ପଗଡ଼ି ପିନ୍ଧାଇ ଦିଆଗଲା। ହାତରେ ତାଙ୍କର ଧରାଇ ଦିଆଗଲା ଏକ କୋଷମୁକ୍ତ ଖଡ୍ଗ। ଉପସ୍ଥିତ ଜନତାଙ୍କ ଶଙ୍ଖ ବାଦ୍ୟ, ହୁଳହୁଳି ଓ ପୁଷ୍ପ ବୃଷ୍ଟି ମଧ୍ୟରେ ବୃଦ୍ଧଙ୍କୁ ଆଣି ସଜ୍ଜିତ ହାତୀପିଠିରେ ବସାଇ ଦିଆଗଲା। ତା'ପରେ ଆରମ୍ଭ ହେଲା ଶୋଭାଯାତ୍ରା। ବାଜା ବଜାଇ, ବାଣ ଫୁଟାଇ ତିନି ଘଣ୍ଟାରେ ଆଖପାଖ ପାଞ୍ଚଖଣ୍ଡ ଗାଁ ବୁଲାଇ ଆଣିଲେ।

ଗୋଟାଏ ବେଳକୁ ରୋଷେଇ ସରି ଯାଇଥିଲା। ଆଖପାଖ ଚାରି ପାଞ୍ଚଖଣ୍ଡ ଗାଁର ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଲୋକ ଶାନ୍ତି ଶୃଙ୍ଖଳାର ସହ ମଧ୍ୟାହ୍ନଭୋଜନ କଲେ।

ଅପରାହ୍ନ ଚାରିଟା ବେଳକୁ ଆରମ୍ଭ ହେଲା ସଭାକାର୍ଯ୍ୟ। ଆଗରୁ ମଞ୍ଚ ପ୍ରସ୍ତୁତ ହୋଇଥିଲା। ସଭାସ୍ଥଳର କୋଣ ଅନୁକୋଣରେ ଲୋକ ଭର୍ତ୍ତି ହୋଇଯାଇଥିଲେ। ବୃଦ୍ଧ ଜଣଙ୍କୁ ପାଛୋଟି ଅଣାଗଲା ସଭାସ୍ଥଳକୁ। ସମସ୍ତେ ଆସନ ତ୍ୟାଗ ପୂର୍ବକ କରତାଳି ଦେଇ ତାଙ୍କୁ ସ୍ୱାଗତ କଲେ। ମଞ୍ଚର ମଧ୍ୟଭାଗରେ ଥିବା ସିଂହାସନ ପ୍ରାୟ ଏକ ସୁସଜ୍ଜିତ ଓ ସୁଦୃଶ୍ୟ ଚେୟାରରେ ବସାଇ ଦିଆଗଲା ତାଙ୍କୁ। ସଭାର ଅନ୍ୟ ଅତିଥିମାନେ ନିଜ ନିଜ ଆସନ ଗ୍ରହଣ କଲାପରେ ସଭାକାର୍ଯ୍ୟ ଆରମ୍ଭ ହେଲା। ମଞ୍ଚାସୀନ ଅତିଥି ତଥା କିଛି ଗ୍ରାମବାସୀ ନିଜ ଭାଷଣରେ ମୁକ୍ତ କଣ୍ଠରେ ସେହି ବୃଦ୍ଧଙ୍କ ମହିମାଗାନ କରିଗଲେ। ବୃଦ୍ଧ ନିଜ ଭାଷଣରେ ବିଶେଷ କିଛି ନ କହି କେବଳ ଆଶୀର୍ବାଦ ଦେଇ ବକ୍ତବ୍ୟ ଶେଷ କଲେ। ତା'ପରେ ତାଙ୍କୁ ଉପହାର ଦେବା ପର୍ବ ଆରମ୍ଭ ହେଲା। ଏତେ ସଂଖ୍ୟାରେ ଉପହାର ଆସିଲା ଯେ ସେସବୁ ପାହାଡ଼ ପରି ଗଦା ହୋଇଗଲା।

ଶେଷରେ ସଭାର ସଭାପତି ନିଜ ବକ୍ତବ୍ୟରେ କହିଲେ- "ଆଜିକାର ଉତ୍ସବର କେନ୍ଦ୍ରବିନ୍ଦୁ ଅନନ୍ତ ସାର୍ କୋଡ଼ିଏ ବର୍ଷ ପୂର୍ବେ ଆମ ଗାଁ ବିଦ୍ୟାଳୟରେ ଯୋଗଦାନ କରିଥିଲେ। ସେତେବେଳେ ସେ ଥିଲେ ଯୁବକ। ଆମ ଗାଁ ସମେତ ଆଖପାଖ ଗାଁର ପିଲାଙ୍କୁ ଉତ୍ସର୍ଗୀକୃତ ଭାବରେ ପାଠପଢ଼ାଇ ଆସିଛନ୍ତି। ବିଦ୍ୟାଳୟକୁ ଆସୁଥିବା ପ୍ରତିଟି ପିଲାଙ୍କୁ ସେ ନିଜ ପରିବାରର ସଦସ୍ୟ ପରି ଭଲ ପାଇଛନ୍ତି, ନାନା କୌଶଳ ଅବଲମ୍ବନ କରି ପାଠ ପଢ଼ାଇଛନ୍ତି। ତାଙ୍କରି ପାଇଁ ଆମ ବିଦ୍ୟାଳୟର ଛାତ୍ର ପ୍ରତିବର୍ଷ ଜାତୀୟ ବୃତ୍ତି ପାଇଥା'ନ୍ତି। ତାଙ୍କ ଆଶୀର୍ବାଦରୁ ଅନେକ ଛାତ୍ରୀଛାତ୍ର ଆଜି ଦେଶ ବିଦେଶରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ। କେବଳ ସେତିକି ନୁହେଁ, ସେ ତାଙ୍କ ଦରମା ଟଙ୍କା ମଧ୍ୟ ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ଉନ୍ନତିକଳ୍ପେ ବିନିଯୋଗ କରନ୍ତି। ନିଜ ଦରମା ଟଙ୍କାରୁ ବିଦ୍ୟାଳୟ ପାଇଁ କମ୍ପ୍ୟୁଟର, ବିଜ୍ଞାନ ଉପକରଣ, ବାଦ୍ୟଯନ୍ତ୍ର, ଶିକ୍ଷଣ ଓ ଖେଳ ସାମଗ୍ରୀ ଯୋଗାଇଛନ୍ତି। ସମୟ ଓ ଅର୍ଥର ଅଭାବ ଯୋଗୁ ସେ ନିଜ ପାଇଁ ଘର ଖଣ୍ଡିଏ ମଧ୍ୟ ତୋଳି ପାରିନାହାନ୍ତି। ମନେହୁଏ ଆମ ଅଞ୍ଚଳର ସବୁ ଲୋକଙ୍କ ସୁକୃତ ଫଳ ସରିଯାଇଛି। ଆଜି ଅନନ୍ତ ସାର୍ ସରକାରୀ ଚାକିରିରୁ ଅବସର ନେଉଛନ୍ତି। ସାର୍ ଆମ ଗାଁ ଛାଡ଼ି ଚାଲିଗଲେ ଆମ ଗାଁ ଶ୍ରୀହୀନ ହୋଇଯିବ। ଅନନ୍ତ ସାର୍ ସରକାରୀ ଚାକିରିରୁ ସିନା ଅବସର ଗ୍ରହଣ କରିଛନ୍ତି, ସାର୍‌ଙ୍କୁ ଆମେ କୁଆଡ଼େ ଯିବାକୁ ଦେବୁନି। ଆସନ୍ତାକାଲିଠାରୁ ସେ ଆମ ଗ୍ରାମର ସ୍ଥାୟୀ ବାସିନ୍ଦା ହୋଇ ରହିବେ। ମୁଁ ଆଜି ଏ ସଭାରେ ମୋ' ଘର ଡିହରୁ ସାର୍‌ଙ୍କ ପାଇଁ ଏକ ଗୁଣ୍ଠ ଜମି ଉପହାର ଦେଲି ବୋଲି ଘୋଷଣା କରୁଛି। ଆମେ ସମସ୍ତେ ମିଶି ତାଙ୍କ ପାଇଁ ବି' ବଖରା ଘର ମଧ୍ୟ ତୋଳିଦେବୁ।"

ଶଙ୍ଖ, ହୁଳହୁଳି ଓ କରତାଳି ମଧ୍ୟରେ ତାଙ୍କ ପ୍ରସ୍ତାବକୁ ସ୍ୱାଗତ କଲେ ସମସ୍ତେ। ବିଦାୟକାଳୀନ ସଭାପରେ ସନ୍ଧ୍ୟାରେ ଦାସକାଠିଆ ପରିବେଷଣ କରାଯାଇଥିଲା। ଏଥିରେ ଗାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଅପୂର୍ବ ଠାଣିରେ ନୃତ୍ୟ ସହ ଚଉପଦୀ, ଚଉତିଶା, ଛାନ୍ଦ ଆଦି ସବୁ ପ୍ରକାର ଗୀତ ବୋଲି ସମସ୍ତଙ୍କ ମନ ମୋହି ନେଇଥିଲେ ଖୋଦ୍ ଅନନ୍ତ ସାର୍।

ମୋ: ୯୪୩୯୯୧୫୪୧୫




## କାଳକାଳକୁ



"ବୁଢ଼ା ହେଇଯିବାରୁ ଲୋକେ
ସ୍ୱପ୍ନ ଦେଖିବା ଛାଡ଼ିଦେଲେ-
ଏହା ସତ୍ୟ ନୁହେଁ; ସତ୍ୟ ହେଉଛି-
ସ୍ୱପ୍ନ ଦେଖିବା ଛାଡ଼ିଦେବାରୁ
ସେମାନେ ବୁଢ଼ା ହେଇଗଲେ।"
- ଗାବ୍ରିଏଲ୍ ଗାର୍ସିଆ ମାର୍କ୍ୱେଜ୍

**ଗାବ୍ରିଏଲ୍ ଗାର୍ସିଆ ମାର୍କ୍ୱେଜ୍‌ଙ୍କ** ଜନ୍ମ ୬ ମାର୍ଚ୍ଚ ୧୯୨୭ରେ, କଲମ୍ବିଆରେ ଓ ପରଲୋକ ୧୭ ଏପ୍ରିଲ ୨୦୧୪ରେ, ମେକ୍ସିକୋ ସହରରେ। ସ୍ପାନିଶ୍ ଭାଷାରେ ସେ ଥିଲେ ବିଂଶ ଶତାବ୍ଦୀର ଜଣେ ପ୍ରମୁଖ ଲେଖକ ଓ ସାହିତ୍ୟରେ ମ୍ୟାଜିକ୍ ରିଏଲିଜିମ୍‌ର ପ୍ରଣେତା। ଗଳ୍ପ, ଉପନ୍ୟାସ, ଚିତ୍ରନାଟ୍ୟ ରଚନା ଓ ସାମ୍ବାଦିକତାରେ ସମଭାବେ ରୁଚି ରଖୁଥିବା ଏହି ଲେଖକଙ୍କର ବିଶ୍ୱବିଦିତ ଗ୍ରନ୍ଥଟି ହେଲା- 'One Hundred Years of Solitude.' ୧୯୭୨ରେ 'ନିଉଷ୍ଟାଡ୍ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାରପ୍ରାପ୍ତ ଏହି ଲେଖକଙ୍କୁ ୧୯୮୨ରେ ମିଳିଥିଲା ସାହିତ୍ୟ ପାଇଁ ନୋବେଲ ପୁରସ୍କାର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୫/୨୦୨୩ Bhubaneswar, Saturday, March 25/ 2023

# ଡବ୍ଲ୍ୟୁପିଏଲ୍: ଦିଲ୍ଲୀ-ମୁମ୍ବାଇ ଫାଇନାଲ

**ମୁମ୍ବାଇ, ୨୪।୩**

ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରୁ ଏଲିମିନେଟ୍ ହୋଇଛି ୟୁପି ୱାରିୟର୍ଜ। ଶୁକ୍ରବାର ଅନୁଷ୍ଠିତ ଏଲିମିନେଟର ମ୍ୟାଚରେ ୟୁପିକୁ ୭୨ ରନରେ ହରାଇ ମୁମ୍ବାଇ ଇଣ୍ଡିଆନ୍ସ ଫାଇନାଲରେ ପ୍ରବେଶ କରିଛି। ନାତାଲି ସ୍କିଭର-ବ୍ରଣ୍ଟଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୪ ଉଇକେଟ ହରାଇ ୧୮୨ ରନ କରିଥିଲା। ଜବାବରେ ୟୁପି ୱାରିୟର୍ଜ ୧୭.୪ ଓଭରରେ ୧୧୦ ରନକରି ଅଲ୍ଆଉଟ ହୋଇ ଯାଇଥିଲା। ଆସନ୍ତା ରବିବାର ବ୍ରାବୋର୍ନ ଷ୍ଟାଡିୟମରେ ହେବାକୁଥିବା ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ ମୁମ୍ବାଇ। ଦିଲ୍ଲୀ ଦଳ ଲିଗ୍ ପର୍ଯ୍ୟାୟ ପଏଣ୍ଟ ଟେବୁଲରେ ଶୀର୍ଷସ୍ଥାନ ଅଧିକାର କରି ସିଧାସଳଖ ଫାଇନାଲରେ ପ୍ରବେଶ କରିଥିଲା।

## ୱ୍ୟଙ୍ଗଙ୍କ ହ୍ୟାଟ୍ରିକ

୧୮୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ୟୁପି ଦଳ ୨୧ ରନ ମଧ୍ୟରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମିଡିଲ ଅର୍ଡରରେ କିରନ ନଭଗିରେ ଦ୍ରୁତ ୪୩ (୨୭ ବଲ, ୪ ଚୌକା, ୩ ଛକା) ରନ କରିଥିଲେ ହେଁ ଅନ୍ୟ ବ୍ୟାଟରଙ୍କ ଉପଯୋଗୀ ଅବଦାନ ଅଭାବରୁ ଦଳ ଲକ୍ଷ୍ୟଠାରୁ ଦୂରେଇ ଯାଇଥିଲା। ୨୦ ବର୍ଷୀୟା ମିଡିୟମ ଫାଷ୍ଟ ବୋଲର ଇଜି ୱଙ୍ଗ ହ୍ୟାଟ୍ରିକ ଅର୍ଜନ କରିବା ସହ ୟୁପି ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେ ନିଜ ତୃତୀୟ ଓଭରର ଦ୍ୱିତୀୟ ବଲ୍‌ରେ ନଭଗିରେ, ତୃତୀୟ ବଲ୍‌ରେ ଶିମରନ ଶେଖ୍ ଓ ଚତୁର୍ଥ ବଲ୍‌ରେ ସୋଫି ଏକ୍‌ଲେଷ୍ଟୋନଙ୍କ ଉଇକେଟ ନେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଟସ୍ ଜିତି ମୁମ୍ବାଇକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା ୟୁପି ୱାରିୟର୍ଜ। ପୂର୍ବ

**ୟୁପି ୱାରିୟର୍ଜ ଏଲିମିନେଟ**

କେତୋଟି ମ୍ୟାଚରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ମୁମ୍ବାଇ କିନ୍ତୁ ଏଠାରେ ସତର୍କତା ଅବଲମ୍ବନ କରିଥିଲା। ଓପନିଂ ଯୋଡ଼ିରେ ୩୧ ରନ ସଂଗ୍ରହ ପରେ ୟସ୍ତିକା ଭାଟିଆ ଆଉଟ ହୋଇଥିଲେ। ସେ ୧୮ ବଲ୍‌ରୁ ୨୧ ରନ ସଂଗ୍ରହ କରିଥିଲେ। ଏହାପରେ କ୍ରିଜ୍‌ରେ ଯୋଗ ଦେଇଥିବା ବ୍ରଣ୍ଟ ଆଙ୍କରର ଭୂମିକା ନେବା ସହ ଛୋଟ ଛୋଟ ପାର୍ଟନରଶିପ୍ ସହାୟତାରେ ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ସେ ଦ୍ୱିତୀୟ ଉଇକେଟରେ ହିଲି ମାଥ୍ୟୁସଙ୍କ ସହ ୨୯ ବଲ୍‌ରୁ ୩୮, ତୃତୀୟ ଉଇକେଟରେ ଅଧିନାୟିକା



ପ୍ଲେୟର ଅଫ୍ ଦି ମ୍ୟାଚ୍ ନାତାଲି ସ୍କିଭର ବ୍ରଣ୍ଟ।

ହରମନପ୍ରୀତ କୌରଙ୍କ ସହ ୨୨ ବଲ୍‌ରୁ ୩୫, ଚତୁର୍ଥ ଉଇକେଟରେ ଆମେଲିଆ କେର୍‌ଙ୍କ ସହ ୩୭ ବଲ୍‌ରୁ ୬୦ ଓ ଅସମାପ୍ତ ପଞ୍ଚମ ଉଇକେଟରେ ପୂଜା ବସ୍ତ୍ରକାରଙ୍କ ସହ ୭ ବଲ୍‌ରୁ ୧୮ ରନର ଭାଗୀଦାରି ଗଢ଼ିଥିଲେ। ଗୋଟିଏ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ସେ ଦୃଢ଼ଭାବେ ୟୁପି ବୋଲରଙ୍କୁ ମୁକାବିଲା କରି ୭୨ ରନରେ ଅପରାଜିତ ରହିଥିଲେ। ମାତ୍ର ୩୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବ୍ରଣ୍ଟ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମେଲିଆ କେର୍ ୧୯ ବଲ୍‌ରୁ ୨୯, ହିଲି ମାଥ୍ୟୁସ ୨୬ ବଲ୍‌ରୁ ୨୬ ଓ ହରମନପ୍ରୀତ ୧୪ ରନ ସଂଗ୍ରହ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୨/୪ (ନାତାଲି ସ୍କିଭର ବ୍ରଣ୍ଟ-୭୨, ଆମେଲିଆ କେର-୨୯, ହିଲି ମାଥ୍ୟୁସ-୨୬, ୟସ୍ତିକା ଭାଟିଆ-୨୧, ସୋଫି ଏକଲେଷ୍ଟୋନ-୨/୩୯, ଅଞ୍ଜଳି ସର୍ଭାନି-୧/୧୭, ପାର୍ଶଭି ଚୋପ୍ରା-୧/୨୫)। ୟୁପି ୱାରିୟର୍ଜ ୧୭.୪ ଓଭରରେ ୧୧୦/ଅଲ୍‌ଆଉଟ (କିରନ ନଭଗିରେ-୪୩, ଇଜି ୱଙ୍ଗ୍-୪/୧୫, ସାଇକା ଇଶାକ-୨/୨୪, ନାତାଲି ସ୍କିଭର ବ୍ରଣ୍ଟ-୧/୨୧, ହିଲି ମାଥ୍ୟୁସ-୧/୨୧, ଜିନ୍ତିମଣି କାଳିତା-୧/୨)।

# ଆହାନଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)**

**୧୪ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ ଟେନିସ**

ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଆନୁକୂଲ୍ୟରେ ମେଣ୍ଢାଶାଳରେ ଆୟୋଜିତ ୧୪ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ଡବଲ ଟାଇଟଲ ହାସଲ କରିଛନ୍ତି। ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଓଡ଼ିଶା ଖେଳାଳି ରୌନକ ଗିଲ୍‌ରାଙ୍କୁ ୬-୦, ୨-୬, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌କୁ ଆହାନ ସହଜରେ ଜିତି ନେଇଥିଲେ ହେଁ ଦ୍ୱିତୀୟ ସେଟ୍‌କୁ ଜିତି ରୌନକ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ତୃତୀୟ ସେଟ୍‌ରେ ଆହାନ ଶକ୍ତିଶାଳୀ ଫୋରହ୍ୟାଣ୍ଡ ଶଟ୍ ଖେଳି ବାଜି ମାରି ନେଇଥିଲେ। ସିଙ୍ଗଲ୍ସ ପ୍ରତିଦ୍ୱନ୍ଦ୍ୱୀ ରୌନକଙ୍କୁ ଡବଲ୍ସରେ ପାର୍ଟନର କରିଥିଲେ ଆହାନ। ଏହି ଯୋଡ଼ି ଫାଇନାଲରେ ଅନ୍ୟତମ ଓଡ଼ିଶା ଯୋଡ଼ି ସୁତଭ୍ୟା କର୍ମକାର ଓ ଜ୍ୟୋତି ପତିଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରିଥିଲେ। ଆହାନଙ୍କର ଏହା ପ୍ରଥମ ଏଆଇଟିଏ (ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ) ଟାଇଟଲ। ଗତ ସପ୍ତାହରେ ଅଗରତାଲାରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜରେ ସେ ରନରଅପ୍ ହୋଇଥିଲେ।



ଆହାନ ମିଶ୍ର

"ମେଣ୍ଢାଶାଳ ପ୍ରତିଯୋଗିତାରୁ ଆହାନ ୧୫ ଏଆଇଟିଏ ର୍‌ୟାଙ୍କିଙ୍ଗ ପଏଣ୍ଟ ପାଇଛନ୍ତି। ସେ ବର୍ତ୍ତମାନ ସର୍ବଭାରତୀୟ ର୍‌ୟାଙ୍କର ୧୭୬ତମ ସ୍ଥାନରେ ରହିଛନ୍ତି। ମାତ୍ର ସେ ଯେପରି ପ୍ରଦର୍ଶନ କରୁଛନ୍ତି ବର୍ଷ ଶେଷ ବେଳକୁ ଟପ୍-୩୦ ମଧ୍ୟକୁ ଆସିଯିବା ସମ୍ଭାବନା ରହିଛି ବୋଲି କୋଚ୍ ସନ୍ତୋଷ ମଲିକ ପ୍ରକାଶ କରିଛନ୍ତି।

# ଜାତୀୟ ଜୁନିୟର ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ



ଜାତୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୨୭ରୁ ୩୧ ପର୍ଯ୍ୟନ୍ତ ଉଦୟପୁରଠାରେ ୪୫ତମ ଆନ୍ତଃ ରାଜ୍ୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଆର୍ଯ୍ୟନ ବ୍ରାହ୍ମିନଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଉଦୟପୁର ଯାତ୍ରା କରିଛି। ରାଜ୍ୟ ସଂଘ ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ସୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ଜିଲା ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଓଡ଼ିଶା ଦଳକୁ ଶୁଭକାମନା ଜଣାଇଛନ୍ତି। ଓଡ଼ିଶା ଦଳ: ଆର୍ଯ୍ୟନ ବ୍ରାହ୍ମିନ (ଅଧିନାୟକ), ରାଜାରାମ ପଣ୍ଡା, ରବିନାରାୟଣ ସାମଲ, ପ୍ରୀତମ କୁମାର ଜେନା, ଗୌରୀ ଶଙ୍କର ଜେନା, ଦାମୋଦର ଖୁଣ୍ଟିଆ, ଅଜୟ ବେହେରା, ଚିନ୍ମୟ ବେହେରା, ଜ୍ଞାନରଞ୍ଜନ ଦାସ, ଦୀନେଶ ପୃଷ୍ଟି, ଅଭିଜିତ ସିଂ, ସୁନୀଲ ବେହେରା, ମିର୍ଜା ମିରାଜ ବେଗ, ବିଭୁ ପ୍ରସାଦ ରାଏ, ଜୀତେଶ ଜେନା, ସମୀର ସେଠୀ। କୋଚ: ଚନ୍ଦନ ପତ୍ରୀ, ମାନେଜର: ଗୌରୀଶଙ୍କର ମିଶ୍ର।

# ଓଡ଼ିଶାରୁ ଭାଗନେବେ ୧୩ ପ୍ରତିଯୋଗୀ



ହରିୟାଣାର କର୍ନଲ ଯାତ୍ରା କରିବା ପୂର୍ବରୁ କର୍ମକର୍ତ୍ତାଙ୍କ ସହ ଓଡ଼ିଶା ହ୍ୱିଲ୍‌ଚେୟାର ଫେନ୍‌ସିଂ ଦଳ।

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)**

ହରିୟାଣାର କର୍ନଲଠାରେ ଜାତୀୟ ହ୍ୱିଲଚେୟାର ଫେନ୍ସିଂ ପ୍ରତିଯୋଗିତା ଚଳିତ ମାସ ୨୫ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୧୩ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଓଡ଼ିଶା ପ୍ରତିଯୋଗୀ (ପୁରୁଷ): ଭି. ରମେଶ ରାଓ, ରାଖାଲ କୁମାର ସେଠୀ, ପବିତ୍ର ସାହୁ, ଅକ୍ଷୟ କୁମାର ସାହୁ, ଅମିୟ

**ଜାତୀୟ ହ୍ୱିଲଚେୟାର ଫେନ୍‌ସିଂ**

ରଞ୍ଜନ ତ୍ରିପାଠୀ, ନିକୁ ପ୍ରଧାନ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ। ମହିଳା: ମାଳତୀ ପନାଉରେ, ଶୀଳା ମନ୍ତ୍ରୀ, ମଧୁସ୍ମିତା ସାହୁ, କରିମୁନ ନିସା, ପୂଜାସ୍ୱିନୀ ନାୟକ, ଆଶା ସିଂ। କୋଚ୍: ବଙ୍କିମ ଚନ୍ଦ୍ର ମହାନ୍ତି, ମ୍ୟାନେଜର: ପ୍ରଶାନ୍ତ କୁମାର ବେହେରା।

**ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ**

# ସିନ୍ଧୁ ପରାସ୍ତ, ସାତ୍ତ୍ୱିକ-ଚିରାଗ ଯୋଡ଼ି କ୍ୱାର୍ଟରରେ

**ବାସେଲ, ୨୪।୩ (ପି.ଟି.):** ଡବଲ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ତାଙ୍କ ସୁଇସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟାଇଟଲ ବଜାୟ ରଖିବାରେ ବିଫଳ ହୋଇଛନ୍ତି। ଏଠାରେ ୩ ଗେମ୍ ବିଶିଷ୍ଟ ଏକ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ଅଣସିଡ୍ ଖେଳାଳି ଇଣ୍ଡୋନେସିଆର ପୁତ୍ରି କୁସୁମା ୱାର୍ଦାନୀଙ୍କଠାରୁ ହାରିଯାଇଛନ୍ତି। ଗୁରୁବାର ରାତିରେ ଅନ୍ତର୍ଜାତୀୟ ସ୍ତରରେ ଦୁଇ ଖେଳାଳି ପ୍ରଥମ ଥର ପରସ୍ପରକୁ ଭେଟିଥିଲେ। ବିଶ୍ୱର ୯ ନମ୍ବର ତଥା ଏଠାରେ ଚତୁର୍ଥ ସିଡ୍ ସିନ୍ଧୁ ୩୮ତମ ର୍‌ୟାଙ୍କିଙ୍ଗ ୱାର୍ଦାନୀଙ୍କଠାରୁ ୧୫-୨୧, ୨୧-୧୨, ୧୮-୨୧ରେ ହାରିଯାଇଥିଲେ। ଅନ୍ୟପକ୍ଷରେ ଭାରତର ଦ୍ୱିତୀୟ ସିଡ୍ ପୁରୁଷ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପୁରୁଷ ଡବଲ୍ସରେ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସେମାନେ ତାଇୱାନିଜ୍ ଯୋଡ଼ି ଫାଙ୍ଗ୍ ଚିଲି' ଓ ଫାଙ୍ଗ୍ ଜେନ୍ ଲି'ଙ୍କୁ ୧୨-୨୧, ୨୧-୧୭, ୨୮-୨୬ରେ ହରାଇ ଦେଇଛନ୍ତି। ବିଶ୍ୱର ୬ ନମ୍ବର ର୍‌ୟାଙ୍କିଙ୍ଗପ୍ରାପ୍ତ ଏହି ଯୋଡ଼ି ବର୍ତ୍ତମାନ ଡାନିଶ ଯୋଡ଼ି ଜେପି ବେ ଓ ଲାସେ ମୋଲ୍‌ହେଡ୍‌ଙ୍କୁ ଭେଟିବେ। ବିଶ୍ୱର ୯ ନମ୍ବର ତଥା ୫ମ ସିଡ୍ ଏଚ୍.ଏସ୍. ପ୍ରଣୟ ଦ୍ୱିତୀୟ ରାଉଣ୍ଡରେ ଅଣସିଡ୍ ଫ୍ରାନ୍ସର କ୍ରିଷ୍ଟୋ ପୋପଭ୍‌ଙ୍କଠାରୁ ଏବଂ କିଦାମ୍ବି ଶ୍ରୀକାନ୍ତ ହଂକଂର ଚିଉକ୍ ୟୁ ଲି'ଙ୍କ ନିକଟରୁ ହାରିଯାଇଛନ୍ତି।

# ଗୁଜରାଟ, ତାମିଲନାଡୁକୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ସଫ୍ଟ ଟେନିସ ଉଦ୍‌ଯାପିତ**

ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲରେ ୧୯ତମ ଜାତୀୟ ସିନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଶେଷ ହୋଇଛି। ଏହାର ଦଳଗତ ଇଭେଣ୍ଟ ପୁରୁଷ ବିଭାଗରେ ଗୁଜରାଟ ସ୍ୱର୍ଣ୍ଣ, ମଧ୍ୟପ୍ରଦେଶ ରୌପ୍ୟ ଏବଂ ଚଣ୍ଡିଗଡ଼ ଓ ପଞ୍ଜାବ ବ୍ରୋଞ୍ଜ ପଦକ ପାଇଥିଲେ। ସେହିପରି ମହିଳା ବିଭାଗରେ ତାମିଲନାଡୁ ସ୍ୱର୍ଣ୍ଣ, ମଧ୍ୟପ୍ରଦେଶ ରୌପ୍ୟ ଏବଂ ଆନ୍ଧ୍ର ପ୍ରଦେଶ ଓ ଗୁଜରାଟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଭାଜପାର ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଆଇଆଇଜି କ୍ରୀଡ଼ା ଏକାଡେମୀର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନର ମୁଖ୍ୟ ପରାମର୍ଶଦାତା ପ୍ରସନ୍ନ କୁମାର ପାଟ୍ଟଶାଣୀ, ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ଉପସଭାପତି ରୁଦ୍ର ନାରାୟଣ ବେହେରା, ରମେଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ମହମ୍ମଦ ଆଜାମ, ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ, ମାର୍କେଟିଂ ନିର୍ଦ୍ଦେଶକ ନିରଞ୍ଜନ ପାଢ଼ୀ, ରିସେପ୍ସନ କମିଟି ଅଧ୍ୟକ୍ଷ ଟିକନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଗୁଜରାଟ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ସଲିମା 'ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର'

**ନୂଆଦିଲ୍ଲୀ, ୨୪।୩ (ପି.ଟି.)**

ଭାରତୀୟ ମହିଳା ହକି ଦଳର ମିଡ୍‌ଫିଲ୍ଡର ସଲିମା ଟେଟେ ଏସିଆନ ହକି ଫେଡେରେଶନ (ଏଏଚଏଫ୍) 'ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର' ପୁରସ୍କାର ଲାଭ କରିଛନ୍ତି। ୨୦୨୨ରେ ପ୍ରଭାବୀ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଏଚ୍ଏଫ୍ ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂଙ୍କୁ 'ଇମର୍ଜିଂ ସ୍ପୋର୍ଟ୍ସ ଲିଡର'ରେ ସମ୍ମାନିତ କରିଛି। କୋରିଆର ମୁଙ୍ଗୟୋଙ୍ଗଠାରେ ଅନୁଷ୍ଠିତ ଏଏଚ୍ଏଫ୍‌ର ବାର୍ଷିକ ସାଧାରଣ ବୈଠକରେ ୨୦ ବର୍ଷୀୟ ସଲିମା ଓ ଭୋଳାନାଥଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ତୟାବ ଇକ୍ରାମ ପୁରସ୍କାର ପ୍ରଦାନ କରିଥିଲେ। "ପଡ଼ିଆରେ ଦୀର୍ଘ ବର୍ଷ ଧରି ଆମେ କଠିନ ପରିଶ୍ରମ କରି ଆସୁଛୁ। ଏହାକୁ ସ୍ୱିକୃତି ପ୍ରଦାନ କରିଥିବାରୁ ଏଏଚ୍ଏଫ୍‌କୁ ଧନ୍ୟବାଦ। ତେବେ ଦଳୀୟ ସାଥୀ ଏବଂ କୋଚିଂ ଷ୍ଟାଫ୍‌ଙ୍କ ବିନା ଏହା ସମ୍ଭବ ହୋଇ ନ ଥାନ୍ତା" ବୋଲି ସଲିମା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ସଲିମା ଦୀର୍ଘଦିନଧରି ଭାରତୀୟ ମହିଳା ହକି ଦଳର ଅଂଶବିଶେଷ ରହି ଆସିଛନ୍ତି। ଗତବର୍ଷ ମସ୍କଟରେ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ



ସଲିମା ଟେଟେଙ୍କୁ ଏଫ୍ଆଇଏଚ୍ ସଭାପତି ତୟାବ ଇକ୍ରାମ ପୁରସ୍କୃତ କରୁଛନ୍ତି।

**ଭୋଳାନାଥ ସିଂ 'ଇମର୍ଜିଂ ସ୍ପୋର୍ଟ୍ସ ଲିଡର'**

ସେ ରାଇଜିଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ୨୦୧୬ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ସଲିମା ସିନିୟର ହକି କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ଆର୍ଜେଣ୍ଟିନାର ବୁଏନସ ଆରିଜଠାରେ ୨୦୧୮ରେ ଅନୁଷ୍ଠିତ ୟୁଥ୍ ଅଲିମ୍ପିକ୍ ଗେମ୍ସରେ ଭାରତକୁ ରୌପ୍ୟ ପଦକ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ଅଧିକାର କରିଥିବା ଭାରତୀୟ ଦଳର ମଧ୍ୟ ସେ ସଦସ୍ୟା ଥିଲେ। ଏହି ଯୁବ ମିଡ୍‌ଫିଲ୍ଡରଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ